# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୧୭/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, June 17/2019 | ★★★★★★

୪୫ଶ ଭାଗ ୭୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-






KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି !
20% EXTRA
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୧୭/୨୦୧୯ | Bhubaneswar, Monday, June 17/2019 | ପୃଷ୍ଠା-୧




**କୋହଲିଙ୍କ ଦ୍ରୁତ ୧୧,୦୦୦**

ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟରେ ଦ୍ରୁତତମ ୧୧,୦୦୦ ରନ ପୂରଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି।

**୧୬ ୧୨**

**ସୁମନ ରାଓଙ୍କୁ ମିସ୍ ଇଣ୍ଡିଆ ମୁକୁଟ**

ମିସ୍ ଇଣ୍ଡିଆ ୱାର୍ଲ୍ଡ-୨୦୧୯ ମୁକୁଟ ବିଜୟିନୀ ହୋଇଛନ୍ତି ରାଜସ୍ଥାନର ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଛାତ୍ରୀ ସୁମନ ରାଓ।



# ପୋଲିସ ହେପାଜତରେ ବୃଦ୍ଧଙ୍କ ମୃତ୍ୟୁ

**ନବରଙ୍ଗପୁର/କୋଡିଙ୍ଗା/ପାପଡ଼ାହାଣ୍ଡି, ୧୬।୬(ବି.ପ୍ର./ଡି.ଏନ.ଏ.)**

- ପୋଲିସ ମାଡ଼ରେ ମୃତ୍ୟୁ ଅଭିଯୋଗ
- ନ୍ୟାୟ ପାଇଁ ଥାନା ଘେରି ଭଙ୍ଗାରୁଜା କଲେ ଲୋକେ
- ପୋଲିସର ଲାଠି ଚାର୍ଜ ସହ ଫାଙ୍କା ଗୁଳି ଚାଳନା
- କୋଡିଙ୍ଗାରେ ୧୪୪ ଧାରା ଜାରି, ଦୋକାନବଜାର ବନ୍ଦ



ଉତ୍ତ୍ୟକ୍ତ ଲୋକମାନେ କୋଡିଙ୍ଗା ଥାନା ଗେଟ୍ ଡେଇଁ ଭିତରକୁ ପ୍ରବେଶ କରୁଛନ୍ତି।

ସାପ୍ତାହିକ ହାଟରେ ଚାଲିଥିବା କୁକୁଡା ଗାଲିରୁ ଶନିବାର ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ପୋଲିସ କୋଡ଼ିଙ୍ଗା ଥାନା ଅଧିନ ପାଞ୍ଜିଆରିଗୁଡା ଗାଁର ଗୋବର୍ଦ୍ଧନ ବିନ୍ଧାଣୀ(୬୦) ଓ ଡାବୁଗାଁ ଥାନା ଅଧୀନ ପଙ୍ଗଲଗୁଡ଼ା ଗାଁ କମୁଲୁ ହରିଜନ(୪୮)ଙ୍କୁ ଉଠାଇ ନେଇଥିଲା। ପୋଲିସ ହେପାଜତରେ ଥିବାବେଳେ ରାତିରେ ଗୋବର୍ଦ୍ଧନଙ୍କ ମୃତ୍ୟୁ ଘଟିଲା। ଏହି ଘଟଣା ପରେ ରାତାରାତି ପୋଲିସ ଗୋବର୍ଦ୍ଧନଙ୍କ ପରିବାର ଲୋକଙ୍କୁ ମଧ୍ୟ ଘରୁ ଉଠାଇ ନେଇଗଲା। ରବିବାର ସକାଳେ ଉକ୍ତ ପରିବାର ଲୋକଙ୍କୁ ଖୋଜିବା ପାଇଁ ସ୍ଥାନୀୟ ଗ୍ରାମବାସୀ କୋଡିଙ୍ଗା ଥାନା ଯାଇଥିଲେ। ମାତ୍ର ସେଠାରେ ପୋଲିସ ଉଠାଇ ନେଇଥିବା ଲୋକଙ୍କୁ ନ ପାଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଥାନା ଘେରାଉ କରିବା ସହ ବ୍ୟାପକ ଭଙ୍ଗାରୁଜା କଲେ। ଗ୍ରାମବାସୀଙ୍କ କହିବା ହେଲା ପୋଲିସ ତାଙ୍କ ଗ୍ରାମର ଗୋବର୍ଦ୍ଧନଙ୍କୁ ପିଟି ପିଟି ମାରି ଦେଇଛି। ଏହି ଘଟଣାକୁ ନେଇ ଥାନା ପରିସରରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ସୃଷ୍ଟି ହୋଇଥିଲା। ଫଳରେ ପୋଲିସ ଲାଠିଚାର୍ଜ ସହ ଫାଙ୍କା ଗୁଳି ଚାଳନା କରିଥିଲା। ଅପରପକ୍ଷେ ନବରଙ୍ଗପୁରରେ ମୃତ ଗୋବର୍ଦ୍ଧନଙ୍କ ବ୍ୟବଚ୍ଛେଦ ପରେ ରବିବାର ରାତିରେ ପରିବାର ଲୋକଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛି।

ପ୍ରକାଶ ଯେ, ଶନିବାର କୋଡିଙ୍ଗା ଥାନା ଅଧୀନ ଖୁଣ୍ଟିଗୁଡା ସାପ୍ତାହିକ ହାଟରେ କୁକୁଡାଗାଲି (ଜୁଆଖେଳ)ଚାଲିଥିଲା। କୋଷାଗୁମୁଡା ଓ କୋଡିଙ୍ଗା ଥାନା ଅଧିକାରୀ ପୁଷ୍ପେନ୍ଦୁ ସାଗର ସାଦା ପୋଷାକରେ ଗାଲି ଉପରେ ଚଢାଉ କରି ୭ଟି ବାଇକ, ୧୭ଟି କୁକୁଡା ଓ କିଛି ଟଙ୍କା ଜବତ କରିଥିଲେ। ଏଥିସହ ଗୋବର୍ଦ୍ଧନ ଓ କମୁଲୁଙ୍କୁ ଗିରଫ କରି କୋଷାଗୁମୁଡ଼ା ଥାନାକୁ ନେଇ ଯାଇଥିଲେ। ରାତିରେ ଥାନାରେ ଗୋବର୍ଦ୍ଧନଙ୍କ ମୃତ୍ୟୁ ଘଟିବା ପରେ ପୋଲିସ ତାଙ୍କୁ ନବରଙ୍ଗପୁର ନେଇଯାଇଥିଲା। ଏଥିସହିତ ରାତାରାତି ଗୋବର୍ଦ୍ଧନଙ୍କ ସ୍ତ୍ରୀ ନୀଳା, ଝିଅ ଡମୁଣି ଓ ସମ୍ପର୍କୀୟ ଭ୍ରାଇଁ ମଙ୍ଗଳ ବିନ୍ଧାଣୀଙ୍କୁ ଡାବୁଗାଁ ପୋଲିସ ଘରୁ ଉଠାଇ ନେଇ ନବରଙ୍ଗପୁର ନେଇଯାଇଥିଲା। ଗୋବର୍ଦ୍ଧନଙ୍କ ମୃତ୍ୟୁ ହୋଇଥିବା ଖବର ଜଣାପଡିବା ପରେ ବଡ଼ ପାଞ୍ଜିଆରିଗୁଡା ଓ ଖୁଣ୍ଟିଗୁଡାରେ ଉତ୍ତେଜନା ଦେଖାଦେଇଥିଲା। ଏପରି କି କୋଡ଼ିଙ୍ଗା ଥାନାରେ ☞ପୃଷ୍ଠା-୨

# ପାକିସ୍ତାନକୁ ହରାଇଲା ଭାରତ



**ମାଞ୍ଚେଷ୍ଟର, ୧୬।୬(ପି.ଟି.)**

ମାଞ୍ଚେଷ୍ଟରର ଓଲ୍ଡଟ୍ରାଫୋର୍ଡ ଗ୍ରାଉଣ୍ଡରେ ରାଜ୍ କରିଛି ଟିମ୍ ଇଣ୍ଡିଆ। ରବିବାର ଅନୁଷ୍ଠିତ ବିଶ୍ୱକପ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଦମ୍‌ଦାର ବିଜୟ ସହ ଆଗକୁ ବଢ଼ିଛି ବିରାଟ ବାହିନୀ। ରବିବାର ଅନୁଷ୍ଠିତ ହାଇ ଭୋଲ୍‌ଟେଜ୍ ମ୍ୟାଚରେ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୩୬ ରନ ସ୍କୋର କରିଥିଲା। ପାକିସ୍ତାନ ୩୫ ଓଭରରେ ୬ ଉଇକେଟ ହରାଇ ୧୬୬ ରନ କରିଥିବାବେଳେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଡକ୍‌ୱର୍ଥ ଲୁଇସ୍ ନିୟମରେ ପାକିସ୍ତାନ ସମ୍ମୁଖରେ ୪୦ ଓଭରରେ ୩୦୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପାକିସ୍ତାନ ଆଉ କୌଣସି ଉଇକେଟ ନ ହରାଇଥିଲେ ହେଁ ୨୧୨ ରନ କରିବାକୁ ସକ୍ଷମ ହେବାରୁ ଭାରତ ୮୯ ରନରେ ବିଜୟୀ ହୋଇଥିଲା। ଭାରତ ବିଜୟରେ ହିରୋ ସାଜିଥିଲେ ଉପଅଧିନାୟକ ରୋହିତ ଶର୍ମା। ସେ ୧୧୩ ବଲ୍‌ରୁ ୧୪ ଚୌକା ଓ ୩ ଛକା ସହାୟତାରେ ୧୪୦ ରନ କରି ଭାରତୀୟ ଇନିଂସର କର୍ଣ୍ଣଧାର ସାଜିଥିଲେ। ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟରେ ୨୪ତମ ଶତକ ହାସଲ ସହ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳିଥିଲେ ରୋହିତ। ଚଳିତ ବିଶ୍ୱକପରେ ସେ ପୂର୍ବ ୨ଟି ଇନିଂସରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୨୨ ରନରେ ଅପରାଜିତ ରହିଥିବାବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ୫୭ ରନସ୍କୋର କରିଥିଲେ। ଏହି ୨ଟି ଯାକ ମ୍ୟାଚରେ ଭାରତ ବିଜୟୀ ହୋଇଥିଲା।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠାରେ)

**ରୋହିତଙ୍କ ଶତକ**

ରନ: ୧୪୦
ବଲ୍: ୧୧୩
ଚୌକା: ୧୪
ଛକା: ୩
ଷ୍ଟ୍ରାଇକ ହାର: ୧୨୩.୮୯

## ତାତିରୁ ଆଶ୍ୱସ୍ତି ଦେଲା ପ୍ରାକ୍ ମୌସୁମୀ ବର୍ଷା

# 'ବାୟୁ' ପାଇଁ ମୌସୁମୀ ବିଳମ୍ବ

**ଭୁବନେଶ୍ୱର, ୧୬।୬(ବ୍ୟୁରୋ)**

- ଓଡ଼ିଶା ପହଞ୍ଚିବାକୁ ଆହୁରି ୭ଦିନ
- ଖରାରେ ସିଝିଲା ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା
- ୧୬ ଜିଲାରେ କାଳବୈଶାଖୀ ସମ୍ଭାବନା

କେରଳକୁ ମୌସୁମୀ ଛୁଇଁବାର ୮ଦିନ ବିତିଗଲାଣି। ୭ଦିନ ଭିତରେ ଓଡ଼ିଶା ଛୁଇଁବାର ଥିଲେ ମଧ୍ୟ ଏଯାଏ ମୌସୁମୀର ଦେଖାନାହିଁ। ଆରବ ସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ବାୟୁ'ର ପ୍ରଭାବ ଦେଶର ଜଳବାୟୁ ଉପରେ ପଡୁଛି। ଫଳରେ ମୌସୁମୀ ବିଳମ୍ବିତ ହେବାରେ ଲାଗିଛି। ଏଥିପାଇଁ ଓଡ଼ିଶାବାସୀଙ୍କୁ ଆହୁରି ସପ୍ତାହେ ଅପେକ୍ଷା କରିବାକୁ ପଡିବ ବୋଲି ରବିବାର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସ୍ପଷ୍ଟ କରିଛି।

ଅନ୍ୟପକ୍ଷରେ ଏବେ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶାରେ ଝିପି ଝିପି ବର୍ଷା ଓ କୋହଲା ପାଗ ରହିଛି। ମଝିରେ ମଝିରେ ବର୍ଷା, ଖରା ସହ ଗୁଳୁଗୁଳିର ଲୁଚକାଳି ଖେଳ ଦେଖିବାକୁ ମିଳିଛି। କେତେକ ସ୍ଥାନରେ କାଳବୈଶାଖୀ ସହ ବର୍ଷା ଯୋଗୁ ଲୋକେ ତାତିରୁ ଆଶ୍ୱସ୍ତ ହୋଇଛନ୍ତି। ରଜ ସରୁ ସରୁ ଚାଷୀକୁଳ ଚାଷ ପାଇଁ ପାଗ ଭିଡ଼ିବା ଆରମ୍ଭ କରିଛନ୍ତି। ହେଲେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ପ୍ରବଳ ଖରାରେ ସିଝୁଛି। ରବିବାର ୪୧.୨ ଡିଗ୍ରୀ ସେଲ୍‌ସିୟସ୍ ସହ ବଲାଙ୍ଗୀର ସର୍ବାଧିକ ଉତ୍ତପ୍ତ ସହର ପାଲଟିଥିବାବେଳେ ମାଲକାନଗିରି, ଟିଟିଲାଗଡ଼, ଝାରସୁଗୁଡା, ସମ୍ବଲପୁର, ତାଳଚେର ସହରର ତାପମାତ୍ରା ୩୯ ଡିଗ୍ରୀ ଉପରେ ରହିଥିଲା। ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୩୦.୮ ଡିଗ୍ରୀ ରହିଥିବାବେଳେ ☞ପୃଷ୍ଠା-୨

## ରଣଭାର ସହି ନ ପାରି ଛତୁ ଚାଷୀଙ୍କ ଆତ୍ମହତ୍ୟା

**ସୋର, ୧୬।୬(ଡି.ଏନ.ଏ.)**

ରଜ ମଉଜରେ ସମସ୍ତେ ମଜାମସ୍ତିରେ ମାତିଥିବା ବେଳେ ବାଲେଶ୍ୱର ଜିଲା ସୋର ବ୍ଲକ ମାଣତ୍ରୀ ପଞ୍ଚାୟତ ନୂଆପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ରବିବାର ଜଣେ ଚାଷୀ ଋଣ ଭାର ସହି ନ ପାରି ଶେଷରେ ଆତ୍ମହତ୍ୟା ପନ୍ଥା ବାଛି ନେଇଛନ୍ତି। ମୃତ ଚାଷୀ ହେଲେ ଗୟାଧର ଜେନା (୬୨)। ଗୟାଧର ସୋରସ୍ଥିତ ବିବିସିସି ବ୍ୟାଙ୍କରୁ ୧ ଲକ୍ଷ ଟଙ୍କା ଋଣ ଆଣି ଏକ ଛତୁ ଫାର୍ମ କରିଥିଲେ। ହେଲେ ସେ ଠିକ୍ ସମୟରେ ଋଣ ଶୁଝି ପାରୁ ନ ଥିବାରୁ ଅଧିକାଂଶ ସମୟ ମାନସିକ ଚାପରେ ରହୁଥିଲେ। ଶେଷରେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇ ବେକରେ ଗାମୁଛା ଲଗାଇ ଫାର୍ମ ଓରାରେ ଝୁଲି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଝୁଲୁଥିବା ଅବସ୍ଥାରେ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ସଂଜ୍ଞାହୀନ ଅବସ୍ଥାରେ ସୋର ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ କରୁଛି।

# ଆଜିଠୁ ବଜେଟ ଅଧିବେଶନ

## ବିରୋଧୀଙ୍କ ସହଯୋଗ ଲୋଡ଼ିଲେ ପ୍ରଧାନମନ୍ତ୍ରୀ



ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଅନ୍ୟ ନେତାମାନେ।

**ନୂଆଦିଲ୍ଲୀ, ୧୬।୬(ପି.ଟି./ଆଇଏଏନ୍‌ଏସ୍)**

**ସପ୍ତଦଶ ଲୋକ ସଭା**

- ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ଅଧିବେଶନ
- ୧୯ରେ ବାଚସ୍ପତି ନିର୍ବାଚନ
- ଜୁଲାଇ ୫ରେ ବଜେଟ ଉପସ୍ଥାପନ
- ମୋଟ ୩୦ କାର୍ଯ୍ୟ ଦିବସ ରହିବ

ପାର୍ଲାମେଣ୍ଟର ବଜେଟ ଅଧିବେଶନ ସୋମବାର ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଦ୍ୱିତୀୟ ପାଳି ଶାସନର ଏହା ହେଉଛି ପ୍ରଥମ ଅଧିବେଶନ। ସପ୍ତଦଶ ଲୋକ ସଭାରେ ପ୍ରଥମ ଦୁଇଦିନ ନବନିର୍ବାଚିତ ସଦସ୍ୟଙ୍କୁ ଶପଥପାଠ କରାଯିବ। ଜୁନ୍ ୨୦ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସମ୍ବିଧାନର ଅନୁଚ୍ଛେଦ ୮୭(୧) ଅନୁସାରେ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଉଭୟ ଗୃହକୁ ମିଳିତ ଭାବେ ସମ୍ବୋଧିତ କରିବେ। ଜୁଲାଇ ୪ରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ ହେବାର ଦିନକ ପରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବଜେଟ ଲୋକ ସଭାରେ ଉପସ୍ଥାପନ କରାଯିବ। ଜୁଲାଇ ୨୬ରେ ☞ପୃଷ୍ଠା-୨

**ଗୋଟିଏ ଦେଶ, ଏକ ନିର୍ବାଚନ ପାଇଁ ମୋଦିଙ୍କ ଆହ୍ୱାନ**

## ୧୯ରେ ସର୍ବଦଳୀୟ ବୈଠକ

**ନୂଆଦିଲ୍ଲୀ, ୧୬।୬(ପି.ଟି./ଆଇଏଏନ୍‌ଏସ୍)**

ଦେଶରେ ଏକକାଳୀନ ନିର୍ବାଚନ କରାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଇଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ସପ୍ତଦଶ ଲୋକ ସଭା ବଜେଟ ଅଧିବେଶନର ଅବ୍ୟବହିତ ପୂର୍ବରୁ ରବିବାର ପ୍ରଧାନମନ୍ତ୍ରୀ ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ସମସ୍ତ ରାଜନୈତିକ ଦଳର ନେତାମାନେ ଯୋଗଦେବେ। ଏଥିରେ ଲୋକ ସଭା ନିର୍ବାଚନ ସହ ରାଜ୍ୟ ବିଧାନସଭାଗୁଡ଼ିକର ଭୋଟ କରାଇବା ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ହେବ ବୋଲି ଜଣାପଡ଼ିଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ରବିବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସାରା ଦେଶରେ ଗୋଟିଏ ନିର୍ବାଚନ କରାଇବା ପାଇଁ ପ୍ରଧାନମନ୍ତ୍ରୀ ସବୁ ଦଳକୁ ଆଲୋଚନା ପାଇଁ ଡାକିଛନ୍ତି। ବୁଧବାର ଅନୁଷ୍ଠିତ ହେବାକୁ ଥିବା ଉକ୍ତ ବୈଠକରେ ୨୦୨୨ରେ ସ୍ୱାଧୀନତାର ୭୫ ବର୍ଷପୂର୍ତ୍ତି ଏବଂ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ସମ୍ପର୍କରେ ମଧ୍ୟ ଆଲୋଚନା ହେବ। ଏହାର ଦିନକ ପରେ ଅର୍ଥାତ୍ ଜୁନ୍ ୨୦ ତାରିଖରେ ଏକ ନୈଶଭୋଜିର ଆୟୋଜନ କରାଯିବ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆହୁତ ଏହି ଡିନର ପାର୍ଟିରେ ଉଭୟ ରାଜ୍ୟ ସଭା ଓ ଲୋକ ସଭାର ସମସ୍ତ ଏମ୍‌ପି ଯୋଗଦେଇ ସରକାରଙ୍କ ସହ ଭାବର ଆଦାନପ୍ରଦାନ କରିବେ।

**ଆଜିର ସମ୍ପାଦକୀୟ**

## ଡାକ୍ତରଙ୍କୁ ମାରନାହିଁ

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ଅଧ୍ୟାଦେଶ ଆଣି ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ କରନ୍ତୁ।

**-ଉଦ୍ଧବ ଠାକ୍‌ରେ, ଶିବସେନା ଅଧ୍ୟକ୍ଷ**

**କିଛି ତଥ୍ୟ**

ଚଳିତ ବର୍ଷ ମେ ମାସରେ ଦେଶର କୋଇଲା ଆମଦାନୀ ୧୫% ବଢି ୨୪ ନିୟୁତ ଟନ୍ ଛୁଇଁଛି।

**-କୋଇଲା ମନ୍ତ୍ରଣାଳୟ**


NECC NATIONAL EGG CO-ORDINATION COMMITTEE 16.06.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 112 | 173 | 183 |
| CTC | 112 | 173 | 183 |
| DKL | 112 | 173 | 183 |
| BDK | 112 | 173 | 183 |
| BLS | 112 | 173 | 183 |
| ANG | 112 | 173 | 183 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers


# ଆଜି ଦାରୁଦିଅଁଙ୍କ ପ୍ରତ୍ୟକ୍ଷ ସ୍ନାନ

**ପୁରୀ ଅଫିସ, ୧୬।୬**

ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ରତ୍ନବେଦିରୁ ସ୍ନାନମଣ୍ଡପକୁ ଓହ୍ଲାଇ ଆସିବେ ବିଶ୍ୱନିୟନ୍ତା। ଲକ୍ଷ ଲକ୍ଷ ଭକ୍ତଙ୍କ ସମ୍ମୁଖରେ କରିବେ ପ୍ରତ୍ୟକ୍ଷ ସ୍ନାନ। ଏଥିପାଇଁ ଦାରୁଦିଅଁଙ୍କୁ ଅପେକ୍ଷା କରି ରହିଛି ସ୍ନାନବେଦି। ଆଉ ମହାପ୍ରଭୁଙ୍କ ହାତୀବେଶ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଛି। କୋହଲା ପାଗ ସତ୍ତ୍ୱେ ପୁରୀକୁ ଛୁଟୁଛି ଶ୍ରଦ୍ଧାଳୁଙ୍କ ସୁଅ। ଚଳଚଞ୍ଚଳ ହୋଇପଡିଛି ଶ୍ରୀକ୍ଷେତ୍ର।

ରବିବାର ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ସେନାପଟା ଲାଗି ଶେଷ ହୋଇଛି। ରତ୍ନସିଂହାସନରେ ବି ବନ୍ଧା ସରିଛି ଚାରବାଡ଼। ସୋମବାର ପ୍ରାତଃରୁ ଧାଡି ପହଣ୍ଡିରେ ଚତୁର୍ଦ୍ଧାବିଗ୍ରହ ସ୍ନାନବେଦିକୁ ବିଜେ କରିବେ। ପ୍ରଥମେ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ମା' ସୁଭଦ୍ରା ଓ ଶେଷରେ ସ୍ନାନବେଦିକୁ ଆସିବେ ଜଗତର ନାଥ ଶ୍ରୀଜଗନ୍ନାଥ। ପ୍ରତିଦିନ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁବିଗ୍ରହମାନେ ସ୍ନାନବେଦିରେ ପ୍ରତ୍ୟକ୍ଷ ସ୍ନାନ କରିବେ। ସୁନା ଗୋସେଇଁ ପରିବାରର ସଦସ୍ୟମାନେ ସୁନା କୂଅରୁ ୧୦୮ ଗଡ଼ୁ ଜଳଆଣି ଜଳଗୃହରେ ରଖିବେ। ଚୁଆ, ଚନ୍ଦନ, କର୍ପୂର ଆଦି ପକାଯାଇ ଜଳକୁ ଅଧିବାସ କରାଯିବ। ଅଧିବାସ ଗୃହରୁ ୧୦୮ ଗଡ଼ୁ ଜଳ ନେଇ ୪ଟି ପନ୍ତିରେ ସ୍ନାନବେଦିରେ ରଖାଯିବ। ଜଳପୂଜା ପରେ ମହାପ୍ରଭୁଙ୍କ ସ୍ନାନନୀତି ସମ୍ପନ୍ନ ହେବ।

**ଅପେକ୍ଷାରେ ସ୍ନାନବେଦି**

ଶ୍ରୀବଳଭଦ୍ର ୩୦ଗଡ଼ୁ, ସୁଭଦ୍ରା ୨୨ଗଡ଼ୁ, ଶ୍ରୀଜଗନ୍ନାଥ ୩୩ଗଡ଼ୁ ଏବଂ ସୁଦର୍ଶନ ୧୮ଗଡ଼ୁ ଜଳରେ ସ୍ନାନ କରିବେ। ଗଜପତି ମହାରାଜା ଛେରାପହଁରା ନୀତି ସମ୍ପନ୍ନ କରିବା ପରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ହାତୀବେଶ ଅନୁଷ୍ଠିତ ହେବ। ଏହି ବେଶ ଥାଇ ଘଣ୍ଟଛତା ସକାଳ ଧୂପ ଭୋଗ ସମ୍ପନ୍ନ ହେବ। ଏହାପରେ ସନ୍ଧ୍ୟା ସାଢେ ୭ଟାରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ହାତୀବେଶ ଥାଇ ମହାପ୍ରଭୁଙ୍କ ସାହାଣମେଳା ଦର୍ଶନ ଚାଲିବ। ସାହାଣ ମେଳା ଦର୍ଶନ ସରିବା ପରେ ପୁଷ୍ପାଞ୍ଜଳି ଓ ଡୋର ଲାଗି ହେବ। ଏହାପରେ ମହାପ୍ରଭୁ ସ୍ନାନବେଦିରୁ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିବେ। ବିଳମ୍ବିତ ରାତିରେ ଆରମ୍ଭ ହେବ ଅଣସର ନୀତି। ଜ୍ୱରରେ ପଡିବେ ମହାପ୍ରଭୁ। ଏହାପରେ ଉପଶମ ପାଇଁ ଚାଲିବ ଉପଚାର। ମହାପ୍ରଭୁ ସୁସ୍ଥ ହୋଇ ଆସନ୍ତା ୨ ତାରିଖରେ ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ୪ ତାରିଖରେ ରଥରେ ବସି ଯିବେ ଜନ୍ମବେଦିକୁ।

ରବିବାରଠୁ ପୁରୀକୁ ଛୁଟିଛି ଭକ୍ତଙ୍କ ସୁଅ। ଏହିଦିନ ରତ୍ନବେଦିରେ ଥିଲା ଚର୍ତୁର୍ଦ୍ଧାବିଗ୍ରହଙ୍କ ଶେଷଦର୍ଶନ। ଘୋଷଯାତ୍ରା ବିଧି ଯୋଗୁ ପ୍ରାୟ ମାସେ ପର୍ଯ୍ୟନ୍ତ ରତ୍ନବେଦିରେ ଆଉ ଦାରୁବିଗ୍ରହଙ୍କ ଦର୍ଶନ ମିଳିବ ନାହିଁ। ତେଣୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା। ☞ପୃଷ୍ଠା-୨




Watch Snana Purnima LIVE STREAM
on www.dharitri.com
Time: 7.30 A.M. to 5.00 P.M.

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଲିପ୍ସା
ପରିବାରବର୍ଗ


କିର୍ତ୍ତିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦ୍ରାପଡ଼ା ଗସ୍ତ
# ସ୍ନାନମଣ୍ଡପରେ ଶ୍ରୀଜୀଉଙ୍କୁ ଦର୍ଶନ କରିବେ ନବୀନ

**କେନ୍ଦ୍ରାପଡା ଅଫିସ, ୧୬।୬**

ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ତୁଳସୀ କ୍ଷେତ୍ରର କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉ ଗଜ ବଦନବେଶ ଧାରଣ କରିବେ। ଶ୍ରୀଜୀଉଙ୍କ ଏହି ବେଶ ଦର୍ଶନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଗସ୍ତ କରିବେ ବୋଲି ଜଣାପଡ଼ିଛି। ଅପରାହ୍ନ ପ୍ରାୟ ୫ଟା ବେଳେ ସେ ରଥଦାଣ୍ଡରେ ପହଞ୍ଚି ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଯିବେ। ସେଠାରୁ ସାଢ଼େ ୫ଟା ବେଳେ ବାହାରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଆଗାମୀ ଦିନରେ ପାଟକୁରା ନିର୍ବାଚନ ଥିବାରୁ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ସକାଶେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଗସ୍ତ କରୁଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ତେବେ ଜୁଲାଇ ପ୍ରଥମ ସପ୍ତାହ ଆଡ଼କୁ ପାଟକୁରାରେ ନିର୍ବାଚନ ହେବାକୁ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାରେ ସାହାଯ୍ୟ କରିବ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ତାଙ୍କର ୨୦ ବର୍ଷ ଶାସନ କାଳରେ ଥରେ ହେଲେ ବଳଦେବଜୀଉ ମନ୍ଦିରକୁ ଆସି ନ ଥିଲେ। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନ ବେଳେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀଜୀଉଙ୍କ ଦର୍ଶନ କରିଥିବା ବେଳେ ଦ୍ୱିତୀୟ ଥର ଲାଗି ସୋମବାର ଆସିବେ।

# ଆଜି ଦେଶବ୍ୟାପୀ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ନୂଆଦିଲ୍ଲୀ,୧୬।୬(ପି.ଟି.)**

ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦରେ ଭାରତୀୟ ମେଡିକାଲ ସଂଘ (ଆଇଏମ୍ଏ)ର ଡାକରାରେ ସୋମବାର ଦେଶବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ। ସାରା ଦେଶରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବାକୁ ଛାଡ଼ିଦେଲେ ଅନ୍ୟସବୁ ସ୍ୱାସ୍ଥ୍ୟସେବା ବନ୍ଦ ରହିବ ବୋଲି ରବିବାର ଆଇଏମ୍ଏ ପକ୍ଷରୁ କୁହାଯାଇଛି। ଡାକ୍ତରମାନଙ୍କ ପ୍ରତି ହେଉଥିବା ହିଂସା ରୋକିବା ଲାଗି କେନ୍ଦ୍ର ସରକାର କଠୋର ଆଇନ ଆଣିବା ନିମନ୍ତେ ଆଇଏମ୍ଏ ଦାବି କରିଆସୁଛି। ଡାକ୍ତରମାନଙ୍କୁ ଆକ୍ରମଣ କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ ଆଣିବା ନିମନ୍ତେ ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ପତ୍ର ଲେଖିଥିଲେ।

ସୋମବାର ସକାଳ ୬ରୁ ମଙ୍ଗଳବାର ସକାଳ ୬ଟା ପର୍ଯ୍ୟନ୍ତ ସମସ୍ତ ସରକାରୀ ହସ୍ପିଟାଲରେ ଜରୁରୀ ସେବା ବ୍ୟତୀତ ଅନ୍ୟ ସବୁ ସ୍ୱାସ୍ଥ୍ୟସେବା ବନ୍ଦ ରହିବ। ଜରୁରୀ ଏବଂ ଆଶୁଚିକିତ୍ସା ସେବା ଜାରି ରହିବ ବୋଲି ଆଇଏମ୍ଏ ପକ୍ଷରୁ ସୂଚନା ଦିଆଯାଇଛି। ପଶ୍ଚିମବଙ୍ଗର ଜୁନିୟର ଡାକ୍ତରମାନଙ୍କ ଆନ୍ଦୋଳନକୁ ସମର୍ଥନ କରି ଶୁକ୍ରବାରଠାରୁ ଆଇଏମ୍ଏ ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସୁରକ୍ଷା ନିମନ୍ତେ କଠୋର କେନ୍ଦ୍ରୀୟ ଆଇନ ଆଣିବା ଲାଗି ସଂଘ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ଆଇଏମ୍ଏ ପକ୍ଷରୁ ସରକାରଙ୍କୁ ଦିଆଯାଇଥିବା ଚିଠା ଆଇନରେ ହସ୍ପିଟାଲଗୁଡ଼ିକୁ 'ନିରାପଦ ଅଞ୍ଚଳ' ଘୋଷଣା କରାଯିବା, ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା, ସିସିଟିଭି କ୍ୟାମେରା ସମେତ ଗଠନମୂଳକ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯିବା, ଭିଜିଟରଙ୍କ ପ୍ରବେଶ ଉପରେ କଟକଣା ଲଗାଯିବା ଆଦି ପ୍ରସ୍ତାବ ରହିଛି।

**ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଘଟଣା**
# କାର୍ଯ୍ୟାନୁଷ୍ଠାନ ଦାବିରେ ଏନ୍ଏଚ୍ଆର୍ସିରେ ଅଭିଯୋଗ

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଭର୍ତ୍ତି ହୋଇଥିବା ଜଣେ ଗର୍ଭବତୀ ମହିଳାଙ୍କ ଚିକିତ୍ସା ଅବହେଳାରୁ ଗୁରୁବାର ମୃତ୍ୟୁ ଘଟିଥିଲା। ଡାକ୍ତରଙ୍କ ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ଏହି ଘଟଣାକୁ ନେଇ ରବିବାର ଅନ୍‌ଲାଇନ୍ ମାଧ୍ୟମରେ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆରସି)ରେ ଅଭିଯୋଗ କରିଛନ୍ତି। କମିଶନ କାର୍ଯ୍ୟାଳୟ ପକ୍ଷରୁ ଏହି ଅଭିଯୋଗକୁ ଗ୍ରହଣ କରାଯାଇ କେସ୍ ନଂ-୬୮୯୦/ଆଇଏନ୍/୨୦୧୯ରେ ରୁଜୁ କରାଯାଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ମୃତ ମହିଳାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ସ୍ୱାସ୍ଥ୍ୟ ସଚିବ ଏହି ଘଟଣାର ତଦନ୍ତ କରି ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଭିଯୋଗକାରୀ ନିବେଦନ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଆଜିଠୁ...

ଶେଷ ହେବାକୁ ଥିବା ଏହି ଅଧିବେଶନରେ ମୋଟ ୩୦ଟି କାର୍ଯ୍ୟଦିବସ ରହିବ। ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ସରକାରଙ୍କ ପକ୍ଷରୁ ରବିବାର ଏକ ସର୍ବଦଳୀୟ ବୈଠକ ଡକାଯାଇଛି। ଏଥିରେ କେନ୍ଦ୍ର କ୍ୟାବିନେଟର କେତେଜଣ ବରିଷ୍ଠ ମନ୍ତ୍ରୀଙ୍କ ସମେତ ଶାସକ ଓ ବିରୋଧୀ ଦଳଗୁଡ଼ିକର ନେତାମାନେ ଯୋଗଦେଇଛନ୍ତି।

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅନ୍ତରୀଣ ବଜେଟ ଗତ ଫେବୃୟାରୀ ୧ରେ ତତ୍କାଳୀନ ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଉପସ୍ଥାପନ କରିଥିଲେ। ମୋଦି ୨.୦ ସରକାରଙ୍କ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଆସନ୍ତା ୫ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ ଉପସ୍ଥାପନ କରିବେ। ମଧ୍ୟପ୍ରଦେଶର ଟିକମ୍‌ଗଡ଼ ଭାଜପା ଏମ୍‌ପି ବୀରେନ୍ଦ୍ର କୁମାର ଲୋକ ସଭାର ଅସ୍ଥାୟୀ (ପ୍ରୋଟେମ୍) ବାଚସ୍ପତି ହେବେ। ସେ ୧୭ ଓ ୧୮ ଦୁଇଦିନ ଧରି ଏମ୍‌ପିମାନଙ୍କୁ ଶପଥପାଠ କରାଇବେ। ୧୯ ତାରିଖରେ ଲୋକ ସଭା ବାଚସ୍ପତି ନିର୍ବାଚନ ହେବ। ସପ୍ତଦଶ ଲୋକ ସଭାରେ ବଜେଟ ବ୍ୟତୀତ ତିନି ତଲାକ୍ ବିଲ, କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ (ଶିକ୍ଷକ କ୍ୟାଡର୍‌ରେ ସଂରକ୍ଷଣ) ବିଲ୍ ଏବଂ ଆଧାର ଓ ଅନ୍ୟ ଆଇନ (ସଂଶୋଧନ) ବିଲ୍, ୨୦୧୯ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପସ୍ଥାପିତ ହେବ। ଏଥିପାଇଁ ରବିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ମୋଦି ବିରୋଧୀଙ୍କ ସହଯୋଗ ଲୋଡ଼ିଥିଲେ। ନେତାମାନେ ଉଭୟ ରାଜ୍ୟ ସଭା ଓ ଲୋକ ସଭାର ଗୃହକାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା ଭଲ ନୁହେଁ। ଯିଏ ଯେଉଁ ରାଜନୈତିକ ବିଚାରଧାରାର ହୋଇଥାଆନ୍ତୁ ନା କାହିଁକି ଗୃହକାର୍ଯ୍ୟରେ ସମସ୍ତେ ସହଯୋଗ କରିବା ଉଚିତ। ଏମ୍‌ପିମାନେ ଜନ ପ୍ରତିନିଧିଭାବେ ଲୋକଙ୍କ ଆଶାଆକାଂକ୍ଷା ପୂରଣ କରିବା ଦିଗରେ ଆତ୍ମସମୀକ୍ଷା କରିବା ଉଚିତ। ପାର୍ଲାମେଣ୍ଟରେ ବ୍ୟାଘାତ ସୃଷ୍ଟିକରି ଆମେ ଲୋକଙ୍କ ହୃଦୟ ଜିତିପାରିବା ନାହିଁ ବୋଲି ବୈଠକରେ ପ୍ରଧାନମନ୍ତ୍ରୀ କହିଥିଲେ।

କଂଗ୍ରେସ ପକ୍ଷରୁ ବେକାରି ସମସ୍ୟା, ଚାଷୀ, ମରୁଡ଼ି, ପ୍ରେସ୍ ସ୍ୱାଧୀନତା ଏବଂ ଜମ୍ମୁ-କଶ୍ମୀରରେ ଆଗୁଆ ବିଧାନସଭା ନିର୍ବାଚନ ଭଳି ପ୍ରସଙ୍ଗ ଉଠାଯାଇଥିଲା, ଯାହାକୁ ଅଧିକାଂଶ ବିରୋଧୀ ଦଳ ସମର୍ଥନ କରିଥିଲେ। ବୈଠକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ, କଂଗ୍ରେସ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀ, କେ. ସୁରେଶ, ନ୍ୟାଶନାଲ୍ କନ୍‌ଫରେନ୍ସ ନେତା ଫାରୁକ୍ ଅବ୍ଦୁଲ୍ଲା, ତୃଣମୂଳ କଂଗ୍ରେସ ନେତା ଡେରେକ୍ ଓ'ବ୍ରାଏନ୍ ପ୍ରମୁଖ ଉପସ୍ଥିତ ଥିଲେ। ପାର୍ଲାମେଣ୍ଟକୁ ସୁଚାରୁ ରୂପେ ପରିଚାଳନା କରିବା ଲାଗି ବୈଠକରେ ସମସ୍ତ ଦଳର ନେତାମାନେ ସହମତି ପ୍ରକାଶ କରିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟ ସଭାର ୨୪୯ତମ ଅଧିବେଶନ ଆସନ୍ତା ୨୦ରେ ଆରମ୍ଭ ହେବ ବୋଲି ଜୋଶୀ କହିଛନ୍ତି।

## ପୋଲିସ...

ହଠାତ ଦୁଇ ପ୍ଲାଟୁନ ପୋଲିସ ମୁତୟନ କରାଯିବା ଘଟଣା ଲୋକଙ୍କ ସନ୍ଦେହକୁ ବଢ଼ାଇଥିଲା। ସକାଳୁ ଉଭୟ ଗ୍ରାମର ଶତାଧିକ ଲୋକ କୋଡିଙ୍ଗା ଥାନା ଫାଟକ ତାଲା ଭାଙ୍ଗି ଭିତରେ ଧସେଇ ପଶିବା ସହ ଭଙ୍ଗାରୁଜା କରିଥିଲେ। ପୋଲିସ ଲାଠିଚାର୍ଜ କରିବାରୁ ଖଣ୍ଡଯୁଦ୍ଧ ଆରମ୍ଭ ହୋଇଥିଲା। ଲୋକେ ପଥର ମାଡ କରିବାରୁ ପୋଲିସ ଫାଙ୍କା ଗୁଳି ଚଳାଇଥିଲା। ଏହାପରେ ଉତ୍ତ୍ୟକ୍ତ ଲୋକେ ଥାନା ନିକଟରୁ ଚାଲି ଆସି ରାସ୍ତାରୋକୋ କରିଥିଲେ। ପୋଲିସ ଲାଠି ଚାର୍ଜ କରିବାରୁ ୫ ଜଣ ଆହତ ହୋଇଛନ୍ତି। ଏଭଳି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ପରେ କୋଡିଙ୍ଗା ସଦରରେ ପୋଲିସ ଫ୍ଲାଗ ମାର୍ଚ୍ଚ କରିବା ସହ ୧୪୪ ଧାରା ଜାରି କରିଛି। ନବରଙ୍ଗପୁର ଏସପି ନୀତିନ କୁସଲାକର ଡୁଗୁଡ୍ଡୁ, ଉପଜିଲାପାଳ କରୁଣାକର ରାଇକା, ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି, ଏସଡିପିଓ ବି. କେ ନାୟକ, ଅତିରିକ୍ତ ତହସିଲଦାର ମନୋଜ ପାଣିଗ୍ରାହୀ , ଦକ୍ଷିଣ ପଞ୍ଚିମାଞ୍ଚଳ ଡିଆଇଜି ହିମାଂଶୁ ଲାଲ ପ୍ରମୁଖ ଥାନାରେ ପହଞ୍ଚିଥିଲେ। ଏସ୍‌ପି କହିଛନ୍ତି ଯେ ଗୋବର୍ଦ୍ଧନଙ୍କ ଶରୀର ଅସୁସ୍ଥ ଥିବାରୁ ତାଙ୍କୁ ବିଶାଖାପାଟଣା ନିଆଯାଇଥିଲା। ସେଠାରେ ମୃତ୍ୟୁ ହୋଇଛି। ତାଙ୍କ ମୃତ ଦେହକୁ ନବରଙ୍ଗପୁର ଅଣାଯିବାପରେ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଫୋର୍ସ ସୁରକ୍ଷାରେ ମହାପ୍ରୟାଣ ଗାଡିରେ ମୃତଦେହ ଗାଁକୁ ପଠାଯାଇଛି। ପରିବାର ଲୋକଙ୍କୁ ପୋଲିସ ବିଭାଗ ପକ୍ଷରୁ ୨୨ ହଜାର ଟଙ୍କା ଓ ପ୍ରଶାସନ ପକ୍ଷରୁ ୨୦ ହଜାର ଟଙ୍କା ଦିଆଯାଇଛି।

ଗୋବର୍ଦ୍ଧନଙ୍କ ଝିଅ ଡମୁଣୀଙ୍କ କହିବା ଅନୁଯାୟୀ ଆମକୁ ପୋଲିସ ନବରଙ୍ଗପୁର ଡାକ୍ତରଖାନା ଆଣିଲା ବେଳକୁ ବାପାଙ୍କ ମୃତ୍ୟୁ ହୋଇ ସାରିଥିଲା। ମୃତଦେହକୁ ନେଇ ପୋଲିସ ବିଶାଖାପାଟଣା ନେଇ ଭୁଆଁ ବୁଲାଇଛି। ଘଟଣାକୁ ଚପାଇବା ପାଇଁ ସେଠାରେ ୨୦ ହଜାର ଟଙ୍କା ପୋଲିସ ଦେଇଥିଲା ବୋଲି ସେ କହିଛନ୍ତି। ସେହିପରି ଆହତ କମୁଲୁଙ୍କ କହିବା ଅନୁଯାୟୀ, ସେମାନଙ୍କୁ ପ୍ରଥମେ କୋଷାଗୁମୁଡା ପୋଲିସ ଥାନାକୁ ନେଇ ପଚରାଉଚାର କରିଥିଲା । ସେହି ସମୟରେ ପୋଲିସ ଉଭୟଙ୍କୁ ବାଡ଼େଇଥିଲା। ପାଣି ପାଣି କହିଥିଲେ ମଧ୍ୟ ପୋଲିସ କିଛି ଶୁଣି ନ ଥିଲା। ପୋଲିସ ମାଡ଼ରେ ଉଭୟ ଭୟଭୀତ ହୋଇଯାଇଥିଲେ। ପରେ ଗୋବର୍ଦ୍ଧନ ଓ କମୁଲୁଙ୍କୁ ପୁଣି କୋଡ଼ିଙ୍ଗା ଥାନାକୁ ଅଣାଯାଇ ପଚାର ଉଚାର କରାଯାଇଥିଲା। ସେହି ସମୟରେ ଗୋବର୍ଦ୍ଧନ ଅସୁସ୍ଥ ହୋଇ ଟଳି ପଡ଼ିଥିଲେ। ଉଭୟଙ୍କୁ ପୋଲିସ କୋଷାଗୁମଡ଼ା ମେଡିକାଲରେ ଭର୍ତ୍ତି କରିଥିଲା। ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଏହା ପରଠାରୁ ଗୋବର୍ଦ୍ଧନଙ୍କ ସମ୍ପର୍କରେ କିଛି ଜାଣି ନାହିଁ। ଏବେ ଘର ଲୋକଙ୍କ ସହ ଯୋଗାଯୋଗ କରିବା ପାଇଁ ଚାହୁଁଥିଲେ ମଧ୍ୟ ପୋଲିସ କରାଇ ଦେଉ ନାହିଁ ବୋଲି କମଲୁ କହିଥିଲେ। ଗୋବର୍ଦ୍ଧନଙ୍କୁ ନବରଙ୍ଗପୁର ଡାକ୍ତରଖାନାରେ ଓପିଡି ନମ୍ବର ୧୯୭୪୫ରେ ଟିକଟ କାଟି ପୋଲିସ ରେଫର କରାଇଥିଲା ବୋଲି କୁହାଯାଉଥିବାବେଳେ କେଉଁଠି ଓ କେଉଁ କାରଣରୁ ରେଫର ହୋଇଛି ତାହା ଓପିଡି ଓ ଅନ୍ୟ ରେଜିଷ୍ଟ୍ରାରରେ ଉଲ୍ଲେଖ ନ ଥିବାରୁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋବର୍ଦ୍ଧନଙ୍କ ଭଣଜା କହିଛନ୍ତି ଯେ, ପରିବା କିଣିବାକୁ ବଜାରକୁ ଯାଉଥିବା ସମୟରେ ପୋଲିସ ମାମୁଙ୍କୁ ମାଡ଼ ମାରି ଗାଡିରେ ବସାଇ କୋଷାଗୁମୁଡା ନେଇଥିଲା। ଥାନାରେ ହିଁ ପୋଲିସ ମାଡ଼ରେ ମାମୁଙ୍କ ମୃତ୍ୟୁ ଘଟିଛି। କୋଷାଗୁମୁଡ଼ା ଓ କୋଡିଙ୍ଗା ଥାନାରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କଲେ ଅନେକ କଥା ପଦାକୁ ଆସି ପାରିବ ବୋଲି ମୃତ ଗୋବର୍ଦ୍ଧନଙ୍କ ଭଣଜା କହିଛନ୍ତି। ପୋଲିସ ତାହାର ଭୁଲକୁ ଲୁଚାଇବା ପାଇଁ ଅଧିକାରୀଙ୍କ ସହାୟତାରେ ଉଦ୍ୟମ ଯୋରଦାର ଚଳାଇଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ଅତିରିକ୍ତ ଏସ୍‌ପି ଶାନ୍ତନୁ ମହାନ୍ତି ଏକ ପ୍ରେସ ବିବୃତିରେ ଜୁଆ ଆଡ୍ଡା ଚାଲିଥିବା ଶୁଣି ପୋଲିସ ଚଢ଼ାଉ କରି ଦୁଇ ଜଣଙ୍କୁ ଗିରଫ କରିଥିଲା। ଗୋବର୍ଦ୍ଧନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏହାଛଡ଼ା ସେ ଆଉ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି।

## 'ବାୟୁ' ପାଇଁ...

ପୁରୀ ଓ କଟକରେ ପାରଦ ୩୧.୬ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସି ଆସିଥିଲା। ଏପରିସ୍ଥିତିରେ କାଳବୈଶାଖୀ ଓ ବଜ୍ରପାତ ଚିନ୍ତା ବଢ଼ାଇଛି। ପୂର୍ବରୁ ୧୩ଜିଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଥିଲା। ସୋମବାର ପାଇଁ ମଧ୍ୟ ୧୬ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ନୂଆପଡ଼ା, ବଲାଙ୍ଗୀର, ସୋନପୁର, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଏହି ସମୟରେ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ସହ ଘଡ଼ଘଡ଼ି ଓ ବର୍ଷା ହେବ। ଏହାସହ ରାଜ୍ୟର କେତେକ ସ୍ଥାନରେ ଅଳ୍ପରୁ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେହିଭଳି ଭୁବନେଶ୍ୱରରେ ପାଗ ମେଘୁଆ ରହିବା ସହ ସର୍ବାଧିକ ତାପମାତ୍ରା ୩୩ ଡିଗ୍ରୀ ରହିବ ବୋଲି ସୂଚନା ମିଳିଛି।

## ଆଜି ଦାରୁଦିଅଁଙ୍କ...

ଅପରପକ୍ଷେ ସେନାପଟା ଲାଗି ଯୋଗୁ ସକାଳୁ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିଥିଲା। ଅପରାହ୍ନ ସାଢ଼େ ଗୋଟାଏରୁ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

ଦେବସ୍ନାନ ପୂର୍ଣ୍ଣିମା ଲାଗି ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ରବିବାର ପୋଲିସ ମହାନିର୍ଦ୍ଦେଶକ ପୁରୀ ଆସି ସୁରକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କରିଛନ୍ତି। ଶୃଙ୍ଖଳିତ ଦର୍ଶନ ଲାଗି ସିଂହଦ୍ୱାର ସମ୍ମୁଖରେ ବ୍ୟାରିକେଡ ପ୍ରସ୍ତୁତ କରାଯାଇଛି। ଭକ୍ତମାନେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବେ। ଦର୍ଶନ ସାରି ଦକ୍ଷିଣ, ଉତ୍ତର ଓ ପଶ୍ଚିମ ଦ୍ୱାର ଦେଇ ବାହାରିବେ। ସ୍ନାନ ପୂର୍ଣ୍ଣିମାରେ ପହଣ୍ଡି ଦର୍ଶନ ଲାଗି ଟିକେଟ ବ୍ୟବସ୍ଥା କରାଯାଇଛି। ଟିକେଟଧାରୀମାନେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ସେହିପରି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହିତ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଏବଂ ସନ୍ଦିଗ୍ଧ ସ୍ଥଳଗୁଡ଼ିକୁ ସନ୍ଧାନୀ କୁକୁର, ବୋମା ନିଷ୍କ୍ରିୟକାରୀ ଦଳ ଏବଂ ପୋଲିସ ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ ଜାରି ରହିଛି। ସହରର ୩ ପ୍ରବେଶ ପଥରେ ସଶସ୍ତ୍ର ପୋଲିସବାହିନୀ ନିୟୋଜିତ କରାଯାଇଛି।

## ଦେବସ୍ନାନ ପୂର୍ଣ୍ଣିମା ନୀତିନିର୍ଘଣ୍ଟ

ମଙ୍ଗଳାର୍ପଣ: ଭୋର ୪ଟା, ଡୋରଲାଗି ଓ ପୁଷ୍ପାଞ୍ଜଳି ହୋଇ ପହଣ୍ଡି ଆରମ୍ଭ: ପ୍ରାତଃ ୪ଟା ୩୦ରୁ ୬ଟା ୩୦, ମଙ୍ଗଳ ଆଳତି: ୭ଟା, ମଇଲମ : ୭ଟା ୩୦, ତଡ଼ପଲାଗି : ୮ଟା, ଅଧରପୋଛା: ୮ଟା ୩୦, ଅବକାଶ: ୯ଟା, ବେଶ ଶେଷ: ୯ଟା ୩୦, ରୋଷହୋମ: ୯ଟା ୪୦, ସୂର୍ଯ୍ୟପୂଜା : ୧୦ଟା, ଦ୍ୱାରପାଳ ପୂଜା: ୧୦ଟା ୨୦, ଜଳବିଜେ, ପୂଜା ଓ ସ୍ନାନ: ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା, ମଇଲମ ଓ ମେକାପ ସର୍ବାଙ୍ଗ ନୂଆଲାଗି ବେଶ: ଅପରାହ୍ନ ୨ଟା ୩୦, ଛେରାପହଁରା: ୩ଟା ୩୦, ହାତୀବେଶ: ଅପରାହ୍ନ ୪ଟାରୁ ୫ଟା, ମହନ୍ତ ଶାଢିବନ୍ଧା: ୫ଟା, ଘଣ୍ଟଛତା ସକାଳ ଧୂପ: ୫ଟା ୩୦ରୁ ୭ଟା ୩୦, ସାହାଣ ମେଲା: ସନ୍ଧ୍ୟା ୭ଟା ୩୦ରୁ ୯ଟା ୩୦, ପୁଷ୍ପାଞ୍ଜଳି, ଡୋରଲାଗି: ରାତି ୧୦ଟା, ବାହୁଡା ପହଣ୍ଡି: ୧୦ଟା ୩୦ରୁ ୧ଟା ୩୦, ସୁନାଚିତା ଓ ରାହୁରେଖା ମଇଲମ: ରାତି ୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

କେନ୍ଦ୍ରକୋଣାଧିପଙ୍କ ଅଷ୍ଟମଭାବ ସଂସ୍ଥିତି ବନ୍ଧୁମିଳନ ସାଙ୍ଗକୁ ଆର୍ଥିକ ଅଭିବୃଦ୍ଧି କରାଇବ। ପାରିବାରିକ ସ୍ତରରେ ସାମୟିକ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ ବିତିବ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାମାନଙ୍କ ସଫଳତା, ନୂତନ ପ୍ରେମ ସମ୍ପର୍କ ସ୍ଥାପନ, ଉନ୍ନତମାନର ଆଲୋଚନା, ପାରିବାରିକ ସଦ୍ଭାବ ସବୁ ପାଇବେ।

**ବୃଷ**

ସପ୍ତମାଧିପତି ନିଜଭାବରୁ ଅଷ୍ଟମସ୍ଥ ହୋଇ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ବ୍ୟବସାୟିକ ଦିଗପ୍ରତି ସମସ୍ୟା ସୃଷ୍ଟି କରିବେ। ନୂତନ ଘର ତିଆରି, ଯାନବାହନ ମରାମତି, ସଭା ସମିତିରୁ ଉପକୃତ ହେବେ। ମାତ୍ର କୌଣସି ପାରିବାରିକ ବ୍ୟତିକ୍ରମ କାରଣରୁ ଟେନ୍‌ସନ୍ କିଛି ମାତ୍ରାରେ ଲାଗିରହିବ। କର୍ମକ୍ଷେତ୍ରରେ ଗତକାଲି ଘଟି ଯାଇଥିବା ଘଟଣାର ମୋଡ଼ ବଦଳି ଯାଇପାରେ।

**ମିଥୁନ**

ସ୍ୱଗୃହରେ ବଳବାନ୍ ବୁଧ ବୁଦ୍ଧିବଳ ଖଟାଇ ଅସାଧ୍ୟ ସାଧନ କରିବେ। ବନ୍ଧୁପରିଜନମାନଙ୍କ ସହ ଦୂରଯାତ୍ରା, ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭ କରାଇବେ। ଚନ୍ଦ୍ରଙ୍କ ଦୁର୍ବଳତା କାରଣରୁ ମନରେ ଅସ୍ଥିରତା ରହିଲେ ମଧ୍ୟ ଘର, ଜମିଜମା,ପୁରୁଣା ଗାଡ଼ି, ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇବେ। ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କର୍କଟ**

ଏକାଦଶ ଭାବକୁ ଶୁଭଗ୍ରହଙ୍କ ଦୃଷ୍ଟି ଆପଣଙ୍କ ଆଶା ପୂରଣରେ ସାହାଯ୍ୟ କରିବ। ଯେ କୌଣସି ପରିସ୍ଥିତି ଆସୁନା କାହିଁକି ଆପଣ କୌଣସି କଥାକୁ ଖାତିର ନ କରି ଆଗକୁ ମାଡ଼ି ଚାଲିବେ। ଟଙ୍କା ପଇସା,ନେବା ଆଣିବା, ଦିଆନିଆ କ୍ଷେତ୍ରରେ ସତର୍କ ରୁହନ୍ତୁ, ନଚେତ୍ କ୍ଷତିରେ ପଡ଼ିବେ। ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ସିଂହ**

କର୍ମାଧିପ ସ୍ୱଗୃହରେ ଏବଂ ଭାଗ୍ୟାଧିପ ଏକାଦଶରେ ଯୋଗୁ ପରିବାରରେ ବିଭିନ୍ନ ସମସ୍ୟା ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ପରିସ୍ଥିତିକୁ ଲକ୍ଷ୍ୟକରି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ । ଅବଶ୍ୟ କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବ୍ୟବସାୟ,ବାଣିଜ୍ୟ, ପରିବହନରୁ ଭଲ ଲାଭ ପାଇବେ।

**କନ୍ୟା**

ରାଶି ପ୍ରତି ଶନିଙ୍କ ଦୃଷ୍ଟି ସ୍ୱାସ୍ଥ୍ୟହାନିର କାରଣ ହେବ। ବାରମ୍ବାର ପ୍ରତିବନ୍ଧକର ସାମ୍ନା କରିବା ହେତୁ କାମଗୁଡ଼ିକ ଠିକ୍ ଭାବେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ଆକସ୍ମିକ ଭାବରେ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ରାଜନୀତି, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା**

ଅଷ୍ଟମଭାବସ୍ଥ ରାଶ୍ୟାଧିପ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ଦୈହିକ ସୁସ୍ଥତା ପ୍ରଦାନ କରିବେ। ନିଜ ସଂସ୍ପର୍ଶରେ ଆସୁଥିବା ବନ୍ଧୁମାନଙ୍କ ପରାମର୍ଶ ଗ୍ରହଣ କଲେ ବିଶେଷ ପରିମାଣରେ ଉପକୃତ ହେବେ। ଆଜି କାମଗୁଡ଼ିକ ସୁରୁଖୁରୁରେ ହୋଇଯିବ ମାତ୍ର ପରିବାରରେ ତର୍କ ବିତର୍କ ଲାଗି ରହିବା କାରଣରୁ ଭ୍ରାତୃ ସମ୍ପର୍କ ଭଲ ରହି ନ ପାରେ। ରାଜନୈତିକ ସ୍ତରରେ ପ୍ରଶଂସିତ ହେବେ ।

**ବିଛା**

ଭାଗ୍ୟାଧିପ ରାଶିସ୍ଥ ହେତୁ ବନ୍ଧୁମାନଙ୍କ ମାଧ୍ୟମରେ ସୁଖ, ସୌଭାଗ୍ୟ ପ୍ରଦାନ କରିବେ। ପ୍ରତ୍ୟେକ ସ୍ତରରେ ସୁନ୍ଦର କଥା ମାଧ୍ୟମରେ ବନ୍ଧୁଙ୍କୁ ଆପଣାର କରି ପାରିବେ। କୌଣସି ଘଟଣା ନ ବୁଝି କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପାଖ ପଡ଼ୋଶୀମାନେ କ୍ରୋଧ ପ୍ରକାଶ କରିପାରନ୍ତି। ଆଜି ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ଧନୁ**

ରାଜଯୋଗ ପ୍ରଭାବରେ ଆଜି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ନିଶ୍ଚିତ ପାଇବେ। କାର୍ଯ୍ୟବ୍ୟସ୍ତତା ହେତୁ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ପରିବାର ମଧ୍ୟରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହାକି ହଠାତ୍ କୌଣସି ସମସ୍ୟା ସୃଷ୍ଟି ହୋଇପାରେ।

**ମକର**

ଶନିଙ୍କ କୁପ୍ରଭାବରୁ ଦୈହିକ ଅସୁସ୍ଥତା ଲାଗି ରହିଲେ ମଧ୍ୟ ଅନ୍ୟମାନଙ୍କର ସାହାଯ୍ୟ ନେଇ କାମ ହାସଲ କରିବେ। କର୍ମକ୍ଷେତ୍ରରେ ଆଲୋଚନା କାଳରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ସହ ନୂତନ ସମ୍ପର୍କ ସ୍ଥାପନ ହୋଇପାରେ। ଗୁରୁଜନଙ୍କ ପରାମର୍ଶ କ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟା ସମାଧାନ ଘଟିବ ।

**କୁମ୍ଭ**

ରାଶ୍ୟାଧିପତିଙ୍କ ଦୃଷ୍ଟିରୁ ସ୍ୱାସ୍ଥ୍ୟ ପୂର୍ବପରି ରହିବ ଅବଶ୍ୟ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ଯାହାକୁ ଯାହା କିମ୍ବା ଯେଉଁଠି ଯାହା କହିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ଲାଗି ରହିବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ।

**ମୀନ**

ଉଚ୍ଚବର୍ଗର ଲୋକମାନଙ୍କ ସାହାଯ୍ୟରେ ପୂର୍ବରୁ ଲାଗି ରହିଥିବା ସମସ୍ୟା ଦୂରେଇବାରେ ସମର୍ଥ ହେବେ। ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିଲେ ମଧ୍ୟ ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ରାଜନୀତି ଓ ସାଂଗଠନିକ ସ୍ତରରେ ଉଚ୍ଚ ପଦାଧିକାରୀଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି। ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରନ୍ତି।

ଆଜି ଦେବସ୍ନାନ ପୂର୍ଣ୍ଣିମା, ବସୁମତୀ ସ୍ନାନ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସ୍ନାନଯାତ୍ରା ଓ ସ୍ନାନମଣ୍ଡପେ ଗଜାନନ ବେଶ, ପୁରୁଷୋତ୍ତମକ୍ଷେତ୍ରେ ସୂର୍ଯ୍ୟୋଦୟେ ମହାଜ୍ୟେଷ୍ଠୀ ସ୍ନାନଯୋଗ, ଶ୍ରୀଜୀଉଙ୍କର ଅନବସର ଆରମ୍ଭ,କାକଟପୁର ମା, ମଙ୍ଗଳାଙ୍କର ଚନ୍ଦନ ଲାଗି, ନେମାଳଗାଦିରେ ମହୋତ୍ସବ, ବ୍ରହ୍ମଗିରି ଅଲାରନାଥ ଦର୍ଶନ, ଜୁନ୍ ୧୭ ତାରିଖ, ସୋମବାର, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଦିବା ଘ୧୦ ।୩୨ମି. ଗତେ ମୂଳା/ଧନୁ, ଦିବା ଘ୬ ।୨୯ମି. ଗତେ ଘ୮ ।୨୮ମି. ମଧ୍ୟେ, ଘ୩।୦୪ମି. ଗତେ ଘ୪ ।୪୩ମି. ମଧ୍ୟେଅମୃତବେଳ।


# classifieds
**Everyday**
**0674-2580101, 2549302**




**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363. D-66903

4Stored Building 8000sqft with parking, lift provision @ 340lakhs at Ghatikia GA Plot, Bhubaneswar. Only Genuine buyer contact owner- 8018510988. D-66498

4BHK duplex with gated community at Balianta (land-1400 construction-2200 @ 55Lakh and 2600 @ 65Lakh). Contact Mplanets: 9938219397, 9861022055. D-12932

ଭୁବନେଶ୍ୱର ଉତ୍ତରା/ Kru- pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66570




Laxmi Sagar plot- 236 Sarala Nagar, Jayaguru Bhawan 2 rooms, kitchen, 1 bathroom, dinning 2floor. 9438505751, 9583164951. D-12988




ଘରେ ବସି ସବୁ ସମସ୍ୟାରୁ ମୁକ୍ତି ପାଆନ୍ତୁ। ପ୍ରେମବିବାହ, ବଶୀକରଣ, ବ୍ୟବସାୟ, ସନ୍ତାନ ସମ୍ବନ୍ଧୀୟ, ଗୁଣିଗାରେଡ଼ି, ସଉତୁଣୀ ଶତ୍ରୁ ମୁକ୍ତି, ଗ୍ୟାରେଣ୍ଟି ସହ ସମାଧାନ। 9888156887. D-12935


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Full body massage with refreshment, expert therapist. 7381239385, 0674-2540855. D-66566

Experience full body massage with us (ex- pert). Call: 7377048581, 0674- 2597822. D-66567

Herbal full body massage by smart/expert therapist. Contact: 8338067247. D-66568

Newly opening ayur- vedic body massage smart therapist, Shree herbal. 7750020754. D-66569

**AFFIDAVIT**

By virtue of an affidavit before Notary Public Berhampur, I Samita Kumari Patra changed my name to N. Samita Choudhury after marriage to N.Sunil Kumar Choudhury. Henceforth I shall be known as N.Samita Choudhury for all purposes. D-66602

## ସଂକ୍ଷେପରେ

### ବ୍ୟାପକ ବୃକ୍ଷରୋପଣକୁ ଉଦ୍ୟୋଗ ସଂଘର ଗୁରୁତ୍ୱ

ଭୁବନେଶ୍ୱର,୧୬।୬(ବ୍ୟୁରୋ): ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା ଓଡ଼ିଶା ଉପକୂଳର ବହୁସଂଖ୍ୟକ ବୃକ୍ଷ ନଷ୍ଟ ହୋଇଛି। ବୃକ୍ଷର ଅଭାବ ପରିବେଶ ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିବ। ତେଣୁ ପରବର୍ତ୍ତୀ ପିଢ଼ିର ସୁରକ୍ଷା ପାଇଁ ବାତ୍ୟା ପ୍ରଭାବିତ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟର ଜଗରନଟ୍ ଆସୋସିଏଶନ୍ ଅଫ୍ ଏଣ୍ଟରପ୍ରାଇଜେସ୍(ଉଦ୍ୟୋଗ ସଂଘ) ପକ୍ଷରୁ 'ଗ୍ରୀନ ଡ୍ରାଇଭ(ବୃକ୍ଷରୋପଣ)' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପୁରୀ, ଖୋର୍ଦ୍ଧା ଏବଂ କଟକ ଜିଲାରେ ଏହି ବୃକ୍ଷରୋପଣ କରାଯିବ ବୋଲି ଆସୋସିଏଶନ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଉପରୋକ୍ତ ୩ଟି ଜିଲାରେ ଆସନ୍ତା ତିନି ବର୍ଷ ମଧ୍ୟରେ ପ୍ରାୟ ଏକଲକ୍ଷ ବୃକ୍ଷରୋପଣ କରାଯିବା ନେଇ ରବିବାର ସଂଘ ପକ୍ଷରୁ ହୋଇଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଂଘର କାର୍ଯ୍ୟକର୍ତ୍ତାମାନେ ଛୋଟ ଛୋଟ ଗୋଷ୍ଠୀରେ ବିଭକ୍ତ ହୋଇ ପ୍ରାଥମିକ ଭାବେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବେ। ସେହିପରି ତୃଣମୂଳସ୍ତରରେ ଚାଷୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍.ଏଚ୍.ଜି)ମାନଙ୍କୁ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କ୍ଷେତ୍ରରେ ସହଯୋଗ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ସଂଘର ସମ୍ପାଦକ ଜନାର୍ଦ୍ଦନ ସାହୁ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

### ଏଥର ସ୍ନାନମଣ୍ଡପରେ ଦର୍ଶନ କରିବେନି ଶଙ୍କରାଚାର୍ଯ୍ୟ

ପୁରୀ ଅଫିସ, ୧୬।୬: ଏଥର ସ୍ନାନମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ ଜଗତଗୁରୁ ଶଙ୍କରାଚାର୍ଯ୍ୟ। ଗୋବର୍ଦ୍ଧନ ମଠର ପ୍ରବକ୍ତା ମନୋଜ ରଥଙ୍କ ସୂଚନା ମୁତାବକ, ନିକଟରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଣ୍ଠୁ ପ୍ରତିରୋପଣ କରାଯାଇଛି। ବର୍ତ୍ତମାନ ଜଗତଗୁରୁ ରାଜ୍ୟ ବାହାରେ ଅଛନ୍ତି। ଆସନ୍ତା ଜୁଲାଇ ୨ ତାରିଖରେ ପୁରୀ ଫେରିବେ। ତେଣୁ ରଥଯାତ୍ରାରେ ଶିଷ୍ୟ ସାଧକଙ୍କ ସହ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ସୂଚନାଥାଉ କି, ପୂର୍ବରୁ ଶଙ୍କରାଚାର୍ଯ୍ୟ ସ୍ନାନ ମଣ୍ଡପକୁ ଆସି ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରୁ ନ ଥିଲେ। ୨୦୧୫ ନବକଳେବର ରଥଯାତ୍ରାରେ ପ୍ରଥମ କରି ସ୍ନାନବେଦିରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ୨୦୧୬ରେ ମଧ୍ୟ ଶଙ୍କରାଚାର୍ଯ୍ୟ ସ୍ନାନବେଦିରେ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିଥିଲେ। ୨୦୧୭ ଏବଂ ୨୦୧୮ରେ ରାଜ୍ୟ ବାହାରେ ଥିବାରୁ ସ୍ନାନଯାତ୍ରାରେ ଦାରୁବିଗ୍ରହଙ୍କୁ ଦର୍ଶନ କରିପାରି ନ ଥିଲେ।

### ୩ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣା ନ୍ୟାୟ ପାଇଁ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର,୧୬।୬(ବ୍ୟୁରୋ): ବରଗଡ ଜିଲା ପଦ୍ମପୁର ଥାନା ଅଞ୍ଚଳରେ ଜଣେ ୩ବର୍ଷର ଶିଶୁକନ୍ୟା ଗତ ୧୪ତାରିଖରେ ବଳାତ୍କାରର ଶିକାର ହୋଇଥିଲା। ଏହି ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଧରି ବାଳସୁଧାର ଗୃହକୁ ପଠାଇଛି। ଏ ନେଇ ପୋଲିସ କେସ୍ ନଂ-୧୧୬/୧୯ ଦଫା ୩୭୬, ୬ପୋକ୍‌ସ ଆକ୍ଟ ଲଗାଇ ନାବାଳକଙ୍କୁ ଅଟକ ରଖିଥିଲା। ତେବେ ଏହି ମାମଲାକୁ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ରବିବାର ଅନଲାଇନ ଯୋଗେ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରିଛନ୍ତି। ଯାହାକୁ ମାନବାଧିକାର କମିଶନରଙ୍କ କାର୍ଯ୍ୟାଳୟ ଗୁରୁତର ସହ ନେଇଛନ୍ତି। ଅଭିଯୋଗକାରୀ ମାନବାଧିକାର କର୍ମୀ ପିଟିଶନ୍‌ରେ ଉଲ୍ଲେଖ କରିଛନ୍ତି ଯେ, ନିୟମ ଅନୁଯାୟୀ ପୀଡ଼ିତାଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ତୁରନ୍ତ ଦେବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ଅଭିଯୁକ୍ତ ନାବାଳକଙ୍କ ବିରୋଧରେ ୪ ସପ୍ତାହ ମଧ୍ୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବରଗଡ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବାକୁ କମିଶନରଙ୍କୁ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ନାବାଳିକା ଜଣଙ୍କ ନିଜ ଘର ନିକଟ ପଡୋଶୀ ଘରକୁ ବିଭିନ୍ନ ସମୟରେ ଟିଭି ଦେଖିବାକୁ ଯାଆନ୍ତି। ଗତ ଶନିବାର ସନ୍ଧ୍ୟାରେ ନାବାଳିକା ଜଣଙ୍କ ଟିଭି ଦେଖିବାକୁ ପଡୋଶୀଙ୍କ ଘରକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କୁ ଚକୋଲେଟ ଆଳ ଦେଖାଇ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏ ନେଇ ନାବାଳିକା ଘରକୁ ଆସି ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

---

■ ବିଜେଡି ଛାତ୍ର, ଯୁବ, ମହିଳା ସଙ୍ଗଠନର ପୁନର୍ଗଠନ

# ଦକ୍ଷତା ଉପରେ ଭାରି ପଡ଼ିପାରେ ଆନୁଗତ୍ୟ

■ ନିର୍ଦ୍ଦିଷ୍ଟ ଗୋଷ୍ଠୀ ହାତରେ କ୍ଷମତା ରଖିବାକୁ ପ୍ରୟାସ
■ ସଙ୍ଗଠକ ନୁହେଁ, ବିଧାୟକଙ୍କୁ ଦାୟିତ୍ୱ ଦେବାକୁ ଲବି
■ ସଙ୍ଗଠନରୁ ମୁହଁ ଫେରାଇ ପାରନ୍ତି କେତେଜଣ ଯୁବନେତା

ଭୁବନେଶ୍ୱର,୧୬।୬(ବ୍ୟୁରୋ)

ସାଧାରଣ ନିର୍ବାଚନ ପରେ ବିଜେଡି ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନର ପୁନର୍ଗଠନ ନେଇ ଆଲୋଚନା ଜୋର ଧରିଛି। ୨୦୧୭ ପଞ୍ଚାୟତ ନିର୍ବାଚନ ବିପର୍ଯ୍ୟୟ ପରେ ଛାତ୍ର ଓ ଯୁବ ସଙ୍ଗଠନର ଆମୂଳଚୂଳ ପରିବର୍ତ୍ତନ ହୋଇଥିଲା। ହେଲେ ସାଙ୍ଗଠନିକ ଦାୟିତ୍ୱ ଦୁଇ ପ୍ରଭାବଶାଳୀ ନେତାଙ୍କ ଅନୁଗତଙ୍କୁ ପ୍ରଦାନ କରାଯାଇଥିଲା। ସେମାନଙ୍କ ପ୍ରଦର୍ଶନ ମଧ୍ୟ ସେତେଟା ଆଖିଦୃଶିଆ ହୋଇ ନ ଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ତେଣୁ ବିଜେଡିର ଶୀର୍ଷ ନେତୃତ୍ୱ ପୁନର୍ବାର ସାଙ୍ଗଠନିକ ପରିବର୍ତ୍ତନ କଥା ଚିନ୍ତା କରୁଥିବା କୁହାଯାଉଛି। ମହିଳା ସଙ୍ଗଠନକୁ କିଛି ମାସ ତଳେ ପୁନର୍ଗଠିତ କରାଯିବା ସହ ନୂଆ ସଭାନେତ୍ରୀ ଏବଂ ଏକାଧିକ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଥିଲା। ହେଲେ ଏହି ସଙ୍ଗଠନର କାର୍ଯ୍ୟଶୈଳୀ ମଧ୍ୟ ପ୍ରଭାବହୀନ ରହିଥିବା ଅନୁଭବ କରାଯାଇଛି। ତେଣୁ ପୌର ନିର୍ବାଚନ ପୂର୍ବରୁ ୩ ଛାମୁଆ ସଙ୍ଗଠନର ପରିବର୍ତ୍ତନ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି।

ଛାତ୍ର ଏବଂ ମହିଳା ସଙ୍ଗଠନ ଅପେକ୍ଷା ବିଜୁ ଯୁବ ଜନତା ଦଳ ଅଧିକ ଗୁରୁତ୍ୱ ବହନ କରିଥାଏ। ଏହାର କର୍ମକର୍ତ୍ତା ସିଧା ଦଳୀୟ ସଙ୍ଗଠନ ସହ ଜଡିତ ହୋଇ କାମ କରିଥାନ୍ତି। ୩୦ରୁ ୪୫ ବର୍ଷୀୟ ଭୋଟରଙ୍କୁ ଆଖିଆଗରେ ରଖି ଏହି ସଙ୍ଗଠନ କାର୍ଯ୍ୟ କରିଥାଏ। ହେଲେ ଚଳିତ ବର୍ଷ ହୋଇଥିବା ସାଧାରଣ ନିର୍ବାଚନରେ ରାଜ୍ୟର ଯୁବ ଏବଂ ନୂଆ ଭୋଟର ଭାଜପାକୁ ଅଧିକ ପସନ୍ଦ କରିଥିବା ରାଜନୈତିକ ବିଶ୍ଳେଷକମାନେ ମତ ରଖିଛନ୍ତି। ସେହିଭଳି ସାରା ଦେଶର ନଗରାଞ୍ଚଳରେ ଭାଜପାର ଭୋଟ ହାର ଭଲ ରହିଛି। ଆଗକୁ ପୌର ନିର୍ବାଚନ ଥିବାରୁ ଭାଜପାର ମୁକାବିଲା ବିଜେଡି ପାଇଁ କଠିନ ପରୀକ୍ଷା ସଦୃଶ। ତେଣୁ ଯୁବ ସଙ୍ଗଠନର ପରିବର୍ତ୍ତନର ମଙ୍ଗ କାହା ହାତରେ ରହିବ, ସେ ନେଇ ସମସ୍ତଙ୍କ ନଜର ରହିଛି। ସଭାପତି ଚୟନରେ କେଉଁ ମାନଦଣ୍ଡକୁ ବିଚାରକୁ ନିଆଯିବ, ସେ ନେଇ ଚର୍ଚ୍ଚା ଜୋର ଧରିଛି। ଅତୀତର କାର୍ଯ୍ୟଦକ୍ଷତା, ଦଳ ଏବଂ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଥିବା ଆନୁଗତ୍ୟକୁ ବିଚାର କରାଯିବ କି ନାହିଁ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛିଦିନ ହେବ ବିଜେଡି ଆଭ୍ୟନ୍ତରୀଣ ରାଜନୀତିକୁ ପ୍ରଭାବିତ କରୁଥିବା ଏକ ଗୋଷ୍ଠୀ ପ୍ରତି ଆନୁଗତ୍ୟକୁ ସଭାପତି ଚୟନରେ ଗୁରୁତ୍ୱ ଦିଆଯାଇପାରେ ବୋଲି ସୂଚନା ମିଳିଛି। ଏମିତିକି ଉପକୂଳ ଓଡ଼ିଶାର ଜଣେ ବିଧାୟକଙ୍କୁ ଯୁବ ବିଜେଡି ସଭାପତି କରିବା ପାଇଁ ଯୋଜନା ଚାଲିଛି। ରାଜ୍ୟ କ୍ୟାବିନେଟ୍‌ର ଜଣେ ମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳରେ ନ ଥିବା ଜଣେ ବିଧାୟକ ଏହି ଯୋଜନା କରୁଥିବା ଦଳୀୟ ଅନ୍ଦର ମହଲରୁ ଜଣାପଡ଼ିଛି। ଏପରିକି ପୂର୍ବରୁ ଦଳର ଯୁବ ସଭାପତି ଏବଂ ଯୁବ ବ୍ୟାପାର ଦାୟିତ୍ୱରେ ରହିଥିବା ଏକାଧିକ ନେତାଙ୍କୁ ସଙ୍ଗଠନରୁ ଦୂରେଇ ରଖିବା ପାଇଁ ପ୍ରୟାସ କରାଯାଉଛି। ବିଜେଡି ରାଜନୀତିକୁ ଅନୁଶୀଳନ କଲେ ସାମ୍ପ୍ରତିକ ସ୍ଥିତିରେ ବିଧାୟକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ଅରୁଣ ସାହୁ ଓ ପ୍ରତାପ ଜେନା, ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏବଂ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କ ପ୍ରଭାବ ଦେଖିବାକୁ ମିଳିଥାଏ। ହେଲେ ବର୍ତ୍ତମାନ ଯେପରି ଯୁବ ମଙ୍ଗୁଆଳ ଚୟନ ପାଇଁ ଚିନ୍ତା କରାଯାଉଛି, ସେପରି ହେଲେ ଉପରେ ଆଲୋଚିତ ନାମ ମଧ୍ୟରୁ ୩ ଜଣଙ୍କୁ ଦୂରେଇ ରଖିବାକୁ ଚେଷ୍ଟା କରାଯାଉଛି। ଆଶ୍ଚର୍ଯ୍ୟର କଥା ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର କୌଣସି ନେତା ଯୁବ ସଙ୍ଗଠନରେ ପ୍ରଭାବ ବିସ୍ତାର କରିପାରିନାହାନ୍ତି। ସଂସଦୀୟ ନିର୍ବାଚନ ଫଳାଫଳ ମଧ୍ୟ ଏହି ସବୁ ଅଞ୍ଚଳରେ ନୈରାଶ୍ୟଜନକ ଥିଲା। ଅନୁସୂଚିତ ଜାତି(ଏସ୍‌ସି) ଏବଂ ଅନୁସୂଚିତ ଜନଜାତି(ଏସ୍‌ଟି) ବର୍ଗର ଯୁବ ପ୍ରତିନିଧିତ୍ୱକୁ ମଧ୍ୟ ସଙ୍ଗଠନରେ ଅଗ୍ରାଧିକାର ଦିଆଯାଇ ନାହିଁ। ତେଣୁ ଭବିଷ୍ୟତର ରଣନୀତି ପାଇଁ ଯୁବ ସଙ୍ଗଠନକୁ କିପରି କ୍ରିୟାଶୀଳ କରାଯିବ, ସେ ନେଇ ଦଳ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷରେ ପୂର୍ବଥର ଯୁବ ସଙ୍ଗଠନକୁ କ୍ରିୟାଶୀଳ କରିବା ପାଇଁ ଜୋନ୍‌ସ୍ତରୀୟ ବର୍ଗୀକରଣ କରାଯାଇ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। କେତେଜଣ ତାହାକୁ ଉତ୍ତମ ରୂପେ ତୁଲାଇଥିବା ବେଳେ କେତେଜଣ ଯୁବ ନେତା ପାରି ନ ଥିଲେ। ଏଭଳିସ୍ଥିତିରେ ଦୀର୍ଘଦିନରୁ ଛାତ୍ର ତଥା ଯୁବ ରାଜନୀତି କରୁଥିବା ଉତ୍ତମ ସଙ୍ଗଠକମାନଙ୍କୁ ଅଣଦେଖା କରାଯାଉଥିବା କୁହାଯାଉଛି। ଏପରିକି ଦଳ ଭିତରେ ଏକ ସମାନ୍ତରାଳ ସଙ୍ଗଠନ ସୃଷ୍ଟି ହେଉଥିବା କେତେଜଣ ଯୁବ କର୍ମୀ ଅନୁଭବ କଲେଣି। ସାଙ୍ଗଠନିକ ଦକ୍ଷତା ଅପେକ୍ଷା ଯଦି ନିର୍ଦ୍ଦିଷ୍ଟ ଗୋଷ୍ଠୀ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ବିଧାୟକଙ୍କୁ ଯୁବ ସଭାପତି ଦାୟିତ୍ୱ ପ୍ରଦାନ କରାଯାଏ, ତେବେ ଦୀର୍ଘଦିନରୁ ବିଜେଡି ଯୁବ/ଛାତ୍ର ରାଜନୀତି କରୁଥିବା ସଙ୍ଗଠକମାନେ ବିଦ୍ରୋହ କରିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି। ପୂର୍ବଥର ବିଧାୟକ ଏବଂ ମନ୍ତ୍ରୀମାନଙ୍କୁ ନିଜ ଅଞ୍ଚଳରେ ଅଧିକ ସମୟ ଦେବା ଉଚିତ ବୋଲି କୁହାଯାଇ ସେମାନଙ୍କୁ ଏହିପଦବୀ ଦିଆଯାଇ ନ ଥିଲା। ହେଲେ ସେ ସମୟରେ ସାଙ୍ଗଠନିକ ଦକ୍ଷତା ଅପେକ୍ଷା ନିର୍ଦ୍ଦିଷ୍ଟ ଗୋଷ୍ଠୀ ପ୍ରତି ଆନୁଗତ୍ୟ ରଖିଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ଥର ସେପରି ହେବାକୁ ଯାଉଥିବାରୁ ଆଗକୁ ଯୁବ ବର୍ଗ ବିଜେଡି ପ୍ରତି ବିମୁଖ ହୋଇପାରନ୍ତି ବୋଲି କେତେଜଣ ରାଜନୈତିକ ବିଶ୍ଳେଷକ ମତ ଦେଇଛନ୍ତି।

---



## ଜିଲା ଚିଠି ଦେବଗଡ଼

### ଯେତିକି ହେବା କଥା ହୋଇନି

ଦେବଗଡ଼ ଜିଲା ଆଜି ସବୁ କ୍ଷେତ୍ରରେ ଅବହେଳିତ। ପଚିଶ ବର୍ଷ ହେଲାଣି ଦେବଗଡ଼ ଜିଲା ସମ୍ବଲପୁରରୁ ବିଚ୍ଛିନ୍ନ ହୋଇ ଏକ ନୂଆ ଜିଲାରେ ପରିଣତ ହୋଇଛି। ଜିଲା ହେବା ପାଇଁ ଜନସାଧାରଣ, ବ୍ୟବସାୟୀ, ଓକିଲ, ନେତାଙ୍କଠାରୁ ଛାତ୍ର ପର୍ଯ୍ୟନ୍ତ ସମସ୍ତେ ଅକ୍ଳାନ୍ତ ପରିଶ୍ରମ, ଆନ୍ଦୋଳନ, ରାସ୍ତାରୋକୋ କରିଥିଲେ। ସରକାରୀ କଳକୁ ଅଚଳ କରିଥିଲେ। ଶେଷରେ ୧।୧।୧୯୯୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଆଶୀର୍ବାଦରୁ ଦେବଗଡ଼ ଲୋକଙ୍କ ଆଶା ପୂରଣ ହୋଇପାରିଥିଲା। ଦେବଗଡ଼ ଏକ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇଲା। ଦେବଗଡ଼ ଲୋକଙ୍କ ଆଶା ଥିଲା ଜିଲା ହେଲା ପରେ ଅନେକ ନିଯୁକ୍ତି ସୃଷ୍ଟି ହେବ। ଶିକ୍ଷିତ ବେକାର ଯୁବତୀଯୁବକ ନିଯୁକ୍ତି ପାଇବେ। ଜିଲାରେ ଛୋଟ ବଡ଼ କଳକାରଖାନା ହେବା ଫଳରେ ସ୍ଥାନୀୟ ନିଯୁକ୍ତି ସୃଷ୍ଟି ହେବ। ଦେବଗଡ଼ରେ ସମସ୍ତ ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀ ନିଯୁକ୍ତି ହେବେ। ଫଳରେ ଜିଲାପାଳ, ପୋଲିସ ଅଧୀକ୍ଷକଙ୍କୁ ହାତପାହାନ୍ତାରେ ପାଇ ଲୋକଙ୍କ ଅବସ୍ଥା ସୁଧୁରିଯିବ। ଜିଲା ହେବା ପରେ ନୂତନ ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀ ନିଯୁକ୍ତି ପାଇଛନ୍ତି ସିନା ହେଲେ ଦେବଗଡ଼ ଜନସାଧାରଣଙ୍କ ସେପରି ଆଖିଦୃଶିଆ ଉନ୍ନତି ହୋଇପାରି ନାହିଁ। ଦେବଗଡ଼ ଜିଲା ସହିତ ଝାରସୁଗୁଡ଼ା, ବରଗଡ଼ ଆଦି ମଧ୍ୟ ନୂତନ ଜିଲା ହୋଇଥିଲା। କିନ୍ତୁ ଅନ୍ୟ ଜିଲା ତୁଳନାରେ ଦେବଗଡ଼ ପଛରେ ପଡ଼ିରହିଛି। ଯେତିକି ହେବା କଥା ହୋଇନି। ଏଠାରେ ସ୍ୱାସ୍ଥ୍ୟସେବା, ଶିକ୍ଷା ବ୍ୟବସ୍ଥା, କୃଷିର ଉନ୍ନତି ହୋଇନାହିଁ। କୃଷି ପାଇଁ ଜଳସେଚନର ଉନ୍ନତି ହୋଇନାହିଁ। ଦେବଗଡ଼ ସବ୍‌ଡିଭିଜନ ଥିବାବେଳେ ଡାକ୍ତରଖାନାରେ ରୋଗୀଙ୍କ ପାଇଁ ଯେତିକି ଶଯ୍ୟା ଥିଲା ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟ ହୋଇଥିଲେ ମଧ୍ୟ ଶଯ୍ୟା ସଂଖ୍ୟା ବଢ଼ିନି। ଆବଶ୍ୟକ ସଂଖ୍ୟକ ଡାକ୍ତର ଠାରୁ ଢେର୍ କମ୍ ଅଛନ୍ତି। ଫଳରେ ଅଧିକାଂଶ ସମୟ ରୋଗୀମାନଙ୍କୁ ବୁର୍ଲା ବା କଟକ ବଡ଼ଡାକ୍ତରଖାନାକୁ ପଠାଯାଉଛି। ଦେବଗଡ଼ ଜିଲାର ଏକମାତ୍ର ସର୍ବପୁରାତନ 'ଦେବଗଡ଼ କଲେଜ' ହେବାର ଦୀର୍ଘ ପଞ୍ଚାବନ ବର୍ଷ ପୂରିଯାଇଥିଲେ ମଧ୍ୟ ସରକାରୀ ମାନ୍ୟତା ପାଇପାରିନାହିଁ। ଫଳରେ ଶିକ୍ଷାର ଗୁଣାତ୍ମକ ମାନ ରହିପାରୁ ନାହିଁ। ଗରିବ ଛାତ୍ରମାନେ ଉଚ୍ଚ ଶିକ୍ଷା ପାଇଁ ବାହାରକୁ ଯାଇପାରୁନାହାନ୍ତି। ଅବଶ୍ୟ ଜିଲା ହେବା ପରେ ଗୋଟିଏ ଆଦର୍ଶ ନବୋଦୟ ବିଦ୍ୟାଳୟ ଖୋଲିଛି। କୃଷିଭିତ୍ତିକ ଜିଲା ହୋଇଥିଲେ ମଧ୍ୟ ଜଳସେଚନ ଅସୁବିଧା ଯୋଗୁ କୃଷକମାନେ କେବଳ ଚାଷ ପାଇଁ ବର୍ଷାଜଳ ଉପରେ ନିର୍ଭର କରନ୍ତି। କୌଣସି ପ୍ରକାର ମଣ୍ଡିର ସୁବିଧା ନାହିଁ। ଯେତିକି ଫଳ, ପନିପରିବା, ଆଳୁ, ପିଆଜ ଆଦି ଚାଷ ହୁଏ ବିଚରା ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ କ୍ଷତିରେ ପଡ଼େ। ବହୁଦିନ ଧରି ଏଠାରେ ଶୀତଳଭଣ୍ଡାର ପାଇଁ ଦାବି ହେଉଥିଲେ ମଧ୍ୟ ସେହି ଦାବି ଫାଇଲ ଭିତରେ ପଡ଼ିରହିଛି। ଦେବଗଡ଼ ଜିଲାରେ ପର୍ଯ୍ୟଟନର ବିକାଶ ପାଇଁ ଅନେକ ସୁବିଧା ଥିଲେ ମଧ୍ୟ ସେହି ସ୍ଥାନମାନଙ୍କର ବିକାଶ କରାଯାଉ ନାହିଁ। ପ୍ରଚାର ପ୍ରସାର ଅଭାବରୁ ଲୋକଲୋଚନକୁ ଆସିପାରୁନାହିଁ। ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ଗ୍ରାମକୁ ରାସ୍ତାଘାଟର ଉନ୍ନତି ହୋଇନାହିଁ କି ବିଜୁଳି ଯାଇନାହିଁ। ନାମକୁ ମାତ୍ର ଜିଲା ହୋଇଛି ସିନା, ଜନସାଧାରଣ ଜିଲା ହେବାର ସୁଫଳ ଏ ପର୍ଯ୍ୟନ୍ତ ପାଇପାରି ନାହାଁନ୍ତି। ପ୍ରଶାସନିକ ଏବଂ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ରହିଛି। ଜିଲାର ଉନ୍ନତି ପାଇଁ ସମସ୍ତେ ଚର୍ଚ୍ଚା କରୁଛନ୍ତି, ହେଲେ ଉନ୍ନତି ନାହିଁ। ସମସ୍ତେ କାନ୍ଦୁଥିଲେ ମଧ୍ୟ କାହାରି ଆଖିରୁ ଲୁହ ବାହାରୁ ନାହିଁ। କେମିତି କଲେ ଜିଲାର ବିକାଶ ହେବ ତାହା ବର୍ତ୍ତମାନ ବିଚାରର ସମୟ ଆସିଛି।

–ଶଶାଙ୍କ ଶେଖର ଝାଙ୍କର

---

# ସ୍ନାନ ପୂର୍ଣ୍ଣିମା ପାଇଁ ୨୫ ପ୍ଲାଟୁନ ଫୋର୍ସ

ପୁରୀ ଅଫିସ, ୧୬।୬

ଦେବସ୍ନାନ ପୂର୍ଣ୍ଣିମା ସହ ସୋମବାର ମହାପ୍ରଭୁଙ୍କ ହାତୀବେଶ ଅନୁଷ୍ଠିତ ହେବ। ଏହାକୁ ଦେଖିବା ଲାଗି ପୁରୀରେ ଭକ୍ତଙ୍କ ପ୍ରବଳ ସମାଗମ ହେବ। ଭିଡ଼, ସୁରକ୍ଷା ବ୍ୟବସ୍ଥା ଏବଂ ଟ୍ରାଫିକ ନିୟନ୍ତ୍ରଣ ଲାଗି ପୁରୀ ସହର ପାଇଁ ମୋଟ ୪୪ ପ୍ଲାଟୁନ ଫୋର୍ସ ବ୍ୟବସ୍ଥା କରାଯାଇଛି। ଏଥିମଧ୍ୟରୁ ୨୫ ପ୍ଲାଟୁନ ଫୋର୍ସ କେବଳ ଶ୍ରୀମନ୍ଦିର ଭିତରେ ଏବଂ ବାହାରେ ରହିବେ। କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସୂଚନା ମୁତାବକ, ଶ୍ରୀମନ୍ଦିରରେ ୨ ଜଣ କମାଣ୍ଡାଣ୍ଟ, ୮ ଜଣ ଡେପୁଟି କମାଣ୍ଡାଣ୍ଟ ଏବଂ ଅତିରିକ୍ତ ଏସ୍‌ପି, ଡିଏସ୍‌ପି ୧୧, ଇନ୍ସପେକ୍ଟର ଏବଂ ସବ୍‌ଇନ୍ସପେକ୍ଟର ୨୯, ଏଏସ୍‌ଆଇ ଓ ଏସ୍‌ଆଇ ୧୨୨, ହାବିଲଦାର ୧୨, କନଷ୍ଟେବଳ ୧୩୩, ଟ୍ରାଫିକ କନଷ୍ଟେବଳ ୪, ହୋମ୍‌ଗାର୍ଡ ୧୦୮ଜଣ ମୁତୟନ ହେବେ। ଶ୍ରୀମନ୍ଦିର ଭିତରେ ଜଣେ ଲେଖାଏଁ ଏସ୍‌ଆଇ ଏବଂ ଏଏସ୍‌ଆଇଙ୍କ ସମେତ ଗୋଟିଏ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ଶ୍ରୀମନ୍ଦିର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ଅଧୀନରେ ଏହା କାର୍ଯ୍ୟ କରିବ। ଏଥିସହିତ ୩ ପ୍ଲାଟୁନ ଷ୍ଟ୍ରାଇକିଂ ଫୋର୍ସ ମନ୍ଦିର ଫାଣ୍ଡି, ଟାଉନ ଥାନା ଏବଂ କୁମ୍ଭାରପଡ଼ା ଥାନାରେ ମୁତୟନ ରହିବେ ବୋଲି ଆଇଜି ସୂଚନା ଦେଇଛନ୍ତି। ବିଶେଷକରି ଭକ୍ତ ସିଂହଦ୍ୱାର ଦେଇ ପ୍ରବେଶ କରିବେ। ସ୍ନାନବେଦିରେ ମହାପ୍ରଭୁଙ୍କ ଦର୍ଶନ ସାରି ଅନ୍ୟ ଦ୍ୱାର ଦେଇ ବାହାରିବେ।

---

## ରଥ ଖଳାରୁ...

# ଆଜି ଉଠିବ ୪ ନାହାକା

ପୁରୀ ଅଫିସ, ୧୬।୬

ଅକ୍ଷୟ ତୃତୀୟାଠାରୁ ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥକାମ। ତିନି ମୁଖ୍ୟ ବିଶ୍ୱକର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଛି ରଥକାମ। ଗତକାଲି ତିନି ରଥର ତଳେ ଖଞ୍ଜାଯାଇଥିବା ଦଣ୍ଡା ନମ୍ବର କରାଯାଇ ଅଖ ଉପରେ ଉଠିଥିଲା। ପରେ କଣଗୁଜ ଖଞ୍ଜାଯାଇ ନିରାଡି ଉଠିଥିଲା। ସୋମବାର ପବିତ୍ର ସ୍ନାନ ପୂର୍ଣ୍ଣିମା। ପରମ୍ପରା ଅନୁଯାୟୀ ୪ ନାହାକା ଉଠିବ। ଏନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ନନ୍ଦିଘୋଷ ରଥ ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର କହିଛନ୍ତି। ତିନିରଥର ୪ଟି ଲେଖାଏଁ ନାହାକା ଚଉପଟ ସରିଛି। ତିନି ରଥ ଲାଗି ପାର୍ଶ୍ୱ ଗୟଲ କାଠ ଚଉପଟ ଚାଲିଛି। ସମୁଦାୟ ୩୨ଟି ପାର୍ଶ୍ୱ ଗୟଲ ମଧ୍ୟରୁ ନନ୍ଦିଘୋଷ ଓ ତାଳଧ୍ୱଜର ୧୨ଟି ଲେଖାଏଁ ଏବଂ ଦର୍ପଦଳନର ୮ଟି ରହିଛି। ପରେ ଜୋଖା ହଣା ଯିବ। ସେଥିରୁ ନନ୍ଦିଘୋଷ ଓ ତାଳଧ୍ୱଜର ୧୬ଟି ଲେଖାଏଁ ଏବଂ ଦର୍ପଦଳନର ୧୨ଟି ରହିଛି। ରୂପକାର ସେବକ ସିଂହାସନ ପ୍ରସ୍ତୁତ କରୁଛନ୍ତି। ଦୋଳବେଦି କୋଣରେ କମାର ସେବକ ଲୁହାକଣ୍ଟା ପ୍ରସ୍ତୁତ କରୁଛନ୍ତି। ଏଥିସହିତ ରଥଯାତ୍ରା ସଂଲଗ୍ନ ଅନ୍ୟାନ୍ୟ କାମ ଚାଲିଛି। ସ୍ନାନଯାତ୍ରା ଲାଗି ମହାପ୍ରଭୁଙ୍କ ଚାନ୍ଦୁଆ ମରାମତି କାମ ଚାଲିଥିବା ବେଳେ ଚିତ୍ରକର ସାହିରେ ଚିତ୍ରକର ମାନେ ପଟିଦିଅଁ(ଅଣସର ପଟି) ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି। ସେହିପରି ରାଘବଦାସ ମଠରେ ମହାପ୍ରଭୁଙ୍କ ଟାହିଆ ଓ ଗଜାନନ ବେଶ ପ୍ରସ୍ତୁତି ଚାଲିଛି।








### ସୁବର୍ଣ୍ଣପୁର ସହରରେ ଯୁବତୀଙ୍କୁ ଗଣବଳାତ୍କାର

ସୋନପୁର,୧୬।୬(ନି.ପ୍ର.)

ସୁବର୍ଣ୍ଣପୁର ସହରର ଜଣେ ଯୁବତୀ ଶନିବାର ରାତିରେ ଗଣବଳାତ୍କାରର ଶିକାର ହୋଇଛନ୍ତି। ଯୁବତୀ ଜଣକ ସାଇକେଲରେ ଘରକୁ ଫେରୁଥିବା ସମୟରେ ୩ଜଣ ଯୁବକ ତାଙ୍କୁ ଟେକି ନେଇଥିଲେ। ରୟାଲ ପଡିଆ ନିକଟସ୍ଥ ଜିମ୍ ପାର୍ଶ୍ୱରେ ତାଙ୍କୁ ୨ଜଣ ବଳାତ୍କାର କରିଛନ୍ତି। ମୋବାଇଲରେ ବଳାତ୍କାରର ଦୃଶ୍ୟକୁ ଉତ୍ତୋଳନ କରାଯାଇଛି। ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ଅଭିଯୁକ୍ତମାନେ ଧମକ ଦେଇଥିବା ପୀଡ଼ିତା ସୋନପୁର ଥାନାରେ ରବିବାର ଲିଖିତ ଅଭିଯୋଗ କରିଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ସେ ସହରର ଏକ ପୋଷାକ ଦୋକାନରେ ସେଲ୍‌ସ ମ୍ୟାନ୍ ଭାବେ କାମ କରନ୍ତି। ସବୁଦିନ ଭଳି ରାତି ୯ଟାରେ ଦୋକାନରୁ ଘରକୁ ଫେରୁଥିଲେ। ଝୁପୁଡିପଡାର ସୁଶାନ୍ତ ବାଗ, ରୁନୁ ନାଗ ଓ ରଥି ବାଗ ତାଙ୍କୁ ରାସ୍ତାପାର୍ଶ୍ୱରୁ ଜବରଦସ୍ତ ଟେକି ନେଇଥିଲେ। ସୁଶାନ୍ତ ଓ ରୁନୁ ତାଙ୍କୁ ବଳାତ୍କାର କରିଥିବା ବେଳେ ରଥି ମୋବାଇଲରେ ଫଟୋ ଉତ୍ତୋଳନ କରିଥିବା ଅଭିଯୋଗ ହୋଇଛି। ପୋଲିସ ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ଓ ରୁନୁଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି। ଉଭୟେ ଅଭିଯୋଗକୁ ସ୍ୱୀକାର କରିଛନ୍ତି। ସୋମବାର ପୀଡ଼ିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀ ପରୀକ୍ଷା ପରେ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ତେବେ ରଥି ବାଗ ଫେରାର ହୋଇଯାଇଛନ୍ତି। ସୋନପୁର ଥାନାରେ ଦଫା ୩୭୬(ଡି), ୫୦୬ରେ ଏକ ମାମଲା(ନଂ.୮୯/୧୯)ରୁଜୁ ହୋଇଛି। ଏସ୍‌ଆଇ ପୁଷ୍ପଲତା ଲେଙ୍କା ଘଟଣାର ତଦନ୍ତ କରୁଛନ୍ତି।

---

# ବାଉଁଶ ତିଆରି ନନ୍ଦରେ ବସୁଛି କୂଅ

ନନ୍ଦକିଶୋର ପଟ୍ଟନାୟକ

ମୁନିଗୁଡ଼ା,୧୬।୬

■ ଜଳ କଷ୍ଟ ହ୍ରାସର ଅଭିନବ ଉପାୟ
■ 'ୟୁ ଟ୍ୟୁବ୍' ଭିଡିଓ ଦେଲା ଜ୍ଞାନ କୌଶଳ
■ ସିନ୍ଧିପଙ୍ଗା ଚାଷୀଙ୍କ ପାଇଁ ସହଜ ସୁଲଭ ହୋଇଛି ବାଉଁଶ କୂଅ

ପାନୀୟ ଜଳ ସମସ୍ୟା ନେଇ ଚିନ୍ତାରେ ରହୁଥିଲେ ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ସିନ୍ଧିପଙ୍ଗା ଗ୍ରାମବାସୀ। ଗାଁ ନିକଟରେ କୌଣସି ନଦୀ, ନାଳ କିମ୍ବା ପୋଖରୀ ନ ଥିବାରୁ ପାଣି ପାଇଁ ସେମାନେ ପଥର କିମ୍ବା ସିମେଣ୍ଟ ନନ୍ଦ କୂଅ ଉପରେ ନିର୍ଭର କରୁଥିଲେ। କିନ୍ତୁ ଏହା ବ୍ୟୟବହୁଳ ହୋଇଥିବାରୁ ସମସ୍ତଙ୍କ ପକ୍ଷେ ନିର୍ମାଣ କରିବା କଷ୍ଟକର ହୋଇ ପଡୁଥିଲା। ଏହି ସମସ୍ୟାର ସମାଧାନ ପାଇଁ 'ହର୍ଷ' ନାମକ ଏକ ଟ୍ରଷ୍ଟ ଅଭିନବ ଉପାୟ ବାହାର କରିଛି। ବାଉଁଶରୁ କୂଅ ପାଇଁ ନନ୍ଦ ପ୍ରସ୍ତୁତ କରିବା ପରେ ତାହାକୁ ପାନୀୟ ଜଳ ଉତ୍ସକୁ ସଂରକ୍ଷିତ ରଖିବା ଲାଗି ସହଜ ସୁଲଭ ଭାବେ ବ୍ୟବହାର କରାଯାଇ ପାରୁଛି। ୟୁ ଟ୍ୟୁବ୍‌ରେ ଥିବା ଏକ ଭିଡିଓରୁ ଏହାର ନିର୍ମାଣ କୌଶଳ ମିଳିଥିଲା। ଓଡ଼ିଶାର ପ୍ରଥମ ଅଞ୍ଚଳଭାବେ ସିନ୍ଧିପଙ୍ଗାରେ ଯେଉଁଠାରେ ବାଉଁଶ ତିଆରି ନନ୍ଦ ନିର୍ମାଣ ଓ ବ୍ୟବହାର କରାଯାଉଛି।

ସିନ୍ଧିପଙ୍ଗାରେ ୫୦ରୁ ଊର୍ଦ୍ଧ୍ୱ ପରିବାରର ପ୍ରାୟ ୩୦୦ ଲୋକ ରୁହନ୍ତି। ସମସ୍ତେ ପ୍ରାୟ ଚାଷ ଉପରେ ନିର୍ଭର କରନ୍ତି। ଗାଁ ପାଖରେ କୌଣସି ନଦୀ, ନାଳ ପୋଖରୀ ନାହିଁ। ତେଣୁ ଗାଁ ରେ ଥିବା ଦୁଇ ତିନୋଟି ପଥର ଓ ସିମେଣ୍ଟ ନନ୍ଦ କୂଅ ଉପରେ ଲୋକେ ନିତ୍ୟଚର୍ଯ୍ୟା ସହ ଚାଷ କାମ ପାଇଁ ନିର୍ଭର କରନ୍ତି। କିନ୍ତୁ ଗୋଟିଏ ପଥର କିମ୍ବା ସିମେଣ୍ଟ ନନ୍ଦ କୂଅ କରିବାକୁ ସେମାନଙ୍କୁ ପ୍ରାୟ ୭୦ରୁ ୮୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା। ଏହା ସମସ୍ତଙ୍କ ପକ୍ଷେ ନିର୍ମାଣ କରିବା ସମ୍ଭବପର ନ ଥିଲା। ସ୍ଥାନୀୟ ଅଞ୍ଚଳର ହର୍ଷ ଟ୍ରଷ୍ଟ ଲୋକଙ୍କ ସମସ୍ୟା ସମାଧାନ ସହ କିଭଳି କମ୍ ଖର୍ଚ୍ଚରେ ଲୋକଙ୍କୁ ସମାନ ସୁବିଧା ଦିଆଯାଇପାରିବ, ସେ ନେଇ ଚେଷ୍ଟା ଚଳାଇଥିଲା। ଶେଷରେ ବାଉଁଶକୁ ବ୍ୟବହାର କରି ତିଆରି କରାଯାଇଥିଲା ବାଉଁଶ ନନ୍ଦ। ଏହି ନନ୍ଦ ସାହାଯ୍ୟରେ କୂଅ ତିଆରି କରାଯାଇ ପାରୁଛି ବୋଲି ଗାଁର ଭୁବନ ଦଣ୍ଡସେନା, ଅର୍ଜୁନ ଦଣ୍ଡସେନା, ପର୍ଶୁରାମ ଦଣ୍ଡସେନା ଓ ଲକ୍ଷ୍ମୀ ରାଜୁ ପ୍ରକାଶ କରିଛନ୍ତି। ଏହି ବାଉଁଶ ନନ୍ଦ ତିଆରି ପାଇଁ କିଛି ଶୁଖିଲା ବାଉଁଶ, ୮ଏମ୍.ଏମ୍ ଛଡ଼, ଜିଆଇ ପାଇପ୍, ଅଳ୍ପ କିଛି ସିମେଣ୍ଟର ଆବଶ୍ୟକତା ରହିଛି ବୋଲି କାରିଗର ଭୁବନେଶ୍ୱର ପ୍ରଧାନ କହିଛନ୍ତି। ଗୋଟିଏ ନନ୍ଦର ଓସାର ୮ଫୁଟ ଓ ଲମ୍ବ ପ୍ରାୟ ଦେଢ଼ରୁ ଦୁଇ ଫୁଟ ରହିଥାଏ। କୂଅର ଗଭୀରତା ଅନୁଯାୟୀ ଆବଶ୍ୟକ ନନ୍ଦ ତିଆରି କରାଯାଇ କୂଅ ଭିତରକୁ ଛଡ଼ାଯାଇଥାଏ। ବାଉଁଶ ନଷ୍ଟ ନ ହେବା ପାଇଁ ନିମ ତେଲ ପ୍ରଲେପ ଦିଆଯିବା ସହ ନିମ ପିଡିଆର ସାହାଯ୍ୟ ନିଆଯାଏ ବୋଲି ସେ କହିଛନ୍ତି। ଏହି ବାଉଁଶ କୂଅ ପାଇଁ ୩୦ରୁ ୩୫ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଜଣେ ଚାଷୀ ଏହି ଖର୍ଚ୍ଚ ବହନ କରି ସହଜରେ ଏହାକୁ ନିର୍ମାଣ କରିପାରିବ। 'ୟୁ ଟ୍ୟୁବ୍'ରୁ ଏହି କୌଶଳ ଅଣାଯାଇ ସିନ୍ଧିପଙ୍ଗା ଗାଁରେ ପ୍ରୟୋଗ କରାଯାଇଛି ବୋଲି ହର୍ଷ ଟ୍ରଷ୍ଟ ଜିଲା ସଂଯୋଜକ ଶରତ ଚନ୍ଦ୍ର ସାହୁ କହିଛନ୍ତି।


ବାଉଁଶରେ ତିଆରି କୂଅ ନନ୍ଦ।

# ଡାକ୍ତରଙ୍କୁ ମାରନାହିଁ

ପଶ୍ଚିମବଙ୍ଗରେ ଜୁନିୟର ଡାକ୍ତରମାନଙ୍କ ଆନ୍ଦୋଳନ ଷଷ୍ଠ ଦିନରେ ପହଞ୍ଚିବା ପରେ ସେଠାରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ଏପରିକି ଏହାକୁ ସମର୍ଥନ କରି ଭାରତୀୟ ଡାକ୍ତରୀ ସଂଘ (ଆଇଏମ୍ଏ) ୧୭ ଜୁନ୍‌ରେ ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦେବା ଏବେ ଚିନ୍ତାର ବିଷୟ ହୋଇପଡ଼ିଲାଣି। ଏଭଳି ସ୍ଥିତିରେ ଆନ୍ଦୋଳନ ଯେଭଳି ଆଗକୁ ନ ବଢ଼ିବ, ସେ ନେଇ ପଦକ୍ଷେପ ନିଆଯିବା ଉଚିତ। ଏହା ସତ୍ୟ ଯେ, ଭାରତବ୍ୟାପୀ ଜନସାଧାରଣଙ୍କ ଉଗ୍ରତା ଚରିତ୍ର ବୃଦ୍ଧି ପାଇବାରେ ଲାଗିଛି। ଏହା ହେଉଛି ''ଜୋର ଯା'ର ମୁଲକ ତା'ର'' ସମାଜ। କୋଲକାତାର ଏନ୍ଆରଏସ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ରୋଗୀଙ୍କ ମୃତ୍ୟୁ ପରେ ତାଙ୍କ ସମ୍ପର୍କୀୟମାନେ ଦୁଇଜଣ ଡାକ୍ତରଙ୍କୁ ଜୁନ୍ ୧୦ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଉତ୍ୟକ୍ତ ବ୍ୟକ୍ତିଙ୍କ ମାଡ଼ରେ ଡାକ୍ତରଦ୍ୱୟ ଗୁରୁତର ହେବା ପରେ ଜୁନ୍ ୧୧ରେ ସେଠାରେ ଡାକ୍ତରମାନେ ଆନ୍ଦୋଳନ ଆରମ୍ଭ କରିଥିଲେ।

ଡାକ୍ତରଙ୍କୁ ମାଡ଼ ଘଟଣା ଓଡ଼ିଶାର ପୁରପଲ୍ଲୀରେ ବାରମ୍ବାର ଦେଖିବାକୁ ମିଳୁଛି। ଏହା ଓଡ଼ିଶା ଓ ପଶ୍ଚିମବଙ୍ଗରେ ସୀମିତ ନୁହେଁ, ସମଗ୍ର ଦେଶରେ ଏଭଳି ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଉଛି। ଅନେକ ସମୟରେ ପରିବାରର ରୋଜଗାର କରୁଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ଅନ୍ୟ ସଦସ୍ୟମାନେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାର ଯତ୍ନ ନେବା ପରିବର୍ତ୍ତେ କାର୍ଯ୍ୟ କରିଚାଲନ୍ତୁ ବୋଲି କହନ୍ତି। ଅନ୍ୟତ୍ର ଦେଖାଯାଏ, ଦେହ ଖରାପ ହେଲେ ଗୁଣିଗାରେଡ଼ି ଓ ଟୁଟୁକା ଚିକିତ୍ସାରେ ଲୋକମାନେ ସମୟ କାଟନ୍ତି। ଦେହ ଅତି ବିଗିଡ଼ିବା ପରେ ଡାକ୍ତରଙ୍କ ପାଖକୁ ଯାଆନ୍ତି। ସେତେବେଳକୁ ରୋଗୀ ଦରମଲା ହୋଇଯାଇଥାଏ। ଡାକ୍ତର ଦୟାକଲେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଏ। ରୋଗୀ ମରିଗଲେ ଡାକ୍ତରଙ୍କୁ ପିଟ। ଏହା ଗୋଟିଏ ପଟର ଛବି।

ଅନ୍ୟପଟେ ରହିଲା କର୍ପୋରେଟ୍ ହସ୍ପିଟାଲ। ଅଯଥାରେ ରୋଗୀକୁ ବିଭିନ୍ନ ପରୀକ୍ଷା କରିବାକୁ ପରାମର୍ଶ ଦେଇ ଡାକ୍ତରାଣୀ ଓ ଡାକ୍ତରମାନେ ଅତ୍ୟଧିକ ଅର୍ଥ ଲୁଟିବାର ମନ୍ଦ କାର୍ଯ୍ୟରେ ସ୍ୱଇଚ୍ଛାରେ ସହଯୋଗ କରନ୍ତି। ସବୁ ଜାଣିଶୁଣି ଏବଂ ପ୍ରତ୍ୟେକ ଡାକ୍ତରୀ ପରୀକ୍ଷାର ଅର୍ଥରୁ କମିଶନ ନେଉଥିବା ଚିକିତ୍ସକ ସେହି ପେସାକୁ ବଦନାମ କରିସାରିଲେଣି। ଏବେକା ପରିସ୍ଥିତିରେ ସରକାରୀ ଡାକ୍ତର ମଧ୍ୟ ସରକାରୀ ହସ୍ପିଟାଲରେ ଚିକିତ୍ସା ପରିବର୍ତ୍ତେ ଘରୋଇ କ୍ଲିନିକ୍‌କୁ ଯିବା ପାଇଁ ରୋଗୀଙ୍କୁ ପରାମର୍ଶ ଦେଉଛନ୍ତି। ଏହାଦ୍ୱାରା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପ୍ରବଳ ସନ୍ଦେହ ସୃଷ୍ଟି ହେଉଥିବା ସତ୍ତ୍ୱେ ବାଧ୍ୟ ହୋଇ ଡାକ୍ତରଙ୍କ କଥା ମାନୁଛନ୍ତି।

ଏହା ସ୍ୱୀକାର କରିବାକୁ ହେବ ଯେ, ଡାକ୍ତରମାନେ ଏବେ ଏକ ସାମାଜିକ ସମସ୍ୟା ସୃଷ୍ଟି କରିଦେଲେଣି। ଲୋଭ ହେଉଛି ମଣିଷର ସ୍ୱାଭାବିକ ଚରିତ୍ର। ଲୋଭ ପୋଷଣ କରିବାରେ କେହି ବାଧା ଦେଇପାରିବେ ନାହିଁ। କିନ୍ତୁ ଅତ୍ୟଧିକ ଲୋଭ ମାରାତ୍ମକ ପାଲଟୁଛି। ଏବେ ବିଭିନ୍ନ କ୍ଷେତ୍ରରେ, ରାଜନେତାଙ୍କଠାରୁ ଡାକ୍ତରଙ୍କ ପର୍ଯ୍ୟନ୍ତ ବେଶି ଲୋଭ ଜାଗ୍ରତ ହେଉଥିବାର ଦେଖାଯାଉଛି। ସମସ୍ୟା ଆହୁରି ଅନେକ ଅଛି, ମାତ୍ର ସବୁ ବିଷୟକୁ ଏଠାରେ ଆଲୋଚନା କରିବା ଅସମ୍ଭବ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମାନସିକତାକୁ ବୁଝିବା ଏବେ କଷ୍ଟକର ହୋଇପଡ଼ିଲାଣି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ତାଙ୍କର ପ୍ରତ୍ୟେକଟି କାର୍ଯ୍ୟ ଅସ୍ଥିର ମାନସିକତାର ପରିଚୟ ଦେଉଛି। କୋଲକାତାରେ ହସ୍ପିଟାଲର ଡାକ୍ତରଙ୍କୁ ମାଡ଼ ମରାଯିବା ପରେ ମମତା ସେଠାକୁ ଯାଇ ସମସ୍ୟାର ସମାଧାନ କରିବେ ବୋଲି ଆଶା କରାଯାଉଥିଲା। ଆକ୍ରମଣର ଶିକାର ହୋଇଥିବା ଇଣ୍ଟର୍ନ ଡାକ୍ତରମାନଙ୍କୁ ଭେଟି ଆକ୍ରମଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇପାରିଥାଆନ୍ତେ। କୋଲକାତାର ପୂର୍ବତନ ପୋଲିସ କମିଶନରଙ୍କ ବିରୋଧରେ ସିବିଆଇର ତଦନ୍ତକୁ ବିରୋଧ କରି ମମତା ଯେଉଁଭଳି ଧାରଣା ଦେଇଥିଲେ, ସେହିଭଳି ଧାରଣା ଡାକ୍ତରଙ୍କ ସପକ୍ଷରେ ଦେଇପାରିଥାଆନ୍ତେ। ଏପରିକି ବର୍ତ୍ତମାନର ପୋଲିସ କମିଶନରଙ୍କୁ ଡକାଇ ଅତିଶୀଘ୍ର ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି ସର୍ବସମ୍ମୁଖରେ ନିର୍ଦ୍ଦେଶ ଦେଇ ଏକ ଡ୍ରାମା ରଚାଇ ପାରିଥାଆନ୍ତେ। ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, ଭାରତରେ କେବଳ ନାଟକ ରଚି ପାରୁଥିବା ରାଜନେତା ସଫଳତାର ଶୀର୍ଷରେ ପହଞ୍ଚିପାରନ୍ତି। ବିଚାର ବିଭାଗ ତଦନ୍ତ, ଆଇନ ତା' ବାଟରେ ଯିବ ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଆଦି ବାକ୍ୟ ଉଚ୍ଚାରଣ କଲେ ଆନ୍ଦୋଳନ ଥମିବା ସହିତ ସମସ୍ତେ ଜାଣନ୍ତି ଯେ, ମିଛୁଆ ଠକି ପଳାଇଲା। ତଥାପି ଲକ୍ଷ୍ୟ ସିଦ୍ଧ ହୋଇଥାଏ। ଭାରତୀୟଙ୍କୁ ଯିଏ ଠକି ନ ଜାଣେ, ସେଭଳି ବ୍ୟକ୍ତି ବେଶିଦିନ ତିଷ୍ଠିବା ସମ୍ଭବପର ନୁହେଁ। ମମତା ଯେମିତି 'ଜୟ ଶ୍ରୀରାମ' ଶୁଣି ଡେଉଁଛନ୍ତି, ତାହାଦ୍ୱାରା ସେ ନିଜର କ୍ଷତି କରୁଛନ୍ତି। ନୀରବ ରହି ପ୍ରଶାସନିକ ସ୍ଥିତିକୁ ସମ୍ଭାଳି ପାରିଲେ ଆମ ଦେଶର ଜନସାଧାରଣଙ୍କୁ ନାଟକୀୟ ଢଙ୍ଗରେ ଠକିବା ସହଜ ହୋଇଥାଏ। ତେବେ ବର୍ତ୍ତମାନର ପରିସ୍ଥିତି ଦେଖିଲେ ଡାକ୍ତରଙ୍କୁ ସୁରକ୍ଷା ଯୋଗାଇବା ପ୍ରତ୍ୟେକ ରାଜ୍ୟ ସରକାରଙ୍କ ପ୍ରାଥମିକ କାର୍ଯ୍ୟ ହେବା ଉଚିତ। ସବୁ ଡାକ୍ତର ପଇସାଖୋର ଓ କାର୍ଯ୍ୟରେ ଅବହେଳା କରନ୍ତି ଭାବିବା ଠିକ୍ ନୁହେଁ। ରୋଗୀଙ୍କ ସମ୍ପର୍କୀୟମାନେ ସାଧାରଣ କଥାରେ ଡାକ୍ତରଙ୍କୁ ପିଟିବା ଦ୍ୱାରା ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଛି। ତେଣୁ ଏକ ସୁସ୍ଥ ସ୍ୱାସ୍ଥ୍ୟଗତ ବାତାବରଣ ସୃଷ୍ଟି କରିବାକୁ ହେଲେ ଡାକ୍ତରଙ୍କୁ ମାଡ଼ ମାରିବା ଆଦୌ ଉଚିତ ନୁହେଁ।

# କୋଚିଂ ସେଣ୍ଟର ଉପରେ ସରକାରଙ୍କ ଲଗାମ ରହୁ



ସୁଧୀର କୁମାର ନାୟକ

ଗୁଜରାଟ ସୁରଟ ଜିଲା ଅନ୍ତର୍ଗତ ସଦର ଥାନା ଅଞ୍ଚଳରେ ଚାଲୁଥିବା ଏକ ଘରୋଇ କୋଚିଂ ସେଣ୍ଟରରେ ଯେଉଁ ଅଗ୍ନିକାଣ୍ଡ ଘଟିଯାଇଛି ତାହା ଅତ୍ୟନ୍ତ ହୃଦୟବିଦାରକ। ସୁରଟର ତକ୍ଷଶୀଳା କମ୍ପ୍ଲେକ୍ସର ଚତୁର୍ଥ ମହଲାରେ ଚାଲୁଥିବା ଏହି ଘରୋଇ କୋଚିଂ ସେଣ୍ଟରଟିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୧୯ ଜଣ ଛାତ୍ରଙ୍କର ଶୋଚନୀୟ ମୃତ୍ୟୁ ହୋଇଛି। ସବୁଠାରୁ ଦୁଃଖଦ ଦୃଶ୍ୟଥିଲା ଛାତ୍ରମାନେ ପ୍ରାଣ ବିକଳରେ ତିନି ଚାରି ମହଲା ଉପରୁ ଡେଇଁପଡିବା ଏବଂ ଆଉ କିଛି ନିଆଁରେ ଜୀବନ୍ତ ଦଗ୍ଧ ହୋଇଯିବା। ଆମ ଶାସନ ବ୍ୟବସ୍ଥା ଏହିପରି ଯେ କିଛି ଗୋଟେ ଅଘଟଣ ଘଟିବା ପରେ ବିଭାଗୀୟ ଅଧିକାରୀ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଦିଅନ୍ତି। ପୁଣି ଦିନ କେତେଟା ଗଡିଗଲେ ସବୁକିଛି ସ୍ଥାଣୁ ହୋଇଯାଏ। ଅନେକ ସମୟରେ ଦେଶରେ ବଡ଼ ବଡ଼ ଅଗ୍ନିକାଣ୍ଡ ଘଟୁଛି। ଡାକ୍ତରଖାନା, ସପିଂମଲ୍, ହୋଟେଲ, ଆପାର୍ଟମେଣ୍ଟଗୁଡିକରେ ବିଶେଷକରି ଗ୍ରୀଷ୍ମ ଦିନରେ ଅଗ୍ନିକାଣ୍ଡ ଅଧିକ ଘଟୁଛି। ଏହାସତ୍ତ୍ୱେ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପ୍ରଶାସନ ଯେତିକି ସୁରକ୍ଷା ବାବଦରେ ପଦକ୍ଷେପ ନେବାକଥା ତାହା ନେଉନାହାନ୍ତି। ନିୟମ ଅନୁସାରେ ବହୁତଳ କୋଠାଘରଗୁଡିକରେ ଅଗ୍ନି ନିର୍ବାପନ ବ୍ୟବସ୍ଥା ରହିବା ବାଧ୍ୟତାମୂଳକ। କିଛି ଅନୁଷ୍ଠାନ କେବଳ ଆଇନକୁ ଆଖିଠାର ମାରିବା ପରି ସେମାନଙ୍କ ପ୍ରକୋଷ୍ଠଗୁଡିକରେ ନାମକୁ ମାତ୍ର ଅଗ୍ନି ନିର୍ବାପନ ସିଲିଣ୍ଡର ରଖିଥାନ୍ତି। କିନ୍ତୁ ଦୁର୍ଘଟଣା ସମୟରେ ପ୍ରଶିକ୍ଷଣପ୍ରାପ୍ତ କର୍ମଚାରୀ ନ ଥିବାରୁ ତା'ର ବ୍ୟବହାର ହୋଇପାରେ ନାହିଁ।

ଆଜିକାଲି ଯେଉଁ ଭଡ଼ାଘରଗୁଡିକରେ କୋଚିଂ ସେଣ୍ଟର, ଆବାସିକ କଲେଜ୍, ହଷ୍ଟେଲ ଆଦି ଚାଲୁଛି ସେଗୁଡ଼ିକ ପ୍ରାୟ ଅସୁରକ୍ଷିତ ଏବଂ ଅଗ୍ନି ନିର୍ବାପନ ବ୍ୟବସ୍ଥା ନାହିଁ। କୋଠାଘରଗୁଡ଼ିକରେ ରହୁଥିବା ଛାତ୍ରୀଛାତ୍ର ସଂଖ୍ୟା ଅନୁସାରେ ପ୍ରଶସ୍ତ ଶିଡି ରହୁନାହିଁ। ଶିଡିର ସଂକୀର୍ଣ୍ଣତା ଯୋଗୁ କିଛି ଗୋଟେ ଅଘଟଣ ଘଟିଗଲେ ଉପର ମହଲାରେ ଥିବା ଲୋକମାନେ ତଳକୁ ସୁରକ୍ଷିତ ଭାବେ ଓହ୍ଲାଇ ପାରୁନାହାନ୍ତି। ପ୍ରାୟ ଆଧୁନିକ ଗୃହ ଡିଜାଇନ୍‌ରେ ଝରକା ରହୁନାହିଁ। ଗ୍ରୀଷ୍ମଋତୁରେ ସବୁବେଳେ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟରରେ ଶୀତତାପ ନିୟନ୍ତ୍ରିତ ମେସିନ୍ ଚାଲୁଛି। ଏହାଦ୍ୱାରା ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିବାର ଆଶଙ୍କା ଅଧିକ। ଆଧୁନିକ ବିଲ୍ଡିଂ ଡିଜାଇନ୍ ଯେତେ ଆକର୍ଷଣୀୟ ହେଲେ ମଧ୍ୟ ବିପଦମୁକ୍ତ ନୁହେଁ।

ବର୍ତ୍ତମାନ ଦେଶରେ ଛତୁଫୁଟିଲା ପରି ଗାଁ, କୋଚିଂ ସେଣ୍ଟର, ଆବାସିକ ବିଦ୍ୟାଳୟ, ମହାବିଦ୍ୟାଳୟ ଗଢ଼ିଉଠୁଛି। ଦେଶର ଉତ୍କଟ ବେକାରି ସମସ୍ୟା ଥିଲେ ବି ଉଚ୍ଚଶିକ୍ଷା ଲାଗି ଭଲ କ୍ୟାରିୟର ଗଠନ ପାଇଁ ବିଦ୍ୟାର୍ଥୀମାନଙ୍କ ସଂଖ୍ୟା ବଢ଼ିଚାଲିଛି। ତେବେ କୋଚିଂ ସେଣ୍ଟରଗୁଡ଼ିକର ଗୁରୁତ୍ୱ ବଢ଼ିବାର ପ୍ରମୁଖ କାରଣଗୁଡ଼ିକ ବିଷୟରେ ଆଲୋଚନା କରାଯାଇପାରେ।

ଦେଶର ଅଧିକାଂଶ ସରକାରୀ ଶିକ୍ଷାନୁଷ୍ଠାନରେ ଆଗପରି ପାଠପଢ଼ା ହେଉନାହିଁ। ଦେଶର ବହୁ ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ଶିକ୍ଷକ, ଅଧ୍ୟାପକ, ପ୍ରଫେସର୍‌ମାନଙ୍କ ଖାଲିସ୍ଥାନ ବର୍ଷ ବର୍ଷ ଧରି ଅପୂରଣୀୟ ରହୁଛି, ଯଦ୍ଦ୍ୱାରା ବାର୍ଷିକ ପାଠ୍ୟଖସଡା ଅନୁଯାୟୀ ପୁସ୍ତକ ବିଷୟଗୁଡ଼ିକ ସମ୍ପୂର୍ଣ୍ଣ ପଢ଼ାଯାଉନାହିଁ। ଛାତ୍ରୀଛାତ୍ରମାନେ ବ୍ୟକ୍ତିଗତ ଫିସ୍ ଦେଇ ବିଭିନ୍ନ କୋଚିଂ ସେଣ୍ଟରରେ ପଢ଼ିଥାଆନ୍ତି। ହେଲେ କୋଚିଂ ସେଣ୍ଟରରେ ପାଠ ପଢ଼ାଇବା ପାଇଁ ସବୁ ଅଭିଭାବକ ଆର୍ଥିକ ସକ୍ଷମ ନୁହନ୍ତି। ବହୁ ମେଧାବୀ ପିଲା ସରକାରୀ କଲେଜଗୁଡ଼ିକରେ ପାଠ ପଢ଼ି ମଧ୍ୟ ଭଲ ଫଳ ପାଇବାରୁ ବଞ୍ଚିତ ହୁଅନ୍ତି। ଓଡ଼ିଶାରେ କେବଳ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୨୦୧୮ ଡିସେମ୍ବର ସୁଦ୍ଧା ୭୬୦ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଉଚ୍ଚଶିକ୍ଷା ଅଧୀନରେ ଥିବା ୧୧ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ କେବଳ ରେଭେନ୍ସାରେ ୧୭୦ଟି ଅଧ୍ୟାପକ ପଦବୀ ଖାଲିପଡ଼ିଛି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟରେ ୯୯, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୬୭, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୪୬, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ୧୨ଟି ପଦବୀ ଖାଲିପଡ଼ିଛି। ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକମାନଙ୍କ ପ୍ରତିବର୍ଷ ଆନ୍ଦୋଳନ ଚାଲୁଛି। ଏପରିକି ମାସ ମାସ ଧରି ସ୍କୁଲ୍, କଲେଜ ବନ୍ଦ ରହିବା ଯୋଗୁ ପିଲାମାନଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଉଛି। ଏ କ୍ଷେତ୍ରରେ ଅଭିଭାବକମାନେ ବାଧ୍ୟହୋଇ ପଇସା ଖର୍ଚ୍ଚ କରି କୋଚିଂ ସେଣ୍ଟରଗୁଡ଼ିକରେ ପିଲାଙ୍କୁ ପଢ଼ାଉଛନ୍ତି।

କୋଚିଂ ସେଣ୍ଟରଗୁଡ଼ିକ ଉପରେ ସରକାରଙ୍କ କୌଣସି ଲଗାମ ରହୁନାହିଁ। ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଜିଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ତଥା ଜିଲା ପ୍ରଶାସନଙ୍କ ପାଖରେ ସେମାନଙ୍କ ଅଞ୍ଚଳରେ ଚାଲୁଥିବା ଏହିସବୁ ବେସରକାରୀ କୋଚିଂ ସେଣ୍ଟର ତଥ୍ୟ ରହୁନାହିଁ। କୋଚିଂ ସେଣ୍ଟର ମାଲିକମାନେ ମନଇଚ୍ଛା ଅଭିଭାବକଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି। ହେଲେ କେଉଁ ବାବଦରେ କେତେ ଖର୍ଚ୍ଚ କରାଯାଉଛି ତଥା ଆୟ ବ୍ୟୟ ହିସାବ ପାଇଁ ସରକାରୀ ନିର୍ଦ୍ଦେଶରେ ତାହାର ସମୀକ୍ଷା କରାଯାଉନାହିଁ। ଫଳରେ ବଡ଼ ବଡ଼ କୋଚିଂ ସେଣ୍ଟର ମାଲିକମାନେ ନିଜ ଆୟ ଅନୁସାରେ ଟ୍ୟାକ୍ସ ପୈଠ କରୁନାହାନ୍ତି। ଆଜିକାଲି ଅଭିଭାବକମାନେ ଏପରି କୋଚିଂ ସେଣ୍ଟରମୁହାଁ ହୋଇଗଲେଣି ଯେ, କେବଳ ପାଠପଢ଼ାଟିକୁ ଗୁରୁତ୍ୱଦେଇ ତାଙ୍କ ପିଲାମାନଙ୍କର ଅନ୍ୟାନ୍ୟ ମୌଳିକ ସମସ୍ୟା ଉପରେ ଧ୍ୟାନ ଦେଉନାହାନ୍ତି। ଆବାସିକ କୋଚିଂ ସେଣ୍ଟରଗୁଡ଼ିକରେ ଛାତ୍ରୀଛାତ୍ର ନାନାଦି ମାନସିକ ନିର୍ଯ୍ୟାତନାରେ ପୀଡ଼ିତ ହେଉଛନ୍ତି। ଭୁବନେଶ୍ୱରରେ କେତେକ କୋଚିଂ ସେଣ୍ଟରରେ ପଢୁଥିବା ଛାତ୍ରୀଛାତ୍ର ଗତବର୍ଷ ବୋର୍ଡ ଏବଂ +୨ ପରୀକ୍ଷା ଦେବା ପାଇଁ ସ୍ୱୀକୃତି ପାଇ ନ ଥିଲେ। ୨୮ଜଣ ଛାତ୍ରୀଛାତ୍ରଙ୍କର କ୍ଲାସ୍‌ରୁମ୍ ଉପସ୍ଥାନ ୬୦%ରୁ କମ୍ ଥିବାରୁ ନିୟମ ଅନୁସାରେ କଲେଜ ଏବଂ ବିଦ୍ୟାଳୟ ସେମାନଙ୍କୁ ପରୀକ୍ଷା ଦେବାକୁ ଅନୁମତି ଦେଇ ନ ଥିଲା। ପରବର୍ତ୍ତୀ ସମୟରେ ଜଣାଗଲା ଯେ ଏହି ଛାତ୍ରୀଛାତ୍ର ଯେଉଁ କୋଚିଂ ସେଣ୍ଟରରେ ପାଠ ପଢୁଥିଲେ ସେଠାରେ ସେମାନଙ୍କୁ କୋଚିଂ ସେଣ୍ଟର ମାଲିକମାନେ କଲେଜ୍‌କୁ କ୍ଲାସ୍ କରିବା ପାଇଁ ଛାଡୁ ନ ଥିଲେ। ପୂର୍ବରୁ ଇଞ୍ଜିନିୟରିଂ, ଡାକ୍ତରୀ, ସିଭିଲ ସର୍ଭିସ୍, ବ୍ୟାଙ୍କିଙ୍ଗ୍ ଆଦି ଚାକିରି ପାଇଁ ବିଦ୍ୟାର୍ଥୀମାନେ ଦେଶରେ କିଛି କୋଚିଂ ସେଣ୍ଟରରେ ପଢୁଥିଲେ। ଆଜି ଏପରି ପରିସ୍ଥିତି ହୋଇଛି, ପିଲା ବିଦ୍ୟାଳୟ ମାଟି ମାଡୁ ମାଡୁ ଅଭିଭାବକମାନେ ଟ୍ୟୁଟୋରିଆଲ ଦ୍ୱାରରେ ପହଞ୍ଚିଲେଣି। ସାଧାରଣ କନଷ୍ଟେବଲ, ଗ୍ୟାଙ୍ଗମ୍ୟାନ୍, ଗ୍ରୁପ୍ ଡି, ଚତୁର୍ଥଶ୍ରେଣୀ ପୋଷ୍ଟଗୁଡ଼ିକ ପାଇଁ ମଧ୍ୟ କୋଚିଂ ସେଣ୍ଟର ଖୋଲାଯାଇ ଶିକ୍ଷା ଦିଆଯାଉଛି। ରାଜସ୍ଥାନର କୋଟା କୋଚିଂ ସେଣ୍ଟର ବେଶ୍ ଜଣାଶୁଣା। ପ୍ରଫେଶନାଲ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକରେ ଏଠାରେ ପଢୁଥିବା ବିଦ୍ୟାର୍ଥୀମାନଙ୍କ ଉତ୍ତୀର୍ଣ୍ଣ ହାର ଅଧିକ। ହେଲେ ଗତ କିଛିବର୍ଷ ଧରି ଏଠାକାର କିଛି ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ଘଟଣା ବୁଦ୍ଧିଜୀବୀ ଓ ଅଭିଭାବକଙ୍କୁ ଚକିତ କରିଛି। ୨୦୧୩ରୁ ୨୦୧୭ ମସିହା ମଧ୍ୟରେ ୫୮ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବାର କୋଟା ଜିଲା ପ୍ରଶାସନ ତରଫରୁ ସୂଚନା ମିଳିଛି। କେବଳ ୨୦୧୮ରେ ୧୯ଜଣ ଛାତ୍ର ଆତ୍ମହତ୍ୟା କରିଥିବାର ଦୁଃଖଦ ଖବର ହସ୍ତଗତ ହୋଇଛି। ଅତ୍ୟଧିକ ମାନସିକ ଚାପ, ପାଠପଢ଼ାର ବୋଝ, କ୍ୟାରିୟରରେ ବିଫଳତା, ପ୍ରେମରେ ବିଫଳତା, ନିଃସଙ୍ଗତା ପାଇଁ ଆତ୍ମହତ୍ୟା ବଢୁଥିବାର ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ ତଥ୍ୟ ଦେଇଛି। ଏହା କେବଳ ରାଜସ୍ଥାନର କୋଟାରେ ଘଟୁନାହିଁ ଅଧିକାଂଶ କୋଚିଂ ସେଣ୍ଟରରେ ବିଦ୍ୟାର୍ଥୀମାନଙ୍କର ସଫଳତା ପାଇଁ କ୍ଷମତା ବହିର୍ଭୂତ ପାଠ ବୋଝ ଲଦି ଦିଆଯାଉଛି। ଅନ୍ୟ ଏକ ବିଷୟ ହେଉଛି ଅଧିକାଂଶ ଅଭିଭାବକ ପିଲାଙ୍କ ଦକ୍ଷତା ବାହାରେ ଲକ୍ଷ୍ୟ ସାଧନ ପାଇଁ ବାଧ୍ୟ କରିଥାନ୍ତି। ଫଳରେ ବିଦ୍ୟାର୍ଥୀମାନେ ମାନସିକ ଭାରସାମ୍ୟ ହରାଇ ଏପରି ଚରମ ପଦକ୍ଷେପ ନେଉଛନ୍ତି।

ତେବେ ଶେଷରେ ଏତିକି କୁହାଯାଇପାରେ ଯେ କୋଚିଂ ସେଣ୍ଟରର ଆବଶ୍ୟକତା ଥିଲେ ବି ଏହାର ଶୃଙ୍ଖଳିତ ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ କରାଯିବାର ଆବଶ୍ୟକତା ରହିଛି।। କେବଳ ପାଠପଢ଼ା ନୁହେଁ, ପିଲାମାନଙ୍କ ସୁରକ୍ଷା ପାଇଁ ପରିଚାଳନା କମିଟି ଗୁରୁତ୍ୱ ଦିଅନ୍ତୁ। ବିଦ୍ୟାର୍ଥୀମାନଙ୍କୁ ମାନସିକ ଚାପରୁ ମୁକ୍ତ କରନ୍ତୁ। ଆପାତତଃ ପ୍ରତ୍ୟେକ ମାସରେ ଥରେ ଅଭିଭାବକମାନଙ୍କ ସହ ବୈଠକ ଡାକି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରନ୍ତୁ। ବହୁତଳ ପ୍ରାସାଦଗୁଡ଼ିକରେ ଚାଲୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଅଗ୍ନିନିର୍ବାପନ ବ୍ୟବସ୍ଥା ରଖନ୍ତୁ।

ଧାମନଗର, ଭଦ୍ରକ, ମୋ.– ୯୯୩୮୦୮୦୨୯୪

# ପାତିବା ନାହିଁ ହାତ



ଶ୍ରୀ ସନ୍ନ୍ୟାସୀ

ଚାରିଆଡ଼େ ମରୁଡ଼ି। ସବୁଠି ହା ଅନ୍ନ ଚିତ୍କାର। ଗାଁଟିର ନାଁ ହେଉଛି ସିରେଇ। ସେଇଠି ଖୋଲା ହୋଇଛି ରିଲିଫ୍ କେନ୍ଦ୍ର। ଦାସେ ଆପଣେ ନିଜେ ଉପସ୍ଥିତ ରହି ଚୁଡା ଚାଉଳ ବାଣ୍ଟୁଛନ୍ତି। ଅନ୍ୟ ଗାଁର ଯୁବକ ବେଣୁଧର; ଏକଦା ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର ଥିଲା ସେ। ମରୁଡ଼ିର ପ୍ରକୋପରେ ତା' ପରିବାର ବି ବାଦ୍ ଯାଇନି। ବେଣୁଧର ଗଲା ଦୁଇଦିନ ହେଲା ରିଲିଫ୍ କେନ୍ଦ୍ରକୁ ଯାଉଛି। କିଛି ଦୂରରେ ବସୁଛି। ଭାବ ରାଇଜରେ ତୀବ୍ର ଆଲୋଡ଼ନ। ମନ ଆଉ ବିବେକ ମଧ୍ୟରେ ସଂଘାତ। ଶେଷକୁ ଖାଲି ହାତରେ ଫେରୁଛି।

ତୃତୀୟ ଦିନ ନଜର ପଡିଗଲା ଦାସେ ଆପଣେଙ୍କର। ପଚାରିଲେ କ'ଣ ରିଲିଫ୍ ନେଲଣି? ଉତ୍ତର– ନା। ନେବ? ନା। ଆପଣଙ୍କ ଘରେ ବୋଧହୁଏ ଖାଇବାକୁ ଅଛି? ନା, କିଛି ବି ନାହିଁ। ତିନିଦିନ ହେଲା ପୂରା ପରିବାର ଉପାସ। ଦାସେ ବିସ୍ମିତ ହେଲେ, ପଚାରିଲେ– ତେବେ କ'ଣ ପାଇଁ ରିଲିଫ୍ ନେବ ନାହିଁ ଭାଇ?

ଦାସେ ଆପଣେଙ୍କ ଗୋଡ଼ତଳେ ପଡିଯାଇ ବେଣୁଧର କଇଁକଇଁ ହୋଇ କାନ୍ଦି ଉଠି କହିଲା– ବନବିଦ୍ୟାଳୟର ଦୈନିକ ପ୍ରାର୍ଥନାରେ ଆପଣ ପରା ଆମକୁ ଶିଖାଇଥିଲେ–''ଜୀବନ ଥିଲେ ଭାଇ ପାତିବା ନାହିଁ ହାତ। ମଣିଷ ପରି ମଣିଷ ହୋଇବା ତ?'' ଅଶ୍ରୁବିଗଳିତ ନୟନରେ ଉତ୍କଳମଣି ସେଦିନ ବେଣୁଧରକୁ ଛାତିରେ କୁଣ୍ଢାଇ ଧରି ଭାବୁଥିଲେ– ହଁ, ଏ ଜାତି ଏବେ ମଧ୍ୟ ବଞ୍ଚିଛି।

ଏକଦା ପଣ୍ଡିତ ଗୋଦାବରୀଶ ମହାପାତ୍ରଙ୍କ ଲିଖିତ 'ଏବେ ମଧ୍ୟ ବଞ୍ଚିଛି' ଲେଖାଟିର ପ୍ରାସଙ୍ଗିକତା ଏବେ ମଧ୍ୟ ରହିଛି। ମାଗଣା ଛତା, ଜୋତା, କମ୍ବଳ, ଆହାର, ଲାପ୍‌ଟପ୍, ଟଙ୍କିକିଆ ଚାଉଳ, ହରିଶ୍ଚନ୍ଦ୍ର, କାଳିଆ ଆଉ ପିଠା ଭଳି ଯୋଜନା ମଧ୍ୟରେ ବେଣୁଧରକୁ ଖୋଜା ଚାଲିଛି। ହେଲେ ବେଣୁଧରର ପତ୍ତା ମିଳୁନି। ଦିନେ ଯେଉଁ ଜାତିର ବିଜୟ ବୈଜୟନ୍ତୀରେ ପ୍ରଲୁବ୍ଧ ହେଉଥିଲା ଅବଶିଷ୍ଟ ବିଶ୍ୱ, ଯେଉଁ ଜାତିର ଇତିହାସରେ ଥିଲା ବୀରତ୍ୱର ଗାଥା, ଯେଉଁ ସଭ୍ୟତାରେ ନିନାଦିତ ହେଉଥିଲା ଉଚ୍ଚାଙ୍ଗ ସଂସ୍କୃତିର ସ୍ୱର, ସେଇ ଜାତିଟା ଏତେ ଶୀଘ୍ର କାଙ୍ଗାଳ ହୋଇଗଲା କେମିତି? କେମିତି ବଦଳିଗଲା ତା'ର ଚର୍ଚ୍ଚିତ ଚରିତ୍ର? ମହନୀୟ ମାନସିକତାରେ ଘୁଣ ଲାଗିଗଲା କେବେଠୁ? କେଉଁମାନେ ତା'ର ଏପରି ଦଶା ପାଇଁ ଦାୟୀ? ଏହା ଆଜି କୋଟିଏ ଟଙ୍କାର ପ୍ରଶ୍ନବାଚୀ ସୃଷ୍ଟି କରୁଛି ମନରେ।

ସେଦିନ ବାସ୍ତବରେ ମରୁଡ଼ି ପଡିଥିଲା। ଚାରିଆଡେ ମାଳମାଳ କଙ୍କାଳପ୍ରାୟ ମଣିଷମାନଙ୍କ କ୍ଷୁଧାର୍ଜର୍ଜରିତ ମୁହଁ ଦେଖାଯାଉଥିଲା। ଏହା ସତ୍ତ୍ୱେ ଏ ଜାତିର ଅସ୍ମିତା ଟିକକ ବଞ୍ଚି ରହିଥିଲା। ଏପରି କି ନ'ଅଙ୍କ ଦୁର୍ଭିକ୍ଷ, ଯେତେବେଳେ ବିନା ଖାଦ୍ୟରେ ଲୋକେ ପୋକମାଛି ପରି ମରୁଥିଲେ, ସେତେବେଳେ ବି ଏ ଜାତିର ସ୍ୱାଭିମାନ ଥିଲା। ରିଲିଫ୍ କେନ୍ଦ୍ରକୁ 'ଛତର'ର ଆଖ୍ୟା ଦେଇ ସେଠାରେ ଖାଉଥିବା ବା ସାହାଯ୍ୟ ପାଇଁ ପହଞ୍ଚୁଥିବା ଲୋକମାନଙ୍କୁ ସମାଜ 'ଛତରଖିଆ' ବା 'ଛତରା' ଉପାଧିରେ ଭୂଷିତ କରୁଥିଲା। ତେବେ ସେଇ ଜାତିର ଦାୟାଦ ଏତେ ଶୀଘ୍ର ଦୁର୍ବଳ ଓ ହୀନମନା ହୋଇଗଲେ କେମିତି?

ବର୍ତ୍ତମାନ ଚାରିଆଡ଼େ ମାଗଣାଖିଆଙ୍କ ଭିଡ଼। ଏ ଭିଡ଼ ଦିନକୁ ଦିନ ବଢ଼ିଚାଲିଛି ଆଉ ବଢ଼ିବ ବୋଲି ଜଳ ଜଳ ହୋଇ ଦେଖାଯାଉଛି। କାରଣ ଏହା ପାଲଟିଛି ସରକାରଙ୍କ ଲୋକପ୍ରିୟତାର ମାପକାଠି ଏବଂ ଶାସନଗାଦିକୁ ଅକ୍ତିଆର କରିବା ପାଇଁ ବିରୋଧୀଙ୍କ ଅମୋଘ ଅସ୍ତ୍ର। ଖାସ୍ ଏଇଥିପାଇଁ ସରକାର ଯଦି ଚାଷୀମାନଙ୍କୁ ପାଞ୍ଚ ପାଞ୍ଚ ହଜାର ଟଙ୍କା ଦେଲେଣି, ସେପଟେ ଅନ୍ୟ ଦଳ କହୁଛନ୍ତି– ଆମେ ଋଣ ଛାଡ଼ କରିଦେବୁ, ଆହାର କେନ୍ଦ୍ର ଦିନ, ରାତି ଏପରି କି ସକାଳେ ବି ଖୋଲିବୁ। ଦରକାର ପଡିଲେ ଘରେ ନେଇ ଖାଇବା ପହଞ୍ଚାଇ ଦେବୁ। ଆମକୁ ଖାଲି ଗାଦିରେ ବସାଅ।

ବର୍ତ୍ତମାନ ସମୟରେ ବେଣୁଧରମାନଙ୍କୁ ଖୋଜି ପାଇବା ଅସମ୍ଭବ ହୋଇଗଲାଣି। ବେଣୁଧରମାନେ ଯେ ନାହାନ୍ତି, ସେ କଥା ନୁହେଁ, କିନ୍ତୁ ଅସରନ୍ତି ମାଗଣା ଉପହାରଗୁଡ଼ିକର ଆଖିଝଲସା ଔଜ୍ଜ୍ୱଲ୍ୟରେ ଏମାନଙ୍କର ଅଭାବୀ ମନ ବିବେକର ଶତ ତାଡ଼ନା ସତ୍ତ୍ୱେ ନିଜ ଅଜାଣତରେ ପ୍ରଲୁବ୍ଧ ହୋଇଯାଉଛି। ଏବେ ବେଣୁଧରର ଆଖି ସାମ୍ନାରେ ଯେତେବେଳେ ତିନିତାଲା କୋଠା ଥିବା ଲୋକଟି ଆବାସ ନେଇ ଯାଉଛି, ଲକ୍ଷପତି ଲୋକଟା ବାର୍ଦ୍ଧକ୍ୟ ଭତ୍ତା ପାଇଁ ଧାଡିରେ ଠିଆହୋଇ 'ମୋତେ ଟିକେ ଶୀଘ୍ର ଦେଇଦିଅ' ବୋଲି ଆକୁଳ ପ୍ରାର୍ଥନା କରିପାରୁଛି, କାର୍ ଚଢୁଥିବା ଫଗୁ ଦାସ ଟଙ୍କିକିଆ ଚାଉଳ ପାଇଁ କେନ୍ଦ୍ରରେ ହାଜିରା ପକାଇ ପାରୁଛି, ସେତେବେଳେ ଅଭାବୀ ବେଣୁଧର ଭାବୁଛି– ମୁଁ ଏମାନଙ୍କ ଭିତରେ ସାମିଲ ନ ହେଲେ ମୋତେ କୋଉ ରାଷ୍ଟ୍ରପତି ପୁରସ୍କାରଟାଏ ମିଳିଯିବ ଯେ? ଥିଲାବାଲା ଲୋକେ ଯେତେବେଳ 'ମାଗନ୍ତା' ତାଲିକାରେ ନାଁ ଦରଜ କରିବା ପାଇଁ ତତ୍ପର, ସେତେବେଳେ ମୁଁ ହାତ ପତେଇଦେଲେ, ବିବେକ ମୋତେ ବାଧା ଦେବ କିଆଁ?'

ହଜାର ହଜାର କୋଟି ଟଙ୍କା କରଜରେ ଥାଇ ବି କେବଳ ଗାଦିରକ୍ଷା ପାଇଁ ଆହୁରି ଋଣ କରାଚାଲିଛି। ଓଡ଼ିଶାର ବର୍ତ୍ତମାନ ମୁଣ୍ଡପିଛା ଋଣ ୨୩ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେଲାଣି, ତଥାପି ମାଗି ଖାଇବା ଆନନ୍ଦରେ ଆମେ ଏବେ ଉବୁଟୁବୁ। ଏତିକିବେଳେ ଶୁଣିଥିବା ଏହି ଗପଟି ହୁଏତ ଆମ ଅବକ୍ଷୟମୁଖୀ ଚେତନାକୁ ଊର୍ଦ୍ଧ୍ୱାୟିତ କରିପାରେ। ଦିନେ ମେଣ୍ଢାମାନଙ୍କର ଦଳପତି ଏକ ବୈଠକ ଡକାଇ ଉପସ୍ଥିତ ମେଣ୍ଢାମାନଙ୍କୁ କହିଲେ– ଏ ସନ ଶୀତ ଋତୁରେ ମାଲିକଙ୍କ ତରଫରୁ ତୁମ୍ଭମାନଙ୍କୁ ଗୋଟିଏ ଲେଖା କମ୍ବଳ ଉପହାର ମିଳିବ। ଘୋଷଣା ଶୁଣି ସଭିଏଁ କରତାଳି ସହ ନାଚି ଉଠିଲେ। ଅନ୍ୟ ମେଣ୍ଢାମାନଙ୍କର ଖୁସି ନାଚଗୀତକୁ ଦେଖି ଗୋଟିଏ ବୁଢ଼ା ମେଣ୍ଢା ପ୍ରଶ୍ନ କଲା– ଏତେ କମ୍ବଳ ପାଇଁ ଲୋମ ସବୁ କେଉଁଠୁ ଆସିବ?

ଏ ପ୍ରଶ୍ନରେ ସେଦିନ ବୈଠକରେ ଉପସ୍ଥିତ ଥିବା ମେଣ୍ଢାମାନଙ୍କର ଚୈତନ୍ୟ ଉଦୟ ହୋଇଥିବ କି ନାହିଁ କେଜାଣି କିନ୍ତୁ ଏହାକୁ ପଢ଼ି ବହୁଳ ପ୍ରଚାରିତ ଆମ ଓଡ଼ିଆ ମେଣ୍ଢାଙ୍କ ମଗଜ ଆଉ ଅସ୍ମିତାର ଅଭିବୃଦ୍ଧି ଘଟି ଯଦି ବେଣୁଧରମାନେ ସୃଷ୍ଟି ନ ହୁଅନ୍ତି ତେବେ ଭବିଷ୍ୟତରେ ଏ ଜାତିଟା ନିଶ୍ଚୟ ନିଜର ପରିଚୟ ହରାଇବ– ଏହା ନିଃସନ୍ଦେହ।

ଦିବ୍ୟାଲୋକ ସନ୍ଧାନେ, କଟକ,
ମୋ: ୯୪୩୮୦୫୨୬୧୧

## ଏଇ ଭାରତରେ

ଗୁଜରାଟ ଅହମଦାବଦର ମନୀଷ ସୋନୀ ନାମକ ଜଣେ ଯୁବକ ଏବେ ଖୁବ୍ ଚର୍ଚ୍ଚାରେ। କ୍ରିକେଟ ୱାର୍ଲଡ କପ୍ ଚାଲିଥିବା ସମୟରେ ସେ ସୁନାରେ ତିଆରି କରିଛନ୍ତି କ୍ରିକେଟ ବ୍ୟାଟ, ବଲ୍ ଓ ଷ୍ଟମ୍ପ। ଜଣେ କ୍ରିକେଟ ଖେଳାଳି ହେବାକୁ ପିଲାବେଳୁ ତାଙ୍କର ଇଚ୍ଛା ଥିଲା। ଏହା ଫଳବତୀ ହୋଇପାରିନାହିଁ। ଅଥଚ ସେ ଶେଷରେ ଜଣେ କ୍ରିକେଟ ପ୍ରଶଂସକ ହୋଇ ଯାଇଛନ୍ତି। ଆଉ ତାଙ୍କର ଏହି ଭଲପାଇବା ଏବେ ଦେଖିବାକୁ ମିଳିଛି ସୁନାରେ ତିଆରି କରିଥିବା କ୍ରିକେଟ ଖେଳ ସହ ସମ୍ପୃକ୍ତ ବିଭିନ୍ନ ଉପକରଣ ଗୁଡିକରେ। ପ୍ରାୟ ୧.୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ସେ ଏସବୁ ତିଆରି କରିଛନ୍ତି। ଏଥିପାଇଁ ୫୦ ଗ୍ରାମ ସୁନା ଲାଗିଛି। ସୁନାରେ ତିଆରି ହୋଇଥିବା ୱାର୍ଲଡ କପ୍ ବ୍ୟାଟ୍ ହେଉଛି ୩ ଇଞ୍ଚ, ୨ ଇଞ୍ଚର ବଲ୍ ଓ ଏକ ଇଞ୍ଚର ଷ୍ଟମ୍ପ। ଏ ସବୁକୁ ଦେଖିବାକୁ ଏବେ ମନୀଷଙ୍କ ଘରେ ଲୋକଙ୍କ ଭିଡ ଲାଗିଛି। ଆଉ ଏହାକୁ ନେଇ ସେ ବେଶ୍ ଖୁସି ଥିବା ଜଣାପଡ଼ିଛି।

## ଚିରନ୍ତନୀ

ବଦନେ ଲୁଚେ ତବ ନିଶାର ଅନ୍ଧକାରେ
ଅନ୍ତର କାନ୍ଦେ ମୋର ନିରାଟ ହାହାକାରେ।
ଯାଏଁ ମୁଁ ଅପସରି
ଡାକିବି କାନି ଧରି
ନିଶାର ଅନ୍ଧକାରେ
ନିରାଟ ହାହାକାରେ! (ଆଶ୍ୱାସନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳେ ଧରିତ୍ରୀ

୧୭ ଜୁନ୍ ୧୯୯୪

- ଫୁଲବାଣୀକୁ କନ୍ଧମାଳ ଜିଲା ରୂପେ ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି।
- ଚାଇନାରେ ପ୍ରବଳ ଘୂର୍ଣ୍ଣିବାତ୍ୟା, ଝଡ଼ବର୍ଷା ହେବା ଫଳରେ ୯୦ ଜଣଙ୍କ ମୃତ୍ୟୁ ଘଟିଛି।

## ସାପ୍ତାହିକ ପଞ୍ଜିକା

ଜୁନ୍ ୯– ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ତଥା ପିପିପି ମୁଖ୍ୟ ଅସିଫ ଅଲି ଜର୍ଦ୍ଦାରୀ ଗିରଫ।

୧୦– ପ୍ରଖ୍ୟାତ ନାଟ୍ୟକାର ଗିରୀଶ କର୍ନାଡଙ୍କ ୮୧ ବର୍ଷ ବୟସରେ ପରଲୋକ।

୧୧– ନିଖୋଜ ହେବାର ୮ ଦିନ ପରେ ଭାରତୀୟ ବାୟୁସେନାର ଏଏନ୍–୩୨ ବିମାନର ଭଗ୍ନାବଶେଷ ଅରୁଣାଚଳ ପ୍ରଦେଶର ଲିପୋ ଅଞ୍ଚଳରେ ଠାବ କରାଯାଇଛି। ଏଥିରେ ଥିବା ସମସ୍ତ ୧୩ ଜଣଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି।

୧୨– ଆଧାର ସଂଶୋଧନ ଓ ତିନି ତଲାକ ବିଲ୍‌କୁ କ୍ୟାବିନେଟ୍ ମଞ୍ଜୁରୀ।

* ଜୁଲାଇ ୧୫ରେ ଭାରତ ତା'ର ଦ୍ୱିତୀୟ ଚନ୍ଦ୍ର ମିଶନ ଚାନ୍ଦ୍ରାୟଣ–୨ ଲଞ୍ଚ କରିବାକୁ ଯାଉଛି ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି।

୧୩– ୨୦୩୦ ସୁଦ୍ଧା ନିଜସ୍ୱ ସ୍ପେଶ୍ ଷ୍ଟେଶନ ଲଞ୍ଚ କରିବାକୁ ଭାରତର ଯୋଜନା।

୧୪– ପଶ୍ଚିମବଙ୍ଗରେ ରହୁଥିବା ଲୋକଙ୍କୁ ବଙ୍ଗଳା କହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତାଗିଦ।

## ଆମ ସମସ୍ୟା

### ବାତ୍ୟାରେ ନଷ୍ଟ ଗବକୁଣ୍ଡ ଉପଡାକଘର

ମହାଶୟ,

ପୂର୍ବ ସତ୍ୟବାଦୀର ଗବକୁଣ୍ଡ ଉପଡାକଘରେ କୋର୍ ବ୍ୟାଙ୍କିଙ୍ଗ, କମ୍ପ୍ୟୁଟରରେ କାର୍ଯ୍ୟ, ଡାକ ବିତରଣ, ଏମ୍‌ଜିଏନ୍‌ଆର୍‌ଇଜିଏର ମଜୁରି ଆଦି ପ୍ରଦାନ କାର୍ଯ୍ୟ ସଙ୍କୁଚିତ ପରିସରରେ ସମ୍ପାଦିତ ହୋଇଥାଏ। ଉପଡାକପାଳଙ୍କ ନିମନ୍ତେ କ୍ୱାର୍ଟର ନାହିଁ। ବାତ୍ୟା ଫନୀ ଏହି ଡାକଘରକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ପୁରୀର ବରିଷ୍ଠ ଡାକ ଅଧୀକ୍ଷକ ତୁରନ୍ତ ଗବକୁଣ୍ଡ ଉପଡାକଘରର ଭିତ୍ତିଭୂମି ସଜାଡିବା ଲାଗି ଦାବି ହେଉଛି।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

### ଯୋଗାଣ ବିଭାଗର ଦୃଷ୍ଟିପଡୁ

ବାତ୍ୟା ପ୍ରପୀଡ଼ିତଙ୍କୁ ଅଧିକ କିରୋସିନ ଯୋଗାଣରେ ବାଟମାରଣା ନ ହେବା ପ୍ରତି ଯୋଗାଣ ବିଭାଗ ଗୁରୁତ୍ୱ ଦେଉ। ରାଶନ କାର୍ଡଧାରୀଙ୍କୁ ଏକ ଲିଟର ଏବଂ କାର୍ଡ ନ ଥିବା ପରିବାରକୁ ଅଧଲିଟର କିରୋସିନ ମିଳିନାହିଁ। ଡିଲରଙ୍କ ପ୍ରତି କଡ଼ା ନଜର ରଖାଯାଉ। ପୂର୍ବରୁ କିରୋସିନ ନ ଦେଇ ଖାତାରେ ଚାରି ଲିଟର ଚାରି ଶହ ଲେଖାଯାଇଛି। କିରୋସିନ ଦେବା ବେଳେ ଖାତାରେ ଲେଖାଯାଏ। ଜନସାଧାରଣଙ୍କୁ ସଚେତନ ନ କଲେ କିରୋସିନରୁ ବଞ୍ଚିତ ହେବେ, ଯେପରି ବଲ୍‌ବ ବଣ୍ଟନରେ ବ୍ୟତିକ୍ରମ ଦେଖାଯାଇଛି।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | A | 3 | | 9 | | 2 | 8 | | 5 | | | | E |
| 1 | | 3 | 8 | 6 | 4 | | 7 | | | | | | B | |
| | 6 | 5 | E | | | 9 | | | C | | | 8 | | |
| B | | | | | | | C | | | | | | | A |
| | | | | | 7 | | | 5 | | 9 | | 0 | | |
| 6 | A | | | | 1 | | | | | 3 | | D | 2 | 5 |
| 7 | | 2 | | D | | 0 | E | | | | | | | |
| | 8 | | 9 | E | | 6 | | | | | | | | |
| | E | B | | | 3 | | | A | | | 5 | 1 | | 0 |
| | | | 0 | | 8 | | 5 | 1 | | | 9 | | | 4 |
| | | | D | 7 | | 5 | | C | | | | | 8 | |
| 2 | 4 | C | | 3 | 5 | 7 | | | | E | 8 | | | |
| | | | | 4 | | | 6 | 2 | | D | | | | 1 |
| | | 1 | | | | A | | | | | | | | 3 |
| E | | | | | | | D | | 1 | | | B | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | C | 4 | A | 7 | 2 | 1 | 9 | 3 | 8 | E | D | 6 | 5 | B |
| 3 | 8 | 1 | C | 0 | B | 7 | 6 | E | 9 | 5 | 4 | A | D | 2 |
| D | E | A | 6 | 8 | 5 | 0 | C | 4 | 2 | 3 | B | 7 | 1 | 9 |
| 7 | 9 | 2 | E | 3 | D | 8 | 5 | B | A | 6 | 1 | C | 4 | 0 |
| 5 | B | 6 | 1 | 9 | 4 | A | D | 2 | 0 | 7 | C | 3 | 8 | E |
| 8 | 0 | E | D | 5 | 7 | 6 | A | C | B | 4 | 3 | 9 | 2 | 1 |
| 6 | 7 | 5 | B | 1 | 3 | D | 8 | 0 | E | 2 | 9 | 4 | A | C |
| 2 | D | B | 9 | C | A | 4 | E | 1 | 6 | 8 | 0 | 5 | 3 | 7 |
| 4 | A | 9 | 2 | 6 | 8 | 3 | B | 5 | C | 1 | 7 | E | 0 | D |
| 1 | 3 | C | 4 | E | 0 | 9 | 2 | 7 | 5 | D | A | 8 | B | 6 |
| E | 1 | D | 8 | A | 6 | 2 | 4 | 9 | 7 | 0 | 5 | B | C | 3 |
| A | 4 | 3 | 5 | 2 | 9 | C | 0 | 6 | 1 | B | E | D | 7 | 8 |
| B | 2 | 7 | 0 | 4 | C | E | 3 | 8 | D | A | 6 | 1 | 9 | 5 |
| 9 | 6 | 0 | 3 | B | 1 | 5 | 7 | D | 4 | C | 8 | 2 | E | A |
| C | 5 | 8 | 7 | D | E | B | 1 | A | 3 | 9 | 2 | 0 | 6 | 4 |

ଗତକାଲିର ଉତ୍ତର



ଲ୍ୟୁଟ୍‌ନାଣ୍ଟ ଜେନେରାଲ ଫୈଜ୍ ହମିଦ୍ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍ଆଇର ନୂଆ ମୁଖ୍ୟ ନିଯୁକ୍ତ ହୋଇଥିବା ସେଠାକାର ସେନା ପକ୍ଷରୁ ରବିବାର ଘୋଷଣା କରାଯାଇଛି। ଲ୍ୟୁଟ୍‌ନାଣ୍ଟ ଜେନେରାଲ ଅସିମ ମୁନିର୍‌ଙ୍କୁ ଗୁଜରନ୍‌ୱାଲାର କର୍ପସ୍ କମାଣ୍ଡର ଭାବେ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ହମିଦ୍‌ଙ୍କୁ ଆଇଏସ୍ଆଇର ମହାନିର୍ଦ୍ଦେଶକ (ଡିଜି) ନିଯୁକ୍ତ କରାଯାଇଛି।

# ଅଲ୍ କାଏଦା ଟାର୍ଗେଟରେ କଶ୍ମୀର

**ଶ୍ରୀନଗର,୧୬।୬ (ଆଇଏଏନ୍ଏସ୍)**

ଜମ୍ମୁ-କଶ୍ମୀରରେ ଏକ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ହୋଇପାରେ। ପାକିସ୍ତାନ ପକ୍ଷରୁ ଏନେଇ ଗୋଇନ୍ଦା ସୂଚନା ମିଳିବା ପରେ ରବିବାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହାସହ ଉପତ୍ୟକାରେ ହାଇଆଲର୍ଟ ଜାରି କରାଯାଇଛି ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନାନୁସାରେ ଦକ୍ଷିଣ କଶ୍ମୀରର ପୁଲୱାମା ଜିଲା ଅୱନ୍ତିପୋରାରେ ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦା ଏକ ବଡ଼ଧରଣରର ଆକ୍ରମଣ କରିପାରେ।



- ଅମରନାଥ ଯାତ୍ରାବେଳେ ବଡ଼ଧରଣର ଆକ୍ରମଣ ଆଶଙ୍କା
- ପାକିସ୍ତାନର ଗୋଇନ୍ଦା ସୂଚନାକୁ ନେଇ ହାଇଆଲର୍ଟ

ଜୁଲାଇ ୧ରେ ଆରମ୍ଭ ହେବାକୁ ଥିବା ଅମରନାଥ ଯାତ୍ରା ବେଳେ କିମ୍ବା ଏହା ପୂର୍ବରୁ ଆତଙ୍କବାଦୀମାନେ ରକ୍ତର ହୋରି ଖେଳିପାରନ୍ତି। ନିକଟରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଅନ୍‌ସାର ଗଜ୍‌ୱାତୁଲ ହିନ୍ଦ୍ (ଏଜିଏଚ୍) ମୁଖ୍ୟ ଜାକିର ମୁସା ନିହତ ହୋଇଥିବାରୁ ଏହାର ପ୍ରତିଶୋଧ ନେବା ପାଇଁ ଆତଙ୍କବାଦୀମାନେ ଏହି ଟାର୍ଗେଟ କରିପାରନ୍ତି ବୋଲି ପାକିସ୍ତାନ ସୂଚନା ଦେଇଛି। ସେନା, ସିଆର୍‌ପିଏଫ୍, ବିଏସ୍ଏଫ୍, ଆଇଟିବିପି, ଏସ୍ଏସ୍‌ବି ଓ ରାଜ୍ୟ ପୋଲିସ ସହ ଏହି ତଥ୍ୟ ଶେୟାର କରାଯାଇଛି। ଅମରନାଥ ଯାତ୍ରା ପାଇଁ ଅତିରିକ୍ତ ୪୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ମୁତୟନ କରାଯାଇଛି। ପ୍ରକାଶ ଯେ, ଫେବୃୟାରୀ ୧୪ରେ ପୁଲୱାମା ଜିଲାରେ ସିଆର୍‌ପିଏଫ୍‌କୁ ଟାର୍ଗେଟ କରି ଆତ୍ମଘାତୀ ଆକ୍ରମଣ କରାଯାଇଥିଲା। ଏଥିରେ ୪୯ ଯବାନ ଶହୀଦ ହୋଇଥିଲେ। ଏହି ଆକ୍ରମଣକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆସିଲି ଏକା, ଯିବି ଏକା, ସାଙ୍ଗରେ ନ ଯିବେ ପିଲାପିଚିକା।**

ମଣିଷ ଆସିଥାଏ ଏକା ଯାଇଥାଏ ଏକା। ସଂସାରରୁ ମରିହଜିଗଲେ ସାଙ୍ଗରେ କିଛି ଧନସମ୍ପତ୍ତି ନେଇ ଯାଇପାରି ନ ଥାଏ। ଜୀବନ ଯାକର ଅର୍ଜିତ ପୁଣ୍ୟ ଓ ଧର୍ମକୁ ଛାଡ଼ିଦେଲେ ତାକୁ ଶୂନ୍ୟ ବା ରିକ୍ତହସ୍ତରେ ଯିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଦରେ ଭୋଜନ କି କରେ ବ୍ୟଞ୍ଜନ ?**

ଭୋଜନରେ ସ୍ୱାଦିଷ୍ଟ ବ୍ୟଞ୍ଜନର ଆବଶ୍ୟକତା ଠୁ କାହିଁ କେତେଗୁଣ ଅଧିକ ରାନ୍ଧିବାଢ଼ି ପରଷି ଦେଉଥିବା ବ୍ୟକ୍ତିର ଆନ୍ତରିକତା ଉପରେ ନିର୍ଭର କରିଥାଏ। ଯେଉଁଠି ଆଦର ଅଭ୍ୟର୍ଥନାଭାବ ନ ଥାଏ ସେଠି ସବୁଥାଇ ସବୁକିଛି ପାଣିଚିଆ ଲାଗିଥାଏ। ସ୍ନେହ, ଆଦର ଥିଲେ ଅନ୍ୟର ମନ ସହଜରେ ଜିଣିହୁଏ। ଆପଣାର ଭାବ ଥିଲେ ବିନା ତରକାରିରେ ମଧ ଖାଇହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।
ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।
ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୮ | ୨୨.୦ |
| ଚାନ୍ଦବାଲି | ୩୩.୪ | ୨୬.୧ |
| କଟକ | ୩୧.୬ | ୨୧.୫ |
| ପାରାଦ୍ୱୀପ | ୩୧.୪ | ୨୬.୩ |
| ଭୁବନେଶ୍ୱର | ୩୦.୮ | ୨୩.୩ |
| ଗୋପାଳପୁର | ୩୧.୦ | ୨୪.୫ |
| ପୁରୀ | ୩୧.୬ | ୨୫.୪ |
| ଅନୁଗୋଳ | ୩୫.୧ | ୧୯.୦ |
| ବାରିପଦା | --- | ୨୪.୦ |
| ଝାରସୁଗୁଡ଼ା | ୪୧.୦ | ୨୬.୬ |
| କେନ୍ଦୁଝର | ୩୬.୨ | ୨୪.୦ |
| ସମ୍ବଲପୁର | ୪୦.୨ | ୨୫.୦ |
| ସୁନ୍ଦରଗଡ଼ | ୩୭.୦ | ୨୧.୦ |
| ହୀରାକୁଦ | ୩୯.୯ | ୨୪.୭ |
| ତାଳଚେର | ୩୯.୩ | ୨୩.୩ |
| ଭବାନୀପାଟଣା | --- | ୨୭.୦ |
| ବଲାଙ୍ଗୀର | ୪୧.୨ | ୨୫.୦ |
| କୋରାପୁଟ | ୩୬.୬ | ୨୫.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୯.୫ | ୨୨.୦ |
| ମାଲକାନଗିରି | ୪୦.୦ | ୨୫.୫ |
| ସୋନପୁର | --- | ୨୧.୦ |
| ଦାରିଙ୍ଗିବାଡ଼ି | ୩୩.୦ | ୧୯.୫ |

ଡିଗ୍ରୀ ସେଲ୍‌ସିୟସ୍

## [ଇତିହାସର ଆଇନାରେ] ଜୁନ୍ ୧୭ର ପ୍ରମୁଖ ଘଟଣା

୧୯୪୪ ଜୁନ୍ ୧୭ରେ ଆଇସ୍‌ଲାଣ୍ଡ ଡେନ୍‌ମାର୍କଠାରୁ ସ୍ୱାଧୀନତା ଲାଭ କରି ଏକ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଥିଲା। ଆଇସ୍‌ଲାଣ୍ଡ ହେଉଛି ଉତ୍ତର ଆଟଲାଣ୍ଟିକ୍‌ର ଏକ ଦ୍ୱୀପରାଷ୍ଟ୍ର ଏବଂ ଏହାର ଲୋକସଂଖ୍ୟା ପାଖାପାଖି ୪ଲକ୍ଷ ଏବଂ କ୍ଷେତ୍ରଫଳ ୪୦ ହଜାର ବର୍ଗମାଇଲ। ଏହାର ରାଜଧାନୀ ଏବଂ ବୃହତ୍ ନଗରୀ ହେଉଛି ରେଇକ୍‌ଜାଭିକ୍।

୨୦୧୭ ଜୁନ୍ ୧୭ରେ କେନ୍ଦ୍ରୀୟ ପର୍ତ୍ତୁଗାଲ୍‌ରେ ବନାଗ୍ନି ଯୋଗୁ ଅନ୍ୟୁନ ୬୪ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୪ ଆହତ ହୋଇଥିଲେ। ଅଧିକାଂଶ ଲୋକଙ୍କ ମୃତ୍ୟୁ ଘଟିଥିଲା ପେଡ୍ରୋଗାଓ ଗ୍ରାଣ୍ଡେ ମ୍ୟୁନିସିପାଲିଟି ଅଞ୍ଚଳରେ। ନିଆଁ ଲିଭାଇବା ପାଇଁ ୧୭୦୦ ଫାୟାର ଫାଇଟରଙ୍କୁ ନିୟୋଜିତ କରାଯାଇଥିଲା।

## ଅଯୋଧାରେ ଉଦ୍ଧବଙ୍କ ଆହ୍ୱାନ

# ରାମମନ୍ଦିର ଲାଗି ଅଧ୍ୟାଦେଶ ଆଣନ୍ତୁ ମୋଦି

**ଅଯୋଧ୍ୟା,୧୬।୬(ପି.ଟି.)**

ଅଯୋଧାରେ ରାମମନ୍ଦିର ନିର୍ମାଣ ଲାଗି କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିବା ଆବଶ୍ୟକ ବୋଲି ରବିବାର ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କହିଛନ୍ତି। ଦଳର ନବନିର୍ବାଚିତ ୧୮ ଏମ୍‌ପିଙ୍କ ସହ ଅଯୋଧାର ବିବାଦୀୟ ରାମ ଜନ୍ମଭୂମି ସ୍ଥଳକୁ ଯାଇଥିବା ଉଦ୍ଧବ କହିଛନ୍ତି, ଏଭଳି କାର୍ଯ୍ୟ କରିବା ସାହସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ରହିଛି। ଏଥିରେ ତାଙ୍କୁ କେହି ବାଧା ଦେବେନାହିଁ। ନିର୍ବାଚନ ପରେ ପୁଣି ଥରେ ଅଯୋଧା ଆସିବେ ବୋଲି ଗତ ନଭେମ୍ବରରେ ସେଠାକୁ ଆସିଥିବା ଉଦ୍ଧବ ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ସେ ୧୮ ଏମ୍‌ପି ଓ ପୁଅ ଆଦିତ୍ୟଙ୍କ ସହ ରାମଲାଲା ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ।



ରାମ ଜନ୍ମଭୂମି ବିବାଦ ଦୀର୍ଘବର୍ଷ ହେଲା ଅଦାଲତରେ ପଡିରହିଛି। କେନ୍ଦ୍ର ସରକାର ଯଦି ମନ୍ଦିର ନିର୍ମାଣ ଲାଗି ନିଷ୍ପତ୍ତି ନିଅନ୍ତି ତେବେ କେହି ବିରୋଧ କରିବେ ନାହିଁ। କେବଳ ଶିବସେନା ନୁହେଁ, ସାରା ବିଶ୍ୱର ହିନ୍ଦୁ ଏହା ପଛରେ ଅଛନ୍ତି ବୋଲି ଏକ ଖବରଦାତା ସମ୍ମିଳନୀରେ ଉଦ୍ଧବ କହିଥିଲେ। ଏହା ସବୁ ହିନ୍ଦୁମାନଙ୍କ ସ୍ୱାର୍ଥର ପ୍ରସଙ୍ଗ ତେଣୁ ଯଥାଶୀଘ୍ର ସମ୍ଭବ ଅଯୋଧାରେ ରାମମନ୍ଦିର ନିର୍ମାଣ କରିବାକୁ ହେଲେ ସରକାର ଅଧ୍ୟାଦେଶ ଆଣିବା ଉଚିତ।


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଲକ୍ଷାଧିକ ଲୋକଙ୍କ ଭରସା
ଅମରାବତୀ କ୍ୟାପିଟାଲ
ଦୀର୍ଘ ବର୍ଷ ହେବ ଜନସାଧାରଣଙ୍କ ସୁବିଧା ପାଇଁ ହୋମ, ଏଜ୍ୟୁକେସନ୍, ଗ୍ରୁପ, ପର୍ସନାଲ ଋଣ ବର୍ଷକୁ ୩ % ସୁଧରେ ଯୋଗାଇ ଦିଆଯାଉଛି।
8809570276
9319560899
S/C Block B, Green Park, Extn. Delhi-16

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

!! ଋଣ ଋଣ ଋଣ !!
ସତ୍ୟମ ଫାଇନାନ୍ସ
ଦ୍ୱାରା ସବୁ ପ୍ରକାର ଋଣ କରାନ୍ତୁ ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ ସମସ୍ତ ଋଣ 5,00,000-50,00,000 ପର୍ଯ୍ୟନ୍ତ ଘରେ ବସି ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ 50% ରିହାତି
ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
8810477974
Add : - 41/14, Sec-1 Pushp Vihar, Delhi

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 09598246628
09517415755
9454715754

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଆଡ୍‌ଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
CAPITAL ONE FINANCE
ଆଧାର କାର୍ଡ ଋଣ
ଗୃହ ଋଣ
ମାର୍କଶିଟ୍ ଋଣ
ପର୍ସନାଲ ଋଣ
ବ୍ୟବସାୟ ଋଣ
ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ
8887072616
8887076388
Add- T-51, Gautampuri Delhi-53

AXIC FINANCE LTD.
ଆମେ ସବୁ ପ୍ରକାର ଋଣ ଯୋଗାଉଛୁ, ଯେପରି ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ଗୃହ ଋଣ @ ସର୍ବନିମ୍ନ ଦରରେ 1% ସୁଧ ସବ୍‌ସିଡି @ 50%।
ମହିଳାମାନେ ମଧ ଆବେଦନ କରିପାରିବେ।
HEAD OFFICE
G-79, Adarsh Nagar
Karol Bagh, New Delhi-5
8986532690, 9117913124

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BUSINESS BUSINESS

ଭାରତର ନଂ.1 ଗୋଲ୍ଡ ମେଡାଲିଷ୍ଟ
INDUS TOWER
କମ୍ପାନୀରୁ ଡିଜିଟାଲ ଟାୱାର ପ୍ଲଟ୍, ଜମିରେ ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା ୨୦୦୦୦/-ର ଅନ୍ୟାନ୍ୟ ସୁବିଧା + ମୋବାଇଲ + ଲାପଟପ୍
9450268843
9499322173
H. No. 412, Subhash Nagar Jind, Haryana.

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

Indus Tower Co.
ଖାଲି ଜମି, ଛାତ, ପ୍ଲଟ୍‌ରେ ହାଇ କ୍ୱାଲିଟି ଟାୱାର ଲଗାନ୍ତୁ। ଅଗ୍ରିମ 70 ଲକ୍ଷ, ଭଡ଼ା 40,000/- + 20 ହଜାରର ଅନ୍ୟାନ୍ୟ ସୁବିଧା + ବାଇକ୍ + କୋର୍ଟ ଏଗ୍ରିମେଣ୍ଟ।
08278484548
08126562722
Add.: Sector-1, Pushp Vihar, Delhi

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

DHARITRI Career appointment Every Wednesday and Saturday

ASTROLOGY ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

ମାତାଙ୍କ ଅସୀମ କୃପା ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ। ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

See Color Display Classified on every Tuesday & Friday
Size: 6 X 8
For 15 days: 40,000
For 8 days: 20,000
For 4 days: 11,000
For Single day: 2,800
GST: 5% will be added extra


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

■ ରାଜ୍ୟ ସଭା ଆସନ ପାଇଁ ବିଜେଡିର ପ୍ରାର୍ଥୀ ଚୟନ ପ୍ରସଙ୍ଗ

# ପ୍ରତିଶ୍ରୁତି ରକ୍ଷା ନା ହିସାବ କରିବେ ନବୀନ

ଭୁବନେଶ୍ୱର, ୧୬।୬(ବ୍ୟୁରୋ)

ଓଡିଶାର ୩ଟି ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ କମିଶନ ତାରିଖ ଘୋଷଣା କରି ସାରିଲେଣି। ଆସନ୍ତା ୧୮ରେ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ଜୁଲାଇ ୫ ତାରିଖରେ ଆବଶ୍ୟକ ପଡ଼ିଲେ ନିର୍ବାଚନ ହେବ। ମାତ୍ର ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଏହି ୩ ଆସନ ବିଜେଡି ପ୍ରାର୍ଥୀଙ୍କ ହାତକୁ ଯିବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଏହାସତ୍ତ୍ୱେ ୩ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିବା ବିଜେଡି ପାଇଁ ଏବେ ଏକପ୍ରକାର ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ନିର୍ବାଚନ ପୂର୍ବରୁ ଯେଉଁହିସାବ କରି ଟିକେଟ ଆଶାୟୀଙ୍କୁ ରାଜ୍ୟ ସଭା ଲୋଭ ଦେଖାଯାଇଥିଲା, ସେସବୁଅଙ୍କ ବର୍ତ୍ତମାନ ଏପଟସେପଟ ହୋଇଯାଇଛି। ତେଣୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ରଖିବେ ନା ନୂଆ ହିସାବ କରିବେ ତା' ଉପରେ ସମସ୍ତଙ୍କ ନଜର ରହିଛି।

ବିଜେଡି ସଭାପତି ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନ ସମୟରେ ବହୁ ମାପିଚୁପି ଟିକେଟ ବଣ୍ଟନ କରିଥିଲେ। ଟିକେଟ ବଣ୍ଟନ ବେଳେ ଆଶାୟୀଙ୍କ ସଂଖ୍ୟା ହୁହୁ ହୋଇ ବଢିଥିଲା। ସେହିପରି ଶାସକ ଦଳ ହାଓ୍ୱାରେ ନିର୍ବାଚନୀ ବୈତରଣୀ ପାର ହେବାପାଇଁ ଅନ୍ୟ ଦଳର ବହୁ ନେତା ମଧ୍ୟ ବିଜେଡି କ୍ୟାମ୍ପକୁ ଡିଆଁ ମାରିଥିଲେ। ସେତେବେଳେ ଟିକେଟରୁ ବଞ୍ଚିତ ହୋଇଥିବା ନେତାଙ୍କୁ ରାଜ୍ୟ ସଭା ଏବଂ ଅନ୍ୟାନ୍ୟ ପଦ ପଦବୀରେ ଥଇଥାନ କରିବାକୁ ଆଶ୍ୱାସନା ଦେଇ ବିଜେଡି ମୁଖିଆ ଅସନ୍ତୁଷ୍ଟଙ୍କୁ ବୁଝାଇବାରେ ସକ୍ଷମ ହୋଇଥିଲେ। ଏପରି କି ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ସହ ଆଉ କେତେଜଣଙ୍କୁ ରାଜ୍ୟ ସଭା ପଠାଯିବ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଶୁଣିବାକୁ ମିଳୁଛି। ଯେଉଁମାନେ ଆଶ୍ୱାସନା ପାଇ ସେତେବେଳେ ଚୁପ୍ ରହିଯାଇଥିଲେ, ଏବେ ମୁହଁ ଖୋଲିଲେଣି। ସେହି ନେତାମାନେ ସିଧାସଳଖ ନିଜେ ଆଶାୟୀ ଥିବା କହିବା ବଦଳରେ, ମୁଖ୍ୟମନ୍ତ୍ରୀ ଯାହା କୁହନ୍ତି ତାହା କରନ୍ତି ବୋଲି କହି ବିଜେଡି ସଭାପତିଙ୍କ କୋର୍ଟକୁ ବଲ୍ ପକାଇଦେଇଛନ୍ତି। ତେଣୁ ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି କ'ଣ ରହିବ ତା' ଉପରେ ସଭିଁଙ୍କ ନଜର ରହିଛି।

ଲୋକ ସଭା ନିର୍ବାଚନ ଫଳାଫଳ ଉପରେ ନଜର ପକାଇଲେ ବିଜେଡି ସେତେଟା ଭଲ ପ୍ରଦର୍ଶନ କରିପାରିନାହିଁ। ୨୦୧୪ରେ ବିଜେଡିର ୨୦ ଜଣ ଏମ୍‌ପି ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏଥର ଦଳକୁ ମାତ୍ର ୧୨ଟି ଆସନରେ ସଫଳତା ମିଳିଛି। ଶାସକ ଦଳର ବହୁ ହେଭିଓ୍ୱେଟ୍ ନେତା ଏଥର ଭାଜପା ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଛନ୍ତି। ପଶ୍ଚିମଓଡିଶାର ୫ ଲୋକ ସଭା ଆସନରେ ବିଜେଡିକୁ ପରାଜୟର ମୁହଁ ଦେଖିବାକୁ ପଡିଛି। ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ, ବାଲେଶ୍ୱର ପ୍ରାର୍ଥୀ ରବୀନ୍ଦ୍ର ଜେନାଙ୍କ ଭଳି ନେତା ପରାଜିତ ହୋଇଛନ୍ତି। ସେହିପରି ପଶ୍ଚିମ ଓଡିଶା ନେତାଙ୍କ ମଧ୍ୟରେ କଳିକେଶ ନାରାୟଣ ସିଂ ଦେଓ, ନଳିନୀ ପ୍ରଧାନ, ପୁଷ୍ପେନ୍ଦ୍ର ସିଂ ଦେଓ ଏଥର ପରାଜିତ ହୋଇଛନ୍ତି। ଅନ୍ୟପଟେ ପଶ୍ଚିମ ଓଡିଶାର ନିର୍ବାଚନରେ ଟିକେଟରୁ ବଞ୍ଚିତ ହୋଇଥିବା ଅନୁପ ସାଏ, ଶ୍ରୀମୟୀ ମିଶ୍ରଙ୍କ ସହ ଭାଜପାରୁ ପ୍ରାର୍ଥୀ ହୋଇ ନ ପାରି ବିଜେଡିରେ ସାମିଲ ହୋଇଥିବା ସୁବାସ ଚୌହାନଙ୍କ ଭଳି ନେତା ରାଜ୍ୟ ସଭା ଦୌଡରେ ଅଛନ୍ତି। ଗତ ନିର୍ବାଚନୀ ପ୍ରଚାର ସମୟର ବିଭିନ୍ନ ସଭାରେ ମୁଖ୍ୟମନ୍ତ୍ରୀ ନିଜ ଭାଷଣରେ କହିଥିଲେ ଏଥର ୨୧ ଯାକ ଲୋକ ସଭା ଆସନରେ ବିଜେଡି ବିଜୟୀ ହେବ। ହେଲେ ଫଳ ସେପରି ଆସିଲା ନାହିଁ। ଯଦି ସେମିତି ହୋଇଥାଆନ୍ତା ତାହା ହେଲେ ଅସନ୍ତୁଷ୍ଟଙ୍କ ମଧ୍ୟରୁ ୩ ଜଣଙ୍କୁ ରାଜ୍ୟ ସଭା ପଠାଇବା ସହଜ ହୋଇଥାଆନ୍ତା। ଅଥବା ଯେଉଁମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ବୋଲି କୁହାଯାଉଛି ତାହା ପୂରଣ କରିଥାଆନ୍ତେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି।

ଅନ୍ୟମାନଙ୍କ ମଧ୍ୟରେ ୨୦୧୪ରେ ବରଗଡ ଏବଂ ସମ୍ବଲପୁର ଏମ୍‌ପି ଥିବା ଯଥାକ୍ରମେ ପ୍ରଭାସ ସିଂ ଓ ନଗେନ୍ଦ୍ର ପ୍ରଧାନ ମଧ୍ୟ ଦୌଡ ଭିତରେ ଅଛନ୍ତି। ଅମର ପଟ୍ଟନାୟକଙ୍କ ସମେତ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ପରାଜିତ ହୋଇଥିବା ମହେଶ୍ୱର ମହାନ୍ତିଙ୍କ ନାମ ମଧ୍ୟ ଶୁଣାଯାଉଛି। ଏତେସବୁ ନାଁ ଭିତରେ କେଉଁମାନେ ରାଜ୍ୟ ସଭାକୁ ଯିବେ ତାହା ଚୟନ କରିବା ଦଳ ସଭାପତିଙ୍କ ପାଇଁ କାଠିକର ବ୍ୟାପାର ହୋଇଥିବା ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି। ପଶ୍ଚିମଓଡିଶାରେ ଟିକେଟ ନେବା ଲାଗି ଶ୍ରୀମୟୀ ଦୀର୍ଘଦିନ ହେବ ପ୍ରୟାସ କରୁଥିଲେ ମଧ୍ୟ ନିର୍ଦ୍ଦିଷ୍ଟ କିଛି କାରଣ ଦର୍ଶାଇ ତାଙ୍କୁ ସେଥିରୁ ବଞ୍ଚିତ କରାଯାଉଥିବା ଚର୍ଚ୍ଚା ହେଉଛି। ସେହିପରି ରାଜନୀତି କ୍ଷେତ୍ରରେ ବହୁଦିନରୁ ଜଡିତ ଥିବା ନେତାଙ୍କୁ ବାଦ୍ ଦିଆଯାଇ ସମ୍ବଲପୁର ଆସନରୁ ଜଣେ ପୂର୍ବତନ ସରକାରୀ ଅଧିକାରୀଙ୍କୁ ସୁଯୋଗ ମିଳିଲା। ସେହିପରି ଦୁଇଜଣ ପ୍ରଶାସନିକ ଅଧିକାରୀଙ୍କୁ ନେତା କରିବାକୁ ଚାହୁଁଥିବା ଦଳ ବର୍ତ୍ତମାନ ସେମାନଙ୍କୁ ଗୁରୁତ୍ୱଦେବ ନା ଦୂରେଇ ଦେବ ତାକୁ ନେଇ ମଧ୍ୟ କଳ୍ପନାଜଳ୍ପନା ଚାଲିଛି। ଅପରପକ୍ଷରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକଙ୍କ ନାମ ରାଜ୍ୟ ସଭା ଦୌଡରେ ନ ଥିଲେ ମଧ୍ୟ ଭିତରୁ ଖବର କିଛି ଆସୁଛି, ଯାହାକୁ ଏଡାଇ ଦିଆଯାଇ ନ ପାରେ। ସେହିଭଳି ଦଳର ବହୁ ଯୁବ ନେତା ଏବେ କିଛି ନାମକୁ ନେଇ ଲବି ଜାରି ରଖିଛନ୍ତି। ବ୍ରହ୍ମଗିରି ବିଧାନସଭା କ୍ଷେତ୍ରରୁ ପରାଜିତ ହୋଇଥିବା ସଞ୍ଜୟ ଦାସବର୍ମାଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ଲାଗି ରହିଛି। ହେଲେ ଏମାନଙ୍କ ମଧ୍ୟରୁ କେତେଜଣଙ୍କ କ୍ଷେତ୍ରରେ ସମ୍ଭାବନା କମ୍ ରହିଛି। ତେବେ ରାଜ୍ୟ ସଭା ପ୍ରାର୍ଥୀ ଚୟନ କ୍ଷେତ୍ରରେ ଦଳର ସଭାପତି ନିଜେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରୁଛନ୍ତି ନା ହିସାବ କରି ପ୍ରାର୍ଥୀ ବାଛିବେ ତାହା ଦେଖିବାକୁ ବାକି ରହିଲା।

■ ବଢୁଛି ଆଶାୟୀଙ୍କ ସଂଖ୍ୟା
■ ପ୍ରତିଶ୍ରୁତି ପାଇଥିବା ନେତାଙ୍କ ସମ୍ଭାବନା ଅଧିକ
■ ପଶ୍ଚିମ ଓଡ଼ିଶାକୁ ଦିଆଯାଇପାରେ ଗୁରୁତ୍ୱ

## ସଂକ୍ଷେପରେ

ଖୁଣ୍ଟରେ ଚଢ଼ି ମରାମତି କରୁଥିବା ବେଳେ ଆସିଗଲା କରେଣ୍ଟ

### ଜଣେ ମୃତ, ୫ ଗୁରୁତର

ଚନ୍ଦ୍ରପୁର,୧୬।୬(ଡି.ଏନ୍.ଏ.): ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଗେରେଙ୍ଗାଗୁଡ଼ା ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଇଲେକ୍ଟ୍ରି ଖୁଣ୍ଟରେ ଚଢ଼ି ବିଦ୍ୟୁତ ମରାମତି କାମ କରୁଥିବାବେଳେ କରେଣ୍ଟ ଆସିଯିବାରୁ ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ୫ଜଣ ଗୁରୁତର ହୋଇଛନ୍ତି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ପ୍ରକାଶ ଯେ, ଗେରେଙ୍ଗାଗୁଡ଼ା ଗାଁରେ ଦୁଇ ଦିନ ଧରି ବିଦ୍ୟୁତ ସେବା ନ ଥିଲା। ଗ୍ରାମବାସୀ ଏ ନେଇ ଅଭିଯୋଗ କରିଥିଲେ। ରବିବାର ବିଦ୍ୟୁତ୍ ବିଭାଗର କେତେକ ଲୋକ ଗାଁକୁ ଆସି ଇଲେକ୍ଟ୍ରି ମରାମତି କାମ କରୁଥିଲେ। ଏହି ସମୟରେ ହଠାତ୍ ବିଦ୍ୟୁତ୍ ଚାର୍ଜ ହୋଇଯିବାରୁ ଖୁଣ୍ଟରେ ଚଢ଼ି କାମ କରୁଥିବା ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ୫ ଜଣ ଗୁରୁତର ହୋଇଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗର ଜଣେ ଯନ୍ତ୍ରୀଙ୍କୁ ପଚାରିବାରୁ ମୋବାଇଲ୍ ସେବା ନାହିଁ। ଜଣେ କର୍ମଚାରୀ ପ୍ରାଣ ହରାଇଥିବା ଖବର ପାଇଛି। ଅଧିକ ସୂଚନା ମିଳିଲେ ପରେ ଜଣାଇବି ବୋଲି ସେ କହିଛନ୍ତି।

### ଏନକାଉଣ୍ଟରରେ ଦୁର୍ଦ୍ଧାନ୍ତ ଅପରାଧୀ ସୀତାରାମ ଗୁରୁତର

ବଲାଙ୍ଗୀର ଅଫିସ, ୧୬।୬: ବଲାଙ୍ଗୀର ଜିଲା ପୁଇଁନ୍ତଲା ଥାନା ଅନ୍ତର୍ଗତ ମହୀମୁଣ୍ଡା-ଦୁହେଲ ରାସ୍ତାରେ ରବିବାର ରାତିରେ ପୋଲିସ ଦୁର୍ଦ୍ଧାନ୍ତ ଅପରାଧୀ ସୀତାରାମ ରଣାଙ୍କୁ ଏନ୍‌କାଉଣ୍ଟର କରିଛି। ଏଥିରେ ସୀତାରାମ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲ ଓ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତଙ୍କଠାରୁ ପୋଲିସ ଏକ ପିସ୍ତଲ ଜବତ କରିଛି। ଡକାୟତି, ଲୁଟ୍, ଛିନ୍‌ତାଇ, ହତ୍ୟା ଓ ଅନ୍ୟାନ୍ୟ ଆପରାଧିକ ଘଟଣାରେ ସମ୍ପୃକ୍ତ ଥିବା ସୀତାରାମଙ୍କୁ ପୋଲିସ ଖୋଜୁଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଲାଙ୍ଗୀର ପୋଲିସ ଟିମ୍ ରାତି ପ୍ରାୟ ୧୧ଟାରେ ମହୀମୁଣ୍ଡା ନିକଟରେ ତାଙ୍କୁ ଘେରିଥିଲା। ତେବେ ସେ ପୋଲିସ ଉପରକୁ ଗୁଳି ଚାଳନା କରି ଫେରାର ହୋଇଯିବାକୁ ଚେଷ୍ଟା କରିବାରୁ ପ୍ରତିପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। ଏଥିରେ ତାଙ୍କ ବାମ ଗୋଡରେ ଗୋଟିଏ ଗୁଳି ବାଜିବାରୁ ସେ ଗୁରୁତର ହୋଇଥିଲେ। ପୋଲିସ ସୀତାରାମଙ୍କୁ ସେଠାରୁ ଭୀମଭୋଇ ମେଡିକାଲ ହସପିଟାଲକୁ ଆଣିଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ବୁର୍ଲା ପଠାଯାଇଥିବା ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି।


## ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



**ଲିପ୍‌ସା ପରିଡ଼ା**
ନୟାଗଡ଼, ଗୋଡ଼ିପଡ଼ା, ବାଦଭୂଇଁ
ଆଜି ତୋର ଚତୁର୍ଥ ଜନ୍ମବାର୍ଷିକ ଉପଲକ୍ଷେ ଜୟ ମା କାଳୀ ବୁଢୀ ବ୍ରାହ୍ମଣୀ ଦେବୀଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ ଏହାହିଁ ପ୍ରାର୍ଥନା।
ଶୁଭେଚ୍ଛା ସହ: ଜେଜେବାପା, ଜେଜେ ମା, ଅଜା, ଆଈ, ବାପା,ମାମା, ଦାଦା, ମାମୁ, ମାଉସୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୯୭୫

## ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



ଶ୍ରୀୟା
**କିର୍ତ୍ତିକା ପ୍ରଧାନ**
ବରଅରା, ଅରଗୁଳ, ଜଟଣୀ, ଖୋର୍ଦ୍ଧା
ଆଜି ତୋର ଚତୁର୍ଥ ଜନ୍ମଦିନରେ ମା ବରୁଣେଇଁ ଗ୍ରାମଦେବୀ ତୋତେ ଦୀର୍ଘାୟୁ ଓ ତୋର ଚଲାପଥ କୁସୁମିତ କରନ୍ତୁ।
ଅଶେଷ ଶୁଭେଚ୍ଛା ଓ ଶୁଭକାମନା ସହିତ: ବାବା: ପ୍ରଶାନ୍ତ କୁମାର ପ୍ରଧାନ, ମାମା: ପ୍ରଣତି ମଲ୍ଲିକଙ୍କ ସହିତ ପରିବାର ଓ ବନ୍ଧୁବର୍ଗ।
ଧ-୧୩୦୦୦


■ ଏମ୍‌ସିଏଲ୍ ସିଏମ୍‌ଡିଙ୍କ ସୂଚନା

# ୫ ବର୍ଷରେ ହେବ ୩ଶହ ମିଲିୟନ ଟନ୍ ଉତ୍ପାଦନ

ତାଳଚେର,୧୬।୬(ନି.ପ୍ର.)

ଆଗାମୀ ୫ ବର୍ଷରେ ଏମ୍‌ସିଏଲ୍ ୩ଶହ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିବ ବୋଲି ସିଏମ୍‌ଡି ଭୋଳାନାଥ ଶୁକ୍ଳା ପ୍ରକାଶ କରିଛନ୍ତି। ଡେରା ସିଏମ୍‌ଡି ବଙ୍ଗଳା ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସିଏମ୍‌ଡି କହିଥିଲେ ଯେ, ୫ ବର୍ଷ ମଧ୍ୟରେ କେବଳ ତାଳଚେର କୋଲ୍ ଫିଲଡ୍‌ସରୁ ୨ଶହ ମିଲିୟନ ଟନ କୋଇଲା ଉତ୍ତୋଳନ କରାଯିବ। ଏଥିପାଇଁ ୨ଶହ ଗ୍ରାମ ବିସ୍ଥାପିତ ହେବ। ୨୦୩୦ରେ ତାଳଚେରରୁ ୩ଶହ ମିଲିୟନ ଟନ୍ କୋଇଲା ଉତ୍ତୋଳନ ହେବ। ଏହା ସହିତ ପ୍ରାଇଭେଟ କମ୍ପାନୀ ଦ୍ୱାରା ଆଉ ୩ଶହ ମିଲିୟନ ଟନ୍ ଉତ୍ପାଦନର ଯୋଜନା ରହିଛି। ଏହି କୋଇଲା ପରିବହନ ନିମନ୍ତେ ତାଳଚେରରୁ-ରାଜ ଆଠଗଡ ପର୍ଯ୍ୟନ୍ତ ଆଉ ଦୁଇଟି (୩ ଓ ୪ ନମ୍ବର) ରେଳପଥ ନିର୍ମାଣ କରାଯିବ। ରେଲ୍‌ୱେ, ୱାସରୀ, ସାଇଲୋ, ଏଚ୍‌ଇଏମ୍‌ର ଉନ୍ନତୀକରଣ କରାଯିବ।

ଏମ୍‌ସିଏଲ୍‌ର ନୂତନ ଯୋଜନା ସମ୍ପର୍କରେ ସିଏମ୍‌ଡି କହିଥିଲେ, ଆଗାମୀ ୧୦ ବର୍ଷ ଭିତରେ ଏମ୍‌ସିଏଲ୍‌ର କୌଣସି ସମସ୍ୟା ରହିବ ନାହିଁ। ତାଳଚେର ଓ ଏମ୍‌ସିଏଲ୍‌ର ଭବିଷ୍ୟତ ଉଜ୍ଜ୍ୱଳ ଏବଂ ସୁରକ୍ଷିତ। ସବୁ କ୍ଷେତ୍ରରେ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯିବ। କୋଇଲା ଉତ୍ତୋଳନ ବୃଦ୍ଧି ଦ୍ୱାରା ଡିଏମ୍‌ଏଫ୍ ଫଣ୍ଡକୁ ଅଧିକ ଟଙ୍କା ମିଳିବ। ଏହାଦ୍ୱାରା ଅଞ୍ଚଳର ବିକାଶ ସମ୍ଭବ ହୋଇପାରିବ। ତାଳଚେରର ଉନ୍ନତି ପାଇଁ ଏକ ମାଷ୍ଟରପ୍ଲାନ ସହ ବିଭିନ୍ନ ଉନ୍ନତିମୂଳକ କାମ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ମେଡିକାଲ କଲେଜ ନିର୍ମାଣ କାମ ବାକି ରହିଛି। ଏ ଦିଗରେ ଅନୁଧ୍ୟାନ କରାଯାଇ ଠିକ୍ ପଦକ୍ଷେପ ନିଆଯିବ। ଲୋକଙ୍କ ସହ ପ୍ରଶାସନର ସହଯୋଗ ଓ ଏମ୍‌ସିଏଲ୍ ଟିମ୍ ଠିକ୍ କାମ କଲେ ଚଳିତ ବର୍ଷ ଲକ୍ଷ୍ୟଧାର୍ଯ୍ୟରେ କୌଣସି ଅସୁବିଧା ରହିବ ନାହିଁ। ଏଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାଇରେକ୍ଟର ଫାଇନାନ୍ସ କେ.ଆର. ବାସୁଦେବନ, ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏମ୍.ଜି. ବ୍ରହ୍ମପୁରକରଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ସିଏମ୍‌ଡି ଶୁକ୍ଳା ରବିବାର ବିଭିନ୍ନ କୋଇଲା ଖଣି ପରିଦର୍ଶନ କରିବା ସହ ଉଚ୍ଚପଦାଧିକାରୀଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ସୋମବାର ହିଙ୍ଗୁଳା ମନ୍ଦିର ଦର୍ଶନ ପରେ ଅନ୍ୟ କେତେକ ଖଣି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।



ଖବରଦାତା ସମ୍ମିଳନୀରେ ଏମ୍‌ସିଏଲ୍ ସିଏମ୍‌ଡି ଓ ଅନ୍ୟମାନେ।

■ ବିସ୍ଥାପିତ ହେବ ୨ଶହ ଗ୍ରାମ
■ ଆଉ ୨ଟି ନୂଆ ରେଳପଥ ନିର୍ମାଣ
■ ତାଳଚେରର ବିକାଶ ପାଇଁ ମାଷ୍ଟରପ୍ଲାନ

# ଶିଡ୍ ବଲ୍ ପ୍ରଣାଳୀରେ ଜଙ୍ଗଲ ବୃଦ୍ଧି

## ସବୁଜିମାରେ ପରିଣତ ହେବ ଲଣ୍ଡା ପାହାଡ଼

ସମ୍ବଲପୁର,୧୬।୬(ବ୍ୟୁରୋ)

ଜଙ୍ଗଲ ବୃଦ୍ଧି ପାଇଁ ସମ୍ବଲପୁର ବନଖଣ୍ଡ ଚଳିତବର୍ଷ ଶିଡ୍ ବଲ୍ (ମାଟି ଗୋଳା ମଞ୍ଜି) ପ୍ରଣାଳୀର ସହଯୋଗ ନେଇଛି। ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ଜଙ୍ଗଲରେ ୧୦ ହଜାର ଶିଡ୍ ବଲ୍ ପକାଇବା ପାଇଁ ସ୍ଥିର ହୋଇଛି। ସହର ଉପକଣ୍ଠ ଟାଉନ ରେଞ୍ଜ ଓ ସଦର ରେଞ୍ଜ ଅଧୀନରେ ଥିବା ଲଣ୍ଡା (ପଥରିଆ) ପାହାଡ଼କୁ ସବୁଜିମାରେ ପରିଣତ କରିବା ପାଇଁ ପ୍ରାଧାନ୍ୟ ଦିଆଯାଇଛି। ବନ ବିଭାଗ ଅଫିସଗୁଡ଼ିକରେ ମହିଳା ଓ ପୁରୁଷ ଶ୍ରମିକମାନଙ୍କୁ ନିୟୋଜିତ କରି ଶିଡ୍ ବଲ୍ ତିଆରି କରାଯାଉଛି। ନିମ୍ବ, କରଞ୍ଜ, ମହୁଲ, ଜାମୁ, ଅଇଁଳା, ବାହାଡ଼ା, ଶାଗୁଆନ, ଶାଳ ପ୍ରଭୃତି ଗଛର ମଞ୍ଜିକୁ ମାଟି ଭିତରେ ରଖାଯାଇ ଗୋଳା ପ୍ରସ୍ତୁତ କରାଯାଉଛି। ମାଟି ସହ କିଛି ଖତ ମଧ୍ୟ ମିଶାଯାଉଛି। ଏହା କିଛିଦିନ ଶୁଖିଲା ପରେ ଗୋଳାକୁ ନେଇ ପାହଡ଼ରେ ଫିଙ୍ଗାଯିବ। ଗାତ ଖୋଳିବାକୁ ପଡ଼ିବ ନାହିଁ। ମାଟି ଗୋଳା ଭିତରେ ଥିବାରୁ ମଞ୍ଜି ସୁରକ୍ଷତି ରହିବ। ପକ୍ଷୀ ଏହାକୁ ଖାଇପାରିବେ ନାହିଁ କିମ୍ବା ଅନ୍ୟ କୌଣସି ଉପାୟରେ ମଧ୍ୟ ମଞ୍ଜି ନଷ୍ଟହେବ ନାହିଁ। ବର୍ଷା ହେଲେ ମାଟି ଗୋଳା ଭିଜି ମଞ୍ଜିରୁ ଗଜା ବାହାରିବ। ମାଟି ଗୋଳାରେ ଥିବା ଖତରୁ ଗଜା ସାର ସଂଗ୍ରହ କରି ଚାରାରେ ପରିଣତ ହେବ। ଜଙ୍ଗଲରେ ଯେଉଁ ସ୍ଥାନକୁ ଯିବା ସମ୍ଭବ ହେଉ ନ ଥିବ ସେଠାକୁ ଦୂରରୁ ମାଟିଗୋଳାକୁ ଫିଙ୍ଗି ଚାରା ସୃଷ୍ଟି କରାଯାଇ ପାରିବ। ଏପରି କି ହେଲିକପ୍ଟର ଯୋଗେ ମଧ୍ୟ ମାଟି ଗୋଳା ଫିଙ୍ଗାଯାଇପରିବ। ଜଙ୍ଗଲରେ ବନ କର୍ମଚାରୀମାନେ ପାଟ୍ରୋଲିଂ ସହିତ ଏହି କାମ ସହଜରେ କରିପାରିବେ। ଏଥିରେ ବନ ସୁରକ୍ଷା ସମିତି ଓ ଅନ୍ୟ ସଂଗଠନର ସହଯୋଗ ନିଆଯିବ। ବହୁ ପୂର୍ବରୁ ବିଦେଶରେ ବହୁଳ ପରିମାଣରେ ଏହି ପ୍ରଣାଳୀ ବ୍ୟବହାର କରାଯାଇ ଆସୁଛି। ଏବେ ପରୀକ୍ଷାମୂଳକ ଭାବେ ଏଠାରେ ଏହାର ପ୍ରୟୋଗ କରାଯିବ। ଚଳିତବର୍ଷ ଏହି ପ୍ରଣାଳୀରେ ଘାସଚାଷ ମଧ୍ୟ କରାଯିବ। ଫଳରେ ଲଣ୍ଡା ପାହଡ଼କୁ ସବୁଜିମାମୟ କରିହେବ ବୋଲି ସମ୍ବଲପୁର ଡିଏଫ୍‌ଓ ସଞ୍ଜିତ କୁମାର କହିଛନ୍ତି।



ସମ୍ବଲପୁର ବନଖଣ୍ଡ କାର୍ଯ୍ୟାଳୟରେ ଶିଡ୍ ବଲ୍ ପ୍ରସ୍ତୁତ କରାଯାଉଛି।

### କମେଷ୍ଟମରାକୁ କେନ୍ଦ୍ରକରି ହତ୍ୟାକାଣ୍ଡ

କାତି ସହ ଥାନାରେ ହତ୍ୟାକାରୀଙ୍କ ଆତ୍ମସମର୍ପଣ

ପୁରୁଷୋତ୍ତମପୁର, ୧୬।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ପ୍ରତାପୁର ଛକଠାରେ ରବିବାର ଅପରାହ୍ନରେ ଜଣେ ଯୁବକଙ୍କୁ କାତିରେ ହାଣି ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ଗୋଠିଆଳି ଗ୍ରାମର ଏମ. ଶିବ ଦୋରା(୧୯)। ହତ୍ୟାକାରୀ ହେଲେ ଗୋଠିଆଳି ଗ୍ରାମର ଇ. ଜିତୁ ରେଡ୍ଡୀ। ହତ୍ୟା ପରେ ସେ ବ୍ୟବହୃତ କାତି ସହ ପୁରୁଷୋତ୍ତମପୁର ଥାନାକୁ ଯାଇ ଆତ୍ମସମର୍ପଣ କରିଛନ୍ତି। ଏନେଇ ଶିବଙ୍କ ଭାଇ ଏମ୍. ଦୀନବନ୍ଧୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୩୭/୧୯ରେ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁରୁଷୋତ୍ତମପୁର ଏସ୍‌ଡିପିଓ ନିମାଇଁ ଚରଣ ସେଠୀ ଓ ଏସ୍‌ଆଇ ସ୍ନେହାମଞ୍ଜରୀ ସାହୁ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛନ୍ତି। ହତ୍ୟାକାରୀ ଜିତୁ ପୋଲିସକୁ ଦେଇଥିବା ସୂଚନା ଅନୁସାରେ, ଦୀର୍ଘ ୪ବର୍ଷ ହେଲା ତାଙ୍କ ସ୍ତ୍ରୀ, ମା' ଓ ଭଉଣୀଙ୍କୁ ଶିବ ଅଶ୍ଳୀଳ ବ୍ୟବହାର ସହ ହଇରାଣ ହରକତ କରୁଥିଲେ। ଏପରିକି ତାଙ୍କ ଘରଲୋକଙ୍କୁ ଜଣାଇବା ପରେ ମଧ୍ୟ ସେମାନେ ଶିବଙ୍କୁ ତାଗିଦ୍ କରିବା ବଦଳରେ ଓଲଟା ମାରିବାକୁ ଧମକ୍ ଦେଉଥିଲେ। ଗତ ବୁଧବାର ପୁରୁଷୋତ୍ତମପୁରକୁ ଯାତ୍ରା ଦେଖିବାଲାଗି ଆସୁଥିବା ବେଳେ ଶିବ ତାଙ୍କର କେତେଜଣ ସହଯୋଗୀଙ୍କ ସହ ମିଶି ଜିତୁଙ୍କୁ ରାସ୍ତାରେ ଆକ୍ରମଣ କରିଥିଲେ। ଏଥିରେ ଅତିଷ୍ଠ ହୋଇ ଶେଷରେ ଶିବଙ୍କୁ ମାରିବାକୁ ଜିତୁ ନିଷ୍ପତ୍ତି ନେଇଥିଲେ। ରବିବାର ଅପରାହ୍ନ ପ୍ରାୟ ୪.୩୦ରେ ପ୍ରତାପୁର ଛକଠାରେ ଏକ ପାନ ଦୋକାନରେ ଶିବ ବସିଥିବାବେଳେ ହାଣି ହତ୍ୟା କରିଥିଲେ ବୋଲି ଜିତୁ ସ୍ୱୀକାର କରିଛନ୍ତି।

# ଫାଶୀ ଲଗାଇ ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

■ ଶେଷଇଚ୍ଛା ଅନୁଯାୟୀ ଏକାଠି ଶୁଆଗଲା ଜୁଇରେ

ବନ୍ତଲା, ୧୬।୬ (ଡି.ଏନ୍.ଏ.)

ଉଭୟ ବିବାହିତ। ଜଣଙ୍କର ୨ଟି ପୁଅ ଥିବା ବେଳେ ଅନ୍ୟ ଜଣଙ୍କର ଗୋଟିଏ ଝିଅ ଓ ପୁଅ ଅଛି। ତଥାପି ସେମାନଙ୍କ ମଧ୍ୟରେ ଗଢ଼ି ଉଠିଥିଲା ପ୍ରେମ ସମ୍ପର୍କ। ଏହାକୁ ନେଇ ଉଭୟଙ୍କ ପରିବାରରେ ଝଡ଼ ଉଠିବା ପରେ ଘର ଛାଡ଼ି ଫେରାର ହୋଇଯାଇଥିଲେ ଦୁହେଁ। ୬ ମାସ ବାହାରେ ରହି ରଜରେ ଫେରିଥିଲେ ଗାଁକୁ। ହେଲେ ଲୋକଲଜ୍ଜା ସହି ନ ପାରି ଶନିବାର ରାତିରେ ଉଭୟ ଏକ ଗଛରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିବା ପରେ ଶେଷ ଇଚ୍ଛା ଅନୁଯାୟୀ ଦୁହିଁଙ୍କୁ ଗୋଟିଏ ଜୁଇରେ ଶୁଆଇ ଦିଆଯାଇଛି। ଏହି ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲା ପୁରୁଣାକୋଟ ଥାନା କୋଠଭୂଇଁ ପଞ୍ଚାୟତରେ। ସମ୍ପୃକ୍ତ ପ୍ରେମୀ ଯୁଗଳ ହେଲେ ଡଲାସିଙ୍ଗା ଅଞ୍ଚଳର ଗୋବିନ୍ଦ (ଛଦ୍ମନାମ) ଓ କୋଠଭୂଇଁ ଅଞ୍ଚଳର ରୀନା (ଛଦ୍ମନାମ)। ଗୋବିନ୍ଦଙ୍କର ଗୋଟିଏ ୮ ବର୍ଷର ପୁଅ ଓ ୩ ବର୍ଷର ଝିଅ ଅଛି। ସେହିପରି ରୀନାଙ୍କର ୧୦ ଓ ୮ ବର୍ଷର ଦୁଇଟି ପୁଅ ଅଛନ୍ତି। ଏକ ବର୍ଷ ପୂର୍ବରୁ ଗୋବିନ୍ଦ ଓ ରୀନାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ରୀନାଙ୍କ ସ୍ୱାମୀ ଏ ସମ୍ପର୍କରେ ଜାଣିବା ପରେ ଘରେ ପାଟିତୁଣ୍ଡ ହୋଇଥିଲା। ଘଟଣା କୋର୍ଟ ପର୍ଯ୍ୟନ୍ତ ମଧ୍ୟ ଯାଇଥିଲା। ଏହାପରେ ଗୋବିନ୍ଦ ଓ ରୀନା କୋର୍ଟରେ ବିବାହ କରି ଫେରାର ହୋଇଯାଇଥିଲେ। ଶନିବାର ରଜ ସଂକ୍ରାନ୍ତିରେ ଗୋବିନ୍ଦ ରୀନାଙ୍କୁ ଧରି ଘରକୁ ଫେରିଥିଲେ। କିନ୍ତୁ ପରିବାର ଲୋକଙ୍କ ସ୍ୱୀକୃତି ନ ମିଳିବାରୁ ଦୁହେଁ ସେଠାରୁ ଏକ ସ୍କୁଟି ଯୋଗେ କୁମୁରି ଗାଁ ନିକଟକୁ ଯାଇ ଗଛରେ ଫାଶୀ ଲଗାଇ ଦେଇଥିଲେ। ରବିବାର ଘଟଣା ସମ୍ପର୍କରେ ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏହି ସମୟରେ ଗୋବିନ୍ଦଙ୍କ ପକେଟରେ ଏକ ସୁଇସାଇଡ ନୋଟ୍ ଥିବା ଜଣାପଡ଼ିଥିଲା। ଲୋକଲଜ୍ଜା ସହି ନ ପାରି ସେମାନେ ଆତ୍ମହତ୍ୟା କରୁଛନ୍ତି ଓ ଉଭୟଙ୍କୁ ଏକାଠି ପୋଡ଼ିବାକୁ ଉକ୍ତ ନୋଟ୍‌ରେ ଅନୁରୋଧ କରାଯାଇଥିଲା। ଘଟଣା ସମ୍ପର୍କରେ ଗୋବିନ୍ଦଙ୍କ ସାନ ଭାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୩/୨୦୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ପରେ ଉଭୟଙ୍କ ମୃତଦେହ ଅନୁଗୋଳସ୍ଥିତ କରଡ଼ାଗଡ଼ିଆ ଠାରେ ଥିବା ଶ୍ମଶାନରେ ଗୋଟିଏ ଜୁଇରେ ସଂସ୍କାର କରାଯାଇଥିଲା। ରୀନା ଏକ ସହାୟକ ଗୋଷ୍ଠୀ ମହାସଂଘର ସଦସ୍ୟା ଥିଲେ। ସଂଘ ପକ୍ଷରୁ ଦିଆଯାଇଥିବା ପ୍ରାୟ ୩ ଲକ୍ଷ ଟଙ୍କା ସେ ଡିପୋଜିଟ ନ କରି ଗୋବିନ୍ଦଙ୍କୁ ଦେଇଥିଲେ। ଗୋବିନ୍ଦ ତାହାକୁ ଖର୍ଚ୍ଚ କରିଥିବା ବେଳେ ଆଉ ଶୁଝି ପାରି ନ ଥିବା କେତେଜଣ ଗ୍ରାମବାସୀ କହିଛନ୍ତି।


## ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



✓ ରସିକ ମୋହନ ପଟ୍ଟନାୟକ
ଆନନ୍ଦପୁର, ଜଗତ୍‌ସିଂହପୁର
ଆବିର୍ଭାବ : ୨୨.୧୧.୧୯୩୯
ତିରୋଧାନ: ୧୭.୦୬.୨୦୧୬
ଚାହୁଁ ଚାହୁଁ ତିନି ବର୍ଷ ବିତିଗଲା। ଆପଣଙ୍କର ଅନୁପସ୍ଥିତି ଆମ ଜୀବନରେ ଭରି ଦେଇଛି ଶୂନ୍ୟତା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଏବେବି ଆମ ମନରେ ଉଜ୍ଜିବିତ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଝଙ୍କଡ଼ବାସିନୀ ମା ଶାରଳା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦତଳେ ପ୍ରାର୍ଥନା।
ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ
ଧ-୧୨୯୮୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଭିମୋ ବିଶ୍ୱାଳ
ଆବିର୍ଭାବ: ୧୪।୦୮।୧୯୫୩
ତିରୋଧାନ: ୨୮।୦୬।୨୦୧୮
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଆମକୁ ତୁମେ ଅସମୟରେ ଛାଡ଼ି ଚାଲିଗଲ। ତଥାପି ଲାଗୁଛି ତୁମେ ଆମ ପାଖରେ ଅଛ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେମାନେ ପ୍ରାର୍ଥନା କରୁଛୁ।
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମକୁ ଝୁରୁଛନ୍ତି:
ପତ୍ନୀ–ସୁଶୀଳା ବିଶ୍ୱାଳ, ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ।
ଧ-୭୫୭୨୧

**ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ଜିତେନ୍ କୁମାର୍ ସାହୁ
(ଜିତୁ ସାର୍)
କୋଶଳା, ଅନୁଗୋଳ
ଆବିର୍ଭାବ : ତା ୦୨.୦୪.୧୯୫୩
ତିରୋଧାନ : ତା ୦୨.୦୫.୨୦୧୫
(ଦେବସ୍ନାନ ପୂର୍ଣ୍ଣିମା)
ଆଜି ତୁମର ଚତୁର୍ଥ ଶ୍ରାଦ୍ଧବାର୍ଷିକ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :- ନାତୁଣୀ :- ସାନ୍ୱି ଓ ତାନ୍ୱି, ପୁଅ :- ବାପୁନି ଓ ପୁପୁନି
ବୋହୂ :- ଗୁଲୁଟି ଓ ମାନସୀ, ହୃଦୟାଙ୍ଗିନୀ ସ୍ତ୍ରୀ :- ସାତାରାଣୀ, ବନ୍ଧୁ ଓ ପରିବାର ବର୍ଗ
ସାନ୍‌ଭି ଫ୍ଲେକ୍ସ ପ୍ରିଣ୍ଟ, କୋଶଳା
ଧ-୧୩୦୦୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସ୍ଥିତିପ୍ରଜ୍ଞା ସାହୁ (ରୋଜି)
କଟକ
ଆବିର୍ଭାବ: ୦୩।୧୨।୧୯୮୭
ତିରୋଧାନ: ୨୦।୦୬।୨୦୧୬
ଦେବସ୍ନାନ ପୂର୍ଣ୍ଣିମା
ଆଜିର ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ପାଖରେ ଏତିକି ଅଳି ଓ ପ୍ରାର୍ଥନା ତୋର ଆତ୍ମାର ସଦ୍‌ଗତି ହେଉ ଓ ଚିର ଶାନ୍ତି ଲାଭକର। ତୋର ଶୁଭଦୃଷ୍ଟି ସଦାସର୍ବଦା ଓମ୍‌ଶ୍ରୀ ଉପରେ ରହିଥାଉ।
ଯେତିକି ଲୁହ ତୁ ଦେଇ ଚାଲିଗଲୁ
ଆମ ସମସ୍ତଙ୍କ ପାଇଁ
ସାରା ଜୀବନ ବି କାନ୍ଦିଲେ ରୋଜି ଲୋ
ହୁଏତ ସରିବ ନାହିଁ।
ଶୋକସନ୍ତପ୍ତ: ତୋର ବାବା, ମାମା, ଲୋନି, ଓମ୍‌ଶ୍ରୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୯୨୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଡଃ ନୃସିଂହ ଚରଣ ମହାନ୍ତି
ଭୋଇନଗର, ଭୁବନେଶ୍ୱର
ତିରୋଧାନ: ୨୯।୦୫।୨୦୧୮
ଜ୍ୟେଷ୍ଠ ସ୍ନାନପୂର୍ଣ୍ଣିମା
ହେ ପୁଣ୍ୟାତ୍ମା ଆପଣଙ୍କ ବିୟୋଗରେ ଆମେ ଅତ୍ୟନ୍ତ ମ୍ରିୟମାଣ। ଆପଣଙ୍କ ଅନୁପସ୍ଥିତିର ଶୂନ୍ୟତା ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଓ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲ ଗୌରଗୋବିନ୍ଦ ମହାରାଜଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୨୯୮୩



“ପିତା ପରମ ଆରାଧ, ପିତାଙ୍କୁ ସନ୍ତୁଷ୍ଟ କରିପାରିଲେ ସବୁ ଦେବତାମାନେ ମଧ ସନ୍ତୋଷ ଲାଭ କରନ୍ତି।

- କଠୋପନିଷେଧ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସଷ୍ଟେନବିଲିଟି ଫାଉଣ୍ଡେଶନ ପକ୍ଷରୁ ପରାମର୍ଶ ସମ୍ବନ୍ଧୀୟ କର୍ମଶାଳା, ହୋଟେଲ ଦ ନ୍ୟୁ ମାରିଅନ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଲୋକ ଦଳ ପକ୍ଷରୁ ବିକ୍ଷୋଭ, ଭୁବନେଶ୍ୱର ଉପ-ଆୟୁକ୍ତଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା ୩୦।
- ଶେଲଟର ଫାଉଣ୍ଡେଶନର ବାର୍ଷିକ ଉତ୍ସବ , ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୧ଟା ୩୦। ଶିଶୁ ପ୍ରତିଭା ସମ୍ମାନ, ସନ୍ଧ୍ୟା ୬ଟା ୩୦।
- ସାଜ୍ ଔର ଆୱାଜ ଅନୁଷ୍ଠାନ ପକ୍ଷରୁ 'ମେରା ପେରଦେଶୀ ନା ଆୟା', ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଭାରତୀୟ ବିଦ୍ୟା ଭବନ ଓ ଇନ୍ଫୋସିସ୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଲୁପ୍ତପ୍ରାୟ ଲୋକକଳା ସନ୍ଧ୍ୟା, ମୁକ୍ତମଞ୍ଚ, ଭାରତୀୟ ବିଦ୍ୟାଭବନ, ୟୁନିଟ-୩, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ରାପିଡ ରେସପନ୍ସ ଅନୁଷ୍ଠାନ ପକ୍ଷରୁ ଏକ ପ୍ରୋଜେକ୍ଟର ଶୁଭାରମ୍ଭ, ରଘୁରାଜପୁର, ଅପରାହ୍ନ ୫ଟା ୩୦।

**ଖୋର୍ଦ୍ଧା**

- ବରୁଣେଇ ରଜ ମହୋତ୍ସବର ଉଦ୍‌ଯାପନ ଦିବସ, ବରୁଣେଇ ପୀଠ, ଅପରାହ୍ନ ୪ ଟା।

**ବାଲିଅନ୍ତା**

- ରଜ ଉପଲକ୍ଷେ ଚଇତାଳି ଘୋଡ଼ା ନାଚ ପରିବେଷଣ, ଭୁବନପୁର, ମା' ଉତ୍ତରମୁଖି ପୀଠ, ପୂର୍ବାହ୍ନ ୧୦ଟା।

# ରଜ ରେକର୍ଡ: ୭ଲକ୍ଷ ଟପିଲା ପିଠା ବିକ୍ରି





- ପୋଡ଼ପିଠାର ଚାହିଦା ସବୁଠୁ ଅଧିକ
- ଆଜି ବି ପାନ୍ଥନିବାସରେ ମିଳିବ ପିଠା

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

ପୁଣିଥରେ ରଜ ପିଠାକୁ ନେଇ ଚର୍ଚ୍ଚାକୁ ଆସିଛି ପାନ୍ଥନିବାସ। ମାତ୍ର ୪ଦିନ ମଧ୍ୟରେ ୭ ଲକ୍ଷରୁ ଅଧିକ ଟଙ୍କାର ପିଠା ବିକ୍ରି କରିବାର ରେକର୍ଡ କରିଛି ଓଟିଡିସି ଦ୍ୱାରା ପରିଚାଳିତ ପାନ୍ଥନିବାସ। ବିଶେଷକରି ପ୍ରତିଥର ଭଳି ଏଥର ମଧ୍ୟ ପୋଡ଼ପିଠାର ଚାହିଦା ସର୍ବାଧିକ ରହିଥିଲା। ଅନ୍ୟପକ୍ଷରେ ରଜ ସରିଥିଲେ ମଧ୍ୟ ପାନ୍ଥନିବାସରେ ପିଠାବିକ୍ରି ଜାରି ରହିବ। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଲଗାତାର ୫ମ ଦିନ ପାଇଁ ପାନ୍ଥନିବାସରେ ପିଠା ବିକ୍ରି ହେବ। ବିଶେଷକରି ପୋଡପିଠା ପାଇଁ ଗ୍ରାହକଙ୍କ ଡିମାଣ୍ଡ୍ ଯୋଗୁ ଏଭଳି ନିଷ୍ପତ୍ତି ନେଇଛନ୍ତି କର୍ତ୍ତୃପକ୍ଷ। ସୋମବାର ପାନ୍ଥନିବାସ ପରିସରରେ ଦିନତମାମ ପୋଡ଼ପିଠା ବିକ୍ରି ପାଇଁ ଉପଲବ୍ଧ ହେବ ବୋଲି ଓଟିଡିସି ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ ୧୩ ତାରିଖ ସଜବାଜଠାରୁ ପାନ୍ଥନିବାସରେ ରଜ ଉତ୍ସବ ସହ ପିଠା ବିକ୍ରି ଆରମ୍ଭ ହୋଇଥିଲା। ଭୁବନେଶ୍ୱର ସମେତ କଟକ, ଚାନ୍ଦିପୁର, ଗୋପାଳପୁର, ସମ୍ବଲପୁର, ରାଉରକେଲା, ବରକୁଲ ଏବଂ ପାରାଦୀପରେ ଥିବା ପାନ୍ଥନିବାସରେ ୧୬ ତାରିଖ ପର୍ଯ୍ୟନ୍ତ ରଜ ମହୋତ୍ସବ ପାଳିତ ହେବାସହ ବିଭିନ୍ନ ପ୍ରକାର ପିଠା ବିକ୍ରି ପାଇଁ ଉପଲବ୍ଧ ହୋଇଥିଲା। ପୋଡ଼ପିଠା, ମଣ୍ଡା, ଆରିସା, କାକରା, ଚକୁଳି ପିଠା ସାଙ୍ଗକୁ ମୁଗବୁନ୍ଦି, କ୍ଷୀରଗଜା, ଦହିବରା, ଛେନାପୋଡ଼ ମୁଖ୍ୟ ଆକର୍ଷଣ ରହିଥିଲା। ଏହାସହ ଚଳିତବର୍ଷ ପ୍ରଥମଥର ପାଇଁ ଆଦିବାସୀମାନଙ୍କ ଲୋକପ୍ରିୟ ମହୁଲ ଓ ମାଣ୍ଡିଆରେ ପ୍ରସ୍ତୁତ ପିଠା ଭୁବନେଶ୍ୱର ପାନ୍ଥନିବାସରେ ଉପଲବ୍ଧ ହୋଇଥିଲା। ସେହିଭଳି ସମ୍ବଲପୁର ପ୍ରସିଦ୍ଧ ପିଠା ଖୁଦମଣ୍ଡା, କଦମ୍ବା, ମୁଗପାପ୍‌ଚି ସମ୍ବଲପୁର ପାନ୍ଥନିବାସରେ ଉପଲବ୍ଧ ହୋଇଥିଲା। ତେବେ ସଜବାଜରେ ୭୩ ହଜାର ଟଙ୍କାର ପିଠା ବିକ୍ରି ହୋଇଥିବା ବେଳେ ପହିଲି ରଜରେ ସର୍ବାଧିକ ୩ଲକ୍ଷ ୧୧ହଜାର ଟଙ୍କାର ପିଠା ବିକ୍ରି ହୋଇଥିଲା। ସେହିଭଳି ରଜ ସଂକ୍ରାନ୍ତିରେ ୨ଲକ୍ଷ ୫୨ହଜାର ଟଙ୍କାର ପିଠା ବିକ୍ରିବଟା ହୋଇଥିବାବେଳେ ୩ଦିନରେ ପିଠା ବ୍ୟବସାୟ ୬ଲକ୍ଷ ୩୬,୦୦୦ ଟିପିଥିଲା। ଶେଷରଜ ଅର୍ଥାତ୍ ୪ର୍ଥ ଦିନ ସନ୍ଧ୍ୟା ସୁଦ୍ଧା କାଉଣ୍ଟର ବନ୍ଦ ହୋଇ ନ ଥିବାବେଳେ ପ୍ରାୟ ୧ଲକ୍ଷ ୩୦ ହଜାର ଟଙ୍କାର ବେପାର ହୋଇଛି। ୫ମ ଦିନ ସୁଦ୍ଧା ପିଠା ବିକ୍ରି ଆହୁରି ବଢ଼ିବ ବୋଲି ଆଶା କରାଯାଉଛି। କେବଳ ଭୁବନେଶ୍ୱର ପାନ୍ଥନିବାସରେ ୭ ଲକ୍ଷରୁ ଅଧିକ ଟଙ୍କାର ପିଠା ବିକ୍ରି ହୋଇଥିବାବେଳେ ରାଜ୍ୟର ଅନ୍ୟାନ୍ୟ ପାନ୍ଥନିବାସରେ ମଧ ଏଥର ଭଲ ବିକ୍ରିବଟା ହୋଇଛି ବୋଲି ଥିବା ଓଟିଡିସି ପକ୍ଷରୁ ସୂଚନା ଦିଆଯାଇଛି।

## ବେଗୁନିଆ ରଜ ମଉଜ ପ୍ରତିଯୋଗିତା ହିଁ ମନୋବଳକୁ ଦୃଢ଼ କରେ

**ବେଗୁନିଆ,୧୬।୬(ଡି.ଏନ.ଏ.):** ବେଗୁନିଆ ବ୍ଲକ ଅଞ୍ଚଳରେ ଚାଲିଥିବା ରଜ ମଉଜର ରବିବାର ଥିଲା ୩ୟ ଦିବସ। ଏହି ଅବସରରେ ବିଭିନ୍ନ ସ୍ଥାନରେ ମହିଳା ଓ କୁମାରୀମାନଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାମଚଣ୍ଡୀଙ୍କ ପୀଠରେ ଦଉଡି ଡିଆଁ, ପୁଚି ଖେଳ ଓ ସଙ୍ଗୀତ ପରିବେଷଣ ସହ ଡ୍ୟାନ୍ସ ଡ୍ୟାନ୍ସ ଅନୁଷ୍ଠିତ ହୋଇଥିଲା। ସେହିପରି ବେଗୁନିଆସ୍ଥିତ ମା' ବରମୁଳେଇଙ୍କ ପୀଠ ନିକଟରେ ଥିବା ଆମ୍ବ ତୋଟା ପରିସରରେ କୁମାରୀମାନଙ୍କୁ ନେଇ ଝୋଟି, ଦୋଳି, ପୁଚି ଆଦି ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପୀଠ ପରିସରରେ ଯୁବ ଦର୍ଶକମାନଙ୍କ ପାଇଁ ରଙ୍ଗାରଙ୍ଗ ଓ ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନ୍ୟପକ୍ଷରେ ନୂଆସାହିସ୍ଥିତ ଦଧିବାମନ ଦେବଙ୍କ ଆମ୍ରକାନନରେ ଚାଲିଥିବା ରଜ ଉତ୍ସବର ୩ୟ ଦିବସରେ ଗୃହିଣୀ, କୁମାରୀ ଓ ମହିଳାମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଆୟୋଜକ ପତିତପାବନ କ୍ଲବର ସଭାପତି ହିମାଂଶୁ ଭୂଷଣ ଦାସ, ସମ୍ପାଦକ ଗଙ୍ଗାଧର ମାର୍ଥା ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ଅନୁଷ୍ଠାନର ଉପଦେଷ୍ଟା ଶିକ୍ଷକ ଦିବାକର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶାର ପ୍ରାଚୀନ ପରମ୍ପରା ରଜ ଉତ୍ସବ ଏବେ ଗ୍ରାମାଞ୍ଚଳରେ ଆଧୁନିକତାର ସ୍ପର୍ଶରେ ଦିନକୁଦିନ ବଦଳି ଯାଉଛି। ମାତ୍ର ଗୃହିଣୀ ଓ ଯୁବତୀମାନେ ସଚେତନ ହେଲେ ଗ୍ରାମାଞ୍ଚଳରେ ବୁଡି ଯାଉଥିବା ଏହି ପରମ୍ପରା ଉଜ୍ଜୀବିତ ହୋଇପାରିବ। ଏଥିସହ ପ୍ରତିଯୋଗିତା ହିଁ ମହିଳାମାନଙ୍କର ମନୋବଳକୁ ଦୃଢ କରିଥାଏ ବୋଲି ଅତିଥିମାନେ ମତ ରଖିଥିଲେ। ସକାଳ ହେବା ମାତ୍ରେ ଗୃହିଣୀ ,ଯୁବତୀମାନେ ପାଦରେ ଅଳତା ଓ ମୁଣ୍ଡରେ ଓଢଣି ପକାଇ ବିଭିନ୍ନ ବେଶଭୂଷାରେ ସଜ୍ଜିତ ହୋଇ ଉତ୍ସାହ, ଉଦ୍ଦୀପନାର ସହ ଆଗେଇ ଆସିଥିଲେ ଉତ୍ସବ ପଡିଆକୁ। ସେମାନଙ୍କ ମନରେ ଅଭିଳାଷ ଥିଲା ସେଠାରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବେ ଓ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହେବେ। ସେଠାରେ ପୁଚି, ଝୋଟି, ଦଉଡିଡିଆଁ, ସାଧାରଣ ଜ୍ଞାନ ଓ ଏକକ ଅଭିନୟ ପ୍ରତିଯୋଗିତାରେ ୮୦ ଜଣ ଭାଗ ନେଇଥିଲେ। ପରେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଓଡ଼ିଶୀ ଡ୍ୟାନ୍ସ, ବାଦ୍ୟ ପରିବେଷଣ ସହ ଗ୍ରୁପ ଡ୍ୟାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଣ୍ଡ ନୃତ୍ୟ ପରିବେଷଣରେ ଦର୍ଶକଙ୍କୁ ବିଭୋର କରିଥିଲା। ଶେଷରେ ଆୟୋଜକ କ୍ଲବ ପକ୍ଷରୁ ବିଭିନ୍ନ ଗଣମାଧମ ପ୍ରତିନିଧିମାନଙ୍କୁ ପୁରସ୍କୃତ କରାଯାଇଥିଲା।




ସ୍ନେହ ପକ୍ଷରୁ ସାଲିଆସାହିଠାରେ ରବିବାର ଆୟୋଜିତ ରଜ ମହୋତ୍ସବରେ ଅତିଥିଙ୍କ ଗହଣରେ ୩ ରଜ କୁଇନ୍।

# ବଛାହେଲେ ୩ ରଜ କୁଇନ୍

**ବସ୍ତି ମହିଳାଙ୍କ ରଜ ଉତ୍ସବ**

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସାଇଟି ଫର୍ ନେଚର, ଏଜୁକେଶନ ଆଣ୍ଡ ହେଲଥ୍(ସ୍ନେହ) ଆନୁକୂଲ୍ୟରେ ସ୍ଥାନୀୟ ସାଲିଆସାହି ବସ୍ତିର ମହିଳା ଏବଂ ଶିଶୁଙ୍କୁ ନେଇ ରଜ ମହୋତ୍ସବ ଆୟୋଜିତ ହୋଇଯାଇଛି। ସାଲିଆସାହିର ବିଭିନ୍ନ ବସ୍ତିରେ ରହୁଥିବା ମହିଳାଙ୍କ ପାଇଁ ରଜ ପୂର୍ବରୁ ମେହେନ୍ଦୀ, ଷ୍ଟ୍ର-ବଲ୍ ଓ ମୁରୁଜ ପ୍ରତିଯୋଗିତା ଆଦି ଆୟୋଜନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ବଛାଯାଇ ଶେଷ ରଜରେ ମେଫେୟାର ବସ୍ତିରେ ଥିବା 'ସ୍ନେହ' ସେଲ୍‌ଟରଠାରେ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହୋଇଥିଲା। ଗ୍ରାଣ୍ଡ ଫିନାଲେରେ ରଙ୍ଗୋଲିରେ ସୁନିତା ପରିଡ଼ା, ଷ୍ଟ୍ର-ବଲ୍‌ରେ ଅଭିଲିପ୍ସା ସେନ୍ ଓ ମେହେନ୍ଦୀରେ ପିଙ୍କି ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ହାସ୍ୟ ଅଭିନେତା ପପୁ ପମ୍ ପମ୍, ଚିର୍‌କୁଟ୍ ଫିଲ୍ମର ନାୟକ ଅରିଜିତ୍, ପୂର୍ବତନ କର୍ପୋରେଟର ଭାରତୀ ସିଂ, ମର୍ନିଂ କ୍ଲବ ସମ୍ପାଦକ ଅମୂଲ୍ୟ କୁମାର ଦାସ, କୋଲକାତାସ୍ଥିତ ମେନୋନାଇଟ୍ ସେଣ୍ଟ୍ରାଲ୍ କମିଟି ପ୍ରକଳ୍ପ ଅଧିକାରୀ ମଞ୍ଜୁଳା ପଟ୍ଟନାୟକ ଓ ଡା. ବିଶ୍ୱକଲ୍ୟାଣୀ ଦାସ ଯୋଗଦେଇ ୩ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୩ ପ୍ରତିଯୋଗୀଙ୍କୁ ରଜ କୁଇନ୍ ମୁକୁଟ ପିନ୍ଧାଇଥିଲେ। ଏହି ଅବସରରେ ବସ୍ତିର ମହିଳା ଓ ଝିଅମାନେ ମେହେନ୍ଦୀ ଲଗାଇବା ସହ ରଜଦୋଳିର ମଜା ନେଇଥିଲେ। ଏହାସହ ରଜ ସଂକ୍ରାନ୍ତିରେ ଯୁବକମାନଙ୍କ ମଧ୍ୟରେ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ 'ସ୍ନେହ'ର ଉପଦେଷ୍ଟା ସୁବାସ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ନିରଞ୍ଜନ ସାହୁ ଉପସ୍ଥାପନା କରିଥିଲେ।

## ନନ୍ଦନକାନନରେ ବର୍ଷା ବାଧକ ଶେଷ ରଜରେ ବି କମିଲେ ପର୍ଯ୍ୟଟକ

**ବାରଙ୍ଗ,୧୬।୬(ଡି.ଏନ୍.ଏ.)**

ରବିବାର ରଜର ଶେଷଦିନକୁ ଫିକା କରିଦେଇଥିଲା ବର୍ଷା। ବର୍ଷା ଯୋଗୁ ଆଶାଠାରୁ କମସଂଖ୍ୟକ ପର୍ଯ୍ୟଟକ ଆସିଥିଲେ। ସକାଳୁ ଧୀରେ ଧୀରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିଲେ ମଧ ବର୍ଷାପରେ ହଠାତ ସଂଖ୍ୟା କମିଯାଇଥିଲା। ଶେଷରଜରେ ନନ୍ଦନକାନନକୁ ଆସିଥିବା ୧୯,୧୦୮ଜଣ ପର୍ଯ୍ୟଟକଙ୍କଠାରୁ ରାଜସ୍ୱ ବାବଦରେ ୮,୩୩,୭୬୦ଟଙ୍କାର ଆଦାୟ ହୋଇପାରିଥିଲା। ଯାହାକି ଗତବର୍ଷ ଶେଷରଜଠାରୁ ୧୦,୧୦୩ଜଣ କମ ସଂଖ୍ୟକ ପର୍ଯ୍ୟଟକ ଆସିଥିଲେ।

ସେହିଭଳି ବଟାନିକାଲକୁ ମଧ ଶେଷରଜରେ ପର୍ଯ୍ୟଟକ ସଂଖ୍ୟା କମ ରହିଥିଲା। ରବିବାର ଆସିଥିବା ୮୧୦ଜଣ ପର୍ଯ୍ୟଟକଙ୍କଠାରୁ ରାଜସ୍ୱ ବାବଦରେ ୩୧,୫୧୦ଟଙ୍କାର ରାଜସ୍ୱ ଆଦାୟ ହୋଇପାରିଥିଲା। ଯାହାକି ଗତବର୍ଷଠାରୁ ୫୫୪ଜଣ ପର୍ଯ୍ୟଟକ କମ ଆସିଥିଲେ। ତେବେ ନନ୍ଦନକାନନକୁ ରଜ ୩ଦିନରେ ମୋଟ ୫୬,୦୯୦ଜଣ ଆସିଥିବା ପର୍ଯ୍ୟଟକଙ୍କଠାରୁ ୨୪ଲକ୍ଷ ୬୬,୭୯୦ଟଙ୍କାର ରାଜସ୍ୱ ଆଦାୟ ହୋଇପାରିଛି। ସେହଭଳି ବଟାନିକାଲ ଗାର୍ଡେନକୁ ୩ଦିନ ରଜରେ ୨୧୯୮ଜଣ ଆସିଥିବା ପର୍ଯ୍ୟଟକଙ୍କଠାରୁ ୧,୦୭,୯୪୦ଟଙ୍କାର ରାଜସ୍ୱ ଆଦାୟ ହୋଇପାରିଛି।

# ରଜ ପଦାରେ ଜମିଲା ମାଂସ ଭୋଜିର ଆସର

**ବାଲି ହରଚଣ୍ଡୀ ପୀଠରେ ରଜ ଉତ୍ସବ**

**ବ୍ରହ୍ମଗିରି, ୧୬।୬(ଡି.ଏନ୍.ଏ.)**

**ମାହେଶ୍ୱରୀ ବେଶରେ ମା'**



ବ୍ରହ୍ମଗିରିର ପ୍ରସିଦ୍ଧ ବାଲି ହରଚଣ୍ଡୀ ପୀଠରେ ଅନୁଷ୍ଠିତ ରଜ ଉତ୍ସବ ରବିବାର ତୃତୀୟ ଦିନରେ ପହଞ୍ଚିଲା। ଭୂଇଁଦହନ ଦିନ ହୋଇଥିବାରୁ ମା'ଙ୍କ ମାହେଶ୍ୱରୀ ବେଶ ସହ ରଜ ପଦାରେ ମାଂସ ଭୋଜିର ଆସର ଜମିଥିଲା।

ବିଭିନ୍ନ ଶକ୍ତିପୀଠ ମାନଙ୍କ ମଧ୍ୟରୁ ବାଲି ହରଚଣ୍ଡୀ ପୀଠରେ ପାଳିତ ହେଉଥିବା ରଜ ମହୋତ୍ସବ ବେଶ ନିଆରା। ରଜ ଓଡ଼ିଆ ଚଷା ପୁଅ ମାନଙ୍କ ଏକ ଗଣ ପର୍ବ। ବ୍ରହ୍ମଗିରି ଅଞ୍ଚଳର ଚଷାପୁଅ ଓ ବୀର ପାଇକ ମାନଙ୍କ ଅବସର ବିନୋଦନ ପାଇଁ ଏହି ପୀଠଟି ବେଶ ପ୍ରକୃଷ୍ଟ ସ୍ଥାନ। ସାରା ରାଜ୍ୟରେ ରଜ ୩ ଦିନ ଧରି ପାଳନ ହୋଇଥିବା ସମୟରେ ଏଠାରେ ରଜ ୪ ଦିନ ଧରି ପାଳନ ହୋଇଥାଏ। ରଜ ମଉଜ ପାଳନ କରିବା ପାଇଁ ପ୍ରାୟ ଆଖପାଖ ଗ୍ରାମବାସୀ ଉକ୍ତ ପୀଠରେ ଛାପା ପକାଇ ଭୋଜି ଭାତ କରି ଆମୋଦ ପ୍ରମୋଦ କରିଥାନ୍ତି। ଶନିବାର ଉକ୍ତ ପୀଠ ବେଶ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ପୀଠରେ ମାଂସ ଭୋଜିର ଆସର ଜମୁଥିବାର ଦେଖିବାକୁ ମଳିଥିଲା। ପ୍ରତି ଛାପାରେ ଗ୍ରାମବାସୀ ମାଂସ ଭୋଜି କରି ଆମୋଦ ପ୍ରମୋଦ କରୁଥିବାର ଦେଖିବାକୁ ମିଳିଥିଲା। ଏହି ଦିନ ମା' ମାହେଶ୍ୱରୀ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ। ସକାଳର ସମସ୍ତ ନୀତି କାନ୍ତି ପରେ ମା'ଙ୍କୁ ମାହେଶ୍ୱରୀ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ଦେଖିବାକୁ ଦିନ ତମାମ ଭକ୍ତଙ୍କ ଭିଡ଼ ଲାଗିଥିଲା। ଏଭଳିକି ଟ୍ରାଫିକ ନିୟନ୍ତ୍ରଣ କରିବାକୁ ପୋଲିସକୁ ନାକେଦମ ହେବାକୁ ପଡିଥିଲା।



ଖୋର୍ଦ୍ଧା ଜିଲା ବେଗୁନିଆ ନୂଆସାହିସ୍ଥିତ ଦଧିବାମନ ଦେବଙ୍କ ଆମ୍ରକାନନରେ ପତିତପାବନ କ୍ଲବ ପକ୍ଷରୁ ଚାଲିଥିବା ରଜ ଉତ୍ସବରେ ରବିବାର ଅନୁଷ୍ଠିତ ପୁଚି ଖେଳ ପ୍ରତିଯୋଗିତା।



କଟକ ରେଲୱେ ଖେଳପଡ଼ିଆରେ ସାଇ ସେବାଗ୍ରାମ ପକ୍ଷରୁ ଅନୁଷ୍ଠିତ ଶେଷ ରଜ ମହୋତ୍ସବରେ ପୁଚି ଖେଳୁଥିବା ଝିଅମାନେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସଙ୍ଗୀତା



ସ୍ମୃତିରେଖା



ପ୍ରଦୀପ



ଅରୋଜ



ଆଶୁତୋଷ



ବିଜୟ



ବବୁଲ



ଏମ୍.କେ. ଆଚାରୀ

# ଠାକୁରଙ୍କ ସମ୍ମୁଖରେ ଠିଆ ହେବା ମନା

ପୁରୀ ଅଫିସ, ୧୬।୬




ସ୍ନାନ ପୂର୍ଣ୍ଣିମା, ରଥଯାତ୍ରା ଏବଂ ବାହୁଡ଼ାରେ କିଛି ସେବକ ଠାକୁରଙ୍କ ସମ୍ମୁଖରେ ଠିଆ ହୋଇଥାନ୍ତି। ଏପରି କି କେହି କେହି ଶ୍ରୀଭୁଜରେ ଭରା ଦେଉଥିବା ବେଳେ ଆଉ କେହି ଶ୍ରୀଭୁଜ ତଳେ ମଧ୍ୟ ବସିଥାନ୍ତି। ଏହାଦ୍ୱାରା ଭକ୍ତଙ୍କ ଦର୍ଶନରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ଏଥିରେ କଟକଣା ଲଗାଇଛି ଶ୍ରୀମନ୍ଦିର ପ୍ରଶାସନ। କୌଣସି ସେବାୟତ ଶ୍ରୀଭୁଜକୁ ଭରା ଦେଇ ଛିଡା ହୋଇପାରିବେ ନାହିଁ କିମ୍ବା ଶ୍ରୀଭୁଜ ତଳେ ବସିବେ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥାବଳୀରେ ସ୍ପଷ୍ଟ କରିଛି।

ବ୍ୟବସ୍ଥାବଳୀ ଅନୁଯାୟୀ, ସ୍ନାନଯାତ୍ରା ଦିନ ସାତପାହଚ ଉପରେ ଦାରୁଦିଅଁଙ୍କ ମସ୍ତକରେ ଟାହିଆମାନ ବନ୍ଧାଯିବ। ଭକ୍ତମାନେ ଟାହିଆ ମଣ୍ଡିତ ଠାକୁରଙ୍କ ଅପୂର୍ବ ଦର୍ଶନର ସୁଯୋଗ ପାଇବା ନିମିତ୍ତ ଦଇତାପତି ସେବକମାନେ ଟାହିଆଗୁଡ଼ିକର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବେ। ଠାକୁରଙ୍କ ପହଣ୍ଡି ସମୟରେ କର୍ଡନ ଭିତରେ ଦଇତାପତି ଏବଂ ଆବଶ୍ୟକ ସଂଖ୍ୟକ ନୀତି ସମ୍ପୃକ୍ତ ସେବକ ରହିବେ। କୀର୍ତ୍ତନ ଚକଡ଼ା, ଆନନ୍ଦ ବଜାର ଏବଂ ଗାରଦ ନିକଟରେ ସୁଦୃଢ଼ ବ୍ୟାରିକେଡ କରାଯିବ। ମହାପ୍ରଭୁଙ୍କ ପହଣ୍ଡି ସମୟରେ ଦର୍ଶନାର୍ଥୀ ଯେପରି ଠାକୁରଙ୍କୁ ସ୍ପର୍ଶ କରି ନ ପାରନ୍ତି ସେଥିପ୍ରତି ଧ୍ୟାନ ଦିଆଯିବ। ଜଳବିଜେ, ଜଳପୂଜା ଓ ଜଳଲାଗି ସମୟରେ ପାଟଯୋଶୀ ମହାପାତ୍ର ଜଣେ, ଭିତରଚ୍ଛ ମହାପାତ୍ର ଜଣେ, ବଡ଼ପଣ୍ଡା ଜଣେ, ମୁଦିରସ୍ତ ଜଣେ, ପୁଷ୍ପାଳକ ୩ ଜଣ, ପ୍ରତିହାରୀ ୧୭, ଗରାବଡୁ ୧୦୯, ସୁଆରବଡୁ ୩, ପତ୍ରୀବଡୁ ୩, ଖୁଣ୍ଟିଆ ଜଣେ, ମେକାପ ୬ ଏବଂ ଦଇତାପତି ବାଡଗ୍ରାହୀ ସେବକମାନେ ସ୍ନାନମଣ୍ଡପ ଉପରେ ରହିବେ। ଦାରୁବିଗ୍ରହଙ୍କ ସମ୍ମୁଖ ଭାଗରେ ଯେପରି କେହି ରହିବେ ନାହିଁ ଦଇତାପତି ନିଯୋଗ ସଭାପତି, ସମ୍ପାଦକ, ୪ ବାଡ଼ଗ୍ରାହୀ ଏବଂ ପ୍ରତିହାରୀମାନେ ଏଥିପ୍ରତି ଦୃଷ୍ଟି ଦେବେ। ସ୍ନାନଜଳ ପୂଜା ବସିବା ସମୟରେ ଏବଂ ଜଳଲାଗି ସମୟରେ ଗରାବଡୁ ସେବକଙ୍କ ବ୍ୟତୀତ ଅନ୍ୟ ସେବକମାନେ ଜଳଗଡୁ ସ୍ପର୍ଶ କରିବେ ନାହିଁ। ଜଳ ଲାଗି ଆରମ୍ଭ ହେଲେ ପ୍ରତି ବାଡ଼ ପାଇଁ ପର୍ଯ୍ୟାୟକ୍ରମେ ୪ ଜଣ ଲେଖାଏ ଗରାବଡୁ ସେବକ ଜଳଗଡୁ ନେଇ ମେକାପ ଧରିଥିବା ରୂପା ପିଙ୍ଗଣରେ ଢାଳିବା ପରେ ସେମାନେ ସ୍ନାନମଣ୍ଡପ ତଳକୁ ଚାଲି ଆସିବେ। ଜଳ ପୂଜା ବଢିବା ପରେ ଗରାବଡୁମାନେ ଜଳଗଡୁର ଅଭିମନ୍ତ୍ରିତ ଜଳ ମେକାପ ଧରିଥିବା ରୂପା ପିଙ୍ଗଣରେ ସମ୍ପୂର୍ଣ୍ଣ ଭାବେ ଢାଳିବେ। ମେକାପ ସେବକ ସେହି ପିଙ୍ଗଣକୁ ସେହି ବାଡରେ ପୂଜାପଣ୍ଡାଙ୍କ ହାତକୁ ବଢାଇବେ। ପରିଚାଳନା କମିଟି ଏବଂ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ, ପୂଜାପଣ୍ଡା ପିଙ୍ଗଣ ଜଳରେ ମହାପ୍ରଭୁଙ୍କୁ ସ୍ନାନ କରାଇବେ। ଗଜାନନ ବେଶ ନିମନ୍ତେ ବେଶ ସାମଗ୍ରୀ ଆଣିଥିବା ମଠର ସେବକମାନେ ସମ୍ପୃକ୍ତ ଶ୍ରୀମନ୍ଦିର ସେବକଙ୍କୁ ହସ୍ତାନ୍ତର କଲା ପରେ ସ୍ନାନମଣ୍ଡପ ତଳକୁ ଓହ୍ଲାଇ ଆସିବେ। ମଠ ସେବକମାନେ ଦାରୁବିଗ୍ରହଙ୍କୁ ସ୍ପର୍ଶ କରିବେ ନାହିଁ। ସାହାଣ ମେଳା ଦର୍ଶନ ପାଇଁ ଯାଉଥିବା ଦର୍ଶନାର୍ଥୀ ସ୍ନାନମଣ୍ଡପର ଦକ୍ଷିଣ ପାର୍ଶ୍ୱ ପାହଚରେ ପ୍ରବେଶ କରି ଦର୍ଶନ ଶେଷ ପରେ ଉତ୍ତରପଟ ପାହଚରେ ପ୍ରସ୍ଥାନ କରିବେ। ଏହି ସାହାଣ ମେଳା ଦର୍ଶନର ଶେଷ ଅଧଘଣ୍ଟା ଶ୍ରୀମନ୍ଦିର ସେବକ ପରିବାର ଦର୍ଶନ ନିମନ୍ତେ ବ୍ୟବସ୍ଥା କରାଯିବ ଏବଂ ଏହି ସମୟରେ ସାହାଣମେଳାର ସମସ୍ତ ବିଧି ବ୍ୟବସ୍ଥା ଅକ୍ଷୁଣ୍ଣ ରହିବ। କୌଣସି ଦର୍ଶନାର୍ଥୀ ଠାକୁରଙ୍କ ନିକଟକୁ ଯାଇପାରିବେ ନାହିଁ ଏବଂ ସ୍ପର୍ଶ କରିପାରିବେ ନାହିଁ। ଭକ୍ତଙ୍କ ସ୍ୱଚ୍ଛନ୍ଦ ଦର୍ଶନ ପାଇଁ ସ୍ନାନବେଦୀ ମଧ୍ୟ ଭାଗରେ ଓ ଠାକୁରଙ୍କ ସମ୍ମୁଖରେ କେହି ଠିଆ ହେବେ ନାହିଁ ବୋଲି ବ୍ୟବସ୍ଥାବଳୀରେ ଉଲ୍ଲେଖ କରାଯାଇଛି।

# ସ୍ନାନଯାତ୍ରା: ମଙ୍ଗଳମୟ ଆବାହନୀର ଉତ୍ସବ

ପୁରୀ ଅଫିସ, ୧୬।୬

ପବିତ୍ର ସ୍ନାନ ପୂର୍ଣ୍ଣିମାରେ ରତ୍ନସିଂହାସନରୁ ଓହ୍ଲାଇ ଆସିବେ କାଳିଆ ଠାକୁର। ସ୍ନାନମଣ୍ଡପରେ କରିବେ ପ୍ରତ୍ୟକ୍ଷ ସ୍ନାନ। ଏଥିପାଇଁ ପ୍ରସ୍ତୁତ ସରିଛି ଟାହିଆ, ଚୂଳ ଆଉ ହାତୀବେଶ। ବଡ଼ଦାଣ୍ଡ ବି ଅପେକ୍ଷା କରିଛି। ତେବେ ସ୍ନାନପୂର୍ଣ୍ଣିମା ହେଉଛି ମଙ୍ଗଳମୟ ଆବାହନୀର ଉତ୍ସବ। କାରଣ ୧୦୮ ଗଡୁ ସୁବାସିତ ଜଳରେ ମହାପ୍ରଭୁ ସ୍ନାନ ସାରିବା ପରେ ଜଗତ ମଙ୍ଗଳ ପାଇଁ ଅନବସର ଗୃହରେ ପ୍ରବେଶ କରିବେ। ପରେ ପରେ ପୁଣି ମଙ୍ଗଳମୟ ରୂପେ ଜଗତ ଜନାର୍ଦ୍ଦନଙ୍କୁ ଏକାକାର କରିବା ଲାଗି ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ।

ଅଖିଳ ବ୍ରହ୍ମାଣ୍ଡନାଥ ଶ୍ରୀଜଗନ୍ନାଥ ମହାପ୍ରଭୁ ସକଳ ଜଗତର ସ୍ରଷ୍ଟା, ପାଳକ ଏବଂ ସଂହାରକ। ସକଳ ସଂସାର ସୃଷ୍ଟି କରି ଏହି ପରମ ପାବନ ପୁରୁଷୋତ୍ତମ କ୍ଷେତ୍ରରେ ସେ ଅବସ୍ଥାନ କରିଛନ୍ତି। ତାଙ୍କୁ ଦର୍ଶନ କରିବା ପାଇଁ ଯୁଗ ଯୁଗ ଧରି ଦେବ, ମାନବ, ଯୋଗୀ, ଋଷି ଏହି କ୍ଷେତ୍ରକୁ ଆସୁଛନ୍ତି। ମହାପ୍ରଭୁ ମଧ୍ୟ ନିଜର ଭାଇ, ଭଉଣୀଙ୍କୁ ସାଙ୍ଗରେ ଧରି ସାଧାରଣ ମଣିଷଟିଏ ଭଳି ଲୀଳା କରୁଛନ୍ତି। ସାଧାରଣ ମଣିଷ ଯେଉଁଭଳି ନିଜ ଜନ୍ମ ଦିନକୁ ଧୂମ୍‌ଧାମରେ ପାଳନ କରିଥାନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁ ମଧ୍ୟ ମାନବୀୟ ଲୀଳା କ୍ରମରେ ନିଜ ଆବିର୍ଭାବ ତିଥିକୁ ମହାସମାରୋହରେ ପାଳନ କରୁଛନ୍ତି। ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି ମହାପ୍ରଭୁ ସ୍ୱମୁଖରେ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ କହିଥିଲେ, ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ହେଉଛି ମୋର ଆବିର୍ଭାବ ଦିବସ। ଏହି ଦିନ ଆଦର ସହକାରେ ଭକ୍ତିପୂତ ହୃଦୟରେ ଯଥାବିଧି ମୋର ମହାସ୍ନାନ କରାଇବ। ସେହି ବଚନକୁ ପାଳନ କରି ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କଠାରୁ ଆରମ୍ଭ କରି ଅଦ୍ୟାବଧି ପାବନ ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀମନ୍ଦିର ପରିସରରେ ମହାପ୍ରଭୁଙ୍କ ଆବିର୍ଭାବ ବିଧି ପାଳିତ ହୋଇଆସୁଛି। ସୁନା କୂଅର ୧୦୮ ଗଡୁ ଜଳରେ କାଳିଆ ଠାକୁର ଅତି ଆନନ୍ଦରେ ସ୍ନାନ କରି ତୃପ୍ତ ହେଉଛନ୍ତି। ମହାପ୍ରଭୁଙ୍କ ତୃପ୍ତି ଜଗତର କଲ୍ୟାଣ ପାଇଁ ଅଭିପ୍ରେତ। ଶାସ୍ତ୍ରାନୁଯାୟୀ, ଭଗବାନ ସନ୍ତୁଷ୍ଟ ହେଲେ, ଜଗତ ସନ୍ତୁଷ୍ଟ ହୋଇଥାଏ। ତେଣୁ ଏହି ପ୍ରତ୍ୟକ୍ଷ ସ୍ନାନ ଦ୍ୱାରା ବିଶ୍ୱନିୟନ୍ତା ସନ୍ତୁଷ୍ଟ ହୋଇ ଜଗତର କଲ୍ୟାଣ ବିଧାନ କରୁଛନ୍ତି। ଏହିଦିନ ମଧ୍ୟ ମହାପ୍ରଭୁ ଗଜାନନ ବେଶରେ ବିଭୂଷିତ ହୋଇ ଭକ୍ତମାନଙ୍କୁ ଆହ୍ଲାଦିତ କରିଥାନ୍ତି। ମହାପ୍ରଭୁ ଯେ ସମସ୍ତଙ୍କର ଆରାଧ୍ୟ ଏହି ବେଶରୁ ତାହା ପ୍ରତିପାଦିତ ହୋଇଥାଏ। ଯିଏ ଯେଉଁ ରୂପରେ ତାଙ୍କୁ ଦର୍ଶନ କରିବାକୁ ଇଚ୍ଛା କରେ ଦାରୁବିଗ୍ରହ ସମ୍ପୃକ୍ତ ଭକ୍ତର ସେହି କାମନାକୁ ପୂର୍ଣ୍ଣ କରିଥାନ୍ତି। ଏହି ସ୍ନାନଯାତ୍ରା ଅତୀବ ପ୍ରାଚୀନ। ବାହାର ବେଢା ନିର୍ମିତ ହେବା ପୂର୍ବରୁ ଏହା ଏକ କାଷ୍ଠ ନିର୍ମିତ ମଞ୍ଚରେ ଅନୁଷ୍ଠିତ ହେଉଥିଲା। ଏଥିପାଇଁ ଏହି ଯାତ୍ରାର ନାମ ଥିଲା ମଞ୍ଚା ସ୍ନାନ। କିନ୍ତୁ ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବଙ୍କ ସମୟରେ ପଞ୍ଚଦଶ ଶତାବ୍ଦୀରେ ବାହାର ବେଢା ନିର୍ମାଣ କରାଗଲା ପରେ ମନ୍ଦିରର ଈଶାନ୍ୟ କୋଣରେ ନିର୍ମିତ ସ୍ନାନବେଦୀରେ ଏହି ଉତ୍ସବ ଅନୁଷ୍ଠିତ ହୋଇଆସୁଛି।



## ତିଆରି ସରିଛି ହାତୀବେଶ

# ଆଜି ଧାରଣ କରିବେ ମହାପ୍ରଭୁ

ପୁରୀ ଅଫିସ, ୧୬।୬

ଦେବସ୍ନାନ ପୂର୍ଣ୍ଣିମାରେ ହାତୀ ବେଶ (ଗଜାନନ ବେଶ) ଧାରଣ କରିବେ ମହାପ୍ରଭୁ। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଏହି ବେଶ ନିର୍ମାଣ ରବିବାର ଶେଷ ହୋଇଛି। ସୋମବାର କାହାଳୀ, ଘଣ୍ଟ ଆଦି ବାଜି ଶ୍ରୀମନ୍ଦିରକୁ ଯିବ ଏହି ବେଶ। ସ୍ନାନ ଓ ଛେରାପହଁରା ନୀତି ସମ୍ପନ୍ନ ପରେ ହାତୀବେଶ ଧାରଣ କରିବେ ମହାପ୍ରଭୁ।

ରାଘବ ଦାସ ମଠ ଶ୍ରୀଜଗନ୍ନାଥ ଓ ମା' ସୁଭଦ୍ରାଙ୍କ ପାଇଁ ଏବଂ ଗୋପାଳ ତୀର୍ଥ ମଠ ଶ୍ରୀବଳଭଦ୍ର ଏବଂ ଶ୍ରୀସୁଦର୍ଶନଙ୍କ ପାଇଁ ହାତୀ ବେଶ ଯୋଗାଇ ଆସୁଛନ୍ତି। ଶ୍ରୀବଳଭଦ୍ର ଧଳାହାତୀ ବେଶ ଏବଂ ଶ୍ରୀଜଗନ୍ନାଥ କଳାହାତୀ ବେଶ ଧାରଣ କରିଥାନ୍ତି। ହାଣ୍ଡିଆ, ତରାଶ, ଆଡକାନି, ଚନ୍ଦ୍ରସୂର୍ଯ୍ୟ, ଦୁଇଟି କାନ, ଥୋଡ, ଅଧର, ୨ଟି ଦାନ୍ତ, ଚିତା, ନାକଚଣା ଏବଂ ତିଳକ ଆଦି ଲାଗି ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ବେଶ ହୋଇଥାଏ। ଅନ୍ୟପଟେ ତରାଶ, ଛତି, ତଡକି, ଚିତା ଓ ନାକଚଣା ଆଦି ଆଭୂଷଣ ସୁଭଦ୍ରାଙ୍କୁ ଲାଗି ହେଉଥିବା ବେଳେ ସୁଦର୍ଶନଙ୍କୁ ଫୁଲ ଚୂଳ ଓ ନୀଳଚକ୍ର ଆଦି ଲାଗି ହୋଇଥାଏ। ଶିଳ୍ପୀ ବସନ୍ତ ରଣା କୁହନ୍ତ, କନା, ଭେଲଭେଟ କପଡା, ଜରି, ଶୋଲ, କଦଳୀ ପଟୁକା ଓ କଇଁଥ ଅଠା ଆଦି ବ୍ୟବହାର କରି ଏହି ବେଶ ପ୍ରସ୍ତୁତ ହୋଇଥାଏ। ବେଶ ପ୍ରସ୍ତୁତି ଲାଗି ଧଳା, କଳା, ନାଲି, ହଳଦିଆ ଏବଂ ନେଳି ରଙ୍ଗର ପ୍ରାୟ ୨୦ରୁ ୩୦ମିଟର କନା ଆବଶ୍ୟକ ହୋଇଥାଏ। ନୟାଗଡ଼ ଜିଲା ରଣପୁରର ବାସୁଦିଆ ମୌଜାରୁ କଦଳୀ ପଟୁକା ଅଣାଯାଇଥାଏ। ପ୍ରଥମେ କଦଳୀ ପାଟୁରେ ଫ୍ରେମ ତିଆରି ହୋଇ ତାପରେ କନା, ଜରି, ଭେଲଭେଟ ଓ ଅନ୍ୟାନ ସାଜସଜ୍ଜା କରାଯାଇଥାଏ। ଦରଜୀ, ଚିତ୍ରକର, ଶୋଲ କାରିଗରଙ୍କ ସମେତ ୮ ଜଣ ମିଶି ଏହି ବେଶ ପ୍ରସ୍ତୁତ କରୁଛନ୍ତି। ହାତୀବେଶ ରଖାଯିବା ନିମନ୍ତେ ବାଉଁଶ ପାତିଆରେ ସ୍ୱତନ୍ତ୍ର ଧରଣର ତାଟ ନିର୍ମିତ ହୋଇଥାଏ। ବେଶ ସମ୍ପୂର୍ଣ୍ଣ ହେବା ପରେ ସ୍ନାନ ପୂର୍ଣ୍ଣିମା ଦିନ ତାଟ ଧୂଆଯାଇ ସଂସ୍କାର କରାଯାଇଥାଏ। ଶ୍ରୀମନ୍ଦିରରୁ ଘଣ୍ଟ, ଓଲାର, କାହାଳି, ବଜନ୍ତରୀ ମଠରେ ପହଞ୍ଚିବା ପରେ ତାଟରେ ବେଶ ରଖାଯାଇ ପଣାଭୋଗ ହୋଇଥାଏ। ପରେ ଏହା ଶ୍ରୀମନ୍ଦିରକୁ ଯାଇଥାଏ।

### ଭକ୍ତର ଇଚ୍ଛା ପୂରଣ ପାଇଁ ହାତୀବେଶ

ମହାପ୍ରଭୁ ହାତୀବେଶ (ଗଜାନନ) ହେବା ପଛରେ ଏକ ଜନଶ୍ରୁତି ରହିଛି। ଦାକ୍ଷିଣାତ୍ୟର ଗଣପତି ଭଟ୍ଟ ନାମରେ ଜଣେ ଗଣେଶ ଭକ୍ତ ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀକ୍ଷେତ୍ରକୁ ଆସିଥିଲେ। ସେ ଗଣପତିଙ୍କ ବ୍ୟତୀତି ଅନ୍ୟ କୌଣସି ଦେବତାଙ୍କୁ ଉପାସନା କରୁ ନ ଥିଲେ। ସେ ଗଣେଶଙ୍କୁ ହିଁ ପରଂବ୍ରହ୍ମ ବୋଲି ବିଶ୍ୱାସ କରୁଥିଲେ। ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦୀରେ ସେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ। କିନ୍ତୁ ଗଣପତିଙ୍କୁ ନ ପାଇ ଅଭିମାନରେ ଫେରି ଯାଉଥିଲେ। ଭକ୍ତର ମନକଥା ଜାଣି ମୁଦିରଥଙ୍କୁ ମହାପ୍ରଭୁ ସ୍ୱପ୍ନାଦେଶ କଲେ। ଅଧାରାସ୍ତାରୁ ଗଣପତି ଭଟ୍ଟଙ୍କୁ ଫେରାଇ ଆଣିବା ସହିତ ପୁନଃ ଦର୍ଶନ ନିମନ୍ତେ ମୁଦିରଥଙ୍କୁ ସ୍ୱପ୍ନରେ କହିଲେ। ଗଣପତି ଫେରିଆସି ସ୍ନାନବେଦୀ ଉପରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ। ଦର୍ଶନ କରିବା ସମୟରେ ମହାପ୍ରଭୁ ଗଣେଶ ରୂପରେ ପ୍ରତୀୟମାନ ହୋଇଥିଲେ। ସେହି ସ୍ମାରକୀ ସ୍ୱରୂପ ପ୍ରତି ବର୍ଷ ସ୍ନାନଯାତ୍ରାରେ ସ୍ନାନବେଦୀରେ ମହାପ୍ରଭୁ ହାତୀ ବେଶ ତଥା ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି ବୋଲି ଗବେଷକ ନରେଶ ଚନ୍ଦ୍ର ଦାଶ କହିଛନ୍ତି।



# ଦେବପ୍ରସ୍ଥରେ ଶ୍ରୀଜଗନ୍ନାଥ

ଐତିହ୍ୟ ପୃଷ୍ଠାରୁ...

**ପ୍ରାଚୀନ ସନାତନ ପରମ୍ପରାରେ ଅଖଣ୍ଡ ଭାରତବର୍ଷକୁ ୫ଟି ପ୍ରସ୍ଥରେ ନାମିତ କରାଯାଇଥିଲା। ମହାଭାରତ ଯୁଦ୍ଧ ସମୟରେ ବି ଏହି ପ୍ରସ୍ଥଗୁଡ଼ିକ ରହିଥିଲା। ତନ୍ତ୍ର ଶାସ୍ତ୍ରରେ ଏହି ପ୍ରସ୍ଥଗୁଡ଼ିକ ସମ୍ବନ୍ଧରେ ଅନେକ ରୋଚକ ତଥ୍ୟ ମିଳିଥାଏ।**



### ଇନ୍ଦ୍ରପ୍ରସ୍ଥ

ଇନ୍ଦ୍ରପ୍ରସ୍ଥର ଅର୍ଥ ପୂର୍ବଦିଗ। ଏହାର ପୂର୍ବରେ ରହିଥିଲା ମଥୁରା ଓ ଗୋକୁଳ। କୋଣରେ ବୃନ୍ଦାବନ। ଉତ୍ତର ଦିଗରେ ହସ୍ତିନାପୁର। ପଶ୍ଚିମ ଦିଗରେ ଦ୍ୱାରକା ଏବଂ ଦକ୍ଷିଣ ଦିଗରେ ଗଦାବର୍ତ୍ତ। ଇନ୍ଦ୍ରପ୍ରସ୍ଥର ରାଜାଙ୍କୁ କୁହାଯାଉଥିଲା ଅଶ୍ୱପତି।

### ଯମପ୍ରସ୍ଥ

ଇନ୍ଦ୍ରପ୍ରସ୍ଥର ଦକ୍ଷିଣ ଦିଗରେ ରହିଥିଲା ଏହି ଭୂଭାଗ। ଯମପ୍ରସ୍ଥର ପୂର୍ବଦିଗରେ ଥିଲା ସପ୍ତଶୃଙ୍ଗୀ। ପଶ୍ଚିମଦିଗରେ ସୋମେଶ୍ୱର। ଉତ୍ତରଦିଗ ବାମଭାଗରେ ମାୟାପୁର ଓ ଦକ୍ଷିଣ ଦିଗରେ ଭେଙ୍କଟେଶ। ଯମପ୍ରସ୍ଥର ରାଜା ନରପତି ଭାବେ ପରିଚିତ ଥିଲେ।

### ବାରୁଣାପ୍ରସ୍ଥ

ବାରୁଣାପ୍ରସ୍ଥର ଅର୍ଥ ପଶ୍ଚିମଦିଗ। ଏହାର ପୂର୍ବଦିଗ ଓ ଦକ୍ଷିଣ ଦିଗର ବିବରଣୀ ଜଣାଯାଉ ନାହିଁ। ପଶ୍ଚିମ ଦିଗରେ ମକ୍କେଶ୍ୱର। ଉତ୍ତରରେ ହିଙ୍ଗୁଳ ଦେଶ।

### କୂର୍ମପ୍ରସ୍ଥ

କୂର୍ମପ୍ରସ୍ଥର ପୂର୍ବ ଦିଗରେ ଥିଲା କାମାକ୍ଷାଦେଶ। ପଶ୍ଚିମ ଦେଶରେ ସାରଦା ଦେବୀ। ଉତ୍ତରରେ ମାନେଶ୍ୱର ତୀର୍ଥ ଓ ଦକ୍ଷିଣ ଦିଗରେ ଗୋକର୍ଣ୍ଣେଶ୍ୱର।

### ଦେବପ୍ରସ୍ଥ

ଦେବପ୍ରସ୍ଥର ପୂର୍ବ ଦିଗରେ ଥିଲେ ଶ୍ରୀଜଗନ୍ନାଥ। ପଶ୍ଚିମରେ ଶ୍ରୀଗାୟତ୍ରୀ। ଉତ୍ତରରେ ଅମରକଣ୍ଟକ, ଦକ୍ଷିଣରେ ଶ୍ରୀରଙ୍ଗମ୍। ବର୍ତ୍ତମାନ ତିରୁଚିରାପଲ୍ଲୀ ନିକଟ କାବେରୀ ନଦୀକୂଳ ପର୍ଯ୍ୟନ୍ତ ସେଇଠି ଶ୍ରୀରଙ୍ଗମ୍ ସହରରେ ଶ୍ରୀରଙ୍ଗନାଥ ବିଜେ କରିଛନ୍ତି। ଦେବପ୍ରସ୍ଥର ମଧ୍ୟ ଭାଗରେ ରହିଥିଲା କାଞ୍ଚିପୁରମ୍ ଓ ମୋହନାବର୍ତ୍ତ।

ଦେବପ୍ରସ୍ଥ ଥିଲା ପବିତ୍ର ଭୂଭାଗ। ଏହାରି ମଧ୍ୟରେ ଥିଲା ଶ୍ରୀଜଗନ୍ନାଥ ଧାମ, ଅମରକଣ୍ଟକ, ଶ୍ରୀରଙ୍ଗମ୍ ଓ କାଞ୍ଚିପୁରମ୍। ଶ୍ରୀଜଗନ୍ନାଥ ଧାମ ସେ କାଳଖଣ୍ଡରେ ଉତ୍କଳ ଦେଶ ମଧ୍ୟରେ ରହିଥିବାରୁ ଶ୍ରୀଜଗନ୍ନାଥଙ୍କୁ ନେଇ ଭୂଭାଗଟି ଉତ୍କଳ ଦେଶ ନାମରେ ମଧ୍ୟ ପରିଚିତ ଥିଲା। ଉତ୍କଳ ଦେଶର ସୀମା ମଗଧ ଦେଶଠାରୁ ଶ୍ରୀଜଗନ୍ନାଥ ପୁରୀ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା।

ଡ. ସୁରେନ୍ଦ୍ର କୁମାର ମିଶ୍ର

# ଶେଷପର୍ଯ୍ୟାୟରେ ଟାହିଆ କାମ

ପୁରୀ ଅଫିସ, ୧୬।୬



ଦେବସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧାବିଗ୍ରହ ଗୋଟି ପହଣ୍ଡିରେ ସ୍ନାନବେଦୀକୁ ବିଜେ କରିବେ। ଏହି ପହଣ୍ଡି ବେଳେ ମହାପ୍ରଭୁଙ୍କୁ ଲାଗି ହୁଏ ଟାହିଆ। ପହଣ୍ଡି ବେଳେ ଟାହିଆରେ ସୁସଜ୍ଜିତ ଶ୍ରୀଜୀଉମାନେ ଟହଲି ଟହଲି ଆସୁଥିବା ଦୃଶ୍ୟ ଭକ୍ତଙ୍କୁ ଭାବବିହ୍ୱଳିତ କରିଥାଏ। ମଙ୍ଗଳାର୍ପଣ କରାଯାଇ ଡୋରଲାଗି ପରେ ପହଣ୍ଡି ଆରମ୍ଭ ହୁଏ। ସ୍ନାନ ପୂର୍ଣ୍ଣିମାରେ ଶ୍ରୀବିଗ୍ରହମାନେ ରତ୍ନସିଂହାସନରୁ ପହଣ୍ଡି ବିଜେରେ କଳାହାଟ ଦ୍ୱାର, ଜୟବିଜୟ ଦ୍ୱାର, ନାଟମଣ୍ଡପ, ସାତପାହାଚ, ପାଟ ଅଗଣା, ଆନନ୍ଦ ବଜାର ଦେଇ ସ୍ନାନବେଦୀକୁ ଆସିଥାନ୍ତି। ସାତ ପାହଚ ଠାରେ ଶ୍ରୀବିଗ୍ରହମାନଙ୍କୁ ଟାହିଆ ପିନ୍ଧାଯାଇଥାଏ। ରାଘବ ଦାସ ମଠରେ ଏହି ପାରମ୍ପରିକ ଟାହିଆ ପ୍ରସ୍ତୁତ କରାଯାଏ। ଶିଳ୍ପୀ ବସନ୍ତ ରଣା କୁହନ୍ତି, ଏହି କାମ ପାରମ୍ପରିକ ଶୈଳୀରେ କରାଯାଏ। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ନିଳାଦ୍ରୀ ବିଜେରେ ସମାପ୍ତ ହୋଇଥାଏ। ସ୍ୱତନ୍ତ୍ର ମାପରେ ବାଉଁଶ କଦଳୀପଟୁକା, ସୋଲ, ଜରି, ରଙ୍ଗୀନ କନା, ପଇତାସୁତା, ରଙ୍ଗରେ ଏହି ଟାହିଆ ପ୍ରସ୍ତୁତ ହୋଇଥାଏ। ପ୍ରାଥମିକ ସ୍ତରରେ ବାଉଁଶର କାଠିକୁ ସ୍ୱତନ୍ତ୍ର କାଠରେ ନିର୍ମିତ ଯନ୍ତାରେ ଖଞ୍ଜାଯାଏ। ଟାହିଆର ସମସ୍ତ କାମ ସରିବା ପରେ ଏହାକୁ ଯନ୍ତାରୁ କାଢି ନିଆଯାଏ। ଟାହିଆ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଏଥିରେ ସୁବାଷିତ ଫୁଲ ଯଥା ମଲ୍ଲୀ, ମାଳତୀ, ଟଗର, ପଦ୍ମଫୁଲ ଏବଂ ଦୁବ ଆଦି ଖଞ୍ଜାଯାଇଥାଏ। ଟାହିଆର ଅଗ୍ର ଭାଗରେ ଦୁବ ଓ କିଆ ଲଗାଯାଇଥାଏ। ଶ୍ରୀଜଗନ୍ନାଥ ଏବଂ ଶ୍ରୀବଳଭଦ୍ରଙ୍କ ପାଇଁ ଟାହିଆ ପ୍ରସ୍ତୁତ ହେଉଥିବାବେଳେ ସୁଦର୍ଶନ ଏବଂ ଦେବୀ ସୁଭଦ୍ରାଙ୍କ ପାଇଁ ଚୂଳ କାଠି ପ୍ରସ୍ତୁତ ହୋଇଥାଏ। ଚୂଳକାଠି ଫୁଲରେ ତିଆରି ହୋଇଥାଏ।

ଟାହିଆ ସମ୍ପର୍କରେ ଐତିହ୍ୟ ବିଶାରଦ ଡ.ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ପୁରୁଷୋତ୍ତମ ଦେବଙ୍କ ସମୟରେ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ବେଳେ ନରେନ୍ଦ୍ରରେ ଝଡ଼ ବତାସରେ ଶ୍ରୀମଦନମୋହନଙ୍କ ଚାପଟି ବୁଡିଯାଇଥିଲା। ସେହି ସମୟରେ ରାଘବ ଦାସ ମଠ ମହନ୍ତ ମଦନମୋହନଙ୍କ ବିଗ୍ରହକୁ ମନ୍ଦିରକୁ ପ୍ରଦାନ କରିଥିଲେ। ଗଜପତି ପୁରୁଷୋତ୍ତମ ଦେବ ସେହିଦିନଠାରୁ ରାଘବ ଦାସ ମଠକୁ ମହାପ୍ରଭୁଙ୍କ ପହଣ୍ଡିର ସମସ୍ତ ଟାହିଆ ଯୋଗାଇ ଦେବା ନିମନ୍ତେ ସ୍ଥାବର ଭୂସମ୍ପତି ଯୋଗାଇ ଦେଇଥିଲେ। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ସେବା ମଠ ପକ୍ଷରୁ ସମ୍ପନ୍ନ କରାଯାଉଛି।

### କେବେ ଲାଗି ହୁଏ ଟାହିଆ

ମହାପ୍ରଭୁଙ୍କ ପହଣ୍ଡି ସମୟରେ ଟାହିଆ ଲାଗି ହୋଇଥାଏ। ମହାପ୍ରଭୁଙ୍କ ଗୋଟି ପହଣ୍ଡି ଓ ଧାଡି ପହଣ୍ଡିରେ ଏହି ଟାହିଆ ଲାଗି ହୋଇଥାଏ। ସ୍ନାନବେଦୀକୁ ଗୋଟି ପହଣ୍ଡି ସମୟରେ, ସ୍ନାନବେଦୀରୁ ଅଣସର ପିଣ୍ଡିକୁ ଧାଡି ପହଣ୍ଡିରେ, ଅଣସର ପିଣ୍ଡିରୁ ଧାଡି ପହଣ୍ଡିରେ ରଥକୁ, ରଥରୁ ଆଡପ ଅବସ୍ଥାନ ନିମନ୍ତେ ଗୋଟି ପହଣ୍ଡିରେ, ଯଜ୍ଞବେଦୀରୁ ବାହୁଡା ରଥକୁ ଧାଡି ପହଣ୍ଡିରେ, ନିଳାଦ୍ରୀ ବିଜେ ସମୟରେ ଗୋଟି ପହଣ୍ଡି ସମୟରେ ଶ୍ରୀବିଗ୍ରହମାନଙ୍କୁ ଟହିଆ ଲାଗି ହୋଇଥାଏ।



ପିତା ଯଦି ଚିତ୍ରବାନ ହୋଇଥାନ୍ତି, ସେ ନିଜର ସନ୍ତାନ ପାଇଁ କିଛି ଧନ ସଞ୍ଚି ନ ପାରିଲେ ମଧ ସନ୍ତାନ ଗୋଟିଏ ଅମୂଲ୍ୟ ଐତିହ୍ୟର ଉତ୍ତରାଧିକାରୀ ହୋଇଯାଏ ।

- ମାକ୍‌ଲିଓଡ଼୍



## ସଂକ୍ଷେପରେ

### ଚିଲିକାରେ ମାଛ ଧରାବେଳେ ବଜ୍ରପାତ
## ଜଣେ ମତ୍ସ୍ୟଜୀବୀ ମୃତ, ୩ ଗୁରୁତର

**ଖୋର୍ଦ୍ଧା ଅଫିସ,୧୬।୬:** ଚିଲିକାରେ ଶନିବାର ରାତିରେ ମାଛ ଧରୁଥିବାବେଳେ ବଜ୍ରପାତ ହେବାରୁ ବଡଭାଇଙ୍କର ମୃତ୍ୟୁ ହୋଇଯାଇଥିବାବେଳେ ସାନ ଦୁଇଭାଇଙ୍କ ସମେତ ଅନ୍ୟ ଜଣେ ସମ୍ପର୍କୀୟ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବାଣପୁର ଥାନା ସାନନଈରୀ ଗ୍ରାମର ନାରାୟଣ ଘଡାଇଙ୍କ ବଡପୁଅ ପ୍ରତାପ (୪୫)। ଆହତ ହେଲେ ସାନ ଦୁଇ ଭାଇ ପ୍ରକାଶ (୪୦) ଓ ଟୁକୁନା (୩୬) ଏବଂ ଅନ୍ୟ ଜଣେ ସମ୍ପର୍କୀୟ ସାଗର ଘଡାଇ। ବିଳମ୍ବିତ ରାତ୍ରରେ ଡଙ୍ଗା ସାହାଯ୍ୟରେ ସାନନଈରୀ ଗ୍ରାମରୁ ୪ ଜଣ ଚିଲିକାରେ ମାଛ ଧରୁଥିଲେ। ରାତି ପ୍ରାୟ ଦୁଇଟାରେ ହଠାତ ବର୍ଷା ହୋଇଥିଲା। ଏ ସମୟରେ ଡଙ୍ଗା ଉପରେ ବଜ୍ରପାତ ହେବାରୁ ୪ ଜଣ ଯାକ ମତ୍ସ୍ୟଜୀବୀ ଆହତ ହୋଇଥିଲେ। ନିକଟରେ ମାଛ ଧରୁଥିବା ଅନ୍ୟ ମତ୍ସ୍ୟଜୀବୀମାନେ ସମସ୍ତଙ୍କୁ କୂଳକୁ ଆଣି ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ପ୍ରତାପଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ, ଟୁକୁନା ଓ ସାଗର ଏବେ ବି ଚିକିତ୍ସିତ ହେଉଛନ୍ତି। ଖବରପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ପ୍ରତାପଙ୍କ ମୃତଦେହ ବ୍ୟବଚ୍ଛେଦ ହେବା ପୂର୍ବରୁ ପରିବାର ଲୋକେ ନେଇ ପୋଡି ଦେଇଥିଲେ।

## ଦୁର୍ଘଟଣାରେ ପୂର୍ବତନ ସରପଞ୍ଚ ପୁଅଙ୍କ ମୃତ୍ୟୁ

**ବୋଲଗଡ଼/ ଭାପୁର,୧୬।୬ (ଡି.ଏନ୍.ଏ.):** ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ବୋଲଗଡ଼ଠାରେ ରବିବାର ସକାଳେ ଏକ କାର୍ ଦୁର୍ଘଟଣାରେ ପୂର୍ବତନ ସରପଞ୍ଚ ପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଭାପୁର ବ୍ଲକ ମନ୍ଦାର ବେରେଣୀ ଗ୍ରାମବାସୀ ତଥା ପୂର୍ବତନ ସରପଞ୍ଚ ନାରାୟଣ ତ୍ରିପାଠୀଙ୍କ ପୁଅ ଦେବାଶିଷ(୨୩)। ବୋଲଗଡ଼ ଥାନା ଆଇଆଇସିଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ବାଇକ୍ ନଂ(ଓଆର୍‌ଡବ୍ଲ୍ୟୁ ୦୮୮୭) ଯୋଗେ ସେ ନୟାଗଡ଼ ଅଭିମୁଖେ ଯାଉଥିଲେ। ତେବେ ବୋଲଗଡ଼ଠାରେ ଏକ କାର୍ ତାଙ୍କ ବାଇକ୍‌କୁ ଧକ୍କା ଦେଇ ଚାଲିଯାଇଥିଲା। ଦୁର୍ଘଟଣାରେ ଦେବାଶିଷ ଓ ଅନ୍ୟ ଜଣେ ଯୁବକ ପ୍ରକାଶ ମହାକୁଡ଼(୨୩) ଗୁରୁତର ହେବାରୁ ସ୍ଥାନୀୟ ଲୋକେ ଉଭୟଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଦେବାଶିଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଅଧିକ ଚିକିତ୍ସା ପାଇଁ ପ୍ରକାଶଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦେବାଶିଷଙ୍କ ପିତା ନାରାୟଣଙ୍କ ଅଭିଯୋଗ କ୍ରମେ ବୋଲଗଡ଼ ଥାନାରେ କେସ୍ ନଂ-୬୭/୧୯ ଅନୁସାରେ ପୋଲିସ ତଦନ୍ତ ଜାରି ରଖିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି। ଦେବାଶିଷଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବିଶ୍ୱକପ୍ କ୍ରିକେଟରେ ଭାରତ-ପାକିସ୍ତାନ ମ୍ୟାଚ୍‌ର କ୍ରେଜ୍
# ସ୍ୱତନ୍ତ୍ର ଆୟୋଜନ, ସବୁଠି ଭିଡ଼





ଏସ୍‌ପ୍ଲାନେଡ୍ ମଲ୍ ଓ ଏକ ଟିଭି ଶୋ'ରୁମ୍‌ରେ କ୍ରିକେଟପ୍ରେମୀଙ୍କ ଭିଡ଼।

**ଭୁବନେଶ୍ୱର, ୧୬।୬(ବ୍ୟୁରୋ)**

ମୁମ୍ବାଇ ଆକ୍ରମଣ ପରଠୁ ଭାରତ ଓ ପାକିସ୍ତାନ ମଧ୍ୟରେ କିଛି ବି ସିରିଜ୍ ଖେଳାଯାଉ ନ ଥିବାବେଳେ କେବଳ ଇଣ୍ଟର ନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ଅନୁଷ୍ଠିତ ହେଉଥିବା ଇଭେଣ୍ଟରେ ଏହି ଦୁଇ ଦେଶ ମୁହାଁମୁହିଁ ହୁଅନ୍ତି। ଏହି ଖେଳ ଦେଖିବାକୁ ଉଭୟ ଦେଶର ଦର୍ଶକଙ୍କ ମଧ୍ୟରେ ଥାଏ ଭିନ୍ନ ଉତ୍କଣ୍ଠା। ରବିବାର ବିଶ୍ୱକପ୍ ମ୍ୟାଚ୍‌ରେ ପାରସ୍ପରିକ ପ୍ରତିଦ୍ୱନ୍ଦ୍ୱୀ କୁହାଯାଉଥିବା ଭାରତ ଓ ପାକିସ୍ତାନ ମୁହାଁମୁହିଁ ହୋଇଥିଲେ। ଖେଳ ଦେଖିବାକୁ ଲୋକଙ୍କ ମଧ୍ୟରେ ରହିଥିବା ଉତ୍ସାହ ଓ ଉତ୍କଣ୍ଠାକୁ ଲକ୍ଷ୍ୟ କରି ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହର ଓ ଗାଁରେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ତେବେ ରାଜଧାନୀର ଆୟୋଜନ ଥିଲା ସବୁଠି ନିଆରା। ସହରରେ ଥିବା ବଡ଼ ବଡ଼ ମଲ୍, ହୋଟେଲ, କ୍ଲବ୍ ଓ ଅନୁଷ୍ଠାନ ପରିସରରେ ବଡ଼ ପରଦାରେ ଦର୍ଶକ ଖେଳ ଦେଖିଥିଲେ। କେତେକ ସ୍ଥାନରେ ଖାଦ୍ୟପେୟର ଆୟୋଜନ କରାଯାଇଥିଲା। ଏସ୍‌ପ୍ଲାନେଡ୍ ଓ ଡିଏନ୍ ରେଗାଲିଆ ମଲ୍‌ରେ ସବୁଠୁ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ଶେଷ ରଜ ସହ ରବିବାର ଥିବାରୁ ସବୁଠି ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏପରି ସୁଯୋଗ ପାଇଁ କେହି କେହି ଏହିଦିନକୁ ସୁପର ସଣ୍ଡେ' ବୋଲି କହୁଥିଲେ। ସ୍ଥିତି ଏପରି ହୋଇଥିଲା ସବୁକିଛି ଛାଡ଼ି ଛୋଟଠାରୁ ବଡ଼ ସମସ୍ତେ ଖେଳ ମୁହାଁ ହୋଇଥିଲେ। ଅନେକେ ପରିବାର ସହ ମଧ୍ୟ ଘରେ ଓ ବାହାରେ ମ୍ୟାଚ୍ ଦେଖିବାକୁ ଭୁଲି ନ ଥିଲେ। କିଏ ମୋବାଇଲ୍ ଫୋନରେ ଖେଳ ଦେଖୁଥିଲେ ତ କିଏ ଘରେ ଟିଭିରେ ଓ ଆଉ କିଏ ବଜାରରେ କାହା ଦୋକାନରେ ଛିଡ଼ା ହୋଇ ଖେଳ ଦେଖୁଥିଲେ। ଯେଉଁମାନେ ଜରୁରୀ କାର୍ଯ୍ୟରେ ବ୍ୟସ୍ତ ଥିଲେ କିମ୍ବା କୌଣସି କାରଣରୁ ଖେଳ ଦେଖିବାର ସୁଯୋଗ ପାଇପାରି ନ ଥିଲେ ସେମାନେ ଅନ୍ୟମାନଙ୍କଠାରୁ ସ୍କୋର୍ ବୁଝିନେଇ ସ୍ଥିତି ପରଖୁଥିଲେ। ଭଲ ଖବର ଶୁଣିଲେ ଉତ୍ସାହ, ନ ହେଲେ ନିରାଶ ହେଉଥିଲେ। ତେବେ ହାର୍ ଜିତ୍‌କୁ ନେଇ ସବୁଠି ଚାଲିଥିଲା ଚର୍ଚ୍ଚା ଓ ବାଜି।

### ସାଙ୍ଗଙ୍କ ସହ ଦେଖିଲି, ମଜା ହେଲା



ଭାରତ-ପାକିସ୍ତାନ ମ୍ୟାଚ୍ ଯେମିତି ହେଉ ଦେଖିବି ବୋଲି ଭାବିଥିଲି। ଇଂଲଣ୍ଡ ତ ଯାଇପାରିବିନି। ଏକା ଦେଖିଲେ ବି ମଜା ଆସିବ ନାହିଁ। ତେଣୁ ସାଙ୍ଗମାନଙ୍କ ସହ ଏସ୍‌ପ୍ଲାନେଡ୍ ମଲ୍‌ଠାରେ ବସି ଖେଳ ଦେଖିଲୁ। ଖେଳ ବହୁତ ସଂଘର୍ଷପୂର୍ଣ୍ଣ ଥିଲା। ଭାରି ମଜା ହେଲା। ଭାରତ ବ୍ୟାଟିଂ ଆରମ୍ଭରୁ ଚିୟରପୂର୍ଣ୍ଣ ଥିଲା। ସେହିଖୁସିରେ ଖାଇବାର ମଜା ନେଲୁ, ଶପିଂ କରି ଫେରିଲୁ। ଘରେ ପହଞ୍ଚିବା ପର୍ଯ୍ୟନ୍ତ ମ୍ୟାଚ୍‌କୁ ନେଇ ଆଲୋଚନା ଚାଲିଥିଲା।

*- ଦୀପକ କୁମାର ବେହେରା, ଛାତ୍ର*

### ମୋ ଭଳି ଫ୍ୟାନ୍ କ'ଣ ମ୍ୟାଚ୍ ନ ଦେଖି ରହିପାରିଥାନ୍ତା



କ୍ରିକେଟ ଖେଳିବା ଅପେକ୍ଷା ଖେଳ ଦେଖିବାକୁ ବହୁତ ଭଲ ଲାଗେ। ପୁଣି ଭାରତ ପାକିସ୍ତାନ ମ୍ୟାଚ୍ ୨ରୁ ୩ବର୍ଷରେ ଗୋଟିଏ ଦୁଇଟି ହେଉଛି। ଜଣେ କ୍ରିକେଟ ଫ୍ୟାନ ଭାବେ ମୁଁ କେବେ ବି ଏହି ମ୍ୟାଚ୍ ନ ଦେଖିପାରି ରହି ପାରିବିନି। ମଲ୍‌ରେ ବହୁତ ଭିଡ଼ ହୋଇଥିଲା। ସେଥିପାଇଁ ଓଭରବ୍ରିଜ୍ ଉପରେ ବସି ମୋ ମୋବାଇଲରେ ଖେଳ ଦେଖିଥିଲି।

*- ହରିଶ ହେମ୍ବ୍ରମ, ଛାତ୍ର*

### ଖାଇବା ସାଙ୍ଗକୁ ଖେଳ ଦେଖିବାର ମଜା ଅଲଗା



ମଲ୍‌କୁ ଫିଲ୍ମ ଦେଖିବାକୁ ସାଙ୍ଗମାନଙ୍କ ସହ ଆସିଥିଲୁ। ଫିଲ୍ମ ଦେଖି ବାହାରିବା ପରେ ସେଠାରେ ସ୍ୱତନ୍ତ୍ର ଆୟୋଜନ ହୋଇଥିବାରୁ ଖେଳ ଦେଖିବାକୁ ଉତ୍ସାହ ବଢ଼ିଗଲା। ମୁଁ ଓ ସାଙ୍ଗମାନେ କ୍ରିକେଟକୁ ଭଲ ପାଉ। ତେଣୁ ସେଠାରେ ଖେଳ ଦେଖିବା ସହ ପିଜା ବି ଖାଇଲୁ। ଖାଇବା ସାଙ୍ଗକୁ ଖେଳ ଦେଖିବାର ମଜା ଅଲଗା ଲାଗିଲା।

*- ଦୀପ୍ତିମୟୀ ଜେନା, କର୍ମଜୀବୀ ମହିଳା*

## ୨୪ ଘଣ୍ଟା ବନ୍ଦ ରହିବ ଏସ୍‌ସିବି ଆଉଟଡୋର

**କଟକ ଅଫିସ, ୧୬।୬ :** ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ)ର ଆହ୍ୱାନକ୍ରମେ ରାଜ୍ୟରେ ଚିକିତ୍ସା ସେବା ୨୪ ଘଣ୍ଟିଆ ବନ୍ଦ ରହିବ । ଏହି ପରିପ୍ରେକ୍ଷୀରେ ଏସ୍‌ସିବି ମେଡିକାଲର ଆଉଟଡୋର ସୋମବାର ସକାଳ ୬ଟାରୁ ମଙ୍ଗଳବାର ସକାଳ ୬ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି ଡାକ୍ତରମାନେ। ଘରୋଇ ମେଡିକାଲଗୁଡ଼ିକ ମଧ୍ୟ ବନ୍ଦ ରହିବ। ଏ ନେଇ ରବିବାର ସନ୍ଧ୍ୟାରେ ମେଡ଼ିକାଲ ନିକଟସ୍ଥ ଆଇଏମ୍ଏ ହାଉସରେ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ପିଏଚଏଓ ସଭାପତି ଡା. କୃପାସିନ୍ଧୁ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କିଛି ଦାବି ଉପସ୍ଥାପନ କରାଯାଇଥିଲା। ମେଡ଼ିକାଲରେ ରୋଗୀଙ୍କ ସମ୍ପର୍କୀୟମାନେ ହୁଅନ୍ତୁ କିମ୍ବା କୌଣସି ବ୍ୟକ୍ତି ଭଙ୍ଗାରୁଜା କରିବା ଘଟଣା ନିନ୍ଦନୀୟ। ଡାକ୍ତର ଏବଂ ସମସ୍ତ ଚିକିତ୍ସା କର୍ମୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ। ଏଥି ନିମନ୍ତେ ଜାତୀୟ ସ୍ତରରେ ଆଇନ ପ୍ରଣୟନ କରାଯିବାକୁ ଦାବି ହୋଇଛି। ଆଇଏମଏ ଓଡ଼ିଶା ଶାଖା ସମ୍ପାଦକ ଡା. ଜନ୍ମେଜୟ ମହାପାତ୍ର, ଆଇଏମ କଟକ ଶାଖା ସଭାପତି ଡା. ବନବିହାରୀ ମିଶ୍ର, ସମ୍ପାଦକ ଡା. ଶକ୍ତିପ୍ରସାଦ ଦାସ, ଆଇଏମ ରାଜ୍ୟ ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡା. ବ୍ରଜ ଦାଶ, ଡା. ପୁଣ୍ୟଶ୍ଳୋକ ଦାସ, ଡା. ଜ୍ୟୋତିର୍ମୟ ନାୟକ, ଏସ୍‌ସିବି ଜୁନିୟର ଡାକ୍ତର ସଂଘ ସଭାପତି ଡା. ପ୍ରଭାତ ରାଉତ ଏବଂ ଘରୋଇ ଚିକିତ୍ସକ ସଂଘର ସମସ୍ତ କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ସୂଚନାଥାଉ କି, କୋଲକତାର ଏନଆର୍‌ଏସ ମେଡ଼ିକାଲ କଲେଜର ହାଉସ ସର୍ଜନ ଡା. ପରିବାହ ବାନାର୍ଜୀ ଓ ଅନ୍ୟ ଛାତ୍ରୀଛାତ୍ରମାନଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ଏହି ବନ୍ଦ ଡାକରା ଦିଆଯାଇଛି ।



ଠକେଇ ଘଟଣାରେ ଗିରଫ ତିନି ଅଭିଯୁକ୍ତ।



ଜବତ ହୋଇଥିବା ଟଙ୍କା, ଇମିଟେଶନ୍ ଗହଣା ଓ ମୋବାଇଲ ଫୋନ୍।

### ସୁନା ନାଁରେ ଇମିଟେଶନ୍ ହାର ଦେଇ ଠକେଇ
## ୫ ଲକ୍ଷ ଟଙ୍କା ଜବତ, ୩ ଗିରଫ

**କଟକ ଅଫିସ,୧୬।୬**

ସୁନା ଦେବା ବଦଳରେ ଇମିଟେଶନ୍ ଦେଇ ୫ ଲକ୍ଷ ଟଙ୍କାର ଠକେଇ କରିଥିବା ଅଭିଯୋଗରେ ମଧୁପାଟଣା ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ଗାଜିଆବାଗ ଅଞ୍ଚଳର ଗୋପିମାଲି ଭାଗେଲ(୨୪), ମୀନା ଦେବୀ(୫୦), କିଶାନ ଲାଲ(୪୭)। ସେମାନେ ଫୁଲନଖରା ଅଞ୍ଚଳରେ ଭଡାରେ ରହୁଥିଲେ। ପୋଲିସ ସେମାନଙ୍କଠାରୁ ୫ ଲକ୍ଷ ଟଙ୍କା, ୨. ୫୦୦ଗ୍ରାମ୍ ଇମିଟେଶନ୍ ହାର ଏବଂ ୪ଟି ମୋବାଇଲ ଜବତ କରିଛି। ଥାନାରେ ନଂ. ୭୮/୧୯ରେ ମାମଲା ରୁଜୁ କରିଛି।

ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଅଞ୍ଚଳରେ ରୁହନ୍ତି କ୍ଷୀରୋଦ ଚନ୍ଦ୍ର ପତି। ସେ ମେ ମାସରେ ଭୁବନେଶ୍ୱର ଏକ ନମ୍ବର ମାର୍କେଟକୁ ଯାଇଥିବା ବେଳେ ତାଙ୍କର ଗୋପିମାଲିଙ୍କ ସହ ଦେଖା ହୋଇଥିଲା। କଥାବର୍ତ୍ତା ପରେ ଗୋପିମାଲି ଉତ୍ତରପ୍ରଦେଶରୁ ସୁନା ଅଳଙ୍କାର ଆଣି ଏଠାରେ କମ୍ ଦାମରେ ବିକ୍ରି କରୁଥିବା କହିଥିଲେ। ପରେ ଉଭୟ ମୋବାଇଲ ନମ୍ବର ଦିଆନିଆ ହୋଇଥିଲେ। ଗୋପିମାଲି ସେଠାରେ କ୍ଷୀରୋଦଙ୍କୁ ଦୁଇଟି ସୁନା ହାର ଦେଖାଇବା ସହ ତାଙ୍କ ପାଖରେ ଆହୁରି ବହୁତ ଏଭଳି ହାର ଥିବା କହିଥିଲେ। ପୋଲିସ ସୂଚନା ଅନୁଯାୟୀ, ପୂର୍ବ ଯୋଜନା ମୁତାବକ ଗତ ୨ ତାରିଖରେ ଗୋପିମାଲି, ମୀନା ଏବଂ କିଶାନ ସୁନା ଭଳି ଦେଖାଯାଉଥିବା ହାର ନେଇ କଟକ ଆସିଥିଲେ। ସେମାନେ କଟକକୁ କ୍ଷୀରୋଦଙ୍କୁ ଡକାଇ ଥିଲେ। ଲିଙ୍କରୋଡ ଅଞ୍ଚଳରେ ଥିବା ଏକ ମଦ ଦୋକାନରେ କ୍ଷୀରୋଦଙ୍କୁ ଉକ୍ତ ଗହଣା ଦେଇ ତାଙ୍କଠାରୁ ୫ ଲକ୍ଷ ଟଙ୍କା ନେଇ ପଳାଇ ଥିଲେ। ହେଲେ ଗତ ୪ ତାରିଖରେ କ୍ଷୀରୋଦ ଉକ୍ତ ଅଳଙ୍କାର ଯାଞ୍ଚ କରିବାରୁ ତାହା ସୁନା ନୁହେଁ ଇମିଟେଶନ୍‌ରେ ତିଆରି କରାଯାଇଥିବା ଜାଣିବାକୁ ପାଇଥିଲେ। ପରେ ସେ ସେମାନଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ନମ୍ବର ଲାଗି ନ ଥିଲା। ଏ ନେଇ କ୍ଷୀରୋଦ ସେହିଦିନ ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ତଦନ୍ତ କରି ପୋଲିସ ସେମାନଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ଠକେଇ କରିଥିବା ମାନିଥିଲେ।

### ବ୍ୟାଙ୍କ୍ କର୍ମଚାରୀଙ୍କଠାରୁ ୩୫ଲକ୍ଷ ଲୁଟ୍ ଘଟଣା
## ୩ ଟିମ୍‌ର ଖୋଳତାଡ଼, ମିଳିଛି ସୁରାକ

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

ନିଆଳିସ୍ଥିତ ଇଣ୍ଡିଆନ୍ ବ୍ୟାଙ୍କ୍ କର୍ମଚାରୀଙ୍କଠାରୁ ବନ୍ଧୁକ ଦେଖାଇ ୩୫ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ଅତିରିକ୍ତ ପୋଲିସ କମିଶନରଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ କରାଯାଇ ଖୋଳତାଡ଼ ଆରମ୍ଭ ହୋଇଛି। ଏହି ଟିମ୍‌ରେ ସ୍ପେଶାଲ ସ୍କ୍ୱାଡ୍ ଏବଂ କ୍ୟୁଏଟି ରହିଛି। ରବିବାର ପୋଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ତଦନ୍ତବେଳେ ଟିମ୍ ହାତରେ କିଛି ସୁରାକ ଲାଗିଥିବା ଜଣାପଡିଛି। ଏହି ଦୁଇ ଜଣ ବ୍ୟକ୍ତି ବ୍ୟାଙ୍କ୍ କର୍ମଚାରୀଙ୍କ ଲିଙ୍କ୍‌ରେ ରହିଥିବା ପୋଲିସ ସିଡିଆର୍ ରିପୋର୍ଟରୁ ଜାଣିବାକୁ ପାଇଛି। ତେଣୁ ପୋଲିସ ସେମାନଙ୍କୁ ପଚରାଉଚରା କରିବାସହ ଲୁଟରେ ସେମାନଙ୍କ ସମ୍ପର୍କ ରହିଛି କି ନାହିଁ ସେନେଇ ପ୍ରମାଣ ଯୋଗାଡ କରୁଛି। ଅନ୍ୟପକ୍ଷରେ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଧାରାକୁ ନେଇ ନାନା ପ୍ରଶ୍ନ ଉଠୁଛି। ବିନା ସୁରକ୍ଷାକର୍ମୀରେ ପୁଣି ଭଡ଼ା ଗାଡ଼ିରେ ଏତେ ଟଙ୍କା କିଭଳି ନିଆଯାଉଥିଲା, ତାହାକୁ ନେଇ ପୋଲିସର ସନ୍ଦେହ ବଢ଼ିଛି। ତେଣୁ ପୋଲିସ ବ୍ୟାଙ୍କର ଏକାଧିକ କର୍ମଚାରୀଙ୍କୁ ପଚରାଉଚରା କରିଛି। ଏପରି କି ଟଙ୍କା ନିଆଯିବା ସ୍ଥାନରୁ ଲୁଟ୍ ପର୍ଯ୍ୟନ୍ତ ବାଟରେ ଲାଗିଥିବା ସିସିଟିଭି ଫୁଟେଜକୁ ଜବତ କରି ଯାଞ୍ଚ କରୁଛି। ଯାଞ୍ଚ ଫଳରେ ପୋଲିସକୁ ଏହି ସିସିଟିଭି ଫୁଟେଜ ଦ୍ୱାରା ଏକ ବଡ ପ୍ରମାଣ ମିଳିଛି। ଲୁଟ ସମୟରେ ଆସିଥିବା ଏକ ଇନୋଭା ଗାଡି ସମ୍ପର୍କରେ ତଦନ୍ତ କରିବା ପରେ ପୋଲିସ ଦୁଇ ଜଣଙ୍କୁ ସନ୍ଦେହରେ ଧରିଛି।

ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅଧୀନ ନଖରା ଖାରବେଳ ଇଷ୍ଟେଟ ନିକଟ ନିଛାଟିଆ ଶ୍ମଶାନ ପଡିଆ ନିକଟରେ ଶନିବାର ସନ୍ଧ୍ୟାରେ ଏହି ଡକାୟତି ହୋଇଥିଲା। ନିଆଳି ଇଣ୍ଡିଆନ୍ ବ୍ୟାଙ୍କ୍ ଶାଖାରୁ ୨ ଜଣ କର୍ମଚାରୀ ଏକ ଓଲା କାରରେ ୩୫ଲକ୍ଷ ଟଙ୍କା ନେଇ ଶହୀଦନଗର ମୁଖ୍ୟ ଶାଖାରେ ଜମା କରିବା ପାଇଁ ଆସୁଥିଲେ। ହେଲେ ବାଟରେ ଏକ ଇନୋଭା କାର୍ ସେମାନଙ୍କୁ ପିଛା କରି ସାଇଟ ମାରିଥିଲା। ପରେ ଓଲା କାର ନରଖି କଟା ରାସ୍ତା ଦେଇ କିଛି ବାଟଯିବା ପରେ ଦୁର୍ବୃତ୍ତମାନେ ଉକ୍ତ କାରକୁ ଅଟକାଇଥିଲେ। ପରେ ଇନୋଭାରେ ବସିଥିବା ୭ଜଣ ଡକାୟତ ମାରଣାସ୍ତ୍ର ଦେଖାଇ ୩୫ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା।

### ଚିଲିକା ଡଙ୍ଗାବୁଡ଼ି ଘଟଣାକୁ ବର୍ଷେ ପୂରିଲା
# ବିପଜ୍ଜନକ ନୌଯାତ୍ରାରେ ଲାଗିଲାନି ଲଗାମ

**ଖୋର୍ଦ୍ଧା ଅଫିସ,୧୬।୬**

ଚିଲିକା ଡଙ୍ଗାବୁଡି ଘଟଣାକୁ ଇତିମଧ୍ୟରେ ବର୍ଷେ ବିତିଯାଇଛି। ହେଲେ ବିପଜ୍ଜନକ ନୌଯାତ୍ରାରେ ଲାଗି ପାରିଲାନି ଲଗାମ। ସ୍ଥିତିରେ କିଛିଟା ସୁଧାର ଆସିଥିଲେ ହେଁ ଏବେବି ସବୁ ଅବ୍ୟବସ୍ଥାରେ ଚାଲିଛି। ଡଙ୍ଗାରେ ଲାଇଫ୍ ଜ୍ୟାକେଟ ଗଚ୍ଛିତ ରଖାଯାଉଥିଲେ ହେଁ ଅଧିକାଂଶ ପର୍ଯ୍ୟଟକ ପିନ୍ଧୁନାହାନ୍ତି। ବିପଜ୍ଜନକ ନୌଯାତ୍ରା ଅନୁଧାନର ବ୍ୟବସ୍ଥା ନ ଥିବାରୁ ଅବ୍ୟବସ୍ଥାକୁ ରୋକିବା ସମ୍ଭବ ହେଉନି।

ଚିଲିକା ଡଙ୍ଗାବୁଡିରେ ୬ ଜଣଙ୍କର ମୃତ୍ୟୁ ପରେ ଆଶା କରାଯାଉଥିଲା, ବିପଜ୍ଜନକ ନୌଯାତ୍ରାରେ ଲଗାମ ଲାଗିବ। ହେଲେ ଲଗାମ ଲାଗିବାକୁ ତତ୍କାଳୀନ ଖୋର୍ଦ୍ଧା ଜିଲା ପ୍ରଶାସନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଯେଉଁ କଟକଣା ଜାରି କରିଥିଲେ, ତାହା ମଧ୍ୟ ଉଲ୍ଲଂଘନ ହୋଇ ଚାଲିଛି। ଚିଲିକା ଭିତରକୁ ବୁଲିଯିବାକୁ ହେଲେ ଲାଇଫ୍ ଜ୍ୟାକେଟ୍ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଥିଲା। ଲାଇଫ୍ ଜ୍ୟାକେଟ ପିନ୍ଧି ନ ଥିଲେ ଡଙ୍ଗାରେ ଚଢ଼ିବାକୁ ମନା ବୋଲି ନିର୍ଦ୍ଦେଶ ରହିଛି। ଏପରି ନିର୍ଦ୍ଦେଶ ସରକାରଙ୍କ ପକ୍ଷରୁ ଡଙ୍ଗାବୁଡି ପରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଦେଇଥିଲେ। ହେଲେ ଚିଲିକାରେ ନୌଯାତ୍ରା ସମୟରେ କିଛି ପର୍ଯ୍ୟଟକ ଲାଇଫ୍ ଜ୍ୟାକେଟ୍ ପିନ୍ଧୁଥିବା ବେଳେ ଅଧିକାଂଶ ପିନ୍ଧୁନାହାନ୍ତି। କ୍ୟାମେରା ପଡିଲେ ତରବରିଆ ଭାବେ ସମସ୍ତେ ଲାଇଫ୍ ଜ୍ୟାକେଟ୍ ପିନ୍ଧୁଛନ୍ତି। ସେହିଭଳି ପ୍ରତି ଡଙ୍ଗାରେ ଅଗ୍ନି ନିର୍ବାପକ ଯନ୍ତ୍ର ଓ ଲାଇଫ ବୟ, ଲାଇସେନ୍ସପ୍ରାପ୍ତ ଚାଳକ କେବଳ ଡଙ୍ଗା ଚଳାଇ ପାରିବେ। ପ୍ରତ୍ୟେକ ଡଙ୍ଗାରେ ଡଷ୍ଟବିନ୍, ପାଣି ଓ ଛାଇର ବ୍ୟବସ୍ଥା ରଖିବାକୁ ପଡିବ। ଡଙ୍ଗାଗୁଡିକ ସରକାରୀ ନୀତି ନିୟମ ମାପରେ ହୋଇଛି କି ନାହିଁ ତା'ର ଅନୁଧାନ ହେବା ପରି ଅନୁରୂପ ନିର୍ଦ୍ଦେଶନାମା ରହିଛି।



- **ଡଙ୍ଗାରେ ଲାଇଫ ଜ୍ୟାକେଟ ପିନ୍ଧୁ ନାହାନ୍ତି ପର୍ଯ୍ୟଟକ**
- **ଆଇନ ଉଲ୍ଲଂଘନ ସତ୍ତ୍ୱେ ନିଆଯାଉନି ପଦକ୍ଷେପ**

ତେବେ ଏହା କାର୍ଯ୍ୟକାରୀ ହେଉନାହିଁ। ଅଧିକାଂଶ ଡଙ୍ଗା ମାଲିକ ସରକାରଙ୍କର ଏ ଆଇନକୁ ଡଷ୍ଟବିନ୍‌କୁ ଫୋପାଡି ଦେଇଥିବା ଅଭିଯୋଗ ରହିଛି। ଉଲେଖଥାଉକି, ୨୦୧୮ ଜୁନ ୧୬ ଶେଷ ରଜରେ ଚିଲିକାରେ ଡଙ୍ଗାବୁଡି ହୋଇ ୬ଟି ଜୀବନ ଚାଲି ଯାଇଥିଲା। ସେଦିନର ଘଟଣାକୁ ମନେ ପକାଇଲେ ଲୋମ ଟାଙ୍କୁରି ଉଠେ।

କାଳିଜାଈ ପୀଠରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ

ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଚିଲିକାର ସ୍ଥାନ ସ୍ୱତନ୍ତ୍ର। ଚିଲିକାର ପ୍ରାକୃତିକ ପରିବେଶ ଓ ମା' କାଳିଜାଈଙ୍କ ପୀଠ ପର୍ଯ୍ୟଟକଙ୍କୁ ଚିଲିକାକୁ ଟାଣି ଆଣୁଛି। ସରକାର ପର୍ଯ୍ୟଟନସ୍ଥଳର ବିକାଶ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ପର୍ଯ୍ୟଟକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉନି ବୋଲି ଅଭିଯୋଗ ରହିଛି। ଦେଶ ବିଦେଶର ପର୍ଯ୍ୟଟକଙ୍କ ଭିଡ଼ କାଳିଜାଈ ପୀଠରେ ହେଉଛି। କିଛି ଘଟଣା ଘଟିଲେ କାଳିଜାଈ ପୀଠରେ ସ୍ୱାସ୍ଥ୍ୟସେବା ମିଳୁନି। ଏଣୁ କାଳିଜାଈରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ରଖିବାକୁ ଦାବି ହେଉଛି। ଏ ସମ୍ପର୍କରେ ଫୁଲବାଣୀର ପର୍ଯ୍ୟଟକ ପ୍ରସନ୍ନ ସାହୁ, ଢ଼େଙ୍କାନାଳର ପ୍ରୀତମ ପ୍ରଧାନ ଓ କଳାହାଣ୍ଡିର ଉମା ଦେବୀ କୁହନ୍ତି, ବାଲୁଗାଁଠାରୁ ଓ ବରକୂଳ ପାନ୍ଥନିବାସଠାରୁ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ଚିଲିକା ଓ କାଳିଜାଈ ଦର୍ଶନ କରୁଛନ୍ତି। ବାଲୁଗାଁଠାରେ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ତେବେ କାଳିଜାଈଠାରେ ସ୍ୱାସ୍ଥ୍ୟସେବା କିଛିନାହିଁ। ପର୍ଯ୍ୟଟକଙ୍କ ସୁବିଧାକୁ ଦେଖି କାଳିଜାଈଠାରେ ଅସ୍ଥାୟୀ ଅଥବା ଭାସମାନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଚିତ। ଡଙ୍ଗାବୁଡି ଘଟଣାରେ ୬ ଜଣଙ୍କ ମୃତ୍ୟୁ ପରେ ବି ସରକାର ଏ ଦିଗରେ କିଛି ନ କରିବା ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଥିଲେ।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଦଲାଲି କରୁଥିବା ଆମ୍ବୁଲାନ୍ସ ଫାର୍ମାସିଷ୍ଟଙ୍କୁ ଛାଡ଼ିଦେଲା ପୋଲିସ

**କଟକ ଅଫିସ,୧୬।୬:** ସରକାରଙ୍କ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଦଲାଲି କରୁଛନ୍ତି। କଟକକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଏବଂ ତାଙ୍କର ପରିବାର ଲୋକଙ୍କୁ ସରକାରୀ ହସ୍ପିଟାଲ ପରିବର୍ତ୍ତେ ଘରୋଇ ହସ୍ପିଟାଲ ଯିବାକୁ ପ୍ରବର୍ତ୍ତାଉଛନ୍ତି। ଏଭଳି ଏକ ଘଟଣା ଶନିବାର ରାତିରେ ସାମ୍ନାକୁ ଆସିଛି। ଅଭିଯୋଗ ପରେ ଲାଲବାଗ୍ ପୋଲିସ ଆମ୍ବୁଲାନ୍ସରେ ଥିବା ଜଣେ ଫାର୍ମାସିଷ୍ଟଙ୍କୁ ଅଟକ ରଖି ପରେ ଛାଡି ଦେଇଛି। ସୂଚନା ଅନୁଯାୟୀ, ୧୦୮ ଆମ୍ବୁଲାନ୍ସ(ଓଡି ୦୨ ଜି ୮୧୬୯) କେନ୍ଦୁଝର ଜିଲାରୁ ଶନିବାର ବିଳମ୍ବିତ ରାତିରେ ଜଣେ ରୋଗୀଙ୍କୁ ନେଇ କଟକ ଆସିଥିଲା। ସେମାନେ ଶିଶୁଭବନ ଯିବାକୁ ଆମ୍ବୁଲାନ୍ସରେ ଥିବା କର୍ମଚାରୀଙ୍କୁ କହିଥିଲେ। କିନ୍ତୁ ଆମ୍ବୁଲାନ୍ସରେ ଥିବା ଫାର୍ମାସିଷ୍ଟ ଜଣକ ତାଙ୍କୁ ଘରୋଇ ହସ୍ପିଟାଲ ଯିବାକୁ କହିଥିଲେ। ଏହାକୁ ନେଇ ରୋଗୀଙ୍କ ପରିବାର ଲୋକଙ୍କ ସହ ଆମ୍ବୁଲାନ୍ସ କର୍ମଚାରୀଙ୍କ ଯୁକ୍ତିତର୍କ ହୋଇଥିଲା। ପରେ ସେମାନେ ଶିଶୁଭବନ ଯାଇଥିଲେ। ଏ ନେଇ ରୋଗୀଙ୍କ ପରିବାର ଲାଲବାଗ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଥାନାରେ ଅଟକ ରଖିଥିଲା। ପଚରାଉଚରା ପରେ ରବିବାର ତାଙ୍କୁ ଛଡାଯାଇଥିବା ଥାନା ଅଧିକାରୀ ଆଶୁତୋଷ ମିଶ୍ର କହିଛନ୍ତି। ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଘରୋଇ ହସ୍ପିଟାଲଗୁଡିକଙ୍କ ସହ ଆମ୍ବୁଲାନ୍ସରେ ରହୁଥିବା ଫାର୍ମାସିଷ୍ଟମାନଙ୍କର ଯୋଗାଯୋଗ ରହୁଛି। ରୋଗୀ ପିଛା ଫାର୍ମାସିଷ୍ଟମାନଙ୍କୁ ଟଙ୍କା ଦିଆଯାଉଛି। ତେଣୁ ସେମାନେ ଆମ୍ବୁଲାନ୍ସରେ ଆସୁଥିବା ବେଳେ ରୋଗୀମାନଙ୍କୁ ଘରୋଇ ହସ୍ପିଟାଲ ଯିବାକୁ କହୁଛନ୍ତି।

### ପୁରସ୍କାର ବିତରଣ ଉତ୍ସବ



**ବାଲିଅନ୍ତା,୧୬।୬(ଡି.ଏନ୍.ଏ.):** ରଜ ଅବସରରେ ବାଲିଅନ୍ତା ବ୍ଲକ ଅଧୀନ ଭୁବନପୁର ଗ୍ରାମର ମା’ ଉତ୍ତରମୁଖୀ ପୀଠରେ ଚାଲିଥିବା ରଜ ମହୋତ୍ସବରେ ରବିବାର ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ପୂର୍ବତନ ସମିତିସଭ୍ୟ ଦିଲୀପ କୁମାର ସାହୁ ଯୋଗ ଦେଇଥିଲେ। ଏହି ଉତ୍ସବରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ବିଧାୟକ ଢାଲି ପୁରସ୍କାର ବଣ୍ଟନ କରିଥିଲେ। ଏହି ଉତ୍ସବକୁ ସପୁନ ବେହେରା ପରିଚାଳନା କରିଥିବା ବେଳେ ଅଜୟ ବେହେରା ଧନ୍ୟବାଦ ଦେଇଥିଲେ।

### ଏକାମ୍ର ଅନ୍ନ ରଥ ଉଦ୍‌ଘାଟିତ

**ପୁରୁଣା ଭୁବନେଶ୍ୱର,୧୬।୬ (ଡି.ଏନ.ଏ.):** ବିଭିନ୍ନ ମହୋତ୍ସବ ହେଉ କିମ୍ବା ପର୍ବପର୍ବାଣିରେ ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନ ପକ୍ଷରୁ ଶତାଧିକ ଲୋକଙ୍କ ପାଇଁ ଭୋଜିର ଆୟୋଜନ କରାଯାଇଥାଏ। ତେବେ ଦୂରଦୃଷ୍ଟି ଅଭାବରୁ ଅନେକ ସମୟରେ ଆବଶ୍ୟକତାଠାରୁ ଅଧିକ ରନ୍ଧା ଖାଦ୍ୟ ପ୍ରସ୍ତୁତ ହୋଇଥିବାରୁ ସେଗୁଡ଼ିକ ବଳିପଡ଼େ। ପ୍ରାୟ ଶତକଡ଼ା ୭୦% ଲୋକ ଏହି ସବୁ ଖାଦ୍ୟକୁ ବିଳମ୍ବିତ ରାତିରେ ଏଣେ ତେଣେ ଫୋପାଡ଼ି ଦିଅନ୍ତି। ସେ ସବୁକୁ ନଷ୍ଟ ନ କରିବା ଲାଗି ଭୀମଟାଙ୍ଗି ଅଞ୍ଚଳର ପ୍ରଦୀପ କୁମାର ପୃଷ୍ଟି ଏବଂ ରିତୁରାଣୀ ସାସମଲ ଅଭିନବ ଉପାୟ ଚିନ୍ତା କରିଛନ୍ତି। ବଳକା ଖାଦ୍ୟକୁ ସଂଗ୍ରହ କରି ତାହାକୁ ରାଜଧାନୀର ବିଭିନ୍ନ ଗରିବ, ନିଃସହାୟ ବ୍ୟକ୍ତି ବିଶେଷଙ୍କୁ ବଣ୍ଟନ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ରଜରେ ଏଭଳି ଏକ ଯୋଜନା ସଫଳ ରୂପାୟନ କରିବାକୁ ଯାଇ ଏକାମ୍ର ଅନ୍ନ ରଥ ଉଦ୍‌ଘାଟିତ ହୋଇଯାଇଛି।

# ରଜରେ ମାତିଲେ ନିଶାସକ୍ତ

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

**ରାଜଧାନୀବାସୀ ଧୁମ୍‌ଧାମରେ ରଜ ପର୍ବ ପାଳନ କରୁଥିବା ବେଳେ ଅନେକ ସ୍ଥାନରେ ନିଶାସକ୍ତମାନେ ଆତଙ୍କ ଖେଳାଇଛନ୍ତି। ଏଥିପାଇଁ ଜନସାଧାରଣ ଓ ପୋଲିସକୁ ହଟହଟା ହେବାକୁ ପଡ଼ିଛି।**

## ଥାନା ଆଗରେ ଗର୍ଜିଲେ, ବାନ୍ତିରେ ଗଡ଼ିଲେ

ନୟାପଲ୍ଲୀ ଥାନା ସମ୍ମୁଖରେ ଜଣେ ଯୁବକ ପ୍ରଚୁର ମଦ୍ୟପାନ କରିବା ଘଟଣାରେ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ସାଲିଆସାହି ଅଞ୍ଚଳର ଯୁବକ ଜଣକ ପ୍ରଥମେ ସାହିରେ ହଙ୍ଗାମା କରିଥିଲେ। ଲୋକେ ଥାନାରେ ଅଭିଯୋଗ କରିବାକୁ ଆସିବାରୁ ତାଙ୍କୁ ପିଛା କରିବା ସହ ମାଡ଼ ମାରିବାର ଧମକ ଦେଇ ଥାନା ନିକଟରେ ଜଗି ରହିଥିଲେ। ଫଳରେ ଭୟଭୀତ ହୋଇ ଲୋକମାନେ ସେଠାରୁ ଚାଲିଯାଇଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ଓ ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ଲୋକଙ୍କୁ ଯୁବକ ଜଣକ ଗାଳିଗୁଲଜ ଆରମ୍ଭ କରିଥିଲେ। ଏଥିସହ ଥାନା ଆଗରେ ମଦ ବୋତଲ ଧରି ବାନ୍ତି ଉପରେ ଗଡ଼ି ପୋଲିସକୁ ଗାଳି ଦେଉଥିଲେ। ବହୁ କସରତ ପରେ ପୋଲିସ ତାଙ୍କୁ ପିସିଆରେ ଭର୍ତ୍ତି କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା।

## ଝରଣା ବସ୍ତିରେ ଛୁରାମାଡ଼

ରବିବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ କ୍ୟାପିଟାଲ ଥାନା ଅଧୀନ ଝରଣା ବସ୍ତିରେ ଜଣେ ନିଶାସକ୍ତ ଯୁବକ ଖରାପ ଭାଷାରେ ଗାଳିଗୁଲଜ କରୁଥିଲେ। ତାଙ୍କୁ ଯିଏ ବିରୋଧ କରୁଥିଲା, ସେ ତାଙ୍କୁ ମାଡ଼ ମାରିବାକୁ ପଛାଉ ନ ଥିଲେ। ଫଳରେ ଲୋକେ ଭୟଭୀତ ଅବସ୍ଥାରେ ଘରେ କବାଟ କିଳି ରହିଥିଲେ। ବିଏମ୍‌ସିରେ ସଫେଇ କାର୍ଯ୍ୟ କରୁଥିବା ବିଜେନ୍ଦ୍ର ନାଏକଙ୍କ ଘର ଆଗରେ ଯୁବକ ଜଣକ ଗାଳିଗୁଲଜ ଆରମ୍ଭ କରିବାରୁ ସେ ବିରୋଧ କରିଥିଲେ। ବିଜେନ୍ଦ୍ର ଘର ବାହାରକୁ ଆସି ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ବଢ଼ିଥିଲା। ହଠାତ୍ ଯୁବକ ଜଣକ ବିଜେନ୍ଦ୍ରଙ୍କ ପିଠିକୁ ଛୁରୀରେ ବାରମ୍ବାର ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିବା ସହ ଅଭିଯୁକ୍ତଙ୍କୁ ଥାନାକୁ ଉଠାଇ ଆଣି ଘଟଣାର ତଦନ୍ତ ଚଳାଇଛି। ବିଜେନ୍ଦ୍ରଙ୍କ ରକ୍ତସ୍ରାବ ବନ୍ଦ ନ ହେବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି।

## ଦୁର୍ଘଟଣାର ଶିକାର ହେଲେ ୧୦ରୁ ଊର୍ଦ୍ଧ୍ୱ

ରଜ ମଉଜ କରି ବିଭିନ୍ନ ହୋଟେଲ ଓ ବାର୍‌ରୁ ନିଶାସକ୍ତ ଅବସ୍ଥାରେ ବାହାରି ବାଇକ ଚାଳକ ଏବଂ ଅଟୋ ଚାଳକ ଦୁର୍ଘଟଣାର ଶିକାର ହୋଇଥିଲେ। କଟକ ରୋଡ୍, ଚନ୍ଦ୍ରଶେଖରପୁର ଏବଂ ଖଣ୍ଡଗିରି ଅଞ୍ଚଳରୁ ୧୦ରୁ ଊର୍ଦ୍ଧ୍ୱ ଚାଳକ ଦୁର୍ଘଟଣାର ଶିକାର ହୋଇଥିଲେ। କଟକ ରୋଡ୍‌ରେ ଜଣେ ନାବାଳକ ସମେତ ୩ଜଣ ବାଇକ ଚାଳକ ମଦ୍ୟପାନ କରି ଗାଡ଼ି ଚଲାଉଥିବା ବେଳେ ଚନ୍ଦ୍ରଶେଖରପୁର ଏବଂ ଖଣ୍ଡଗିରିର ଦୁଇ ଜଣ ଅଟୋ ଚାଳକ ମଧ୍ୟ ମଦ୍ୟପାନ କରିଥିଲେ। ସମସ୍ତେ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସା ପରେ ଫେରିଥିଲେ।

## ଗଛରେ ରଶି ଲଗାଇ ଝୁଲିଗଲେ

ଇନଫୋସିଟି ଥାନା ଅଧୀନ ଶିଖରଚଣ୍ଡୀ ପାହାଡ଼ ଉପରେ ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ପରେ ବହୁ କଷ୍ଟରେ ତାଙ୍କୁ ଉଦ୍ଧାର କରି ପୋଲିସ ଜିମାରେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ମନୋଜ କୁମାର ବାରିକ ନାମକ ଉକ୍ତ ଯୁବକ ସାଙ୍ଗମାନଙ୍କ ସହ ଏଠାକୁ ରଜ ପାଳନ କରିବାକୁ ଆସିଥିଲେ। ହେଲେ କିଛି ସମୟ ପରେ ନିଶାସକ୍ତ ଅବସ୍ଥାରେ ଏକ ଗଛ ଉପରକୁ ଚଢ଼ିଯାଇ ଦଉଡ଼ିରେ ଝୁଲିଯାଇଥିଲେ। ସେଠାରେ ଉପସ୍ଥିତ ଲୋକେ ଆପ୍ରାଣ ଉଦ୍ୟମ କରି ତାଙ୍କୁ ବଞ୍ଚାଇଥିଲେ ମଧ୍ୟ ସେ ଖରାପ ଭାଷାରେ ଗାଳିଗୁଲଜ ଆରମ୍ଭ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ମାତ୍ର ସେ ହସ୍ପିଟାଲରେ ଚିତ୍କାର କରିବା ସହ ଆତ୍ମହତ୍ୟା କରିବାକୁ ଜିଦ୍ ଧରିଥିଲେ। ଆଇସିୟୁରେ ଥିବାବେଳେ ତାଙ୍କର ବାନ୍ତି ବନ୍ଦ ନ ହେବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯିବା ସହ ପରିବାର ଲୋକଙ୍କୁ ଖବର ଦିଆଯାଇଛି।

## ବିଜୁ ଜନ କଲ୍ୟାଣ ସମିତି ପକ୍ଷରୁ ରଜ ମହୋତ୍ସବ



**କଟକ ରୋଡ,୧୬।୬(ଡି.ଏନ୍.ଏ.)**

ବଡ଼ଗଡ଼ ବ୍ରିଟ କଲୋନୀସ୍ଥିତ ବିଜୁ ଜନକଲ୍ୟାଣ ସମିତି ପକ୍ଷରୁ ଆୟୋଜିତ ରଜ ମହୋତ୍ସବ-୨୦୧୯ ରବିବାର ଉଦ୍‌ଯାପିତ ହୋଇଯାଇଛି। ସମିତି ସଭାପତି ସନ୍ତୋଷ ସିଂହଙ୍କ ସଭାପତିତ୍ୱରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ କର୍ପୋରେଟର ଅଶୋକ ସିଂହ, ପ୍ରତାପ ଜେନା, ବିବେକ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥଲେ। ୩ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀ ଓ ସରସ୍ୱତୀ ଶିଶୁ ମନ୍ଦିରର ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକଙ୍କୁ ମନ୍ତ୍ରୀ ପଣ୍ଡା ସମ୍ବର୍ଦ୍ଧିତ କରିଥିଲେ। ଶିଶୁ ମନ୍ଦିର ଶିକ୍ଷକ ତପନ କୁମାର ମହାନ୍ତି, ଜନ କଲ୍ୟାଣ ସମିତି ସଭ୍ୟା ଶୁଭଶ୍ରୀ ଜେନା, ଶ୍ୱେତପଦ୍ମା ମିଶ୍ର, ଭାରତୀ ଲକ୍ଷ୍ମୀ ପୃଷ୍ଟି, ନିରୁପମା ଜେନା, ସାହେବା ସୁଲତାନା ଓ ଶ୍ରଦ୍ଧାଞ୍ଜଳି ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଇକୋଫ୍ରେଣ୍ଡଲି ହେଲା ଐତିହ୍ୟ ପଦଯାତ୍ରା

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**



■ ପର୍ଯ୍ୟଟକଙ୍କୁ ମିଳିଲା ପେପର ତିଆରି ପେନ୍
■ ଶୁଣିଲେ ପୁରାତନ ମନ୍ଦିରର ଗାଥା

୧୨୪ତମ ଐତିହ୍ୟ ପଦଯାତ୍ରାକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଇକୋଫ୍ରେଣ୍ଡଲି କରିବାକୁ ଚେଷ୍ଟା କରିଛନ୍ତି। ଏ ନେଇ ପ୍ରଥମଥର ଲାଗି ପଦଯାତ୍ରାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ପରିବେଶ ଉପଯୋଗୀ ତଥା ପେପରରେ ତିଆରି ପେନ୍ ପର୍ଯ୍ୟଟକଙ୍କୁ ବଣ୍ଟାଯାଇଛି। ଐତିହ୍ୟ ପଦଯାତ୍ରା ଶନିବାରଠାରୁ ଖଣ୍ଡଗିରି ଉଦୟଗିରିରୁ ଆରମ୍ଭ ହୋଇଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ରବିବାର ପୁରୁଣା ଭୁବନେଶ୍ୱରରେ ଥିବା ବିଭିନ୍ନ ମନ୍ଦିରର ଇତିହାସ ବିଷୟରେ ଅବଗତ ହୋଇଛନ୍ତି। ବିଭିନ୍ନ ଐତିହ୍ୟ ଗାଥା ସହ ଭଗବାନ ଶିବଙ୍କ ଏକାମ୍ର କ୍ଷେତ୍ରକୁ ଆଗମନ, ବିନ୍ଦୁସାଗରର ଉତ୍ପତ୍ତି ଓ ଆହୁରି ଅନେକ କିମ୍ବଦନ୍ତୀ ସମ୍ପର୍କରେ ଜାଣିବାକୁ ପାଇଛନ୍ତି। ଅପରପକ୍ଷେ ଫନୀ ପରେ ପରିବେଶ ଓ ଭୁବନେଶ୍ୱରର ସବୁଜିମା ଉପରେ ବିଡିଏ, ବିଏମ୍‌ସି ବେଶି ଗୁରୁତ୍ୱ ଦେଉଥିବା ବେଳେ ଐତିହ୍ୟ ପଦଯାତ୍ରାରେ ଏହାକୁ ଆରମ୍ଭ କରାଯାଇଛି। ସହରକୁ ପୁଣିଥରେ ପୂର୍ବରୂପକୁ ଫେରାଇ ଆଣିବାକୁ ହେଲେ ଆମ ସମସ୍ତଙ୍କୁ ଏକଜୁଟ ହୋଇ ବୃକ୍ଷରୋପଣ କରିବାକୁ ପଡ଼ିବ। ତା’ହେଲେ ହିଁ ଆମମାନଙ୍କୁ ପୂର୍ବ ଭୁବନେଶ୍ୱର ମିଳିପାରିବ ବୋଲି ଏହି ଅବସରରେ ପର୍ଯ୍ୟଟକ ମତପ୍ରକାଶ କରିଛନ୍ତି।

ପର୍ଯ୍ୟଟକ ଇଂ. ପଞ୍ଚମ୍ ପି. ଟାଙ୍କ କହିଥିଲେ, ସେ ତାଙ୍କ ପରିବାରକୁ ଏହି ପଦଯାତ୍ରାରେ ଆଣିବାର ମୁଖ୍ୟ କାରଣ ଥିଲା ସହରର ଐତିହ୍ୟ ବିଷୟରେ ସେମାନେ ଜାଣନ୍ତୁ ଓ ଶିଖନ୍ତୁ। ସେମାନେ ଏହି ଦୁଇ ଦିନରେ ବହୁ ପୁରାତନ କାହାଣୀ ଜାଣିବାକୁ ପାଇଛନ୍ତି। ପରିବାର ଲୋକ ବହୁତ ଖୁସି ଥିବାବେଳେ ସେ ମଧ୍ୟ ଖୁସି ଅଛନ୍ତି। ଆଉ ପରିବେଶ ଉପଯୋଗୀ ପେନ୍ ଦେଇ ଏବଂ ବୃକ୍ଷରୋପଣ କରି ସେ ଆନନ୍ଦିତ ବୋଲି କହିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ପର୍ଯ୍ୟଟନ ବିଭାଗ, ବିଡିଏ ଓ ବିଏମ୍‌ସି ପକ୍ଷରୁ ଏକାମ୍ର ଐତିହ୍ୟ ପଦଯାତ୍ରା କରାଯାଉଛି। ପ୍ରତ୍ୟେକ ଶନିବାର ଓ ରବିବାର ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

## ହୋ ସମାଜର ୭ମ ବାର୍ଷିକ ରଜ ମହୋତ୍ସବ

**ନରାଜ,୧୬।୬(ଡି.ଏନ୍.ଏ.)**

ନରାଜ/ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳି ପଞ୍ଚାୟତର କଲ୍ୟାଣନଗର ବେଣ୍ଟୁଆରେ ଓଁ ମା’ ଆଦିଦେବୀ ଆଦିବାସୀ ବେଣ୍ଟୁଆ କ୍ଲବ ହୋ ସମାଜର ୭ମ ବାର୍ଷିକ ଉତ୍ସବ ତଥା ରଜମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ରଜ ମହୋତ୍ସବର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଓ ବେଣ୍ଟୁଆର କଲ୍ୟାଣ ପାଇଁ ଯାହା ଆବଶ୍ୟକ ସେ ଦିଗରେ ମୁଁ ଯଥା ସମ୍ଭବ ଉଦ୍ୟମ କରିବି ବୋଲି କହିଥିଲେ। ମୁଣ୍ଡଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ଅରୁଣ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ସାହୁ, ଗୌରାଙ୍ଗ ଚରଣ ରାଉତ ଓ ଅର୍ଜୁନ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଲକ୍ଷ୍ମଣ ସିଂଙ୍କୁ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସମ୍ପାଦକ ମଙ୍ଗଳ ପୂର୍ତ୍ତୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ରାତି ୧୨ଟା ସୁଦ୍ଧା ଲାଗିଲାନି ଜୟବିଜୟ ମୂର୍ତ୍ତି



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ରାତି ୧୦ଟାରେ ଜୟବିଜୟ ମୂର୍ତ୍ତି ସ୍ଥାପନ ପାଇଁ ମରାମତି କାର୍ଯ୍ୟ ଚାଲିଛି।

**ପୁରୀ ଅଫିସ୍, ୧୬।୬**

ପ୍ରଳୟଙ୍କରୀ ବାତ୍ୟା ‘ଫନୀ’ରେ ସିଂହଦ୍ୱାର ପ୍ରବେଶ ପଥ ଜୟ ମୂର୍ତ୍ତି ଭାଙ୍ଗି ତଳେ ପଡ଼ିଯାଇଥିଲା। ଏହା ପରେ ଉଭୟ ଜୟ ଓ ବିଜୟ ମୂର୍ତ୍ତି ନୂତନ ଭାବେ ନିର୍ମାଣ କରାଯାଇ ସ୍ଥାପନ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସ୍ନାନଯାତ୍ରା ପୂର୍ବରୁ ଅର୍ଥାତ ଜୁନ୍ ୧୬ତାରିଖରେ ଏହି ମୂର୍ତ୍ତି ଦ୍ୱୟ ସ୍ଥାପନ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ହେଲେ ରବିବାର ରାତି ୧୨ଟା ସୁଦ୍ଧା ମୂର୍ତ୍ତି ସ୍ଥାପନ ହୋଇପାରିନାହିଁ। କିନ୍ତୁ ରାତିରେ ଏହି ମୂର୍ତ୍ତି ଯାଜପୁରରୁ ଅଣାଯାଉଥିବା ଏଏସ୍‌ଆଇର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

■ ବଳାତ୍କାର, ବ୍ଲାକମେଲିଂ ଘଟଣା

## ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ନ ଥିବା ରିପୋର୍ଟ ଦେଲେ ଡିସିପି

**ଭୁବନେଶ୍ୱର, ୧୬।୬(ବ୍ୟୁରୋ)**

ଖଣ୍ଡଗିରି ଥାନା ଅଞ୍ଚଳରେ ପୁରୀର ଜଣେ ମହିଳାଙ୍କୁ ନିଶା ଦେଇ ବଳାତ୍କାର କରାଯିବା ସହ ସେହି ସମୟର ଦୃଶ୍ୟକୁ ଭିଡିଓ ଉତ୍ତୋଳନ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଖଣ୍ଡଗିରି ଥାନାରେ ମାମଲା ରୁଜୁ ହୋଇଥିଲା। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଅଭିଯୁକ୍ତମାନେ ବଳାତ୍କାର ସମୟର ଭିଡିଓକୁ ନେଇ ପୀଡ଼ିତାଙ୍କୁ ବ୍ଲାକମେଲିଂ କରି ଟଙ୍କା ଓ ସୁନା ଦାବି କରୁଥିବା ମାନବାଧିକାର କର୍ମୀ ଜୟନ୍ତ ଦାସ ଗତବର୍ଷ ଅକ୍ଟୋବର ୧୨ରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ପୋଲିସର ଅବହେଳା ସଂକ୍ରାନ୍ତରେ ଏନ୍‌ଏଚ୍‌ଆରସି ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଥିଲେ। ତଦନୁଯାୟୀ ଭୁବନେଶ୍ୱର ଡିସିପି ଗତ ମାର୍ଚ୍ଚ ୨୯ ତାରିଖରେ ତଦନ୍ତ ରିପୋର୍ଟ ଏନ୍‌ଏଚ୍‌ଆରସିଙ୍କୁ ଦେଇଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଠୋସ୍ ପ୍ରମାଣ ନ ଥିବା ଏବଂ ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଭିଯୋଗକାରିଣୀ ଭିଡିଓ କ୍ଲିପ୍ ତଦନ୍ତକାରୀ ଅଧିକାରୀଙ୍କୁ ଦାଖଲ କରିବାରେ ବିଫଳ ହୋଇଥିବା ଡିସିପି ରିପୋର୍ଟରେ ଦର୍ଶାଇଛନ୍ତି।

ଘଟଣାର ଜଣେ ଅଭିଯୁକ୍ତ ଧରିତ୍ରୀକୁ କହିଛନ୍ତି ଯେ, ତାଙ୍କୁ ବଦନାମ୍ କରିବା ଓ ରାଗ ଶୁଝାଇବା ପାଇଁ ତାଙ୍କ ସମେତ ୨ଜଣଙ୍କ ନାମରେ ଉଦ୍ଦେଶ୍ୟମୂଳକ ଅଭିଯୋଗ କରାଯାଇଛି, ଯାହାର କୌଣସି ସତ୍ୟତା ନାହିଁ।

## ଭୀମଟାଙ୍ଗିରେ ସରିଲା ରଜ ମଉଜ

**ପୁରୁଣା ଭୁବନେଶ୍ୱର,୧୬।୬ (ଡି.ଏନ.ଏ.)**

ଭୀମଟାଙ୍ଗୀରେ ଉତ୍ସାହୀ ମହିଳାମାନଙ୍କ ପକ୍ଷରୁ ଚାଲିଥିବା ରଜ ମଉଜର ଶେଷଦିନରେ ରବିବାର ବିଭିନ୍ନ ପ୍ରତିଯୋଗିତା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳୁ କଲୋନୀର ମହିଳାମାନଙ୍କ ମଧ୍ୟରେ ପୋଡ ପିଠା ପ୍ରତିଯୋଗିତା ହୋଇଥିଲା। ପରେ ହୁଳହୁଳି, ପୁଚି, ମ୍ୟୁଜିକ୍ ଚେୟାର ଭଳି ପ୍ରତିଯୋଗିତାମାନ ହୋଇଥିଲା। ସନ୍ଧ୍ୟାରେ ଶୀତଳଷଷ୍ଠୀ ମଣ୍ଡପରେ କୁନିକୁନି ପିଲାମାନେ ନୃତ୍ୟ ପ୍ରତିଯୋଗିତରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ପୁରୁଷୋତ୍ତମ ସାହୁ, ଭାଜପା ନେତା ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳାମାନଙ୍କୁ ଭୂୟଶୀ ପ୍ରଶଂସା କରିଥିଲେ। ରାଜଲକ୍ଷ୍ମୀ ବଳ, ସୁବାସିନୀ ପୃଷ୍ଟି, ରୀନା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୀଳମାଧବ ମହାନ୍ତି ସଂଯୋଜନା କରିଥିଲେ।



■ ନଦୀକୁ ବିଷାକ୍ତ କରୁଛି ସହରାଞ୍ଚଳ ଓ ଶିଳ୍ପାଞ୍ଚଳର ଦୂଷିତ ଜଳ

## ରିପୋର୍ଟ ମାଗିଲେ ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ

**କଟକ ସଦର,୧୬।୬(ଡି.ଏନ୍.ଏ.)**



ବଗୁଲାପଡ଼ାରେ କାଠଯୋଡି ନଦୀ ପଠାରେ ନିର୍ମାଣାଧୀନ ଜଳ ବିଶୋଧନାଗାର।

ସହରାଞ୍ଚଳ ଓ ଶିଳ୍ପାଞ୍ଚଳରୁ ନିର୍ଗତ ଦୂଷିତ ଜଳ ଦ୍ୱାରା ରାଜ୍ୟର ପ୍ରମୁଖ ନଦୀଗୁଡ଼ିକୁ ବିଷାକ୍ତ କରୁଛି। ବିଶେଷକରି ମହାନଦୀ ଓ ତା’ର ଶାଖା ନଦୀଗୁଡ଼ିକର ଜଳ କ୍ରମଶଃ ବିଷାକ୍ତ ହେବାରେ ଲାଗିଛି। ଏହା ଉପରେ ନିର୍ଭର କରୁଥିବା ଲୋକେ ନାନାଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ଉପରେ କୁପ୍ରଭାବ ପଡୁଛି। ଏନେଇ ବାରମ୍ବାର ଅଭିଯୋଗ ଆସିବା ପରେ ଜଳସମ୍ପଦ ବିଭାଗ ତତ୍ପରତା ପ୍ରକାଶ କରିଛି। ବିଭାଗୀୟ ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ ଅକ୍ଷୟ କୁମାର ବାନାର୍ଜୀ ପତ୍ର ସଂଖ୍ୟା ୧୬୧୨୮/୧୨।୬।୨୦୧୯ରେ ମୁଖ୍ୟ ଯନ୍ତ୍ରୀମାନଙ୍କୁ ରିପୋର୍ଟ ତଲବ କରିଛନ୍ତି। ମହାନଦୀ, ବ୍ରାହ୍ମଣୀ, ବୈତରଣୀକୁ ଦୂଷିତ ଜଳ ଛାଡୁଥିବା ସହରାଞ୍ଚଳ ପରିଷଦ ସମ୍ପର୍କରେ ସବିଶେଷ ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, କଟକ ମହାନଗର ନିଗମ ଅଞ୍ଚଳରେ ନିଷ୍କାସନ ପାଇଁ ଚାଲିଥିବା ଜାଇକା (ଜାପାନ ଇଣ୍ଟରନ୍ୟାଶନାଲ କୋ ଅପରେଟିଭ ଏଜେନ୍ସି) ପ୍ରକଳ୍ପର ପାଣି ବିଶୋଧନାଗାର(ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ)ଟି କାଠଯୋଡି ନଦୀର ବଗୁଲାପଡ଼ାଠାରେ ଜାଲ ଏନ୍‌ଓସି ବଳରେ ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ୯ବର୍ଷ ପରେ ଧରିତ୍ରୀରେ ୧୨।୩।୧୯ରେ ପ୍ରକାଶିତ ହୋଇଥିଲା। ଏହି ଖବରକୁ ଆଧାର କରି ଜଳସମ୍ପଦ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ପ୍ରଦୀପ କୁମାର ଜେନା ସେହିଦିନ ବିଭାଗୀୟ ଯନ୍ତ୍ରୀମାନଙ୍କ ହ୍ୱାଟସଆପ ଗ୍ରୁପରେ କୈଫିୟତ ମାଗିଥିଲେ। ଏହି ନିର୍ଦ୍ଦେଶନାମାକୁ ଆଧାର କରି ମହାନଦୀ ସାଉଥ ଜଳସେଚନ ଡିଭିଜନର ନିର୍ବାହୀଯନ୍ତ୍ରୀ ବସନ୍ତ କୁମାର ରାଉତ ପତ୍ର ସଂଖ୍ୟା ୨୬୮୪/୧୩।୩।୧୯ରେ ଉତ୍ତର ଦେଇଥିଲେ। ଏହି ପତ୍ରରେ ମଉଗଜପୁର ପରିବର୍ତ୍ତେ ବଗୁଲାପଡା ଗ୍ରାମରେ ଟ୍ରିଟମେଣ୍ଟ ପ୍ଲାଣ୍ଟ କାଠଯୋଡି ନଦୀ ପଠାରେ ନିର୍ମାଣ କରାଯାଉଥିବା ଉଲ୍ଲେଖ ଥିଲା। ଚିଠି ସମ୍ପର୍କରେ ବିଭାଗ କ’ଣ ନିଷ୍ପତ୍ତି ଗ୍ରହଣ କରିଛି ବୋଲି ଜଣେ ସୂଚନା ଅଧିକାର କର୍ମୀ ମେ’ ମାସରେ ତଥ୍ୟ ଜାଣିବାକୁ ଚାହିଁଥିଲେ। ରାଜ୍ୟରେ ନଦୀକୁ ଦୂଷିତ କରୁଥିବା ସମ୍ପର୍କରେ ତଥ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି ବୋଲି ଜଳସମ୍ପଦ ବିଭାଗର ଜନ ସୂଚନା ଅଧିକାରୀ ସମ୍ପୃକ୍ତ ସୂଚନା ଅଧିକାରୀ କର୍ମୀଙ୍କୁ ଇ-ମେଲ ଯୋଗେ ଚିଠିର ଅବିକଳ ନକଲ ସହ ଅବଗତ କରାଇଛନ୍ତି। ସମସ୍ତ କେନାଲ, ଯୋରକୁ ଦୂଷିତ ଜଳ ଛାଡୁଥିବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥା ଓ ଚିକିତ୍ସାଳୟମାନଙ୍କର ମଧ୍ୟ ସୂଚନା ସଂଗ୍ରହ କରାଯିବ।

## ସମୁଦ୍ରରେ ବୁଡ଼ି ଛାତ୍ର ମୃତ

**ଗୋପ,୧୬।୬(ଡି.ଏନ୍.ଏ.)**

ସାଙ୍ଗସାଥୀଙ୍କ ସହ ରଜ ସଂକ୍ରାନ୍ତିରେ କୋଣାର୍କ ବୁଲିବାକୁ ଆସିଥିବା ଜଣେ କଲେଜ ଛାତ୍ରଙ୍କର ରବିବାର ସମୁଦ୍ରରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କଟକ ଜିଲା ନିଆଳି ଥାନା ଅଧୀନ ପୋଲସରା ଗ୍ରାମର କ୍ଷୀରୋଦ ଖଟୋଇଙ୍କ ସାନ ପୁଅ ଚନ୍ଦନ ଖଟୋଇ (୨୦)। ଗୋପ ପୋଲିସ ମୃତଦେହ ଜବତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା ୧୪/୧୯ ରୁଜୁ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନା ପଠାଇଛି। ପ୍ରକାଶ ଯେ, ଚନ୍ଦନ ରବିବାର ୫-୬ ଜଣ ସାଙ୍ଗସାଥୀଙ୍କ ସହ କୋଣାର୍କକୁ ରଜ ଉତ୍ସବ ଦେଖିବା ଲାଗି ଆସିଥିଲେ। ମା’ ଭଗବତୀ ପୀଠରେ ରଜ ବୁଲିବା ପରେ କୋଣାର୍କ ଚନ୍ଦ୍ରଭାଗା ବୁଲିବାକୁ ଯାଇଥିଲେ। ସମୁଦ୍ରରେ ଗାଧୋଇବା ଲାଗି ସାଙ୍ଗମାନେ ବାହାରିବାରେ ଚନ୍ଦନ ମଧ୍ୟ ତାଙ୍କ ସହିତ ସମୁଦ୍ରରେ ଗାଧୋଇଥିଲେ। ଗାଧୋଇବା ସମୟରେ ସେ ସମୁଦ୍ର ଲହଡ଼ିରେ ଭାସିଯାଇଥିଲେ। ନିକଟରେ ଥିବା ସାଙ୍ଗମାନେ ତାଙ୍କୁ ଉଦ୍ଧାର କରି ଉପରକୁ ଆଣିବା ସହ ଚେତା ନ ଆସିବାରେ କୋଣାର୍କ ଡାକ୍ତରଖାନାକୁ ଆଣିଥିଲେ। ମୃତକ ଚନ୍ଦନ ନିକଟସ୍ଥ କଲେଜରେ ଅଧ୍ୟୟନ କରୁଥିବା ଜଣାପଡ଼ିଛି। କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ର ତାଙ୍କୁ ତୁରନ୍ତ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରଙ୍କୁ ପଠାଇବା ପରେ ଡ.ସୁଗନ୍ଧା କାଶ୍ୟପ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।



"ଲୋକ ସଭା ନିର୍ବାଚନରେ ପରାଜୟକୁ ନେଇ କଂଗ୍ରେସରେ ଏକ ବଡ଼ଧରଣର ଅସ୍ତ୍ରୋପଚାର ଜରୁରୀ। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ସବୁ ସ୍ତରରେ ସାଙ୍ଗଠନିକ ନିର୍ବାଚନ କରାଇ ଆମୂଳଚୂଳ ନେତୃତ୍ୱ ପରିବର୍ତ୍ତନ କରିବା ଆବଶ୍ୟକ।

-ଏମ୍. ବୀରାପ୍ପା ମୋଇଲି, ବରିଷ୍ଠ କଂଗ୍ରେସ ନେତା

# ମ୍ୟାନ୍‌ମାର ସୀମାରେ ବଡ଼ ଅପରେଶନ

ନୂଆଦିଲ୍ଲୀ,୧୬।୬(ପି.ଟି.)



## ଅପରେଶନ ସନ୍‌ଶାଇନ୍-୨

- ଭାରତ-ମ୍ୟାନ୍‌ମାର ସେନାର ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ
- ୭୨ ଉଗ୍ରପନ୍ଥୀ ଗିରଫ, ବହୁ ଶିବିର ଧ୍ୱଂସ

ମଣିପୁର, ନାଗାଲାଣ୍ଡ ଓ ଆସାମରେ ସକ୍ରିୟ ଥିବା ବିଭିନ୍ନ ଉଗ୍ରପନ୍ଥୀ ସଂଗଠନକୁ ଟାର୍ଗେଟ୍ କରି ଭାରତ ଓ ମ୍ୟାନମାର ସୈନ୍ୟବାହିନୀ ପକ୍ଷରୁ ସୀମାନ୍ତ ଅଞ୍ଚଳରେ ଅପରେଶନ୍ ସନ୍‌ଶାଇନ୍-୨ ନାମରେ ୩ ସପ୍ତାହବ୍ୟାପୀ ମିଳିତ କାର୍ଯ୍ୟାନୁଷ୍ଠାନ ରବିବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ଉଭୟ ସେନାକୁ ବଡ଼ ସଫଳତା ମିଳିଛି। ସେମାନଙ୍କ କାର୍ଯ୍ୟାନୁଷ୍ଠାନରେ ବହୁ ଶିବିର ଧ୍ୱଂସ ହେବା ସହ ୭୨ ଜଣ ଉଗ୍ରପନ୍ଥୀ ଗିରଫ ହୋଇଛନ୍ତି। ତିନିମାସ ପୂର୍ବରୁ ଭାରତ-ମ୍ୟାନମାର ସୀମାରେ ଉଭୟ ଦେଶର ସୈନ୍ୟବାହିନୀ ପକ୍ଷରୁ ଅପରେଶନ ସନ୍‌ସାଇନ୍-୧ ହୋଇଥିଲା। ଏଥିରେ ଉତ୍ତରପୂର୍ବାଞ୍ଚଳର ଅନେକ ଉଗ୍ରପନ୍ଥୀ ସଂଗଠନର ଶିବିର ଧ୍ୱଂସ ହୋଇଥିଲା।

ପଡୋଶୀ ଦେଶ ମ୍ୟାନମାର ଭାରତର ଅନ୍ୟତମ ପ୍ରତିରକ୍ଷା ସହଯୋଗୀ। ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଲାଗି ଏହାର ୧୬୪୦ କିଲୋମିଟର ସୀମାରେଖା ରହିଛି। ସୀମାକୁ ଜଗିବାରେ ଦୁଇ ସେନାବାହିନୀ ମଧ୍ୟରେ ଘନିଷ୍ଠ ସହଯୋଗ ଉପରେ ଭାରତ ଗୁରୁତ୍ୱ ଦେଇଆସୁଛି। ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ସକ୍ରିୟ ଥିବା ଉଗ୍ରବାଦୀ ସଂଗଠନ ମଧ୍ୟରେ ରହିଛି କାମ୍‌ତାପୁର ଲିବରେଶନ୍ ଅର୍ଗାନାଇଜେଶନ୍(କେଏଲ୍‌ଓ), ଏନ୍‌ଏସ୍‌ସିଏନ୍(ଖାପଲଙ୍ଗ୍), ୟୁନାଇଟେଡ ଲିବରେଶନ୍ ଫ୍ରଣ୍ଟ ଅଫ୍ ଆସାମ(ଇ) ଏବଂ ନ୍ୟାଶନାଲ୍ ଡେମୋକ୍ରାଟିକ୍ ଫ୍ରଣ୍ଟ ଅଫ୍ ବୋଡୋଲ୍ୟାଣ୍ଡ (ଏନ୍‌ଡିଏଫ୍‌ବି)।

# ବିହାର: ଅଂଶୁଘାତରେ ୪୪ ମୃତ

ପାଟନା,୧୬।୬(ପି.ଟି.)

ବିହାରର ତିନୋଟି ଜିଲାରେ ଶନିବାର ଅଂଶୁଘାତରେ ୪୪ ଜଣଙ୍କ ମୃତ୍ୟୁ ହୋଇଥିବା ବିପର୍ଯ୍ୟୟ ପରିଚାଳନା କଣ୍ଟ୍ରୋଲ ରୁମ୍‌ର ଅଧିକାରୀମାନେ ସୂଚନା ଦେଇଛନ୍ତି। ଔରଙ୍ଗାବାଦ ଜିଲାରେ ୨୨ ଜଣ ଅଂଶୁଘାତରେ ପ୍ରାଣ ହରାଇଥିବାବେଳେ ଗୟାରେ ୨୦ ଏବଂ ନୱାଦା ଜିଲାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଅଂଶୁଘାତ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଦୁଃଖପ୍ରକାଶ କରିବା ସହ ମୃତକମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଅଂଶୁଘାତ ମୃତ୍ୟୁ ରୋକିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ୩ ଜିଲାର ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରୌଦ୍ରତାପରେ ଆକ୍ରାନ୍ତମାନଙ୍କୁ ସମସ୍ତ ଚିକିତ୍ସା ସହାୟତା ଯୋଗାଇଦେବାକୁ ସେ ପରାମର୍ଶ ଦେଇଛନ୍ତି। ଶନିବାର ପାଟନା, ଗୟା ଓ ଭାଗଲପୁର ସହରରେ ପ୍ରବଳ ଗ୍ରୀଷ୍ମଲହରି ଅନୁଭୂତ ହୋଇଥିଲା। ପାଟନାରେ ତାପମାତ୍ରା ୪୫.୮ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଥିଲା, ଯାହା କି ଗତ ୧୦ ବର୍ଷ ମଧ୍ୟରେ ସର୍ବାଧିକ। ଗୟାରେ ତାପମାତ୍ରା ୪୫.୨ ଡିଗ୍ରୀ ଥିଲାବେଳେ ଭାଗଲପୁରରେ ୪୧.୫ ଡିଗ୍ରୀ ରେକର୍ଡ କରାଯାଇଥିଲା।

## ସଂକ୍ଷେପରେ

### ସରକାରୀ ଅର୍ଥ ଅପବ୍ୟୟ ନେତନ୍ୟାହୁଙ୍କ ସ୍ତ୍ରୀ ଦୋଷୀ



**ଜେରୁଜେଲମ୍,୧୬।୬(ଏଏଫ୍‌ପି):** ସରକାରୀ ଅର୍ଥର ଅପବ୍ୟୟ କରିବା ଅଭିଯୋଗରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ସ୍ତ୍ରୀ ସାରା ନେତନ୍ୟାହୁ ଦୋଷୀସାବ୍ୟସ୍ତ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନରେ ରୋଷେୟା ଥାଇ ମଧ ସାରା ବାହାରୁ ରନ୍ଧାଖାଦ୍ୟ ମଗାଇ ସରକାରୀ ପାଣ୍ଠିର ଅପବ୍ୟୟ କରିଆସୁଥିଲେ। ଅନ୍ୟ ଜଣେ ବ୍ୟକ୍ତିଙ୍କ ଭୁଲରୁ ଫାଇଦା ଉଠାଇ ଆସୁଥିବା ସାରାଙ୍କୁ ଦୋଷୀସାବ୍ୟସ୍ତ କରି ଅଦାଲତ ଅର୍ଥଦଣ୍ଡରେ ଦଣ୍ଡିତ କରିବା ସହ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କୁ ୧୦ ହଜାର ଶେକେଲ୍ (୨୮୦୦ ଡଲାର) ଜରିମାନା ଦେବାକୁ କୁହାଯାଇଥିବାବେଳେ କ୍ଷତିପୂରଣ ବାବଦରେ ୪୫୦୦୦ ଶେକେଲ ଭରଣା କରିବେ।

### ଅଶୋକଙ୍କୁ ମନେପକାଇଲେ ଜାତିସଂଘ ଉପମହାସଚିବ



ଜାତିସଂଘ,୧୬।୬(ପି.ଟି.)

ସାରା ବିଶ୍ୱରେ ଅସହିଷ୍ଣୁତା ବଢ଼ିଚାଲିଥିବାବେଳେ ବିବିଧତା ଏବଂ ସାମୂହିକତା ଉପରେ ଗୁରୁତ୍ୱ ଦେଇଛନ୍ତି ଜାତିସଂଘ ଉପମହାସଚିବ ଅମିନା ମହମ୍ମଦ। ଏହି ଅବସରରେ ସେ ସମ୍ରାଟ ଅଶୋକଙ୍କ ସଦ୍‌ଭାବନା ବାର୍ତ୍ତାକୁ ମନେପକାଇ ଦେଇଛନ୍ତି। ସବୁ ଧର୍ମର ଲୋକଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନ ଲାଗି ଦୁଇ ହଜାର ବର୍ଷ ତଳେ ଅଶୋକ ବାର୍ତ୍ତା ପ୍ରଚାର କରିଥିଲେ। ଉପାସନା ସ୍ଥଳଗୁଡ଼ିକରେ ଆକ୍ରମଣ ହେଉଛି। ସଂଖ୍ୟାଲଘୁ, ଶରଣାର୍ଥୀମାନଙ୍କୁ ଟାର୍ଗେଟରେ ରଖି ହିଂସାକାଣ୍ଡ ଘଟାଯାଉଛି। ଏଭଳି ସମୟରେ ଜାତିସଂଘ ଉପମହାସଚିବ ବହୁବାଦର ଗୁରୁତ୍ୱ ସମ୍ପର୍କରେ ଦୃଢ଼ୋକ୍ତି କରିଛନ୍ତି।

# ଏଫ୍‌ଏଟିଏଫ୍‌ର ସର୍ତ୍ତ ପାଳନ କରିବାରେ ବିଫଳ

# ପାକିସ୍ତାନରେ ଘନେଇବ ଆର୍ଥିକ ସଙ୍କଟ

ନୂଆଦିଲ୍ଲୀ,୧୬।୬(ପି.ଟି.)

ଆତଙ୍କବାଦୀ ସଙ୍ଗଠନ ଏଲ୍ଇଟି ଏବଂ ଜେଇଏମ୍ ତଥା ସେଗୁଡ଼ିକର ସହଯୋଗୀ ସଂସ୍ଥା ଜେୟୁଡି ଓ ଫଲା-ଇ-ଇନ୍‌ସାନିୟତ୍ ଫାଉଣ୍ଡେଶନ୍ ଭଳି ସଂସ୍ଥାଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଛି ପାକିସ୍ତାନ। ଏଭଳି ସଙ୍ଗଠନଗୁଡ଼ିକ ପାଣ୍ଠି ଯୋଗାଣ ରୋକିବା ପାଇଁ ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ସ୍ଥିତ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍) ପକ୍ଷରୁ ପାକିସ୍ତାନକୁ ୨୭ଟି କାର୍ଯ୍ୟାନୁଷ୍ଠାନ ଲାଗି ତାଗିଦ କରାଯାଇଥିଲା। ଇସ୍‌ଲାମାବାଦ ସେଥିରୁ ୨୫ଟି ପଏଣ୍ଟ ଉପରେ ପଦକ୍ଷେପ ନେବାରେ ବିଫଳ ହୋଇଛି। ଏଥିଯୋଗୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍), ବିଶ୍ୱବ୍ୟାଙ୍କ ଓ ୟୁରୋପୀୟ ସଂଘ (ଇୟୁ) ଭଳି ଅନ୍ତର୍ଜାତୀୟ ଋଣ ପ୍ରଦାନକାରୀ ପାକିସ୍ତାନ ଉପରେ ଆର୍ଥିକ କଟକଣା ଜାରି ରଖିବେ। ଫଳରେ ପାକିସ୍ତାନର ଆର୍ଥିକ ସ୍ଥିତି ଆହୁରି ଉଦ୍‌ବେଗଜନକ ହେବା ଆଶଙ୍କା କରାଯାଉଛି। ୨୭ ପଏଣ୍ଟରୁ ୨୫ଟିରେ ପାକିସ୍ତାନ ବିଫଳ ହୋଇଛି। ଆସନ୍ତା ଅକ୍ଟୋବରରେ ଏ ସମ୍ପର୍କିତ ୧୫ ମାସିଆ ମହଲତ ଶେଷ ହେଉଥିବାରୁ ଇସ୍‌ଲାମାବାଦ ଅଡୁଆରେ ପଡ଼ିପାରେ ବୋଲି ଆମେରିକାର ଫ୍ଲୋରିଡାରେ ରବିବାର ଆରମ୍ଭ ହୋଇଥିବା ଏଫ୍‌ଏଟିଏଫ୍‌ର ବିସ୍ତୃତ ବୈଠକ ଅବସରରେ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୨୦୧୮ ଅକ୍ଟୋବରରେ ପାକିସ୍ତାନ ଭିତ୍ତିକ ଆତଙ୍କବାଦୀ ସଂଗଠନଗୁଡ଼ିକ ସମ୍ପର୍କରେ ଭାରତ ପକ୍ଷରୁ ସୂଚନା ଦିଆଯିବା ପରେ ପଡ଼ୋଶୀ ଦେଶକୁ ଗ୍ରେ ଲିଷ୍ଟ ତାଲିକାରେ ରଖାଯାଇଥିଲା। ଗତ ଫେବୃୟାରୀରେ ଧୂସର ତାଲିକାରେ ଏହାକୁ ବଳବତ୍ତର ରଖାଯାଇଥିଲା।

# ମହାରାଷ୍ଟ୍ର କ୍ୟାବିନେଟ୍‌ରେ ୧୩ ନୂଆ ମୁହଁ

ମୁମ୍ବାଇ,୧୬।୬(ଆଇଏଏନ୍‌ଏସ୍)

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ରବିବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ମନ୍ତ୍ରିମଣ୍ଡଳରୁ ୬ ଜଣଙ୍କୁ ବାଦ୍ ଦିଆଯାଇ ୧୩ ଜଣଙ୍କୁ ସାମିଲ କରାଯାଇଛି। ଏଥିରେ ଭାଜପାରୁ ୧୦, ଶିବସେନାରୁ ୨ ଓ ରିପବ୍ଲିକ୍ ପାର୍ଟି ଅଫ ଇଣ୍ଡିଆ (ଏ)ରୁ ଜଣଙ୍କୁ ମନ୍ତ୍ରୀପଦ ମିଳିଛି। ପୂର୍ବତନ କଂଗ୍ରେସ ନେତା ରାଧାକ୍ରିଷ୍ଣନ ଭିଖେ-ପାଟିଲ ଏବଂ ମୁମ୍ବାଇ ଭାଜପା ସଭାପତି ଆଶିଷ ଶେଲାରଙ୍କୁ ମନ୍ତ୍ରିମଣ୍ଡଳରେ ନିଆଯାଇଛି। ରାଜ୍ୟପାଳ ସି. ବିଦ୍ୟାସାଗର ରାଓ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

# ବିଚ୍ଛିନ୍ନତାବାଦୀ ନେତାଙ୍କୁ ଅର୍ଥ ଯୋଗାଉଛି ପାକ୍: ଏନ୍‌ଆଇଏ

ନୂଆଦିଲ୍ଲୀ,୧୬।୬(ପି.ଟି.)

ଜମ୍ମୁ-କଶ୍ମୀର କଠୋରପନ୍ଥୀ ବିଚ୍ଛିନ୍ନତାବାଦୀ ନେତାମାନଙ୍କୁ ପାକିସ୍ତାନ ବିପୁଳ ଅର୍ଥ ଯୋଗାଇ ଦେଉଛି। ସେହି ଅର୍ଥକୁ ସେମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଲାଗି ବ୍ୟୟ କରୁଛନ୍ତି। ସେମାନେ ନିଜ ପାଇଁ ସମ୍ପତ୍ତି ଠୁଳ କରିବା ସହ ପିଲାମାନଙ୍କୁ ବିଦେଶରେ ପାଠ ପଢ଼ାଉଛନ୍ତି। ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏହା ଜାଣିବାକୁ ପାଇଛି। ହୁରିୟାତ୍ କନ୍‌ଫରେନ୍ସ ସମେତ ବିଭିନ୍ନ ବିଚ୍ଛିନ୍ନତାବାଦୀ ସଂଗଠନର ନେତାମାନଙ୍କୁ ଜେରାବେଳେ ସେମାନେ ପାକିସ୍ତାନରୁ ଆର୍ଥିକ ସହାୟତା ପାଉଥିବା ସ୍ୱୀକାର କରିଛନ୍ତି। କଶ୍ମୀର ଉପତ୍ୟକାର ଲୋକମାନଙ୍କ ମଧ୍ୟରେ ଭାରତଠାରୁ ଅଲଗା ହେବାର ମନୋଭାବ ବଢ଼ାଇବା ଏବଂ ଆତଙ୍କବାଦର ପ୍ରସାର ଲାଗି ପାକିସ୍ତାନ ଏହି ଅର୍ଥ ଯୋଗାଇଦେଉଛି।

ଦୁଖ୍‌ତାରାନ-ଇ-ମିଲାତ ସଂଗଠନର ଅଗ୍ନିବର୍ଷୀ ନେତ୍ରୀ ଆସିୟା ଅଣ୍ଡରବି ତାଙ୍କ ପୁଅକୁ ମାଲେସିଆରେ ପଢ଼ାଇବା ପାଇଁ ଏତେ ଟଙ୍କା କେଉଁଠୁ ଆଣୁଛନ୍ତି ବୋଲି ଏନ୍‌ଆଇଏ ପ୍ରଶ୍ନ କରିଥିଲା। ସେ ବିଦେଶରୁ ଆର୍ଥିକ ସହାୟତା ପାଉଥିବା ସ୍ୱୀକାର କରିଥିଲେ। ଅନ୍ୟଜଣେ ବିଚ୍ଛିନ୍ନତାବାଦୀ ନେତା ଶବିର ଶାହଙ୍କ ପହଲଗାମ୍‌ରେ ହୋଟେଲ ସମେତ ଅନ୍ୟାନ୍ୟ ବ୍ୟବସାୟ ଏବଂ ଜମ୍ମୁ, ଶ୍ରୀନଗର ଓ ଅନନ୍ତନାଗରେ ସମ୍ପତ୍ତି ଥିବା ସେ ମାନିଛନ୍ତି। ପାକିସ୍ତାନରୁ ପାଉଥିବା ଆର୍ଥିକ ସହାୟତାରେ ସେ ଏସବୁ କରିଛନ୍ତି। ପାକିସ୍ତାନୀ ଏଜେଣ୍ଟ ଏବଂ ଅଲ୍ ପାର୍ଟି ହୁରିୟାତ୍ କନ୍‌ଫରେନ୍ସ ଜରିଆରେ ଏହି ଅର୍ଥ କାରବାର ହେଉଥିବାର ପ୍ରମାଣ ମିଳିଛି। ବିଦେଶରୁ ଅର୍ଥ ସଂଗ୍ରହ ଓ ଏହାର ବିନିଯୋଗକୁ ନେଇ ହ୍ୟୁରିୟାତ୍ କନ୍‌ଫରେନ୍ସରେ ଫାଟ ସୃଷ୍ଟି ହୋଇଥିବା ଜଣାପଡ଼ିଛି।

# ବଜେଟ ଅଧିବେଶନ ହେବ ପୂର୍ବତନ ପ୍ରଧାନମନ୍ତ୍ରୀ ଶୂନ୍ୟ

ନୂଆଦିଲ୍ଲୀ,୧୬।୬



ପାର୍ଲାମେଣ୍ଟର ବଜେଟ ଅଧିବେଶନ ସୋମବାରଠାରୁ ଆରମ୍ଭ ହେଉଥିଲାବେଳେ ଏଥର ଉଭୟ ଗୃହରେ କୌଣସି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଦେଖିବାକୁ ମିଳିବନି। ମନମୋହନସିଂଙ୍କ ରାଜ୍ୟ ସଭା କାର୍ଯ୍ୟକାଳ ଗତ ଶୁକ୍ରବାର ଶେଷ ହୋଇଥିବାବେଳେ ଏଚ୍.ଡି. ଦେବେଗୌଡା ଲୋକ ସଭା ନିର୍ବାଚନରେ ତୁମ୍‌କୁର ଆସନରୁ ଭାଜପା ପ୍ରାର୍ଥୀ ଜି.ଏସ୍. ବାସବରାଜଙ୍କଠାରୁ ହାରିଯାଇଛନ୍ତି। ସେ ୧୯୯୬ ଜୁନ୍‌ରୁ ୧୯୯୭ ଏପ୍ରିଲ ପର୍ଯ୍ୟନ୍ତ ଦେଶର ପ୍ରଧାନମନ୍ତ୍ରୀ ଥିଲେ। ପୂର୍ବରୁ ସେ ହାସନ ଆସନରୁ ଜିତିଆସୁଥିଲେ। ଏଥର ଉକ୍ତ ଆସନ ନାତି ପ୍ରଜ୍ୱଳ ରେଭାନ୍ନାଙ୍କୁ ଛାଡ଼ି ସେ ତୁମ୍‌କୁରରୁ ପ୍ରାର୍ଥୀ ହୋଇଥିଲେ।

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୧୯୯୧ରୁ କ୍ରମାଗତ ଭାବେ ଆସାମରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଆସୁଥିଲେ। ତାଙ୍କୁ ପୁନର୍ବାର ରାଜ୍ୟ ସଭା ପଠାଇବା ଲାଗି ଆସାମ ବିଧାନସଭାରେ କଂଗ୍ରେସ ପାଖରେ ଆବଶ୍ୟକ ବିଧାୟକ ନାହାନ୍ତି। ଏପରିକି ରାଜ୍ୟ ସଭା ଆସନ ଖାଲି ହେଉଥିବା ଅନ୍ୟ ରାଜ୍ୟରୁ ମଧ କଂଗ୍ରେସ ମନମୋହନଙ୍କୁ ପଠାଇପାରିବ ନାହିଁ।

# ଦୁର୍ଘଟଣାରେ ପରିବାରର ୮ ମୃତ

## ତାଜମହଲ ଦେଖିବାକୁ ଯାଉଥିଲେ

ମଥୁରା,୧୬।୬(ପି.ଟି.)

ଉତ୍ତରପ୍ରଦେଶର ମଥୁରା ଜିଲା ଅନ୍ତର୍ଗତ ଯମୁନା ଏକ୍ସପ୍ରେସ୍‌ୱେରେ ରବିବାର ସକାଳେ ଏକ କାର୍‌କୁ ଟ୍ରକ୍ ଧକ୍କା ଦେବାରୁ ଗୋଟିଏ ପରିବାରର ୮ ଜଣଙ୍କ ମୃତ୍ୟୁ ଘଟିଛି। ଗ୍ରେଟର ନୋଇଡାର ଏହି ପରିବାର ସଦସ୍ୟମାନେ ତାଜମହଲ ଦେଖିବାକୁ କାର୍‌ରେ ଆଗ୍ରା ଯାଉଥିଲେ। ଘଟଣାସ୍ଥଳରେ ୫ ଜଣଙ୍କର ଏବଂ ହସ୍ପିଟାଲରେ ଅନ୍ୟ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛି।

# ଆଲୋଚନା ପାଇଁ ଆନ୍ଦୋଳନରତ ଡାକ୍ତର ରାଜି

କୋଲକାତା,୧୬।୬(ପି.ଟି.)

- ରୁଦ୍ଧଦ୍ୱାର ବୈଠକକୁ ନା
- ସ୍ଥାନ ବାଛିବେ ମମତା

ପଶ୍ଚିମବଙ୍ଗରେ ଜୁନିୟର ଡାକ୍ତରମାନଙ୍କ ଆନ୍ଦୋଳନ ରବିବାର ଷଷ୍ଠଦିନରେ ପହଞ୍ଚିଥିଲାବେଳେ ସେମାନେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଆଲୋଚନା ଲାଗି ରାଜି ହୋଇଛନ୍ତି। ତେବେ ରୁଦ୍ଧଦ୍ୱାର ବୈଠକ ନୁହେଁ ଖୋଲା ଆଲୋଚନା ଉପରେ ସେମାନେ ଜୋର ଦେଇଛନ୍ତି। ଆଲୋଚନା ସ୍ଥଳ ବାଛିବା ନିଷ୍ପତ୍ତି ମୁଖ୍ୟମନ୍ତ୍ରୀଙ୍କ ଉପରେ ଛାଡ଼ିଦିଆଯାଇଛି। ଶନିବାର ମମତା ଆନ୍ଦୋଳନରତ ଡାକ୍ତରମାନଙ୍କ ସହ ରୁଦ୍ଧଦ୍ୱାର ବୈଠକ ଡାକିଥିଲେ ହେଁ ସେମାନେ ତାହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ପରେ ମମତା ନରମିବା ସହ ସେମାନଙ୍କ ସମସ୍ତ ଦାବି ପୂରଣ ହେବ ଏବଂ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେବା ସହ କାମରେ ଯୋଗଦେବାକୁ ଜୁନିୟର ଡାକ୍ତରମାନଙ୍କୁ ଅନୁରୋଧ କରିଥିଲେ। ରବିବାର ଜୁନିୟର ଡାକ୍ତରମାନଙ୍କ ମିଳିତ ଫୋରମର ଅଢ଼େଇ ଘଣ୍ଟା ବୈଠକ ପରେ ଅଚଳାବସ୍ଥା ଦୂର ଲାଗି ସହମତି ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ଲାଗି ପ୍ରସ୍ତୁତ ବୋଲି ବୈଠକ ପରେ ଫୋରମର ମୁଖପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସବୁ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରତିନିଧିମାନେ ଯୋଗଦେବାକୁ ଥିବାରୁ ଏଥିପାଇଁ ଉପଯୁକ୍ତ ସ୍ଥାନ ଚୟନ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ଉପରେ ଛାଡିଦିଆଯାଇଛି। ସାଧାରଣ ଜନତାଙ୍କ ସ୍ୱାର୍ଥ ଲାଗି ଯଥାଶୀଘ୍ର ସମ୍ଭବ କାର୍ଯ୍ୟରେ ଯୋଗଦେବାକୁ ଡାକ୍ତରମାନେ ଆଗ୍ରହୀ। ତେବେ ଆଲୋଚନା ମାଧ୍ୟମରେ ସେମାନଙ୍କର ସମସ୍ତ ଦାବି ପୂରଣ ହେବା ଆବଶ୍ୟକ ବୋଲି ମୁଖପାତ୍ର କହିଛନ୍ତି।

କୋଲକାତାର ଏନ୍‌ଆର୍‌ଏସ୍ ମେଡିକାଲ କଲେଜ ଓ ହସ୍ପିଟାଲର ଦୁଇଜଣ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ଗତ ମଙ୍ଗଳବାରଠାରୁ ଜୁନିୟର ଡାକ୍ତରମାନେ ଆନ୍ଦୋଳନ ଚଳାଇଛନ୍ତି। ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତରମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ଅନେକ ଡାକ୍ତର ଇସ୍ତଫା ଦେଇଛନ୍ତି। ଆନ୍ଦୋଳନ ଫଳରେ ସରକାରୀ ହସ୍ପିଟାଲଗୁଡ଼ିକରେ ସ୍ୱାସ୍ଥ୍ୟସେବା ପ୍ରଭାବିତ ହୋଇଛି। ଚିକିତ୍ସା ସୁବିଧା ନ ପାଇ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଗତ ରବିବାରରୁ କୋଲକାତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣେ ହୃଦ୍‌ରୋଗୀଙ୍କୁ ମଙ୍ଗଳବାରଠାରୁ କୌଣସି ଡାକ୍ତର ଦେଖୁ ନ ଥିବା ତାଙ୍କ ପରିବାର ଅଭିଯୋଗ କରିଛନ୍ତି। ଅଧିକାଂଶ ହସ୍ପିଟାଲର ଆଶୁଚିକିତ୍ସା ୱାର୍ଡ, ବହିର୍ବିଭାଗ, ପାଥୋଲୋଜିକାଲ୍ ୟୁନିଟଗୁଡ଼ିକରେ ସେବା ପ୍ରଭାବିତ ହୋଇଛି।



ବାଲି କଳା ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ଇଣ୍ଡୋନେସିଆର ବାଲି ସହରସ୍ଥିତ ଡେନ୍‌ପସାର ମୁଖ୍ୟରାସ୍ତାରେ ପରେଡ୍‌ରେ ଭାଗନେଇଥିବା ନର୍ତ୍ତକୀ।

# ସୁମନ ମିସ୍ ଇଣ୍ଡିଆ ୱାର୍ଲ୍ଡ

**ମୁମ୍ବାଇ:** ରାଜସ୍ଥାନର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଛାତ୍ରୀ ସୁମନ ରାଓ ମିସ୍ ଇଣ୍ଡିଆ ୱାର୍ଲଡ-୨୦୧୯ ମୁକୁଟ ବିଜୟିନୀ ହୋଇଛନ୍ତି। ଶନିବାର ସନ୍ଧ୍ୟାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ୨୦୧୮ର ମିସ୍ ଇଣ୍ଡିଆ ଅନୁକୃତି ତାଙ୍କୁ ଏହି ମୁକୁଟ ପିନ୍ଧାଇଛନ୍ତି। ରାତି ପ୍ରାୟ ୮ଟାରେ ଆରମ୍ଭ ହୋଇଥିବା ଏହି ଉତ୍ସବରେ ବଲିଉଡ୍‌ର ବହୁ ନାମୀଦାମୀ କଳାକାର ଯୋଗ ଦେଇଥିଲେ। ଛତିଶଗଡର ଶିବାନୀ ଯାଦବ(ଯୋଗ୍ୟତାରେ ଇଞ୍ଜିନିୟର) ମିସ୍ ଗ୍ରାଣ୍ଡ ଇଣ୍ଡିଆ ମୁକୁଟ ପରିଧାନ କରିଥିବାବେଳେ ବିହାରର ମ୍ୟାନେଜମେଣ୍ଟ ଛାତ୍ରୀ ଶ୍ରେୟା ଶଙ୍କର ମିସ୍ ଇଣ୍ଡିଆ ୟୁନାଇଟେଡ୍ କଣ୍ଟିନେଣ୍ଟ୍ସ ଟାଇଟଲ୍ ହାସଲ କରିଛନ୍ତି। ତେଲେଙ୍ଗାନାର ସଞ୍ଜନା ଭିଜ୍‌ଙ୍କୁ ମିସ୍ ଇଣ୍ଡିଆ ରନର୍ସ ଅପ୍-୨୦୧୯ ଟାଇଟଲ୍ ପ୍ରଦାନ କରାଯାଇଛି। ୨୦ ବର୍ଷୀୟା ସୁମନ ଥାଇଲାଣ୍ଡରେ ମିସ୍ ୱାର୍ଲଡ ୨୦୧୯ରେ ଭାରତର ପ୍ରତିନିଧିତ୍ୱ କରିବେ। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟପଥରେ ପ୍ରତିଜ୍ଞାବଦ୍ଧ ହୋଇ ଆଗେଇ ଚାଲିଲେ ଦେହର ପ୍ରତିଟି ସ୍ନାୟୁ ଓ ତନ୍ତୁ ବିଜୟ ପାଇଁ ସେଇ ଦିଗରେ ଆଗେଇ ଯାଆନ୍ତି ବୋଲି ସୁମନ ଏକ ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। ବିଜେତାମାନଙ୍କୁ ଏକ ବିଚାରକ ମଣ୍ଡଳୀ ଚୟନ କରିଥିଲା। ଏଥିରେ ସାମିଲ ଥିଲେ ପ୍ରସିଦ୍ଧ ଡିଜାଇନର ଫାଲ୍‌ଗୁନୀ ଶାନେ ପିକକ୍, ମିସ୍ ୱାର୍ଲଡ-୨୦୧୮ ବିଜୟିନୀ ଭାନେସା ପୋନ୍‌କା ଡି' ଲିଓନ, ଅଭିନେତ୍ରୀ ହୁମା କୁରେଶୀ, ଚିତ୍ରାଙ୍ଗଦା ସିଂ, ଆୟୁଷ ଶର୍ମା, କୋରିଓଗ୍ରାଫର-ଫିଲ୍ମ ନିର୍ମାତା ରେମୋ ଡି'ସୁଜା, ଧାବିକା ଦୂତୀ ଚାନ୍ଦ ଏବଂ ଫୁଟବଲ୍ କ୍ୟାପଟେନ୍ ସୁନୀଲ ଛେତ୍ରୀ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ କାତ୍ରିନା କୈଫ୍, ଭିକି କୌଶଲ, ନୋରା ଫତେ ଏବଂ ମୌନୀ ରଏ। ବଲିଉଡ ଫିଲ୍ମ ନିର୍ମାତା କରନ୍ ଜୋହର, ଅଭିନେତା ତଥା ଆଙ୍କର ମନୀଷ୍ ପଲ୍ ଏବଂ ମିସ୍ ୱାର୍ଲଡ ୨୦୧୭ ବିଜୟିନୀ ମାନୁଷୀ ଛିଲ୍ଲାର ଯୋଗଦେଇଥିଲେ।



# ୨,୩୦୦ ଜଣଙ୍କୁ ସ୍ୱଦେଶ ଫେରାଇ ଆଣିଥିଲା ଭାରତ

ନୂଆଦିଲ୍ଲୀ,୧୬।୬ (ପି.ଟି.)





## ନୂଆ ପୁସ୍ତକରେ ପୂର୍ବତନ କ୍ୟାବିନେଟ୍ ସଚିବଙ୍କ ଇସ୍ରାଏଲ୍-ଲେବାନନ୍ ଯୁଦ୍ଧ ବେଳର ଅନୁଭୂତି

୨୦୦୬ରେ ଇସ୍ରାଏଲ୍-ଲେବାନନ୍ ଯୁଦ୍ଧବେଳେ ଭାରତ ସରକାର ନିଜର ୨୩୦୦ ନାଗରିକଙ୍କୁ ନିରାପଦରେ ସ୍ୱଦେଶ ଫେରାଇ ଆଣିଥିଲେ। 'ଚ୍ୟାଲେଞ୍ଜସ୍ ଅଫ୍ ଗଭର୍ନାନ୍ସ: ଆନ୍ ଇନ୍‌ସାଇଡର୍ସ ଭିଉ' ପୁସ୍ତକରେ ପୂର୍ବତନ କ୍ୟାବିନେଟ୍ ସେକ୍ରେଟାରି ବି.କେ. ଚତୁର୍ବେଦୀ ଉକ୍ତ ଯୁଦ୍ଧବେଳର ଅନୁଭୂତି ବର୍ଣ୍ଣନା କରିଛନ୍ତି। ୧୩ ବର୍ଷ ତଳେ ଯୁଦ୍ଧ ଉପଦ୍ରୁତ ଅଞ୍ଚଳରୁ ଭାରତୀୟ ନାଗରିକଙ୍କୁ ନିରାପଦରେ ଫେରାଇ ଆଣିବା ପାଇଁ ମେଣ୍ଟ ରାଜନୀତି, ଶାସନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ କିପରି ଜରୁରୀ ସ୍ଥିତିକୁ ପରିଚାଳନା କରିବାକୁ ପଡିଥିଲା ତାହା ସେ ବର୍ଣ୍ଣନା କରିଛନ୍ତି। ସେ ସମୟରେ ୧୨,୦୦୦ ଭାରତୀୟ ଲେବାନନ୍‌ରେ ରହୁଥିଲେ। ସେମାନେ ଯୁଦ୍ଧ ଉପଦ୍ରୁତ ଅଞ୍ଚଳରେ ଫସି ରହିଥିବାରୁ ସେମାନଙ୍କୁ ଉଦ୍ଧାର କରିବା ଅତୀବ କଷ୍ଟକର କାର୍ଯ୍ୟ ଥିଲା। ଚତୁର୍ବେଦୀ ନୂଆଦିଲ୍ଲୀରୁ ଭାରତୀୟଙ୍କୁ ଉଦ୍ଧାର କାର୍ଯ୍ୟର ତଦାରଖ କରୁଥିଲେ। ଉତ୍ତେଜନା ବୃଦ୍ଧି ପାଇଥିବାରୁ ଲେବାନନ୍‌ସ୍ଥିତ ଭାରତୀୟ ଦୂତାବାସ ଛାଡିବା ପାଇଁ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସିରିଆ ଦେଇ ସେମାନଙ୍କୁ ଆସିବାକୁ ପଡିଥିଲା। ଦୂତାବାସ କର୍ମଚାରୀଙ୍କ ପରିବାର ସଦସ୍ୟମାନେ ସଡକ ପଥରେ ସିରିଆର ରାଜଧାନୀ ଡାମାସକସ୍ ପର୍ଯ୍ୟନ୍ତ ଆସିଥିଲେ ଏବଂ ସେଠାରୁ ସେମାନଙ୍କୁ ବିମାନ ଯୋଗେ ଭାରତ ଅଣାଯାଇଥିଲା।

ଉତ୍ତେଜନା ଲାଗି ରହିଥିବାରୁ ସଡକ ପଥରେ ଯାତାୟାତ ବିପଦପୂର୍ଣ୍ଣ ଥିଲା। ତେଣୁ ଭାରତ ସରକାର ସମୁଦ୍ର ପଥକୁ ବିକଳ୍ପ ଭାବେ ବାଛି ନେଇଥିଲେ। ସାଇପ୍ରସ୍‌ର ଏକ ବନ୍ଦରକୁ ଭାରତୀୟମାନଙ୍କୁ ଆଣିବାପରେ ସେଠାରୁ ଭାରତୀୟ ବିମାନରେ ଦିଲ୍ଲୀ ଆଣିବା ବ୍ୟବସ୍ଥା ହୋଇଥିଲା। ସାଇପ୍ରସ୍ ଦେଇ ଯାତ୍ରା ପାଇଁ ଏତେ ଲୋକଙ୍କୁ ଭିଜା ଦେବାକୁ ସେ ଦେଶର ସରକାର ରାଜି ହୋଇ ନ ଥିଲେ। ତେଣୁ ଟ୍ରାନ୍‌ଜିଟ୍ ସ୍ଲିପ୍ ଭଳି ଏକ ଅଭିନବ ବ୍ୟବସ୍ଥା ହୋଇଥିଲା। ତଦନୁସାରେ ନୌସେନା ଜାହାଜରୁ ଯାତ୍ରୀମାନଙ୍କୁ ସିଧା ଏୟାର ଇଣ୍ଡିଆ ବିମାନକୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଇଥିଲା। ସାଇପ୍ରସ୍‌ସ୍ଥିତ ଭାରତୀୟ ରାଷ୍ଟ୍ରଦୂତ ନୀଲମ୍ ସଭରୱାଲ୍ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଏୟାର ଇଣ୍ଡିଆର ବିମାନ କର୍ମଚାରୀମାନଙ୍କୁ ଶୀଘ୍ର ଭିଜା ଦେବାର ବ୍ୟବସ୍ଥା କରିଥିଲେ ଓ ପାଖାପାଖି ୨୩୦୦ ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଅଣାଯାଇଥିଲା। ଜରୁରୀ ପରିସ୍ଥିତିରେ ଭାରତ କିପରି ଦକ୍ଷତାର ସହ କାର୍ଯ୍ୟ କରିଥିଲା ଏଥିରୁ ତାହାର ସୂଚନା ମିଳେ ବୋଲି ଚତୁର୍ବେଦୀ ପୁସ୍ତକରେ ବର୍ଣ୍ଣନା କରିଛନ୍ତି। ସେ ସମୟରେ ଭାରତର ପଦକ୍ଷେପ ୟୁରୋପୀୟ ୟୁନିୟନ୍ ଏବଂ ଅନ୍ୟ ରାଷ୍ଟ୍ରଗୁଡିକ ପାଇଁ ଏକ ରୋଲ୍ ମଡେଲ ଥିଲା ବୋଲି ଚତୁର୍ବେଦୀ କହିଛନ୍ତି।

## ସଂକ୍ଷେପରେ

### ହୁସେନ୍ ରବି ଗାନ୍ଧୀଙ୍କୁ ସାରସ୍ୱତ ସମ୍ମାନ

ଛତ୍ରପୁର,୧୬।୬(ଡି.ଏନ.ଏ.): ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ଭବନ ପାଠାଗାରରେ ରବିବାର ଓଡିଶା ସାହିତ୍ୟ ସଂସ୍କୃତି ବିକାଶ ପ୍ରତିଷ୍ଠାନ ପକ୍ଷରୁ କବି ଡ. ହୁସେନ୍ ରବି ଗାନ୍ଧୀଙ୍କୁ ବିଶିଷ୍ଟ ସାରସ୍ୱତ ସମ୍ମାନ -୨୦୧୯ ପ୍ରଦାନ କରାଯାଇଥିଲା। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଜୀବନ ଓଡିଆ ଭାଷା ସାହିତ୍ୟ ପାଇଁ ସମର୍ପିତ। ଏହି ସାରସ୍ୱତ ସମାବେଶକୁ ବରିଷ୍ଠ ଶିକ୍ଷାବିତ୍ ଗୌରୀ ଶଙ୍କର ପାଢୀ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି ସୁଶାନ୍ତ ଦାଶ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଓଡିଶା ସାହିତ୍ୟ ସଂସ୍କୃତି ବିକାଶ ପ୍ରତିଷ୍ଠାନ ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ ସ୍ୱାଗତ ସମ୍ଭାଷଣରେ ଗାନ୍ଧୀଙ୍କ ସାହିତ୍ୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ଅବନୀ ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ମୁଖ୍ୟବକ୍ତା ବିଘ୍ନେଶ୍ୱର ସାହୁ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସାମାଜିକକର୍ମୀ ଶ୍ରୀନିବାସ ରାଓ, ସାହିତ୍ୟିକ ତ୍ରିନାଥ ନାୟକ, କବି ଅଜିତ୍ କୁମାର ସେଠୀ, କବି ଗୌର ଚନ୍ଦ୍ର ଷଡଙ୍ଗୀ, ସାମାଜିକ କର୍ମୀ ସୟଦ୍ ମୁଖତାର, ଶିକ୍ଷାବିତ୍ ଲିଙ୍ଗରାଜ ଜେନା, କବି ତ୍ରିନାଥ ପ୍ରଧାନ ଓ କବି ଆର୍. ସୁନନ୍ଦା ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ବିଦ୍ୟାଧର ଷଡଙ୍ଗୀଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା।

### ୨୫ ନାଗ ଛୁଆ ଉଦ୍ଧାର



କୁଜଙ୍ଗ,୧୬।୬(ସ୍ୱ.ପ୍ର): କୁଜଙ୍ଗ ବ୍ଲକ ମଙ୍ଗରାଜପୁର ଗ୍ରାମର ସାରଦା ସ୍ୱାଇଁଙ୍କ ବାସଗୃହରୁ ୨୫ଟି ନାଗ ସାପ ଛୁଆ ଉଦ୍ଧାର କରାଯାଇଛି। ତେବେ ମା' ସାପଟି ଧରାପଡିନାହିଁ। ସୂଚନା ଅନୁଯାୟୀ, ଶନିବାର ସାରଦାଙ୍କ ସ୍ତ୍ରୀଙ୍କୁ ଘର ଭିତରେ ଏକ ସାପ କାମୁଡି ଦେଇଥିଲା। ଏହା ପରେ ଘର ମଧରେ ସାପ ଖୋଜିବାବେଳେ କାନ୍ଥ ଭିତରେ ୨୫ ଟି ଛୋଟ ବଡ଼ ନାଗ ଦେଖିବାକୁ ମିଳିଥିଲା। ବନ ବିଭାଗକୁ ଖବର ଦିଆଯିବା ପରେ ଗଗନ ମଲିକ ଓ ପ୍ରଦୀପ ଦାସ ପ୍ରମୁଖ କର୍ମଚାରୀ ପହଞ୍ଚି ସାପଗୁଡିକୁ ଉଦ୍ଧାର କରି ଡିଙ୍କିଆ ତଣ୍ଡା ଜଙ୍ଗଲରେ ଛାଡିଦେଇଥିଲେ।

# ପାଇକଙ୍କ ଉପରେ ଇଂରେଜଙ୍କ ସୀମାତୀତ ଅତ୍ୟାଚାର

**ଡ.ସୁରେନ୍ଦ୍ର କୁମାର ମିଶ୍ର**



**(ସର୍ବକ୍ଷମା ଓ ପେନ୍‌ସନ ଶବ୍ଦକୁ ନେଇ ମାରାତ୍ମକ ଯୋଜନା)**




୧୮୧୯ ମସିହାଠାରୁ ବକ୍ସି ଜଗବନ୍ଧୁଙ୍କୁ ଧରିବା ପାଇଁ ଇଂରେଜ ଅଧିକାରୀମାନେ ପ୍ରବଳ ଚେଷ୍ଟା କରିଥିଲେ। ଅଙ୍ଗୁଲ, ବୋଲଗଡ଼, ଟାଙ୍ଗି ଓ ବାଣପୁର ଅଂଚଳ ଘନ-ଘନ ତଲାସି ନିଆଯାଇଥିଲା। ସାଧାରଣ ଲୋକଙ୍କୁ ବି ଅକଥନୀୟ ଅତ୍ୟାଚାର କରାଯାଇଥିଲା, ତଥାପି ସେମାନେ ସଫଳ ହୋଇ ନ ଥିଲେ। ଏହା ଥିଲା ୧୮୧୯ ଜାନୁୟାରୀ ୩୦ ତାରିଖ ଘଟଣା। ସେହିବର୍ଷ ଅକ୍ଟୋବର ମାସରେ ବକ୍ସି ଜଗବନ୍ଧୁଙ୍କ ସ୍ତ୍ରୀ ଓ ପୁତ୍ରଙ୍କୁ ଇଂରେଜମାନେ ଅଟକବନ୍ଦୀ କରି ଦେଇଥିଲେ। ୧୮୨୦ ମଇ ମାସରେ ମା-ପୁଅ ଦୁହିଁଙ୍କୁ ସମ୍ପୂର୍ଣ୍ଣ ବନ୍ଦୀ କରାଗଲା ବୋଲି ଘୋଷଣା କରିଥିଲେ। ବାରବାଟୀ ଦୁର୍ଗରେ ସାତ ମାସ ପାଖାପାଖି ଅଟକ ରଖିବା ପରେ ସମ୍ପୂର୍ଣ୍ଣ ବନ୍ଦୀ କରାଗଲା ବୋଲି ଘୋଷଣା ହୋଇଥିଲା। ମାସକୁ ୫୦ ଟଙ୍କା ଭତ୍ତା ବ୍ୟବସ୍ଥା ବି ଘୋଷଣା କରାଯାଇଥିଲା। ୭ ମାସ ଅଟକ ଥିବାବେଳେ ଖର୍ଚ୍ଚ କରିଥିବା ଅର୍ଥ ରାଶିକୁ ଇଂରେଜ ଅଧିକାରୀମାନେ ସାର୍ବଜନୀନ କରିଥିଲେ। ମା ଓ ପୁଅଙ୍କ ପାଇଁ ମୋଟ ୮ ଶହ ୪ ଟଙ୍କା ୧୦ ଅଣା ଖର୍ଚ୍ଚ ହୋଇଥିଲା। ୧୮୨୩ ସେପ୍ଟେମ୍ବର ମାସରେ ବକ୍ସିଙ୍କର ଓ ଦେୱାନ୍ କୃଷ୍ଣଙ୍କ ପଦବୀକୁ ଇଂରେଜ ସରକାର ଉଚ୍ଛେଦ କରି ଦେଇଥିଲେ। ଦୁଇଟିଯାକ ପଦବୀ ରାଜତନ୍ତ୍ର ଶାସନ ପ୍ରଦତ୍ତ ଥିଲା। ପଦବୀ ଉଚ୍ଛେଦ କରିବାର ମୂଳ ଉଦ୍ଦେଶ୍ୟ ଥିଲା ପାଇକ ବାହିନୀ ପାଖରେ ବକ୍ସି ଓ ଦେୱାନଙ୍କ ମର୍ଯ୍ୟାଦାକୁ ଛୋଟ କରିଦେବା। ମାତ୍ର ଏଥିରେ ସମ୍ପୂର୍ଣ୍ଣସଫଳ ହୋଇ ନ ଥିଲେ ଇଂରେଜ ହାକିମମାନେ। ଲୁଚାଛପାରେ ସଙ୍ଗଠନ ଶକ୍ତ ହୋଇ ଚାଲିଥାଏ। କ'ଣ କେତେବେଳେ ଘଟିବ ସେଇ ଆଶଙ୍କାରେ ଥାନ୍ତି ବାବୁମାନେ। ୧୮ ମାସ ପାଖାପାଖି ଅର୍ଥାତ୍ ୧୮୨୫ ମାର୍ଚ୍ଚ ମାସରେ ବକ୍ସି ଜଗବନ୍ଧୁଙ୍କ ପାଖକୁ ହାକିମମାନେ ୱାଜା ମହମ୍ମଦଙ୍କ ହାତରେ ଚିଠିଟିଏ ପଠାଇଥିଲେ। ସେଥିରେ ତିନୋଟି କଥା ଥିଲା।

- ଆତ୍ମସମର୍ପଣ କଲେ ସର୍ବଦୋଷ କ୍ଷମା ଦିଆଯିବ।
- କଟକଠାରେ ଅବସ୍ଥାନ ପାଇଁ ସମସ୍ତ ସୁବିଧା କରିଦିଆଯିବ।
- ମାସିକ ୧୦୦ ଟଙ୍କା ପେନ୍‌ସନ ଦିଆଯିବ।

ମାର୍ଚ୍ଚ ମାସ ୧୬ ତାରିଖରେ ଚିଠି ଗଲା। ମଇ ମାସ ୨୭ ତାରିଖରେ କ'ଣ କାରାସାଦି ହେଲା ଆଠବର୍ଷ ତଳେ ଯେଉଁ ବକ୍ସି ଜଗବନ୍ଧୁଙ୍କ ପଛରେ ସମ୍ପୂର୍ଣ୍ଣ ପାଇକବାହିନୀ ଠିଆ ହୋଇଥିଲା, ସେ ପାଇକବାହିନୀର ଅଗୋଚରରେ ଏପରି ଏକ ପଦକ୍ଷେପ ନେବେ କେହି ଚିନ୍ତା କରି ନ ଥିଲେ। ତେବେ ବି ପାଇକ ସେନା ନିଜ ଜିଦ୍‌ରୁ ଓହରିଯାଇ ନ ଥିଲା। ଗଡ଼ଗୁଡିକରେ ଯୁଦ୍ଧ ପ୍ରସ୍ତୁତିରେ ଭଟ୍ଟା ପଡ଼ି ନ ଥିଲା। ପୁଣି ପ୍ରସ୍ତୁତ ହୋଇ ଆଗେଇବାକୁ ବାହାରିବାବେଳେ ଠିକ୍ ବର୍ଷକ ପରେ ଦେୱାନ୍ କୃଷ୍ଣଚନ୍ଦ୍ରଙ୍କ ଆତ୍ମସମର୍ପଣ ଆଉରି ଏକ ଧକ୍କା ଦେଲା। ତାଙ୍କ ପାଇଁ ପେନ୍‌ସନ ୫୦ ଟଙ୍କା ଧାର୍ଯ୍ୟ ହୋଇଥିଲା। ଠିକ୍ ୪୩ ମାସ ପରେ ଅର୍ଥାତ୍ ୧୮୨୯ ଜାନୁୟାରୀ ୨୪ ତାରିଖରେ ଓଡ଼ିଆ ଜାତିର ବୀରପୁରୁଷ ବକ୍ସି ଜଗବନ୍ଧୁ ଆମଠାରୁ ବିଦାୟ ନେଇଗଲେ।

ଏହି ଜାତିର ନମସ୍ୟ ବକ୍ସି ଜଗବନ୍ଧୁ ବିଦାୟ ନେବା ପୂର୍ବରୁ ୧୮୧୭ ମସିହା ଯୁଦ୍ଧରେ ନିଜ ଜୀବନକୁ ବାଜି ଲଗାଇଥିବା ୭ ଜଣ ଓଡ଼ିଆ ବୀରଙ୍କୁ ଇଂରେଜ ସରକାର ଏକପାଖିଆ ବିଚାରରେ ଫାଶୀ ଦେଇ ସାରିଥିଲେ। ଏଣେ ଭେଦୁଆଙ୍କୁ ଲଗେଇ ଆତ୍ମସମର୍ପଣ ପାଇଁ ବୀରମାନଙ୍କୁ ମତେଇବା କାର୍ଯ୍ୟ କରି ଚାଲିଥିଲେ, ତେଣେ ଖାନ୍‌ତଲାସି କରି ଗାଁକୁ ଗାଁ କୋକୁଆଭୟ ସୃଷ୍ଟି କରାଇ ଚାଲିଥିଲେ। ପୁରସ୍କାର ଘୋଷଣା କରି ମାନସିକ ସ୍ତରରେ ଦୁର୍ବଳ କରିଦେବାକୁ ଚକ୍ରାନ୍ତ କରିବାରେ ପଛେଇଯାଇ ନ ଥିଲେ। ତା' ଭିତରେ ପୁଣି ସର୍ବକ୍ଷମା ଓ ପେନ୍‌ସନ ଶବ୍ଦକୁ ସତର୍କତାର ସହିତ ଏକ ଯୋଜନାରେ ପରିଣତ କରି ସେନାବାହିନୀକୁ ଭାଗ ଭାଗ କରିବାରେ ଲାଗିପଡ଼ିଥିଲେ। ଯା ବାଦ ମକଦ୍ଦମା କରି ନିଜକୁ ସୁହାଇଲାଭଳି ବିଚାର କରି ଫାଶୀ ଆଦେଶ ଶୁଣାଇ ଚଳାଇଥିଲେ। ମୋଗଲ ଓ ମରହଟ୍ଟା ଶାସନମାନଙ୍କ ଅପେକ୍ଷା ଅତ୍ୟଧିକ ଅତ୍ୟାଚାର କରି ଚାଲିଥିଲେ ଇଂରେଜ ଅଧିକାରୀମାନେ।

୧୮୧୭ ମସିହାରେ ବିଦ୍ରୋହ ହୋଇଥିଲେ କ'ଣ ଏପରି ଅତ୍ୟାଚାରର ମାନସିକତା ହୋଇଥାନ୍ତା ଶାସକମାନଙ୍କର ? ପ୍ରକୃତରେ ଭୟାବହ ଯୁଦ୍ଧ ହିଁ ହୋଇଥିଲା। ଏହି ଯୁଦ୍ଧ ୧୮୦୪ ମସିହାରୁ ଆରମ୍ଭ ହୋଇ ୧୮୧୭ ମସିହା ପର୍ଯ୍ୟନ୍ତ ଅବିଚ୍ଛିନ୍ନ ଭାବରେ ଚାଲିଥିବାରୁ ଭୟଭୀତ ହୋଇଯାଇଥିଲେ ଇଂରେଜ ଅଧିକାରୀମାନେ। ଯୁଦ୍ଧରୂପେ ବିବେଚନା କରିଥିବାରୁ ଜଣକ ପରେ ଜଣକୁ ଫାଶୀ ଦେଇ ହତ୍ୟା କରି ଚାଲିଥିଲେ। ଆମେ ସୂଚନା ଦେଇଥିଲୁ ପ୍ରକୃତରେ ତାହା ଗଣଯୁଦ୍ଧ ଥିଲା। ସାଧାରଣ ଓଡ଼ିଆ ଜନତା ମଧ୍ୟ ଯୁଦ୍ଧରେ ସାମିଲ ହୋଇଥିଲେ। ଫାଶୀ ଦିଆଯାଇଥିବା ଶହୀଦମାନଙ୍କ ନାମ ବିଚାରକୁ ନେଲେ ତାହାର ସତ୍ୟତା ପ୍ରତିପାଦିତ ହୁଏ।

ଇତିହାସରେ ଫାଶୀ ପାଇ ଶହୀଦ ହୋଇଥିବା ବୀର ଓଡ଼ିଆ ବୀରପୁରୁଷଙ୍କ ନାମ ଲିପିବଦ୍ଧ ହୋଇଛି, ସେମାନଙ୍କୁ ଆମେ ଶହୀଦ ଘୋଷଣା କରିଛେ ତ ? ସେମାନଙ୍କ ଠିକଣା ଖୋଜି ସେଇ ସେଇ ଘରକୁ ଶହୀଦ ଘର ବୋଲି ମାନ୍ୟତା ଦେଇଛେ ତ ? ୨୦୦ ବର୍ଷ ପୂର୍ତ୍ତି ପାଳନ କଲାବେଳେ ସେଇ ଗଡ଼ ଓ ସେଇ ଘର ପାଖେ ଆମେ ପହଁଚିବାର ଥିଲା। ସେମାନଙ୍କ ପାଇଁ ଶହୀଦ ସ୍ତମ୍ଭଟିଏ କରିବାର ଥିଲା। ନଇଲେ ବେଇମାନ ଚରଣ ପଟ୍ଟନାୟକଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଫାଶୀ ପାଇ ଶହୀଦ ହୋଇଥିବା ପରଶୁରାମ ପଟ୍ଟନାୟକଙ୍କୁ ଆଗାମୀ ପିଢ଼ି ଆଉ କିଛିବର୍ଷ ପରେ ଭୁଲି ଯାଇଥିବେ ??

# ରେଲୱେ କ୍ରାଇମବ୍ରାଞ୍ଚ ଦ୍ୱାରା ଟିକେଟ ଦଲାଲ ଗିରଫ

■ ୩ ଲକ୍ଷ ୯୨ ହଜାର ୩୭୦ ଟଙ୍କାର ଟିକେଟ ଜବତ

**ବାଲେଶ୍ୱର ଅଫିସ, ୧୬।୬**

ବାଲେଶ୍ୱର ରେଳଷ୍ଟେଶନ ଟିକେଟ କାଉଣ୍ଟରରୁ ଜଣେ ଦଲାଲ ବାରମ୍ବାର ଟିକେଟ କାଟିବାକୁ ଯା'ଆସ କରୁଥିବା ଦେଖି ବାଲେଶ୍ୱର ଆରପିଏଫ୍ ଏବଂ ଖଡଗପୁର ରେଲୱେ କ୍ରାଇମବ୍ରାଞ୍ଚ ଟିମ୍ ମିଳିତ ଭାବେ ଚଢାଉ କରିଥିଲେ। ଦଲାଲଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୩ ଲକ୍ଷ ୯୨ ହଜାର ୩୭୦ ଟଙ୍କାର ଟିକେଟ ଏବଂ ନଗଦ ୬ହଜାର ୮ଶହ ଟଙ୍କା ଜବତ କରାଯାଇଛି। ଏ ସମ୍ପର୍କରେ ରେଲୱେ କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ସୁରେଶ କୁମାର ସୂଚନା ଦେଇଛନ୍ତି।

ପଶ୍ଚିମବଙ୍ଗର ଦାନ୍ତୁନୁ ଥାନା ନେକଡୁଶୁନୀ ଅଞ୍ଚଳର ନିତାଇ ଦାସ (୫୯) ଦୀର୍ଘଦିନ ଧରି ବିଭିନ୍ନ ଟିକେଟ କାଉଣ୍ଟରରୁ ଟିକେଟ କାଟି ଗୌରାଙ୍ଗ ତୀର୍ଥଯାତ୍ରୀ ଏଜେନ୍ସି ମାଧ୍ୟମରେ ବେଆଇନ ରେଲୱେ ଟିକେଟ କାରବାରରେ ସମ୍ପୃକ୍ତ ଥିଲେ। ପୂର୍ବରୁ ଅଭିଯୋଗ ପାଇ କ୍ରାଇମବ୍ରାଞ୍ଚ ଟିମ୍ ନିତାଇଙ୍କୁ ଅନୁସରଣ କରିଆସୁଥିଲେ ମଧ୍ୟ ସଫଳତା ପାଇପାରି ନ ଥିଲେ। ରବିବାର ସକାଳେ ନିତାଇ ବାଲେଶ୍ୱର ରେଳଷ୍ଟେଶନରେ ଟିକେଟ କାଟୁଥିଲା ବେଳେ ଧରାପଡିଥିଲେ। ତାଙ୍କଠାରୁ ୧୧ଟି ବିଭିନ୍ନ ସ୍ଥାନର ଲାଇଭ ଟିକେଟ, ଅଗଷ୍ଟ ପର୍ଯ୍ୟନ୍ତ ଅବଧି ଥିବା ୨୨ଟି ସଂରକ୍ଷଣ ଟିକେଟ ସହିତ ୧ ଲକ୍ଷ ୫୫ ହଜାର ୧୩୦ ଟଙ୍କାର ଅବଧି ପୂରି ଯାଇଥିବା( କ୍ୟାନସ୍‌ଲେଶନ) ଟିକେଟ ଏବଂ ନଗଦ ୬ ହଜାର ୮ ଶହ ଟଙ୍କା ଜବତ କରାଯାଇଥିବା ସିଜିଂ ଅଫିସର ଏଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲି ପ୍ରକାଶ କରିଛନ୍ତି। ଏ ନେଇ ଆରପିଏଫ୍ ପୋଷ୍ଟରେ ବାଲେଶ୍ୱର କେସ୍ (ନଂ.୫୧୦/୧୯) ମାମଲା ରୁଜୁ କରାଯାଇଛି। ରେଲୱେ ଆକ୍ଟ ଦଫା ୧୪୩ ଅନୁଯାୟୀ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଚଢାଉରେ ହେଡ୍ କନଷ୍ଟେବଲ ଗଦାଧର ପାତ୍ର, କନଷ୍ଟେବଲ ସାମଲ କୁମାର ଦାସ, ପବନ କୁମାର ପାଣ୍ଡେ ଓ ଗୁଡୁ କୁମାର ଶାହା ପ୍ରମୁଖ ସାମିଲ ଥିଲେ।



ରେଲୱେ କ୍ରାଇମବ୍ରାଞ୍ଚ ଟିମ୍ ସହ ଗିରଫ ନିତାଇ ଦାସ।

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗ

# ଅଗଷ୍ଟ ୩୦ ସୁଦ୍ଧା ନିଷ୍ପତ୍ତି ନ ହେଲେ ଆନ୍ଦୋଳନ

■ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ବୈଠକରେ ପ୍ରସ୍ତାବ
■ ୧୦ ଜିଲାର ୧୭ ବାର୍ କର୍ମକର୍ତ୍ତାଙ୍କ ଯୋଗଦାନ

**ସମ୍ବଲପୁର,୧୬।୬(ବ୍ୟୁରୋ)**

ବିଭିନ୍ନ ଆଳ ଦେଖାଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିକୁ ଅଣଦେଖା କରୁଛନ୍ତି। ଏବେ ଆଉ ବରଦାସ୍ତ କରାଯିବ ନାହିଁ। ଉଭୟ ସରକାର ପରସ୍ପରକୁ ଦୋଷ ନ ଲଦି ଦାବି ଉପରେ ଗୁରୁତ୍ୱ ଦେଇ ଅଗଷ୍ଟ ୩୦ ସୁଦ୍ଧା କୌଣସି ନିଷ୍ପତ୍ତି କରନ୍ତୁ। ନ ହେଲେ ପୁଣି ଜନ ଆନ୍ଦୋଳନ କରାଯିବ। ନୂଆ ସରକାର ଗଠନର ୩ ମାସ ପରେ ଦାବି ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତାହା ପାଳନ କରାଯାଉ। ସମ୍ବଲପୁର ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ କରାଯାଉ ବୋଲି ନଭେମ୍ବର ୨୦୦୭ରେ ରାଜ୍ୟ ସରକାର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଚିଠି କରିଥିଲେ। ତେଣୁ ଆଉ ସ୍ଥାନକୁ ନେଇ କୌଣସି ଦ୍ୱନ୍ଦ୍ୱ ନ ରଖି ଶୀଘ୍ର ନିଷ୍ପତ୍ତି ନିଅନ୍ତୁ ବୋଲି ରବିବାର ସମ୍ବଲପୁର ବାର୍ ପରିସରରେ ଏକ ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା ଓକିଲ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆବାହକ ଆଶୋକ ଦାସ କହିଛନ୍ତି। ସେ ଆହୁରି କହିଲେ, ସମ୍ବଲପୁର ସମେତ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ଦେବଗଡ଼ ପ୍ରମୁଖ ୧୦ ଜିଲାର ୧୭ ବାର୍ କର୍ମକର୍ତ୍ତା ଏହି ବୈଠକରେ ଯୋଗଦେଇଥିଲେ। ଅନ୍ୟ ୫ ବାର୍ କର୍ମକର୍ତ୍ତା ଅନୁପସ୍ଥିତ ରହିଥିଲେ ମଧ୍ୟ ବୈଠକର ନିଷ୍ପତ୍ତି ପ୍ରତି ସହମତି ପ୍ରକାଶ କରିଛନ୍ତି। ସମ୍ବଲପୁରଠାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଅଗଷ୍ଟ ୩୦ ପର୍ଯ୍ୟନ୍ତ ସରକାରଙ୍କୁ ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ କୌଣସି ଘୋଷଣା ନ ହେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଚେତାବନୀ ଦିଆଯାଇଛି। ବୈଠକକୁ ସମ୍ବଲପୁର ବାର୍ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ୨୦୧୮ ସେପ୍ଟେମ୍ବର ୫ରୁ ଆନ୍ଦୋଳନ ଜାରି ରହିଛି। ଶୋଭାଯାତ୍ରା, ବିକ୍ଷୋଭ, ଧାରଣା ଏପରି କି ୨୪ ଘଣ୍ଟିଆ ମହାବନ୍ଦ ପାଳନ କରି ଯାତାୟାତ ଠପ୍ କରାଯିବା ସହ ରେଲରୋକୋ ମଧ୍ୟ କରାଯାଇଛି। ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ। ପରେ ବଜେଟରେ ୧୦ କୋଟି ଟଙ୍କା ଅନୁଦାନ ଗୃହୀତ ହୋଇଥିଲା।

ଭାରତୀୟ ବିମାନବନ୍ଦର ପ୍ରାଧିକରଣ
AIRPORTS AUTHORITY OF INDIA
ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି
ଅଧକ୍ଷ, ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ତରଫରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି:

| ଲାଇସେନ୍ସର ନାମ | ଟେଣ୍ଡର ଆଇଡି ନଂ. | ଏମ୍‌ଆର୍‌ଏଲ୍‌ଏଫ୍ | ଇଏମ୍‌ଡି | ଲାଇସେନ୍ସ ଅବଧି |
|---|---|---|---|---|
| ଜେନେରାଲ/ମାକ୍ସି କାର ରେଣ୍ଟାଲ ସର୍ଭିସ୍ | 2019_AAI_27471_1 | ଟ. 4,20,000/- | ଟ. 3,01,000/- | 03 ବର୍ଷ |

ବିଡ୍ ଦାଖଲର ଶେଷ ତାରିଖ ହେଉଛି ୦୫।୦୭।୨୦୧୯ ସିପିପି ପୋର୍ଟାଲ https://etenders.gov.in ଜରିଆରେ।
ଅଧିକ ବିବରଣୀ ପାଇଁ www.aai.aero କିମ୍ବା https://etenders.gov.inରେ ଲଗ୍ ଅନ୍ କରନ୍ତୁ।
ଏ ସଂକ୍ରାନ୍ତ ଶୁଦ୍ଧିପତ୍ରର ସ୍ପଷ୍ଟୀକରଣ, ଯଦି ଥାଏ, କେବଳ https://etenders.gov.inରେ ଅପଲୋଡ୍ କରାଯିବ।
ବିମାନବନ୍ଦର ନିର୍ଦ୍ଦେଶକ
ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱର

# ଆତଙ୍କ ଖେଳାଉଛନ୍ତି ଝାଡ଼ଖଣ୍ଡ ହାତୀ

**ସଜନାଗଡ଼, ୧୬।୬ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କୁଲଡିହା ପାଦଦେଶରେ ଥିବା ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ୨୮ ଝାଡ଼ଖଣ୍ଡ ହାତୀ ଓ ୫ ଛୁଆ ହାତୀ ଆତଙ୍କ ଖେଳାଉଛନ୍ତି। ୬ଦିନ ହେଲେ ହାତୀପଲ ଘରଦ୍ୱାର ଭାଙ୍ଗିବା ସହ ଧାନ ଚାଉଳ ଖାଇ ନଷ୍ଟ କରିଦେଉଛନ୍ତି। ଶନିବାର ରାତିରେ ହାତୀପଲ କୁଲଡିହା ରେଞ୍ଜ ଅଧୀନ ସଜନାଗଡ଼ ପଞ୍ଚାୟତ ତେଣ୍ଡା ଗ୍ରାମ ପାଖ ସାତଘାଟି ଏବଂ ମୁଣ୍ଡଘୁରା ଗ୍ରାମରେ ପଶି ରାମଚନ୍ଦ୍ର ସିଂ, ବୁଧୁ ସିଂ, ସୋମବାରୀ ସିଂ, ହାଡ଼ିବନ୍ଧୁ ସିଂ, ଗୁରୁବା ସିଂ, ପୁନିଆ ସିଂ, ଶ୍ୟାମସୁନ୍ଦର ସିଂ, ଦୁର୍ଗା ସିଂ, ଶ୍ୟାମସୁନ୍ଦର ସିଂଙ୍କ ଘର ଭାଙ୍ଗିଦେଇଛନ୍ତି। ଏହାସହ ଘରେ ଥିବା ଧାନ, ଚାଉଳ ଖାଇବା ସହ ତା'ଠାରୁ ଅଧିକ ପରିମାଣରେ ନଷ୍ଟ କରିଥିଲେ। ଏହାସହ ଘରବାଡ଼ିରେ ଥିବା ପଣସ, ସପୁରୀ, କିମ୍ବା କଦଳୀ ଗଛ ମଧ୍ୟ ଭାଙ୍ଗି ପକାଇଥିଲେ। ଗୋଟିଏ ପଟେ ଅଘୋଷିତ ବିଦ୍ୟୁତ୍‌କାଟ ଅନ୍ୟ ପଟେ ଅନ୍ଧାର ରାତିର ସୁଯୋଗ ନେଇ ଖାଦ୍ୟ ନ ପାଇ ଗ୍ରାମମୁହାଁ ହେଉଥିବା ହାତୀପଲଙ୍କ ଉପଦ୍ରବରେ ଗ୍ରାମବାସୀ ଉଜାଗର ରହୁଛନ୍ତି। ରବିବାର ସକାଳେ ଗ୍ରାମବାସୀ ନୀଳଗିରି ବିଧାୟକଙ୍କୁ ଡାକି କ୍ଷତି ହୋଇଥିବା ଘର ଦେଖାଇବା ସହ ପ୍ରଶାସନ ଓ ବନ ବିଭାଗ ବିରୋଧରେ ଅଭିଯୋଗ କରିଥିଲେ।

୨୦୧୦ ମସିହାରୁ ହାତୀ ନୀଳଗିରିକୁ ଆସୁଥିବା ବେଳେ ପ୍ରତିବର୍ଷ ହାତୀପଲ ଆସିବାର ପୂର୍ବରୁ କିମ୍ବା ହାତୀ ଆସିବାର ଦିନେ କିମ୍ବା ଦୁଇଦିନ ଭିତରେ ପ୍ରସ୍ତୁତି ବୈଠକ ହୁଏ। ପ୍ରସ୍ତୁତି ବୈଠକର ମୁଖ୍ୟ ବିଷୟ ହାତୀ ଉପଦ୍ରବ ଅଞ୍ଚଳରେ ଲୋକଙ୍କୁ ସଚେତନ କରାଇବା। ହାତୀ ଘଉଡ଼ାଇବାରେ ଲୋକଙ୍କ ସାହାଯ୍ୟ ନେବା, ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ହାତୀ ଉପଦ୍ରବ ଦ୍ୱାରା ଶିକାର ହେଉଥିବା ଲୋକଙ୍କୁ ଆଶ୍ରୟସ୍ଥଳୀରେ ରଖି ଖାଦ୍ୟ ଯୋଗାଣ ବିଷୟରେ ଆଲୋଚନା ହୁଏ। ଏହି ଆଲୋଚନାରେ ବନବିଭାଗ, ବିଦ୍ୟୁତ୍ ବିଭାଗ, ଜଙ୍ଗଲ କମିଟି, ଖାଦ୍ୟଯୋଗାଣ ବିଭାଗ, ଗଣମାଧ୍ୟମ ପ୍ରତିନିଧି ଓ ପୋଲିସ୍ ଉପସ୍ଥିତ ରହିଥାନ୍ତି। ମାତ୍ର ଏଥର ହାତୀ ଆସିବାର ୬ଦିନ ବିତିଯାଇଥିଲେ ମଧ୍ୟ ପ୍ରସ୍ତୁତି ବୈଠକ ନ ହେବା ଯୋଗୁ କୌଣସି ବିଭାଗ ମଧ୍ୟରେ ତାଳମେଳ ରହୁନାହିଁ। ଫଳରେ ଲୋକେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ବିଧାୟକ ଗ୍ରାମବାସୀଙ୍କ ଦୁଃଖ ଶୁଣିବା ପରେ ଏ ବିଷୟରେ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ଜଣାଇଥିଲେ। କ୍ଷତିଗ୍ରସ୍ତ ପରିବାରକୁ ସେ ବ୍ୟକ୍ତିଗତ ଭାବେ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ।



ବିଧାୟକ ସୁକାନ୍ତ ନାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

■ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପାଇଁ ଝିଅ ବିକିବା ପ୍ରସଙ୍ଗ

# ସହାୟତା ପାଇଁ ପ୍ରତିଶ୍ରୁତି ଦେଲା ପ୍ରଶାସନ

**ମନମୁଣ୍ଡା, ୧୬।୬ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗୁଡଭେଲିପଦର ଗ୍ରାମର ଭଜମନ ଗେଜ(୩୮)ଙ୍କ ମୃତ୍ୟୁ ପରେ ଶୁଦ୍ଧକ୍ରିୟା ପାଇଁ ତାଙ୍କ ସ୍ତ୍ରୀ ପୂର୍ଣ୍ଣିମା ନିଜର ୪ ଝିଅଙ୍କ ମଧ୍ୟରୁ ଜଣଙ୍କୁ ବିକ୍ରି କରିଦେବାକୁ ନିଷ୍ପତ୍ତି ନେବା ଘଟଣା ଜଣାପଡିବା ପରେ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀମାନେ ରବିବାର ଉକ୍ତ ପରିବାରକୁ ଭେଟି ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଭଜମନ ବଲାଙ୍ଗୀର ଜିଲା ଚନ୍ଦନଭାଟି ରାସ୍ତାରେ ଥିବା ଏକ କ୍ରଶରରେ କାମ କରି ମାସକୁ ୫ ହଜାର ଦରମା ପାଉଥିଲେ। ଏହି ଟଙ୍କାରେ ପରିବାର ଚଳୁଥିଲା। ଗତ ମେ ୨୫ ତାରିଖରେ କ୍ରଶରରେ ଦୁର୍ଘଟଣା ଘଟି ଭଜମନଙ୍କ ମେରୁଦଣ୍ଡ ହାଡ ଭାଙ୍ଗି ଯାଇଥିଲା। ତାଙ୍କ ଚିକିତ୍ସା ପାଇଁ ସ୍ତ୍ରୀ ପୂର୍ଣ୍ଣିମା ଅସ୍ଥାବର ସମ୍ପତ୍ତି ସବୁ ବିକ୍ରି କରିଦେଲେ। ହେଲେ ଦୁର୍ଘଟଣାର ୧୫ ଦିନ ପରେ ଗତ ୮ ତାରିଖରେ ଭଜମନଙ୍କ ମୃତ୍ୟୁ ହୋଇଗଲା। ଅନ୍ୟପକ୍ଷରେ ଭଜମନ ଓ ପୂର୍ଣ୍ଣିମା ଭିନ୍ନ ଜାତିର ଏବଂ ପ୍ରେମ ବିବାହ କରିଥିଲେ। ଫଳରେ ଉଭୟଙ୍କ ପରିବାର ଲୋକେ କେହି ତାଙ୍କୁ ପଚାରୁ ନ ଥିବା ପୂର୍ଣ୍ଣିମା ପ୍ରକାଶ କରିଛନ୍ତି। ଏବେ ସେ ସ୍ୱାମୀଙ୍କ ଶୁଦ୍ଧକ୍ରିୟା ପାଇଁ ପଡାବାସିନ୍ଦାଙ୍କ ଠାରେ ହାତପତାଇ ମାଗୁଛନ୍ତି ଏବଂ ୪ ଝିଅରୁ ଜଣଙ୍କୁ ବିକ୍ରି କଲା ପରେ ଧାର ଟଙ୍କା ପରିଶୋଧ କରିଦେବେ ବୋଲି କହୁଛନ୍ତି। ଏପରିକି ଝିଅ ବିକ୍ରି ନ ହେଲେ ନିଜେ ବିକ୍ରି ହୋଇଯିବେ ବୋଲି ମଧ୍ୟ ପୂର୍ଣ୍ଣିମା କହିଛନ୍ତି। ରବିବାର ଜିଲାପାଳ ଶୀତାଂଶୁ କୁମାର ରାଉତଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା ଓଆରଡବ୍ଲ୍ୟୁ ଧନଞ୍ଜୟ ଖମାରୀ ଓ କାଉନସେଲର ବସନ୍ତ କୁମାର ଦିସ୍ରୀ ଉକ୍ତ ଗ୍ରାମକୁ ଯାଇ ତଦନ୍ତ କରିଥିଲେ। ସେମାନେ ପୂର୍ଣ୍ଣିମାଙ୍କୁ ଭେଟି ପ୍ରଶାସନିକ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସରକାରୀ ସହାୟତା ମିଳିଲେ ଝିଅକୁ ଆଉ ବିକ୍ରି କରିବେ ନାହିଁ ବୋଲି ପୂର୍ଣ୍ଣିମା ପ୍ରକାଶ କରିଛନ୍ତି। ତେବେ ପ୍ରଶାସନ ପକ୍ଷରୁ କିଛି ନଗଦ ସହାୟତା ରାଶି ମିଳିଥିଲେ ପୂର୍ଣ୍ଣିମା ତାଙ୍କ ସ୍ୱାମୀଙ୍କ ଶୁଦ୍ଧକ୍ରିୟା କରିଥାନ୍ତେ ବୋଲି ପଡାବାସୀ ପ୍ରକାଶ କରିଛନ୍ତି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Telecom Division, Jeypore - 764001. CIN: U40102OR2004SGC007553
NOTICE INVITING TENDER
Advt. No.01/2019-20 Date-17.06.2019
Sealed Tenders are invited from the experience bidders / Vehicle owners having valid I.T PAN No. and GST Registration Certificate for the job of "Hiring of new diesel run commercial registered light vehicles AC Bolero or equivalent on monthly basis with daily hiring rate for Office of the DGM (Telecom), Telecom Division, OPTCL, Jeypore" for the period of two years. Cost of tender paper : Rs.2,240.00 (Non-refundable) in shape of Cash. EMD : @1% of the total quoted value Rs. 5,000.00 in the shape of DD. Sale of tender documents : from Dt.17.06.2019 to 27.06.2019. Last date of submission of tender : on or before Dt.28.06.2019 up to 01:00PM. Tenders will be opened : on Dt.28.06.2019 at 04:00PM. For details, please visit our website www.optcl.co.in.
Corrigendum, if any, will be published in the website only.
Sd/-
DGM (Telecom)
Please connect us: optcl.odisha optcl_odisha energyodisha

ଜିଲ୍ଲା କୃଷି ଅଧିକାରୀ, ଖୋର୍ଦ୍ଧା
ବିହନ ବିଶୋଧନ ଅଭିଯାନ, ଖରିଫ-୨୦୧୯-୨୦
No.13-L:- ଏତଦ୍ଦ୍ୱାରା ରାଜ୍ୟ ଯୋଜନାରେ ଚଳିତ ଖରିଫ ଋତୁରେ ଖୋର୍ଦ୍ଧାଜିଲ୍ଲା ଅନ୍ତର୍ଗତ ତିନିଗୋଟି ବ୍ଲକ ଯଥା: ଖୋର୍ଦ୍ଧା, ବେଗୁନିଆ ଓ ବୋଲଗଡ଼ର ସ୍ଥିରୀକୃତ ଗ୍ରାମଗୁଡ଼ିକରେ ଜୁନ ତା.୦୭।୦୬।୨୦୧୯ରୁ ୧୫।୦୭।୨୦୧୯ରିଖ ମଧ୍ୟରେ ଖରିଫ ଧାନ ଫସଲ ନିମନ୍ତେ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ। ଏହି କାର୍ଯ୍ୟକ୍ରମରେ ଚାଷୀଭାଇ ଓ ଭଉଣୀମାନଙ୍କୁ ବିହନ ବିଶୋଧନ ସମ୍ପର୍କରେ ସଚେତନ କରାଯିବା ସହିତ ଏହାର କୌଶଳ ମଧ୍ୟ ପ୍ରଦର୍ଶନ କରାଯିବ।
ଏଣୁ, ନିର୍ଦ୍ଧାରିତ ତାରିଖରେ ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଗ୍ରାମର ଚାଷୀଭାଇ ଓ ଭଉଣୀମାନେ ଅଂଶଗ୍ରହଣକରି ନିଜ ନିଜର ସାଇତା ବିହନକୁ ବିଶୋଧନ କରିବା ପୂର୍ବକ ଫସଲକୁ ରୋଗ ଦାଉରୁ ସୁରକ୍ଷା ପ୍ରଦାନ କରିବାକୁ ବିଶେଷ ଅନୁରୋଧ।
ସ୍ୱା./-
ଶ୍ରୀଯୁକ୍ତ ନାରାୟଣ ସେଠୀ
ଜିଲ୍ଲା କୃଷି ଅଧିକାରୀ, ଖୋର୍ଦ୍ଧା
01011/11/0001/1920

# ଉପକାରୀ ମାଠିଆ ପାଣି

ମାଠିଆ ପାଣି ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। ମାଠିଆରୁ ଆଣି ଗ୍ଲାସେ ପାଣି ପିଇଦେଲେ ବେଶ୍ ଶାନ୍ତି ଲାଗେ। ତେବେ ଏଥିରେ ଥିବା ଉପକାରୀ ଗୁଣ ବିଷୟରେ ଟିପ୍ସ...



- ଯେହେତୁ ମାଠିଆ ମାଟିରେ ପ୍ରସ୍ତୁତ ହୋଇଥାଏ ତେଣୁ ଏହା ଜୀବାଣୁ ନାଶକ। ପ୍ରାକୃତିକ ଉପାୟରେ ମାଠିଆ ପ୍ରାକୃତିକ ଉପାୟରେ ଏଥିରୁ ଦୂଷିତ ପଦାର୍ଥ ବାହାରି ଯାଇଥାଏ।
- ମାଠିଆ ପାଣି ପିଇବା ଦ୍ୱାରା ଅଜୀର୍ଣ୍ଣ ସମସ୍ୟା ଅନେକାଂଶରେ ଦୂର ହୋଇଥାଏ। କ୍ଳାନ୍ତିରୁ ମଧ ଏହି ପାଣି ଉପଶମ ଦିଏ।
- ଯଦି ଶରୀରର କୌଣସି ସ୍ଥାନରୁ ରକ୍ତ କ୍ଷରଣ ହେଉଛି ତେବେ ସେଠାରେ ମାଠିଆ ପାଣି ଢ଼ାଳିଲେ ରକ୍ତ କ୍ଷରଣ ଅନେକାଂଶରେ ବନ୍ଦ ହୋଇଯାଏ।
- ସକାଳୁ ଉଠି ମାଠିଆ ପାଣି ପିଇବା ଦ୍ୱାରା ଆଖି ଓ ହାର୍ଟ ସୁସ୍ଥ ରହିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି।
- ପେଟଜନିତ ସମସ୍ୟା ବିଶେଷଭାବରେ ଗ୍ୟାଷ୍ଟ୍ରିକ ରୋଗୀଙ୍କ ପାଇଁ ଏହି ପାଣି ବେଶ୍ ଉପକାରୀ।
- ଗୋଟିଏ କଥା। ଯଦି ଆପଣଙ୍କର ଆଜ୍‌ମାଜନିତ ସମସ୍ୟା ରହିଛି ତେବେ ଏହି ପାଣିଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ।
- ପ୍ରତିଦିନ ମାଠିଆରୁ ବାସି ପାଣି ବାହାର କରି ପରିଷ୍କାର ପାଣି ଭର୍ତ୍ତି କରନ୍ତୁ। କାରଣ ମାଠିଆରେ ପାଣି ଅଧିକ ଦିନ ବ୍ୟବହୃତ ନ ହୋଇ ରହିଲେ ସେଥିରେ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାଆନ୍ତି। ତେଣୁ ପ୍ରତିଦିନ ମାଠିଆ ପାଣିକୁ ବଦଳାଇ ଦିଅନ୍ତୁ।



# ଯନ୍ତ୍ରଣାରୁ ଉପଶମ ଦେବ ଡିଭାଇସ୍

ଆଜିକାଲିର ଇଲେକଟ୍ରୋନିକ୍ ଯୁଗରେ ଡିଭାଇସ୍‌କୁ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଉଛି। ଏହି ତାଲିକାରେ ସ୍ୱିଡେନ୍‌ର ବୈଜ୍ଞାନିକ ଆଉ ଏକ କଥା ଯୋଡିଛନ୍ତି। ସେମାନେ ତିନିବର୍ଷ ପରିଶ୍ରମ କରି ଏକ ନୂଆ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି। ଏହାର ଏକ ସ୍ୱତନ୍ତ୍ର ବିଶେଷତ୍ୱ ରହିଛି। ଯନ୍ତ୍ରଣାରୁ ଉପଶମ ପାଇବାକୁ ଏହାକୁ ବ୍ୟବହାର କରାଯାଇପାରିବ ବୋଲି ଏହି ବୈଜ୍ଞାନିକମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ଯନ୍ତ୍ରଣା ଅନୁଭୂତ ହେଉଥିବା ଜାଗା ଉପରେ ଏହାକୁ ବାନ୍ଧି ଦେଲେ ତାହା କିଛି ସମୟ ଭିତରେ କାମ କରିବା ଆରମ୍ଭ କରିଥାଏ। ଖାସ୍ କଥା ହେଲା, ଏହି ନୂଆ ଡିଭାଇସ୍ କିପରି କାମ କରୁଛି ତାହାକୁ ପରୀକ୍ଷାମୂଳକ ଭାବରେ ବ୍ୟବହାର କରାଯାଇ ସେଥିରୁ ସଫଳତା ମିଳିଛି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଚନ୍ଦ୍ରପୃଷ୍ଠରେ ପଦାର୍ପଣର ପଚାଶ ବର୍ଷ



ଇଂ. ମାୟାଧର ସ୍ୱାଇଁ



"୧୯୬୭ ମସିହା ସୁଦ୍ଧା ଚନ୍ଦ୍ର ଅଭିଯାନ ପାଇଁ ରୁଷିଆ ଓ ଆମେରିକା ଯଥାକ୍ରମେ ସୋୟୁଜ ଓ ଆପୋଲୋ ଯାନର ବିକାଶ କରିଥିଲେ। ଆମେରିକା ପ୍ରଥମେ ମନୁଷ୍ୟବିହୀନ ଅଭିଯାନରେ ଆପୋଲୋ-୪ ଓ ଆପୋଲୋ-୬ ଯାନକୁ ଚନ୍ଦ୍ର କକ୍ଷକୁ ପଠାଇଥିଲା। ଏହାପରେ ଆପୋଲୋ-୮ ଯାନରେ ତିନିଜଣ ମହାକାଶଚାରୀ ଚନ୍ଦ୍ର କକ୍ଷକୁ ଯାଇ ଏହାକୁ ପରିକ୍ରମଣ କରି ନିରାପଦରେ ପୃଥିବୀ ପୃଷ୍ଠକୁ ଫେରି ଆସିଥିଲେ। ଏହାପରେ ଆଉ ଦୁଇଟି ଅଭିଯାନ ଆପୋଲୋ-୯ ଓ ଆପୋଲୋ-୧୦ରେ ମହାକାଶଚାରୀମାନେ ଚନ୍ଦ୍ର କକ୍ଷକୁ ଯାଇ ବିଭିନ୍ନ ପରୀକ୍ଷା କରି ପୃଥିବୀକୁ ଫେରିଥିଲେ।"



ଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମହାକାଶ ଯୁଗ ଆରମ୍ଭ ହେଲା। ପୂର୍ବତନ ସୋଭିଏଟ୍ ରୁଷ ୧୯୫୭ ଅକ୍ଟୋବର ୪ ତାରିଖରେ ମହାକାଶକୁ ପ୍ରଥମ କୃତ୍ରିମ ଉପଗ୍ରହ ସ୍ପୁଟନିକ-୧ ପ୍ରେରଣକରି ଇତିହାସ ସୃଷ୍ଟି କଲା। ରୁଷ ୧୯୬୧ ମସିହା ଏପ୍ରିଲ ୧୨ ତାରିଖରେ ମହାକାଶକୁ ପ୍ରଥମ ମହାକାଶଚାରୀ ୟୁରି ଗାଗାରିନ୍‌ଙ୍କୁ ପଠାଇ ଅନ୍ୟ ଏକ ଇତିହାସ ରଚିଥିଲା। ତାହା ଥିଲା ରୁଷିଆ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଶୀତଳଯୁଦ୍ଧର ସମୟ। ପ୍ରତ୍ୟେକ ଦେଶ ଅନ୍ୟଠାରୁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଆଦିରେ ଅଧିକ ଉନ୍ନତ ଭାବେ ପ୍ରଦର୍ଶନ କରୁଥିଲେ। ମହାକାଶ ଅଭିଯାନରେ ରୁଷିଆର ଏହି ସଫଳତା ଆମେରିକାକୁ ଅପମାନିତ କରିବା ସଦୃଶ ଥିଲା। ଆମେରିକା ମଧ ମହାକାଶ ଅଭିଯାନ କାର୍ଯ୍ୟକ୍ରମ ହାତକୁ ନେଇଥିଲା। ଏହା ମଧ ମହାକାଶକୁ କୃତ୍ରିମ ଉପଗ୍ରହ ଓ ମହାକାଶଚାରୀଙ୍କୁ ପଠାଇଲା। ମହାକାଶ ଅଭିଯାନରେ ଦୁଇ ଦେଶ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଚାଲିଥିଲା।

ଚନ୍ଦ୍ର ହେଉଛି ପୃଥିବୀର ଏକମାତ୍ର ଉପଗ୍ରହ ଏବଂ ଆମର ନିକଟତମ ଜ୍ୟୋତିର୍ବିଦୀୟ ପିଣ୍ଡ। ଚନ୍ଦ୍ର ଅଭିଯାନରେ ଯିବା ପାଇଁ ଉଭୟ ରୁଷିଆ ଓ ଆମେରିକା ଚେଷ୍ଟାକଲେ। କିଏ ଚନ୍ଦ୍ରପୃଷ୍ଠରେ ପ୍ରଥମେ ପାଦ ଦେବ, ସେଥିପାଇଁ ଉଭୟ ଦେଶ ମଧ୍ୟରେ ପ୍ରତିଯୋଗିତା ହେଉଥିଲା। ଯୁକ୍ତରାଷ୍ଟ୍ର ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ୧୯୬୧ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସକୁ ନିଜ ଭାଷଣରେ ପ୍ରକାଶ କରିଥିଲେ ଯେ ଏହି ଦଶନ୍ଧି ଶେଷ ପୂର୍ବରୁ ଆମେ ଜଣେ ମନୁଷ୍ୟକୁ ଚନ୍ଦ୍ର ପୃଷ୍ଠରେ ଅବତରଣ କରାଇବୁ ଏବଂ ତାକୁ ନିରାପଦରେ ପୃଥିବୀ ପୃଷ୍ଠକୁ ଫେରାଇ ଆଣିବୁ।

୧୯୬୭ ମସିହା ସୁଦ୍ଧା ଚନ୍ଦ୍ର ଅଭିଯାନ ପାଇଁ ରୁଷିଆ ଓ ଆମେରିକା ଯଥାକ୍ରମେ ସୋୟୁଜ ଓ ଆପୋଲୋ ଯାନର ବିକାଶ କରିଥିଲେ। ଆମେରିକା ପ୍ରଥମେ ମନୁଷ୍ୟବିହୀନ ଅଭିଯାନରେ ଆପୋଲୋ-୪ ଓ ଆପୋଲୋ-୬ ଯାନକୁ ଚନ୍ଦ୍ର କକ୍ଷକୁ ପଠାଇଥିଲା। ଏହାପରେ ଆପୋଲୋ-୮ ଯାନରେ ତିନିଜଣ ମହାକାଶଚାରୀ ଚନ୍ଦ୍ର କକ୍ଷକୁ ଯାଇ ଏହାକୁ ପରିକ୍ରମଣ କରି ନିରାପଦରେ ପୃଥିବୀ ପୃଷ୍ଠକୁ ଫେରି ଆସିଥିଲେ। ଏହାପରେ ଆଉ ଦୁଇଟି ଅଭିଯାନ ଆପୋଲୋ-୯ ଓ ଆପୋଲୋ-୧୦ରେ ମହାକାଶଚାରୀମାନେ ଚନ୍ଦ୍ର କକ୍ଷକୁ ଯାଇ ବିଭିନ୍ନ ପରୀକ୍ଷା କରି ପୃଥିବୀକୁ ଫେରିଥିଲେ।

ମହାକାଶ ଅଭିଯାନ ଇତିହାସରେ ୧୯୬୯ ଜୁଲାଇ ୨୦ ତାରିଖ ଥିଲା ଗୋଟିଏ ଉଲ୍ଲେଖନୀୟ ଦିବସ। ଏହିଦିନ ପୃଥିବୀର ଦୁଇଜଣ ମନୁଷ୍ୟ ଚନ୍ଦ୍ରପୃଷ୍ଠରେ ପ୍ରଥମେ ପଦାର୍ପଣ କରିଥିଲେ। ଆପୋଲୋ-୧୧ ଯାନକୁ ୧୯୬୯ ଜୁଲାଇ ୧୬ ତାରିଖରେ ଫ୍ଲୋରିଡାର କେପ୍ କେନେଡି ମହାକାଶ କେନ୍ଦ୍ରରୁ ସଟର୍ନ-୫ ରକେଟ୍ ସାହାଯ୍ୟରେ ମହାକାଶକୁ ଉତ୍କ୍ଷେପଣ କରାଯାଇଥିଲା। ଏଥିରେ ତିନିଜଣ ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ୍, ମାଇକେଲ୍ କୋଲିନ୍‌ସ ଓ ଏଡ୍‌ୱିନ୍ ଆଲ୍‌ଡ୍ରିନ୍ ଥିଲେ। ସେମାନଙ୍କର ଯାନ ଜୁଲାଇ ୧୯ ତାରିଖରେ ଚନ୍ଦ୍ର କକ୍ଷରେ ପ୍ରବେଶ କରିଥିଲା। ଚନ୍ଦ୍ର କକ୍ଷରେ ତିରିଶ ଥର ପରିକ୍ରମା କରିବା ପରେ ଜୁଲାଇ ୨୦ ତାରିଖରେ ମୂଳ ଯାନରୁ ଚନ୍ଦ୍ରଯାନ ଅଲଗା ହୋଇଯାଇଥିଲା। କୋଲିନ୍‌ସ ଏକୁଟିଆ ମୂଳଯାନ କଲମ୍ବିଆରେ ରହିଥିଲେ ଏବଂ ଅନ୍ୟ ଦୁଇ ମହାକାଶଚାରୀ ଚନ୍ଦ୍ର ପୃଷ୍ଠରେ ଯାଇ ଏହାର ନିରୁପଦ୍ରବ ସାଗରରେ ଅବତରଣ କରିଥିଲେ। ଆର୍ମଷ୍ଟ୍ରଙ୍ଗ୍ ପ୍ରଥମେ ଚନ୍ଦ୍ରଯାନରୁ ଓହ୍ଲାଇ ଚନ୍ଦ୍ର ପୃଷ୍ଠରେ ନିଜର ବାମ ପାଦ ପକାଇ ଇତିହାସ ସୃଷ୍ଟି କରିଥିଲେ। ଏହାକୁ ପୃଥିବୀପୃଷ୍ଠରୁ ଟେଲିଭିଜନରେ ଦେଖାଯାଇଥିଲା। ଆର୍ମଷ୍ଟ୍ରଙ୍ଗ୍ ଚନ୍ଦ୍ରପୃଷ୍ଠରେ ପହଞ୍ଚି ପୃଥିବୀକୁ ଏକ ଐତିହାସିକ ବାର୍ତ୍ତା ଦେଇ କହିଥିଲେ, "ଏହା ହେଉଛି ମନୁଷ୍ୟ ପାଇଁ ଗୋଟିଏ ଛୋଟ ସୋପାନ, ମାତ୍ର ମାନବ ସମାଜ ପାଇଁ ଏହା ହେଉଛି ଗୋଟିଏ ବିରାଟ ପଦକ୍ଷେପ"।

ଆର୍ମଷ୍ଟ୍ରଙ୍ଗ ଓହ୍ଲାଇବାର ସାଢ଼େ ଛଅ ଘଣ୍ଟା ପରେ ଆଲ୍‌ଡ୍ରିନ୍ ଚନ୍ଦ୍ରଯାନରୁ ଅବତରଣ କରି ତାଙ୍କ ସହିତ ଯୋଗଦେଇଥିଲେ। ଦୁହେଁ ଚନ୍ଦ୍ରପୃଷ୍ଠରେ ୨୧ ଘଣ୍ଟାରୁ ଅଧିକ ସମୟ ରହି ସେଠାରେ ଆମେରିକାର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଚନ୍ଦ୍ରପୃଷ୍ଠରୁ ମୃତ୍ତିକା ସଂଗ୍ରହ କରିଥିଲେ ଏବଂ ବିଭିନ୍ନ ପରୀକ୍ଷା କରିଥିଲେ। ସେମାନେ ସାଥିରେ ନେଇଥିବା ଗୋଟିଏ ଫଳକ ଚନ୍ଦ୍ରପୃଷ୍ଠରେ ପୋତିଥିଲେ। ସେଥିରେ ଲେଖାଥିଲା, "୧୯୬୯ ମସିହା ଜୁଲାଇ ମାସରେ ପୃଥିବୀର ପ୍ରଥମ ମନୁଷ୍ୟ ଭାବରେ ଚନ୍ଦ୍ରରେ ପାଦ ପକାଇ ସମଗ୍ର ମାନବ ଜାତିର ଶାନ୍ତି କାମନା କରି ଆମେ ଏଠାକୁ ଆସିଥିଲୁ"। ଚନ୍ଦ୍ରପୃଷ୍ଠରୁ ମହାକାଶଚାରୀମାନେ ରାଷ୍ଟ୍ରପତି ନିକ୍‌ସନ୍‌ଙ୍କ ସହ ଟେଲିଫୋନ୍‌ରେ କଥାବାର୍ତ୍ତା ହୋଇ କହିଥିଲେ, "ଏଠାରେ ଆମେ ପହଞ୍ଚିବା ହେଉଛି ଆମମାନଙ୍କ ପାଇଁ ବଡ଼ ସମ୍ମାନ ଓ ଗର୍ବ। ଆମେମାନେ କେବଳ ଯୁକ୍ତରାଷ୍ଟ୍ର ଆମେରିକା ନୁହେଁ, ସମସ୍ତ ଦେଶର ଶାନ୍ତିପ୍ରିୟ ଲୋକଙ୍କୁ ପ୍ରତିନିଧିତ୍ୱ କରୁଛୁ। ଆମେମାନେ ସମସ୍ତ ଲୋକଙ୍କର ଆଗ୍ରହ, ଆକାଂକ୍ଷା ଓ ଭବିଷ୍ୟତର ଦୂରଦୃଷ୍ଟିକୁ ମଧ ପ୍ରତିନିଧିତ୍ୱ କରୁଛୁ।" ଏହା ପରେ ସେମାନେ ଚନ୍ଦ୍ରଯାନରେ ଆସି ଚନ୍ଦ୍ରକକ୍ଷରେ ଥିବା ମୂଳଯାନରେ ପହଞ୍ଚିଥିଲେ ଏବଂ ସେଠାରୁ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଏହା ପରେ ଆଉ ପାଞ୍ଚଟି ଆପୋଲୋ ଅଭିଯାନରେ ଦଶଜଣ ମହାକାଶଚାରୀ ଚନ୍ଦ୍ର ପୃଷ୍ଠରେ ଅବତରଣ କରିଥିଲେ। ଶେଷ ଦୁଇ ମହାକାଶଚାରୀ ୧୯୭୨ ଡିସେମ୍ବର ୧୧ ତାରିଖରେ ଚନ୍ଦ୍ରପୃଷ୍ଠକୁ ଯାଇଥିଲେ। ଏହାପରେ ଆପୋଲୋ କାର୍ଯ୍ୟକ୍ରମକୁ ବନ୍ଦ କରି ଦିଆଗଲା। ଆମେରିକାର ଆପୋଲୋ କାର୍ଯ୍ୟକ୍ରମ ସଫଳ ଭାବେ ଅଗ୍ରସର ହେଉଥିବା ବେଳେ ରୁଷିଆର ଚନ୍ଦ୍ର ଅଭିଯାନ କାର୍ଯ୍ୟକ୍ରମ ନାନା ବାଧାବିଘ୍ନର ସମ୍ମୁଖୀନ ହୋଇ ବିଫଳ ହୋଇଥିଲା।

୧୯୭୨ ମସିହା ପରେ କୌଣସି ଦେଶ ଚନ୍ଦ୍ରପୃଷ୍ଠକୁ ମନୁଷ୍ୟ ପଠାଇବା ପାଇଁ ଚେଷ୍ଟା କରିନାହାନ୍ତି। ମାତ୍ର ମନୁଷ୍ୟବିହୀନ ଯାନ ଚନ୍ଦ୍ରକୁ ପରିକ୍ରମା କରି ଏବଂ କେତେକ ଏହା ପୃଷ୍ଠରେ ଅବତରଣ କରି ବିଭିନ୍ନ ତଥ୍ୟ ସଂଗ୍ରହ କରିଛି। ଆମେରିକା, ରୁଷିଆ, ଚାଇନା, ଭାରତ ଓ ଜାପାନ ଆଦି ଦେଶ ଚନ୍ଦ୍ର କକ୍ଷକୁ ଯାନ ପଠାଇଛନ୍ତି। ଭାରତ ୨୦୦୮ ମସିହାରେ ଚନ୍ଦ୍ର କକ୍ଷକୁ ଚନ୍ଦ୍ରଯାନ-୧ ପଠାଇଥିଲା ଏବଂ ଏଥିରୁ ଗୋଟିଏ ପ୍ରୋବ୍ ଚନ୍ଦ୍ର ପୃଷ୍ଠରେ ଅବତରଣ କରିଥିଲା। ଏହି ଅଭିଯାନରେ ଚନ୍ଦ୍ରରେ ଜଳର ଆବିଷ୍କାର ହୋଇଥିଲା। ଚାଇନାର ଚୋଙ୍ଗ-୪ ଯାନ ଏହି ବର୍ଷ ଜାନୁୟାରୀ ମାସରେ ପୃଥିବୀକୁ ଦେଖାଯାଉ ନ ଥିବା ପାର୍ଶ୍ୱରେ ଅବତରଣ କରିଛି ଏବଂ ଏହା କେତୋଟି ନୂତନ ଖଣିଜ ପଦାର୍ଥର ସନ୍ଧାନ ଦେଇଛି।

ଆବହମାନ କାଳରୁ ମନୁଷ୍ୟ ପାଇଁ ଚନ୍ଦ୍ର ଆକର୍ଷଣ ସାଜିଛି। ପୁରାଣ ଯୁଗର ସେ ଆମମାନଙ୍କର ଚନ୍ଦ୍ର ଦେବ ହୁଅନ୍ତୁ କିମ୍ବା ଜନମାନସରେ ଚନ୍ଦ୍ର ମାମୁ ହୁଅନ୍ତୁ, ମନୁଷ୍ୟ ସର୍ବଦା ଚନ୍ଦ୍ର ପ୍ରତି ଧ୍ୟାନ ଦେଇ ଆସିଛି। କିନ୍ତୁ ଆଜକୁ ପଚାଶ ବର୍ଷ ପୂର୍ବେ ଚନ୍ଦ୍ରରେ ମନୁଷ୍ୟର ପ୍ରଥମ ପଦାର୍ପଣ ହେଉଛି ଏକ ଐତିହାସିକ କୀର୍ତ୍ତି।

-୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

# ଗଣ୍ଠି ସମସ୍ୟାର ପ୍ରାକୃତିକ ଉପଚାର

"ବୃଦ୍ଧାବସ୍ଥାରେ ବା ବୟସ ବଢ଼ିବା ସଙ୍ଗେ ସଙ୍ଗେ ହାଡ଼ରେ କିମ୍ବା ଗଣ୍ଠିଗୁଡ଼ିକରେ ଅଧିକ ସମସ୍ୟା ଦେଖାଯାଏ ଏବଂ ଦରଜ ଓ ବିନ୍ଧାବିନ୍ଧି ଗମ୍ଭୀର ହୋଇଥାଏ। ସନ୍ଧିବାତ ବୃଦ୍ଧାବସ୍ଥାରେ ସାମାନ୍ୟ ସମସ୍ୟା। ବୟସ ବଢ଼ିବା ସଙ୍ଗେ ସଙ୍ଗେ ଅସ୍ଥି ସନ୍ଧିଗୁଡ଼ିକରେ ଘର୍ଷଣ ହୋଇ ଅସ୍ଥି କ୍ଷୟ ଏବଂ ଏହି ଘର୍ଷଣରେ ସାହାଯ୍ୟ କରୁଥିବା ତରଳ ପଦାର୍ଥ ଧୀରେ ଧୀରେ କମ୍ ହୋଇ ଫଳସ୍ୱରୂପ ସନ୍ଧିଗୁଡ଼ିକୁ ଶୁଷ୍କ କରି ଦେଇଥାଏ। ପରିଣାମ ସ୍ୱରୂପ ଚଲାବୁଲା କଲେ କଷ୍ଟ ହୁଏ ଏବଂ ସାମାନ୍ୟ ଦିନଚର୍ଯ୍ୟାରେ ଏହାର ଗତିବିଧି ଉପରେ ବାଧା ଉପୁଜେ ହୁଏ।"

ଡା. ରୀତା ସାହୁ

ଭୂ, ଅଗ୍ନି, ଜଳ, ଗଗନ, ସମୀର-ଏହି ପଞ୍ଚତତ୍ତ୍ୱରେ ଶରୀର ତିଆରି ହୋଇଛି। ପ୍ରକୃତିର ଏହି ପଞ୍ଚତତ୍ତ୍ୱର ପ୍ରୟୋଗ ଦ୍ୱାରା କରାଯାଉଥିବା ଚିକିତ୍ସାକୁ ପ୍ରାକୃତିକ ଚିକିତ୍ସା କୁହାଯାଏ। ପୃଥିବୀ ତତ୍ତ୍ୱରୁ ଉତ୍ପନ୍ନ ମାଟି, ଅଗ୍ନି/ତାପ ବା ସୂର୍ଯ୍ୟକିରଣର ଚିକିତ୍ସା, ଜଳ ତତ୍ତ୍ୱ ଦ୍ୱାରା



ଜଳ ଚିକିତ୍ସା, ଗଗନ ତଥା ସମୀର ଦ୍ୱାରା ଆହାର ବିହାର ଚିକିତ୍ସାକୁ ପ୍ରାକୃତିକେ ଚିକିତ୍ସା କୁହାଯାଏ। ପ୍ରାକୃତିକ ଉପଚାର ନିରାପଦ ହୋଇଥାଏ ଏବଂ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ। ଗଣ୍ଠି ବିନ୍ଧିବା ବା ଦରଜ ହେବା ବୃଦ୍ଧାବସ୍ଥାରେ ଏକ ସାଧାରଣ ସମସ୍ୟା, ଠିକ୍ ଯେମିତି ବୃଦ୍ଧାବସ୍ଥା ଆମ ଜୀବନର ଏକ ନିଶ୍ଚିତ ଭାଗ। ବୃଦ୍ଧମାନଙ୍କୁ ସବୁବେଳେ ଗଣ୍ଠି ପୀଡ଼ା ବିଷାଦଗ୍ରସ୍ତ କରାଏ। ଏହା ଛୋଟ ଗଣ୍ଠି ହୋଇପାରେ ବଡ଼ ଗଣ୍ଠି ବି ହୋଇପାରେ। ଚିକିତ୍ସା ଦୃଷ୍ଟିରୁ ଯଦି ଦେଖାଯାଏ ତେବେ ଗଣ୍ଠିପୀଡ଼ାର କେତେକ କାରଣ ହୋଇପାରେ। ଏହା ସନ୍ଧିବାତ, ଆମବାତ, ଗଣ୍ଠିବାତ, ଗଠିଆ ହୋଇଥାଏ। ଆୟୁର୍ବେଦ ଅନୁସାରେ ବୃଦ୍ଧାବସ୍ଥାରେ ବାତ ପ୍ରାଧାନ୍ୟ ହୋଇଥାଏ ତଥା ହାଡ଼ ଏବଂ ଏହାର ଅନ୍ୟାନ୍ୟ ସନ୍ଧିରେ ବାତର ସଞ୍ଚରଣ ବିଶେଷ ସ୍ଥାନ ନେଇଥାଏ। ବୃଦ୍ଧାବସ୍ଥାରେ ବା ବୟସ ବଢ଼ିବା ସଙ୍ଗେ ସଙ୍ଗେ ହାଡ଼ରେ କିମ୍ବା ଗଣ୍ଠଗୁଡ଼ିକରେ ଅଧିକ ସମସ୍ୟା ଦେଖାଯାଏ ଏବଂ ଦରଜ ଓ ବିନ୍ଧାବିନ୍ଧି ଗମ୍ଭୀର ହୋଇଥାଏ। ସନ୍ଧିବାତ ବୃଦ୍ଧାବସ୍ଥାରେ ସାମାନ୍ୟ ସମସ୍ୟା। ବୟସ ବଢ଼ିବା ସଙ୍ଗେ ସଙ୍ଗେ ଅସ୍ଥି ସନ୍ଧିଗୁଡ଼ିକରେ ଘର୍ଷଣ ହୋଇ ଅସ୍ଥି କ୍ଷୟ ଏବଂ ଏହି ଘର୍ଷଣରେ ସାହାଯ୍ୟ କରୁଥିବା ତରଳ ପଦାର୍ଥ ଧୀରେ ଧୀରେ କମ୍ ହୋଇ ଫଳସ୍ୱରୂପ ସନ୍ଧିଗୁଡ଼ିକୁ ଶୁଷ୍କ କରି ଦେଇଥାଏ। ପରିଣାମ ସ୍ୱରୂପ ଚଲାବୁଲା କଲେ କଷ୍ଟ ହୁଏ ଏବଂ ସାମାନ୍ୟ ଦିନଚର୍ଯ୍ୟାରେ ଏହାର ଗତିବିଧି ଉପରେ ବାଧା ଉପୁଜେ ହୁଏ। ଗଣ୍ଠି ପୀଡ଼ା ଏବଂ ଦରଦ ନିବାରଣ ଏବଂ ନିୟନ୍ତ୍ରଣ ହେତୁ ନିମ୍ନବର୍ଣ୍ଣିତ ପ୍ରାକୃତିକ ଉପାୟକୁ ସଫଳତା ପୂର୍ବକ ପ୍ରୟୋଗ କରାଯାଇଥାଏ।

**ଆହାର ବ୍ୟବସ୍ଥା:** ପୌଷ୍ଟିକ ଏବଂ ସନ୍ତୁଳିତ ଆହାର ପ୍ରତ୍ୟେକ ବ୍ୟକ୍ତି ପାଇଁ ମହତ୍ତ୍ୱପୂର୍ଣ୍ଣ। ବିଶେଷତଃ ଯେତେବେଳେ ଶରୀର ରୋଗଗ୍ରସ୍ତ ତଥା ଅନାବଶ୍ୟକ ରୂପେ ପୀଡ଼ିତ ହୋଇଥାଏ ଏବଂ ଗଣ୍ଠି ପୀଡ଼ା ବଢ଼ି ବଢ଼ି ଚାଲିଥାଏ ସେତେବେଳେ ଦିନଚର୍ଯ୍ୟା ତଥା ଅନ୍ୟ ଗତିବିଧି ଉପରେ ଅନେକ ପ୍ରଭାବ ପଡ଼ିଥାଏ। ଯଦି ପ୍ରାରମ୍ଭରୁ ଆପଣ ନିଜ ଆହାର ବ୍ୟବହାର ପ୍ରତି ଧ୍ୟାନ ଦେଇଥାନ୍ତି ସେମାନେ ଏ ପ୍ରକାର ସ୍ଥିତିରୁ ଉତ୍ପନ୍ନ କଷ୍ଟରୁ ମୁକ୍ତି ପାଇଥାନ୍ତି। ଜଣେ ବ୍ୟକ୍ତି ସବୁବେଳେ ଭିନ୍ନ ଭିନ୍ନ ଆହାର ଗ୍ରହଣ କରିବା ଦରକାର। ଅର୍ଥାତ୍ ଭିନ୍ନ ଭିନ୍ନ ଚାଉଳ, ଭିନ୍ନ ଭିନ୍ନ ଡାଲି, ଭିନ୍ନ ଭିନ୍ନ ପରିବାର ପ୍ରୟୋଗ ଶରୀର ତତ୍ତ୍ୱକୁ ଭରପୂର ରଖିବାକୁ ଚେଷ୍ଟା କରିଥାଏ। ମାଂସ, ମାଛ, ଅଣ୍ଡା ଓ ଦୁଗ୍ଧ ଜାତୀୟ ଖାଦ୍ୟ ଅପେକ୍ଷାକୃତ କମ୍ କରିବା ଉଚିତ। ଯଦି ଆମବାତ ତେବେ ଚାଉଳ, ଦହି, ମାଖନ, ମଲାଇ ଆଦି କଫ୍‌ବର୍ଦ୍ଧକ ଖାଦ୍ୟ କମ୍ ଖାଇବା ଉଚିତ, ଯେତେ ସମ୍ଭବ ତ୍ୟାଗ କଲେ ଭଲ। ମାଛରେ ଓମେଗା-୩ ଯାହା ଫାଟି ଏସିଡ୍‌ରେ ଭରି ରହିଥାଏ ତାକୁ ଖାଇଲେ ସନ୍ଧିରେ ଥିବା ଫୁଲା କମ୍ ହୁଏ। ତେଣୁ ସପ୍ତାହକୁ ଦୁଇ ଥର ମାଛ ଖାଇପାରିବ। ପ୍ରତ୍ୟେକ ଦିନ ସେଓ ଖାଇବା ଉଚିତ। ସେଓରେ ଖଣିଜତତ୍ତ୍ୱ ଅତ୍ୟଧିକ ମାତ୍ରାରେ ମିଳିଥାଏ, ଯାହା ଅସ୍ଥି ଏବଂ ଗଣ୍ଠଗୁଡ଼ିକୁ ସୁସ୍ଥ ରଖିଥାଏ ଏବଂ ସୁସ୍ଥ ରଖିବା ପାଇଁ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପ୍ରତ୍ୟେକ ଦିନ ସେଓ ଖାଇଲେ କ୍ୟାଲସିୟମ କ୍ରିୟାଶୀଳତାରେ ଏହା ସହାୟକ ହୋଇଥାଏ। ଦେଖାଯାଏ ଯେ ଯେଉଁ ଶରୀରରେ ୧ ମି.ଗ୍ରା.ରୁ କମ୍ ବୋରୋନ୍ ଥାଏ ସେ ସନ୍ଧିବାତର କଷ୍ଟ ଅଧିକ ପାଇଥାଏ। ତେଣୁ ପ୍ରତ୍ୟେକ ଦିନ ସେଓ ଖାଇଲେ ସେଥିରୁ ମୁକ୍ତି ମିଳେ। ସେଓକୁ ଛାଡ଼ିଲେ ବ୍ରୋକୋଲି, ଶାଗ, ନାସ୍‌ପାତି, ଅଙ୍ଗୁର ଓ ଡାଲିରୁ ମଧ ବୋରୋନ୍ ମିଳିଥାଏ। ଗାଜରରୁ ଫସ୍‌ଫରସ୍ ପ୍ରଚୁର ମାତ୍ରାରେ ମିଳିଥାଏ ଏବଂ କ୍ୟାଲ୍‌ସିୟମକୁ କାର୍ଯ୍ୟକାରୀ କରାଇଥାଏ। ଖଟା ଫଳ ଖାଇଲେ ରକ୍ତବାହିନୀଗୁଡ଼ିକ ସତେଜ ରହିଥାନ୍ତି। ଏହାଦ୍ୱାରା ଯଦି ଫୁଲା ଥାଏ ତାହା କମି ସନ୍ଧିଗୁଡ଼ିକରେ ଦୃଢ଼ତା ଆସିଥାଏ। ରସୁଣ ଆମବାତ, ଗଣ୍ଠିଫୁଲା ବିନ୍ଧାବିନ୍ଧି ପାଇଁ ବହୁ ଉପକାରୀ। ଏହା ଭଲ ଭାବରେ ପାଚନ କରାଇଥାଏ, ତେଣୁ ଗଣ୍ଠିବାତରୁ ଆମକୁ ଆରାମ ମିଳେ। ନିୟମିତ ଅମୃତଭଣ୍ଡା ସେବନ ଦ୍ୱାରା ପାଚନ ଶକ୍ତି ସୁଦୃଢ଼ ହେବା ସହ ଭିଟାମିନ୍‌ର ମହତ୍ତ୍ୱପୂର୍ଣ୍ଣ ସ୍ରୋତ ସୁନିଶ୍ଚିତ ହୋଇଥାଏ। ଅନାର/ବେଦନା/ଡାଳିମ୍ବ ଶରୀରର ରକ୍ତବାହିନୀକୁ ମଜଭୁତ କରିଥାଏ। ଗହମ, ଯଅ, ବାଜରା ଆଦି ଭିଟାମିନ୍ 'ବି' ମଧ ମୁଖ୍ୟସ୍ରୋତ।

**ବିହାର ବ୍ୟବସ୍ଥା:** ନିୟମିତ ଶାରୀରିକ ବ୍ୟାୟାମ ଗଣ୍ଠିଗୁଡ଼ିକୁ ମଜଭୁତ କରିବା ସହ କାର୍ଯ୍ୟଦକ୍ଷତା ବଢ଼ାଇଥାଏ। ପ୍ରତିଦିନ ବ୍ୟାୟାମ କଲେ ଶରୀର ଭାର ନିୟନ୍ତ୍ରଣ ହୋଇଥାଏ। ନିୟମିତ ବ୍ୟାୟାମ ଦ୍ୱାରା ଗଣ୍ଠିଗୁଡ଼ିକର ଗତିବିଧି ବଢ଼ିଥାଏ ଏବଂ ପୀଡ଼ାରୁ ଆରାମ ମିଳେ। ମାଲିସ କରିବା ଦ୍ୱାରା ଗଣ୍ଠିବାତରୁ ମଧ ଆରାମ ମିଳେ। ସୋରିଷ ତେଲ, ଏରଣ୍ଡ ତୈଳର ପ୍ରୟୋଗରୁ ବହୁତ ଆରାମ ମିଳେ। ମାଲିସ ବିଭିନ୍ନ ପ୍ରକାର ଅଛି, ରଗଡ଼ି ରଗଡ଼ି ମାଲିସ୍ କରିବା, ଥପ୍‌ଥପାକରି ମାଲିସ କରିବା, ମୁଠିବନେଇ ମାଲିସ କରିବା ଆବଶ୍ୟକ ଅନୁଯାୟୀ ବ୍ୟବହାର କରାଯାଇଥାଏ।

**ଜଳ ଚିକିତ୍ସା:** ଜଳ ଚିକିତ୍ସା ଥଣ୍ଡା ଓ ଗରମ ପାଣିକୁ ନେଇ କରାଯାଇଥାଏ। ଗରମ ବାଷ୍ପ କିମ୍ବା ବରଫ ଦ୍ୱାରା ସେକ ଦେଇ ତ୍ୱଚାକୁ ସତେଜ କରି ପୁନଃ ଶକ୍ତି ସ୍ଥାପନ କରାଯାଏ। ପ୍ରାକୃତିକ ଚିକିତ୍ସାରେ ଜଳ ଚିକିତ୍ସା ଏକ ମୁଖ୍ୟ ଆଧାର। ଜଳ ଚିକିତ୍ସା ବାହ୍ୟ ଓ ଆଭ୍ୟନ୍ତର ଉଭୟ ଭାବରେ କରାଯାଇଥାଏ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଗଣ୍ଠି ପୀଡ଼ାରେ ମାଟିର ଲେପ, ବାଲିର ସେକ ଇତ୍ୟାଦି ପ୍ରୟୋଗ କରାଯାଇଥାଏ।

ଆଜିକାଲି ବିଭିନ୍ନ ପ୍ରକାର ଚିକିତ୍ସା ପଦ୍ଧତି ଅବଲମ୍ବନ କରାଯାଉଛି। ଅପରେଶନ କରିବା, ବତା ବାନ୍ଧିବା, ଆଣ୍ଠୁରେ ଇଞ୍ଜେକ୍‌ସନ ନେବା, ଦୈନିକ ଇଞ୍ଜେକ୍‌ସନ ନେବା, ଔଷଧ ଖାଇବା, ସେକଦେବା, ଜଳ ଚିକିତ୍ସା, ମାଟି ଚିକିତ୍ସା, ଧାତବ ଚିକିତ୍ସା, ନେଚୁରୋପାଥି, ହୋମିଓପାଥି, ଜଡ଼ିବୁଟି ଚିକିତ୍ସା, ଆୟୁର୍ବେଦ ଚିକିତ୍ସା ଓ ସର୍ବୋପରି ଆଧୁନିକ ଚିକିତ୍ସା ବ୍ୟବହାର କରାଯାଇଛି। କିନ୍ତୁ ପୂର୍ଣ୍ଣ ଭାବରେ ଭଲ ହେଉ ନାହିଁ ଏବଂ ରୋଗୀସଂଖ୍ୟା ବଢ଼ିବାରେ ଲାଗିଛି। ରୋଗର ପ୍ରବଳତା ଓ କଷ୍ଟ ପାଇଁ ମଣିଷ ପାଖରେ ଧୈର୍ଯ୍ୟ ନାହିଁ। ସେ ଏ ଡାକ୍ତର ପାଖରୁ ସେ ଡାକ୍ତର, ଏ ପ୍ରଣାଳୀଠାରୁ ସେ ପ୍ରଣାଳୀ ଏମିତି ଧାଁ ଧଉଡ଼ କରି ରୋଗର ପ୍ରବଳତା ବଢ଼ାଇବାରେ ଲାଗିଛନ୍ତି। ରୋଗର ପ୍ରାରମ୍ଭରେ ଯଦି ପ୍ରାକୃତିକ ଚିକିତ୍ସା ବା ଆୟୁର୍ବେଦ ଚିକିତ୍ସା ଅବଲମ୍ବନ କରାଯାଏ ତେବେ ଉପକାର ମିଳିଥାଏ। ଏହି ପଞ୍ଚତତ୍ତ୍ୱାଧୀନ ଚିକିତ୍ସା ଗଣ୍ଠିବାତକୁ ନିୟନ୍ତ୍ରଣ କରିପାରିଥାଏ। ଯାହାଦ୍ୱାରା ଗଣ୍ଠି ବଦଳାଇବାର ମଉକା ନ ଆସେ। ତେଣୁ ଯେଉଁମାନେ ଗଣ୍ଠିବିନ୍ଧା (ଆର୍ଥ୍ରାଇଟିସ୍)ରେ ପୀଡ଼ିତ ସେମାନେ ଧୀରସ୍ଥିର ଭାବରେ ନିର୍ଣ୍ଣୟ ନିଅନ୍ତୁ ଏବଂ ଠିକ୍ ଭାବରେ ଠିକ୍ ସମୟରେ ଠିକ୍ ଜାଗାରେ ଚିକିତ୍ସା କରାଇ ଉପକୃତ ହେବା ଉଚିତ। ଯାହା ସେମାନଙ୍କୁ ସୁସ୍ଥ ରହିବାକୁ ସାହାଯ୍ୟ କରିପାରେ।

- ୧୧୭, ମହାନଦୀ ବିହାର, କଟକ,
ମୋ : ୯୪୩୭୨୭୨୬୬୩

# ଯୋଗ କରୁଥିଲେ...

ନିଜର ଦୈନନ୍ଦିନ ଜୀବନ ତାଲିକାରେ ଯୋଗକୁ ଥରେ ସାମିଲ କରନ୍ତୁ ନା ! ତେବେ ଜାଣିପାରିବେ ଏହାର ସୁପ୍ରଭାବ ବିଷୟରେ ଆପେ ଜାଣିପାରିବେ। ହେଲେ ଯୋଗ କରିବା ପୂର୍ବରୁ କେତୋଟି ବିଷୟ ପ୍ରତି ନଜର ଦେବା ନିହାତି ଜରୁରୀ। ଜାଣନ୍ତୁ ସେ ସମ୍ପର୍କରେ...



- ଯୋଗ କରିବା ପୂର୍ବରୁ ନିଜର ଶାରୀରିକ ଫିଟ୍‌ନେସ୍ ପ୍ରତି ଦୃଷ୍ଟି ଦିଅନ୍ତୁ।
- ଯଦି ଯୋଗ ବିଷୟରେ ସବିଶେଷ ଜ୍ଞାନ ନାହିଁ ତେବେ ଯୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ସୂର୍ଯ୍ୟୋଦୟର ଅଧ ଘଣ୍ଟାଏ ପୂର୍ବରୁ କିମ୍ବା ଘଣ୍ଟାଏ ପରେ ଯୋଗ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିଥାଏ। କାରଣ ଏହି ସମୟରେ ପରିବେଶ ଅନେକାଂଶରେ ପ୍ରଦୂଷଣମୁକ୍ତ ଥାଏ।
- ଯୋଗ କରିବାବେଳେ ତରତର ହୁଅନ୍ତୁ ନାହିଁ। ଶାନ୍ତ ଏବଂ ଥଣ୍ଡା ମିଜାଜରେ ଯୋଗ କରନ୍ତୁ।
- ଗର୍ଭବତୀମାନେ ଡାକ୍ତରଙ୍କ ସହ ପରାମର୍ଶ କରି ଯୋଗ କରିବା ଆବଶ୍ୟକ।
- ଯୋଗ କରିବା ସମୟରେ ଗୋଟିଏ କଥା ପ୍ରତି ଅଧିକ ଦୃଷ୍ଟି ଦିଅନ୍ତୁ। ଏହି ସମୟରେ କାହାସହ କଥାବାର୍ତ୍ତା ହୁଅନ୍ତୁ ନାହିଁ।
- ଯୋଗ କରୁଥିବା ସମୟରେ ପାଟିବାଟେ ଶ୍ୱାସକ୍ରିୟା କରନ୍ତୁ ନାହିଁ।
- ସବୁବେଳେ ଏକ ସୁସ୍ଥ ତଥା ପ୍ରଦୂଷଣମୁକ୍ତ ପରିବେଶରେ ଯୋଗ କରନ୍ତୁ।
- ଯୋଗ କରିବାର ୧୦ ମିନିଟ୍ ପୂର୍ବରୁ ଗ୍ଲାସେ କିମ୍ବା ଦୁଇ ଗ୍ଲାସ ପାଣି ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଥାଏ।

## ସଂକ୍ଷେପରେ

### ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ମିଳିପାରେ ୩୦ ହଜାର କୋଟି

**ନୂଆଦିଲ୍ଲୀ,୧୬-୬:** ଅର୍ଥ ମନ୍ତ୍ରଣାଳୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପୁଞ୍ଜି ଆଧାରର ମୂଲ୍ୟାଙ୍କନ ଆରମ୍ଭ କରିଛି। ସେମାନଙ୍କର ସର୍ବନିମ୍ନ ପୁଞ୍ଜି ସର୍ତ୍ତ ପାଳନ କରିବାର ଆବଶ୍ୟକତା ରହିଛି। ଏଥିଲାଗି ସରକାର ନିୟମାନୁଯାୟୀ ସେମାନଙ୍କୁ ସହାୟତା କରିବାକୁ ଚାହୁଁଛନ୍ତି। ଚଳିତ ଆର୍ଥିକ ବର୍ଷରେ ସାଧାରଣ ବଜେଟରେ ସରକାର ଏଥିଲାଗି ୩୦ ହଜାର କୋଟି ଟଙ୍କାର ସହାୟତା ଉପଲବ୍ଧ କରିପାରନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଜୁଲାଇ ୫ରେ ନୂଆ ସରକାରଙ୍କ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ଦେଶର ଜିଡିପି ହାର ପ୍ରକାଶ ପାଇଛି। ଏହା ୬.୮% କୁ ଖସିଆସିଛି। ବଜେଟରେ ଆର୍ଥିକ ଅଭିବୃଦ୍ଧିକୁ ବଢ଼ାଇବାର ଆହ୍ୱାନ ରହିଛି। ବ୍ୟକ୍ତିଗତ ଏବଂ ବ୍ୟବସାୟିକ କାମ ଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପର୍ଯ୍ୟାପ୍ତ ପୁଞ୍ଜିର ଆବଶ୍ୟକତା ରହିଛି। ଋଣ ଚାହିଦା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏହାଛଡ଼ା ପିସିଏ ଅଧୀନରେ ଥିବା ୫ ଦୁର୍ବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ବାସେଲ-୩ ନିୟମ ଅନୁଯାୟୀ, ସର୍ବନିମ୍ନ ପୁଞ୍ଜି ଆବଶ୍ୟକତା ପୂରଣ କରିବାକୁ ହେବ। ଏଥିଲାଗି ପର୍ଯ୍ୟାପ୍ତ ଅର୍ଥର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ବ୍ୟାଙ୍କ ଅଫ୍ ବରୋଦା ଭଳି କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମିଶ୍ରଣ ପାଇଁ ସରକାର ବିଚାର କରୁଥିଲେ, ସେଥିପାଇଁ ମଧ ପର୍ଯ୍ୟାପ୍ତ ପୁଞ୍ଜିର ଆବଶ୍ୟକତା ହେବ। ଗତ ଆର୍ଥିକ ବର୍ଷରେ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ୧,୦୬,୦୦୦ କୋଟି ଟଙ୍କାର ପୁଞ୍ଜି ଉପଲବ୍ଧ କରାଇଛନ୍ତି।

### ପୁଞ୍ଜିବଜାରରେ ୧୧,୧୩୨ କୋଟି ଏଫ୍‌ପିଆଇ ନିବେଶ

**ମୁମ୍ବାଇ,୧୬-୬:** ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ଜୁନ୍‌ରେ ଅଦ୍ୟାବଧି ଘରୋଇ ପୁଞ୍ଜି ବଜାରରେ ୧୧,୧୩୨ କୋଟି ଟଙ୍କା ନିବେଶ କରିଛନ୍ତି। ଡିପୋଜିଟୋରୀ ପରିସଂଖ୍ୟାନରୁ ଏହା ସ୍ପଷ୍ଟ ହୋଇଛି। ପ୍ରାପ୍ତ ତଥ୍ୟ ଅନୁଯାୟୀ, ଜୁନ ୧୪ ତାରିଖ ସୁଦ୍ଧା ଏଫ୍‌ପିଆଇଙ୍କ ପକ୍ଷରୁ ଶେୟାରରେ ୧,୫୧୭.୧୨ କୋଟି ଟଙ୍କା ଏବଂ ଋଣ ବା ବଣ୍ଡ ବଜାରରେ ୯,୬୧୫.୬୪ କୋଟି ଟଙ୍କା ନିବେଶ କରାଯାଇଛି। ଗ୍ରୋ କେ'ର ମୁଖ୍ୟ ପରିଚାଳନା ଅଧିକାରୀ(ସିଓଓ) ହର୍ଷ ଜୈନଙ୍କ କହିବାନୁଯାୟୀ, ଭାଜପା ନେତୃତ୍ୱରେ ଏନ୍‌ଡିଏ ସରକାର ପୁନର୍ବାର କ୍ଷମତାକୁ ଫେରିବା ପରେ ବଣ୍ଡ ବଜାରରେ ଅର୍ଥ ପ୍ରବାହ ଦୃଢ଼ ହୋଇଛି। ଏହାବ୍ୟତୀତ ଡଲାର ମୁକାବିଲାରେ ଟଙ୍କାରେ ସ୍ଥିରତା ଆସିବା କାରଣରୁ ବଣ୍ଡ ବଜାରରେ ପୁଞ୍ଜି ଆସୁଛି। ଏଥିପୂର୍ବରୁ ଏଫ୍‌ପିଆଇଙ୍କ ପକ୍ଷରୁ ମେ'ରେ ୯୦୩୧.୧୫ କୋଟି, ଏପ୍ରିଲରେ ୧୬,୦୯୩ କୋଟି, ମାର୍ଚ୍ଚରେ ୪୫,୯୮୧ କୋଟି ଏବଂ ଫେବୃୟାରୀରେ ୧୧,୧୮୨ କୋଟି ଟଙ୍କା ନିବେଶ କରାଯାଇଛି।

### ଦେଶରେ ରହିଛି ଦରମା ସମସ୍ୟା: ପାଇ



**ବେଙ୍ଗାଲୁରୁ,୧୬-୬:** ଭାରତରେ ନିଯୁକ୍ତିର ସମସ୍ୟା ନାହିଁ, ବରଂ ଦରମାକୁ ନେଇ ସମସ୍ୟା ରହିଛି ବୋଲି ଇନ୍‌ଫୋସିସ୍‌ର ପୂର୍ବତନ ସିଏଫଓ ତଥା ଶୀର୍ଷ ନିବେଶକ ଟି.ଭି. ମୋହନଦାସ ପାଇ କହିଛନ୍ତି। ତାଙ୍କ ମତରେ ଦେଶରେ କମ୍ ଆୟ ହେଉଥିବା ନିଯୁକ୍ତି ସୃଷ୍ଟି ହେଉଛି, ଯାହାକୁ ଡିଗ୍ରୀଧାରୀ ଚାହୁଁନାହାନ୍ତି। ଦେଶରେ ପ୍ରକାଶ ପାଇଥିବା ବେକାରି ତଥ୍ୟକୁ ନେଇ ମଧ ସେ ପ୍ରଶ୍ନ ଉଠାଇଛନ୍ତି। ମିଡିଆ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, ଦେଶରେ ଭଲ ଚାକିରି ସୁଯୋଗ ସୃଷ୍ଟି ହେଉନାହିଁ। ୧୦-୧୫ ହଜାର ଟଙ୍କାର ଚାକିରି ସଂଖ୍ୟା ଅଧିକ। ଏହା ଡିଗ୍ରୀଧାରୀଙ୍କୁ ଆକର୍ଷିତ କରୁନାହିଁ। ସେ କହିଛନ୍ତି ଯେ, ଭାରତରେ ମଜୁରି ସମସ୍ୟା ରହିଛି, କାମ ସମସ୍ୟା ନାହିଁ। ଏହାଛଡ଼ା ଆଞ୍ଚଳିକ ତଥା ଭୌଗୋଳିକ ସମସ୍ୟା ମଧ ରହିଛି ବୋଲି ପାଇ ମତପ୍ରକାଶ କରିଛନ୍ତି। ଚାଇନା ଭଳି ଭାରତରେ ଶ୍ରମ ପ୍ରଧାନ ଉଦ୍ୟୋଗ ଆରମ୍ଭ ହେବା ଆବଶ୍ୟକ ଏବଂ ବନ୍ଦର ନିକଟରେ ଭିତ୍ତିଭୂମି ନିର୍ମାଣ ହେବା ଉଚିତ୍ ବୋଲି ସେ ପରାମର୍ଶ ଦେଇ କହିଛନ୍ତି। ନିଯୁକ୍ତି ପାଇବା ଲାଗି ଆଗ୍ରହୀ ଯୁବବର୍ଗଙ୍କ ଆକାଂକ୍ଷା ପୂରଣ କରିବାକୁ ହେଲେ ହାଇଟେକ ଗବେଷଣା ଏବଂ ଉନ୍ନୟନ ଦିଗରେ ଅଧିକ ନିବେଶ କରିବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଚାଇନାର ଉଦାହରଣ ଦେଇ ସେ କହିଛନ୍ତି ଯେ, ପଡ଼ୋଶୀ ଦେଶ ଶ୍ରମ ପ୍ରଧାନ ଉଦ୍ୟୋଗ ସ୍ଥାପନ କରି ବିଦେଶୀଙ୍କୁ ସେମାନଙ୍କ ଶ୍ରମର ବ୍ୟବହାର କରିବାକୁ ନିମନ୍ତ୍ରଣ କଲା। ଅନ୍ୟପକ୍ଷରେ ଭାରତ ଏଥିପ୍ରତି ଗୁରୁତ୍ୱ ଦେଲା ନାହିଁ। ଏ ଦିଗରେ ଆମର ଠିକ୍ ନୀତି ନାହିଁ ବୋଲି ପାଇ କହିଛନ୍ତି।

---

> ୨୦୨୧ ସୁଦ୍ଧା ୨୦୦ କୋଟି ଟଙ୍କାର ରାଜସ୍ୱ ଆୟ ଲକ୍ଷ୍ୟ ରହିଛି। ବିଦେଶରେ ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଇବା କାରଣରୁ ଏହା ସମ୍ଭବ ହେବ।
> – ଖ୍ରୀଷ୍ଟୋଫର ରିଚାର୍ଡ, ପ୍ରତିଷ୍ଠାତା ଏମ୍‌ଡି, ଜିଏସିଆର୍ ଟେକ୍ନୋଲୋଜିସ୍



> ବାସେଲ ନିୟମ ଅନୁଯାୟୀ ଆବଶ୍ୟକ ପୁଞ୍ଜି ପାଇଁ ଚଳିତ ଆର୍ଥିକ ବର୍ଷରେ ୫ ହଜାର କୋଟି ଟଙ୍କା ବଜାରରୁ ସଂଗ୍ରହ କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।
> – ପି.ଭି.ଭାରତୀ, ଏମ୍‌ଡି ତଥା ସିଇଓ, କର୍ପୋରେଶନ ବ୍ୟାଙ୍କ



# ୫୦ ଭାରତୀୟଙ୍କୁ ସୁଇଜରଲାଣ୍ଡର ନୋଟିସ

**ନୂଆଦିଲ୍ଲୀ,୧୬-୬**

**ସୁଇସ୍ ବ୍ୟାଙ୍କରେ କଳାଧନ**
- ମାର୍ଚ୍ଚରୁ ନୋଟିସ ଦେବା ଆରମ୍ଭ ହୋଇଛି
- ଭାରତ ସମେତ ବିଭିନ୍ନ ଦେଶକୁ କଳାଧନ ତଥ୍ୟ ଦେଉଛି ସୁଇଜରଲାଣ୍ଡ
- ୨ ଜଣଙ୍କ ନାମ ପ୍ରକାଶ କରାଯାଇଛି




ସ୍ୱିସ୍ ବ୍ୟାଙ୍କରେ ଅଘୋଷିତ ଅର୍ଥ(କଳାଧନ) ଲୁଚାଇ ରଖିଥିବା ଭାରତୀୟଙ୍କ ବିରୋଧରେ ଉଭୟ ସୁଇଜରଲାଣ୍ଡ ଏବଂ ଭାରତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆରମ୍ଭ କରିଛି। ସୁଇଜରଲାଣ୍ଡ ଅଧିକାରୀ ଏ ସମ୍ପର୍କରେ ଅତିକମ୍‌ରେ ୫୦ ଭାରତୀୟଙ୍କ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ସୂଚନା ଭାରତୀୟ ଅଧିକାରୀଙ୍କୁ ଦେବା ପୂର୍ବରୁ ସେମାନଙ୍କୁ ନୋଟିସ ଦେବା ଆରମ୍ଭ କରିଛନ୍ତି। ଏମାନଙ୍କ ମଧ୍ୟରେ ଜମିଜମା, ଆର୍ଥିକ ସେବା,ପ୍ରଯୁକ୍ତିଗତ, ଟେଲିକମ୍,ପେଣ୍ଟ, ଘରୋଇ ସାଜସଜ୍ଜା, କପଡ଼ା, ଇଞ୍ଜିନିୟରିଂ ସାମଗ୍ରୀ ଏବଂ ରତ୍ନ ଆଭୂଷଣ କ୍ଷେତ୍ରରେ କାରବାର କରୁଥିବା ବ୍ୟକ୍ତିବିଶେଷ ଓ କମ୍ପାନୀ ରହିଛନ୍ତି। ଏମାନଙ୍କ ମଧ୍ୟରେ କିଛି ଡମି ବା ଭୂତ କମ୍ପାନୀ ମଧ ରହିଛନ୍ତି। କଳାଧନ ରଖିବାର ମୁଖ୍ୟ ପେଣ୍ଟସ୍ଥଳ ବୋଲାଉଥିବା ଦେଶର ଛବିକୁ ବଦଳାଇବା ପାଇଁ ଏବେ ସୁଇଜରଲାଣ୍ଡ ଉଦ୍ୟମ ଆରମ୍ଭ କରିଛି। ଏହି କ୍ରମରେ ଏହା ଏବେ ନିଜ ଦେଶର ଆଇନରେ ପରିବର୍ତ୍ତନ ଆଣିଛି ଓ ନିୟମରେ ସୁଧାର କରୁଛି।

କଳାଧନ ସମ୍ପର୍କରେ ଚୁକ୍ତି ସ୍ୱାକ୍ଷର ପରେ ଏହା ବିଭିନ୍ନ ଦେଶକୁ ସମ୍ପୃକ୍ତ ଦେଶର ଆକାଉଣ୍ଟଧାରୀଙ୍କ ସମ୍ପର୍କରେ ତଥ୍ୟ ଦେବାକୁ ଆରମ୍ଭ କରିଛି। ୫୦ ଭାରତୀୟଙ୍କୁ ନୋଟିସ ଜାରି କରି ସେମାନଙ୍କୁ ଅପିଲ କରିବାର ଶେଷ ସୁଯୋଗ ଦେଇଛି ସୁଇଜରଲାଣ୍ଡ। ପ୍ରକାଶ ପାଇଥିବା ଗେଜେଟ ଅନୁସାରେ କେବଳ ମେ ୨୧ରେ ୧୧ ଭାରତୀୟଙ୍କୁ ନୋଟିସ ଜାରି କରାଯାଇଥିଲା। ଯେଉଁଥିରେ ଦୁଇଜଣଙ୍କ ସମ୍ପୂର୍ଣ୍ଣ ନାମ ପ୍ରକାଶ କରାଯାଇଥିଲା। ସେମାନେ ହେଲେ ୧୯୪୯ରେ କୃଷ୍ଣ ଭଗବାନ ରାମଚନ୍ଦ୍ର ଏବଂ ସେପ୍ଟେମ୍ବର ୧୯୭୨ରେ ଜନ୍ମିତ କଲ୍ପେଶ ହର୍ଷଦ କିନାରୀୱାଲା ରହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ନାମର ଆଦ୍ୟ ଅକ୍ଷର ଦର୍ଶାଯାଇଛି। ସେମାନେ ହେଲେ ୨୪ ନଭେମ୍ବର, ୧୯୪୪ରେ ଜନ୍ମିତ ଏଏସ୍‌ବିକେ, ଜୁଲାଇ ୯, ୧୯୪୪ରେ ଜନ୍ମିତ ଏବିକେଆଇ, ୨ନଭେମ୍ବର, ୧୯୮୩ରେ ଜନ୍ମଲାଭ କରିଥିବା ପିଏଏସ୍, ୨୨ ନଭେମ୍ବର, ୧୯୭୩ରେ ଜନ୍ମ ନେଇଥିବା ଆର୍‌ଏଏସ୍, ୨୭ ନଭେମ୍ବର,୧୯୪୪ରେ ଜନ୍ମ ନେଇଥିବା ଏପିଏସ୍, ୧୪ ଅଗଷ୍ଟ, ୧୯୪୯ରେ ଜନ୍ମିତ ଏଡିଏସ୍, ୨୦ ମେ', ୧୯୩୫ରେ ଜନ୍ମିତ ଏମଏଲ୍‌ଏ, ୨୧ ଫେବୃୟାରୀ, ୧୯୬୮ରେ ଜନ୍ମିତ ଏନ୍‌ଏମ୍‌ଏ ଓ ୨୭ ଜୁନ୍, ୧୯୭୩ରେ ଜନ୍ମିତ ଏମ୍‌ଏମ୍‌ଏ ସାମିଲ ହୋଇଛନ୍ତି। ୩୦ ଦିନ ଭିତରେ ବ୍ୟକ୍ତିଗତ ଭାବେ ଅଥବା ନିଜର ଅଧିକୃତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ନୋଟିସର ଜବାବ ଦେବା ସହିତ ଆବଶ୍ୟକୀୟ ଦସ୍ତାବିଜ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଟ୍ରେଡ୍ ୱାରରୁ ଭାରତକୁ ମିଳିବ ଫାଇଦା

## ଆମେରିକା, ଚାଇନାକୁ ୩୫୦ ସାମଗ୍ରୀ ରପ୍ତାନି ସୁଯୋଗ

**ନୂଆଦିଲ୍ଲୀ,୧୬-୬**

ଆମେରିକା ଓ ଚାଇନା ମଧ୍ୟରେ ଆରମ୍ଭ ହୋଇଥିବା ଟ୍ରେଡ୍ ୱାରର ଫାଇଦା ଉଠାଇ ଭାରତ କେମିକାଲ ଓ ଗ୍ରାନାଇଟ୍ ସମେତ ପ୍ରାୟ ୩୫୦ ପ୍ରକାର ସାମଗ୍ରୀ ଏହି ଦୁଇ ଦେଶକୁ ରପ୍ତାନି କରିପାରିବ ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଏହି ୩୫୦ରୁ ଊର୍ଦ୍ଧ୍ୱ ଉତ୍ପାଦ ମଧ୍ୟରୁ ଏଭଳି ୧୫୧ ରହିଛି, ଯାହା ଆମେରିକାରୁ ଚାଇନାକୁ ରପ୍ତାନି କରାଯାଇଥାଏ। ସେହିପରି ୨୦୩ ଉତ୍ପାଦ ରହିଛି, ଯାହା ଚାଇନାରୁ ଆମେରିକାକୁ ଆମଦାନୀ ହୋଇଥାଏ। ରିପୋର୍ଟରେ କୁହାଯାଇଛି ଯେ, ଉଭୟ ଆମେରିକା ଓ ଚାଇନା ଜଣେ ଅନ୍ୟର ଉତ୍ପାଦ ଉପରେ ଭାରି ମାତ୍ରାରେ ଆମଦାନୀ ଶୁଳ୍କ ଆଦାୟ କରୁଛି। ଏପରିସ୍ଥଳେ ଭାରତ ପାଇଁ ବଡ଼ ବଜାର ଖୋଲି ଯାଇଛି। ଏଥିରେ କୁହାଯାଇଛି ଯେ, ଭାରତ ଏଭଳି କିଛି ସାମଗ୍ରୀ ଚାଇନାକୁ ରପ୍ତାନି କରିପାରିବ, ଯାହାର ପୂର୍ବରୁ ବଜାର ରହିଛି। ଭାରତ ତମ୍ବା ପଥର, ରବର, ପେପର/ପେପରବୋର୍ଡ, ଭଏସ୍/ଡାଟା ପଠାଇବାରେ ଲାଗୁଥିବା ଯନ୍ତ୍ରପାତି, ପାଇପ, ଡିଜେଲ, ଏକ୍ସ-ରେ ଟ୍ୟୁବ୍ ଆଦି ଚାଇନାକୁ ପଠାଇପାରିବ। ସେହିପରି ଇଣ୍ଡଷ୍ଟ୍ରିଆଲ ଭାଲ୍ଭ,ଭଲ୍‌କାନାଇଜଡ ରବର,କାର୍ବନ ଏବଂ ଗ୍ରାଫାଇଟ ଇଲେକ୍ଟ୍ରୋଡ, ପ୍ରାକୃତିକ ମହୁ ଆଦିକୁ ଆମେରିକାକୁ ରପ୍ତାନି କରିହେବ। ଚାଇନାରେ ରପ୍ତାନି ବୃଦ୍ଧି କରି ସେଦେଶ ସହ ଥିବା ବାଣିଜ୍ୟ ନିଅଣ୍ଟ ପରିମାଣକୁ କମାଇପାରିବ। ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ଏହା ୫୦.୧୨ ବିଲିୟନ ଡଲାର ରହିଛି। ଫେଡେରେଶନ ଅଫ୍ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେଶନ ଅଧ୍ୟକ୍ଷ ଗଣେଶ କୁମାର ଗୁପ୍ତା କହିଛନ୍ତି ଯେ, ୨୦୧୮ରେ ଆମେରିକାରୁ ଭାରତକୁ ହେଉଥିବା ରପ୍ତାନି ୧୧.୨%ରେ ପହଞ୍ଚିଯାଇଛି। ସେହିପରି ଚାଇନାରୁ ରପ୍ତାନି ୩୧.୪% ରହିଛି। ଏହି ଦୁଇ ଦେଶରେ ଇଞ୍ଜିନିୟରିଂ ଓ ମେଶିନେରି କ୍ଷେତ୍ରରେ ଭାରତ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ସେ କହିଛନ୍ତି।

## ଯାନ ମୂଲ୍ୟ ବଢ଼ାଇ ପାରେ ହୋଣ୍ଡା କାର୍‌ସ

**ନୂଆଦିଲ୍ଲୀ,୧୬-୬**

ହୋଣ୍ଡା କାର୍‌ସ ଇଣ୍ଡିଆ ଆସନ୍ତା ମାସଠାରୁ ଏହାର ବିଭିନ୍ନ ମଡେଲ ଯାନ ଉପରେ ମୂଲ୍ୟ ବଢାଇବା ନେଇ ବିଚାର କରୁଛି। କମ୍ପାନୀ ଏହାର ବିଭିନ୍ନ ମଡେଲଗୁଡିକର ଦାମ୍ ୧.୨% ପର୍ଯ୍ୟନ୍ତ ବଢାଇପାରେ। ଇନ୍‌ପୁଟ ମୂଲ୍ୟ ବୃଦ୍ଧି ଏବଂ ସୁରକ୍ଷା ଫିଚର ସଂଯୋଗ ଯୋଗୁ ଏଭଳି ନିଷ୍ପତ୍ତି ନେଇ କମ୍ପାନୀ ବିଚାର କରୁଛି। ଏହା ପ୍ରିମିୟମ ହ୍ୟାଚ୍‌ବ୍ୟାକ୍ ବ୍ରିଓ ଠାରୁ ପ୍ରିମିୟମ ସେଡାନ ଆକର୍ଡ ହାଇବ୍ରିଡ ମଡେଲ ଯୋଗାଣ କରୁଛି। ଜୁଲାଇ ମାସଠାରୁ ମୂଲ୍ୟ ବୃଦ୍ଧି ନେଇ ବିଚାର ଚାଲିଥିବା କମ୍ପାନୀର ସେଲ୍‌ସ ମାର୍କେଟିଂ ବରିଷ୍ଠ ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋଏଲ କହିଛନ୍ତି। ଗତ କିଛି ମାସଧରି ଇନପୁଟ ଖର୍ଚ୍ଚ ବଢିଥିବା ବେଳେ ଏହାକୁ କମ୍ପାନୀ ନିଜ ଖର୍ଚ୍ଚରୁ ପରିଚାଳନା କରୁଛି ବୋଲି ସେ କହିଛନ୍ତି।

ବିଶ୍ୱକପ କ୍ରିକେଟ ପ୍ରଭାବ

## ବଡ଼ ସ୍କ୍ରିନ୍ ଟିଭି ବିକ୍ରି ୧୦୦% ବୃଦ୍ଧି

**ନୂଆଦିଲ୍ଲୀ,୧୬-୬**



କ୍ରିକେଟପ୍ରେମୀଙ୍କ ମଧ୍ୟରେ ଏବେ ବିଶ୍ୱକପ୍ କ୍ରିକେଟ ଜ୍ୱର ବଢ଼ିବାରେ ଲାଗିଛି। ଏଥିଯୋଗୁ ବଡ଼ ସ୍କ୍ରିନ୍ ଟିଭି ସେଟ୍‌ର ଚାହିଦା ବେଶ୍ ବଢ଼ିଥିବା ଦେଖାଯାଇଛି। ବର୍ଷା କାରଣରୁ ବିଶ୍ୱକପ୍‌ର କେତେକ ମ୍ୟାଚ୍ ରଦ୍ଦ ହୋଇଥିଲେ ହେଁ ଭାରତୀୟଙ୍କ ମଧ୍ୟରେ ବିଶ୍ୱକପ୍ କ୍ରିକେଟ ପ୍ରତି ଆକର୍ଷଣ ବେଶ୍ ବଢ଼ିବାରେ ଲାଗିଛି। ବିପୁଳ ସଂଖ୍ୟାରେ ଭାରତୀୟ ଦର୍ଶକ ଏବେ ହାଇଏଣ୍ଡ ଟିଭି ପ୍ରତି ଆକର୍ଷିତ ହେଉଛନ୍ତି। ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ କମ୍ପାନୀ ସୋନୀ, ସାମସଙ୍ଗ,ଏଲ୍‌ଜି ଏବଂ ପାନାସୋନିକର ବଡ଼ ସ୍କ୍ରିନ୍(୫୫ ଇଞ୍ଚ ବା ତତୋଧିକ)ର ଟିଭି ସେଟ୍ ବିକ୍ରି ଗତବର୍ଷ ତୁଳନାରେ ୧୦୦ ପ୍ରତିଶତ ବଢ଼ିଥିବା ଦେଖାଯାଇଛି। ଆଶ୍ଚର୍ଯ୍ୟର କଥା ଯେ, ବଡ଼ ସ୍କ୍ରିନ୍ ଟିଭି ସେଟ୍ ବିକ୍ରି କେବଳ ମହାନଗର ଅଥବା ବଡ଼ ସହର ମଧ୍ୟରେ ସୀମିତ ହୋଇ ରହିନାହିଁ। ଛୋଟ ସହରରେ ମଧ ଏଭଳି ଟିଭିର ଚାହିଦା ବେଶ୍ ବଢ଼ିଥିବା ଦେଖାଯାଇଛି। ବିଶ୍ୱକପ୍‌ର ନକ୍‌ଆଉଟ ମୁକାବିଲା ଆରମ୍ଭ ହେବା ମାତ୍ରେ ବଡ଼ ସ୍କ୍ରିନ୍ ଟିଭି ଚାହିଦା ଆହୁରି ବଢ଼ିବ ବୋଲି କମ୍ପାନୀଗୁଡ଼ିକ ଆଶାବ୍ୟକ୍ତ କରିଛନ୍ତି। କ୍ରିକେଟପ୍ରେମୀଙ୍କୁ ଆକର୍ଷିତ କରିବା ଲାଗି ଇଲେକ୍ଟ୍ରୋନିକ୍ସ କମ୍ପାନୀଗୁଡ଼ିକ ଆକର୍ଷଣୀୟ ଉପହାର ଘୋଷଣା କରୁଛନ୍ତି। ସୋନୀ ଇଣ୍ଡିଆ ବ୍ରାବିୟାର ବ୍ୟବସାୟିକ ମୁଖ୍ୟ ସଚିନ ରାୟ କହିଥିଲେ ଯେ, ବିଶ୍ୱକପ ମାତ୍ର ୧୦ ଦିନ ହେଲା ଆରମ୍ଭ ହୋଇଛି। ଏହାରି ଭିତରେ ୫୫ ଇଞ୍ଚ ଏବଂ ୪କେ ଟିଭି ସେଟ୍‌ର ଚାହିଦା ୧୦୦ ପ୍ରତିଶତ ବଢ଼ିଛି। ସାମସଙ୍ଗ ଇଣ୍ଡିଆର ବରିଷ୍ଠ ଉପାଧ୍ୟକ୍ଷ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବ୍ୟବସାୟ ମୁଖ୍ୟ ରାଜୀବ ଭୁଟାନୀଙ୍କ ମତରେ କ୍ୟୁଏଲ୍‌ଇଡି ଟିଭି ସହିତ ୫୫ ଇଞ୍ଚ ଓ ବଡ଼ ସ୍କ୍ରିନ୍‌ର ଟିଭି ଚାହିଦା ୫ଗୁଣା ବଢ଼ିଯାଇଛି। ସେହିପରି ପାନାସୋନିକ ଇଣ୍ଡିଆର ବ୍ୟବସାୟିକ ମୁଖ୍ୟ(ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ) ଶରତ ନାୟାର କହିନ୍ତନ୍ତି ଯେ, ପାର୍ବଣ ସିଜନ ପରେ ଖେଳ ସିଜନ କମ୍ପାନୀଙ୍କ ପାଇଁ ବଡ଼ ସୁଯୋଗ ଆଣିଦେଇଛି। ବିଶ୍ୱକପ କ୍ରିକେଟ କାରଣରୁ କମ୍ପାନୀର ବିକ୍ରି ୨୫% ବଢ଼ିବ ବୋଲି ଆଶାକରାଯାଉଛି। ଅନ୍ୟପକ୍ଷରେ ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ମୁଖପାତ୍ର କହିଛନ୍ତି ଯେ, ଥିନକ୍ୟୁ ଏଆଇ ସହିତ ସ୍ମାର୍ଟ ଟିଭି ଜରିଆରେ କମ୍ପାନୀ ୩୫% ବିକ୍ରି ବୃଦ୍ଧି ଆଶାକରୁଛି। ବିକ୍ରି ବେଶ୍ ବଢ଼ିଛି।

## ପିଏନ୍‌ବିର ନୂଆ ସିଏଲ୍‌ପିସି



**ଭୁବନେଶ୍ୱର,୧୬-୬**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ସ୍ଥାନୀୟ ଜୟଦେବ ବିହାରଠାରେ ନୂଆ କେନ୍ଦ୍ରୀକୃତ ଋଣ ପ୍ରୋସେସିଂ ସେଣ୍ଟର(ସିଏଲ୍‌ପିସି) ଶୁଭାରମ୍ଭ କରାଯାଇଛି। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଜୈୟ କୁମାର ଆଜାଦ ଏହାକୁ ଉନ୍ମୋଚନ କରିଥିଲେ। ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣ ଏବଂ ଗୋଟିଏ ଛାତ ତଳେ କ୍ରେଡିଟ ଆବଶ୍ୟକତା ପୂରଣ ଲାଗି ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଜାଦ କହିଛନ୍ତି। ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅଣରିଟେଲ ଋଣ ଏହି ସେଣ୍ଟରରେ ମଞ୍ଜୁର କରାଯିବା ସହ ନିୟନ୍ତ୍ରଣ କରାଯିବ। କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଚନ୍ଦର ଖୁରାନା, ମହାପ୍ରବନ୍ଧକ ଆର୍.ଏସ୍. ରାଠୋର, ମଣ୍ଡଳ ମୁଖ୍ୟ ଗଣପତ ଲାଲ ଏବଂ ଶାଖା ମୁଖ୍ୟ ଯୋଗିନ୍ଦର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଏଲ୍‌ଜି ପକ୍ଷରୁ କୁକିଂ କଣ୍ଟେଷ୍ଟ

**ଭୁବନେଶ୍ୱର,୧୬-୬(ବ୍ୟୁରୋ)**




ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ କୁକିଂ କଣ୍ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କମ୍ପାନୀ ଘରୋଇ ବଜାରରେ ୨୨ତମ ପୂର୍ତ୍ତି ପାଳନ କରୁଛି। ରଜପର୍ବ ଉପଲକ୍ଷେ ଏଭଳି ଏକ ପ୍ରତିଯୋଗିତା ଦ୍ୱିତୀୟ ବର୍ଷ ଲାଗି ଓଡିଶାରେ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମକୁ କମ୍ପାନୀର ଶାଖା ପ୍ରବନ୍ଧକ ମନୀଷ ସିଂଘଲ, ଆଞ୍ଚଳିକ ମାର୍କେଟିଂ ପ୍ରବନ୍ଧକ ଦେବାଶିଷ ମିଶ୍ର, ଶାଖା ମାର୍କେଟିଂ ପ୍ରବନ୍ଧକ ବିଭୁ ମହାପାତ୍ର, ସ୍ୱାସ୍ଥ୍ୟ ବିଶେଷଜ୍ଞ ଅମରଜିତ ସ୍ୱାଇଁ ଏବଂ ସୁଜିତ ଦାସ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସିନେ ଅଭିନେତ୍ରୀ ଅନୀଷା ଶର୍ମା, ସିତଲ ପଟ୍ଟନାୟକ ଏବଂ ରାକ୍ଷୀ ଦାସ ଅତିଥି ଭାବେ ଯୋଗ ଦେବା ସହ ବିଚାରକ ରହିଥିଲେ। ଏଥିରେ ମୋଟ ୭୦ ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟ ପରେ ଚୂଡ଼ାନ୍ତ ପର୍ଯ୍ୟାୟକୁ ୨୦ ଏବଂ ଶେଷରେ ଭାଗ୍ୟଶାଳୀ ବିଜେତା ଘୋଷଣା କରାଯାଇଥିଲା। ଏହି ଅବସରରେ ଆଞ୍ଚଳିକ ମାର୍କେଟିଂ ପ୍ରବନ୍ଧକ ଦେବାଶିଷ ମିଶ୍ର କହିଛନ୍ତି ଯେ, ମାଇକ୍ରୋଓଭନ ବ୍ୟବହାର ଦ୍ୱାରା ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ବ୍ୟଞ୍ଜନ ପ୍ରସ୍ତୁତ ହୋଇପାରିବ। ଏହା ସ୍ୱଳ୍ପ ସମୟ ନେଉଥିବା ବେଳେ ଏହାକୁ ପ୍ରୋତ୍ସାହିତ କରାଯାଉଥିବା ସେ କହିଛନ୍ତି। ମାଇକ୍ରୋୱେଭ ବ୍ୟବହାର ସଚେତନତା ସୃଷ୍ଟି ଲାଗି ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଶାଖା ପ୍ରବନ୍ଧକ ମନୀଷ ସିଂଘଲ କହିଛନ୍ତି।

ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲା

## ସେବି ଯାଞ୍ଚ ଘେରରେ ରେଟିଂ ଏଜେନ୍ସି, ଅଡିଟର

**ନୂଆଦିଲ୍ଲୀ,୧୬-୬**

ଇନଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡଏଫ୍‌ଏସ୍)ରେ ହୋଇଥିବା ଆର୍ଥିକ ଅନିୟମିତତା ମାମଲାରେ କମ୍ପାନୀର ମ୍ୟାନେଜମେଣ୍ଟ, ରେଟିଂ ଏଜେନ୍ସି, ଅଡିଟରଙ୍କ ସମ୍ପର୍କରେ ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ(ସେବି) ଯାଞ୍ଚ କରୁଛି। ଏମାନଙ୍କ ବିରୋଧରେ ସେବି ପକ୍ଷରୁ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଉପରୋକ୍ତ ଅଧିକାରୀମାନେ ଆର୍ଥିକ ଅନିୟମିତତାରେ ସମ୍ପୃକ୍ତ ଥିବା ପ୍ରମାଣ ମିଳିଛି। ସେମାନେ କ୍ଷୁଦ୍ର ଶେୟାରଧାରୀଙ୍କ ହିତକୁ ଅଣଦେଖା କରି ନିୟମ ବହିର୍ଭୂତ କାର୍ଯ୍ୟ କରିଥିବା ଜଣାପଡିଛି। ନିୟାମକଙ୍କ ପକ୍ଷରୁ ତାଲିକାଭୁକ୍ତ କେତେକ କମ୍ପାନୀର ଭୂମିକା ସମ୍ପର୍କରେ ଯାଞ୍ଚ କରାଯାଉଛି। ପୂର୍ବରୁ ଋଣ ଫେରସ୍ତ କରି ନ ଥିବା କମ୍ପାନୀଗୁଡ଼ିକୁ ପୁନରାୟ ଋଣ ଦିଆଯାଇଥିବାର ପ୍ରମାଣ ମିଳିଛି। ଫଳରେ ଆଇଏଲ୍‌ଆଣ୍ଡଏଫ୍‌ଏସ ସଙ୍କଟଗ୍ରସ୍ତ ହେଲା ବୋଲି ସେ କହିଛନ୍ତି।

# ଘରୋଇ ପେସାଦାର ସମ୍ଭାଳିବେ ରେଲୱେ ପ୍ରଚାର ଅଭିଯାନ

**ନୂଆଦିଲ୍ଲୀ,୧୬-୬**

- ୧୭ ପେସାଦାରଙ୍କୁ ଦିଆଯିବ ନିଯୁକ୍ତି
- ପ୍ରତି ଜୋନ୍‌ରେ ସ୍ୱତନ୍ତ୍ର ଟିମ୍
- ପ୍ରତି ଟିମ୍ ପାଇଁ ବାର୍ଷିକ ଖର୍ଚ୍ଚ ୨ କୋଟି
- ସୋସିଆଲ ମିଡିଆ ପାଇଁ ତିଆରି ହେବ ରଣନୀତି



ଭାରତୀୟ ରେଲୱେର ପ୍ରଚାର ଅଭିଯାନ(ପବ୍ଲିସିଟି କ୍ୟାମ୍ପେନ)ର ନୂଆ କଳେବର ହେବାକୁ ଯାଉଛି। ଏଥିଲାଗି ୧୭ ଘରୋଇ ପେସାଦାରଙ୍କୁ ନିଯୁକ୍ତ କରାଯିବ। ପ୍ରତି ଜୋନ୍ ଲାଗି ଗୋଟିଏ ଲେଖାଏ ଟିମ୍ ଗଠନ ହେବ, ଯେଉଁଥିରେ ଜଣେ ଟିମ୍ ଲିଡରଙ୍କ ସହିତ ସୋସିଆଲ ମିଡିଆ ମ୍ୟାନେଜର, କଣ୍ଟେଣ୍ଟ ଆନାଲିଷ୍ଟ, କଣ୍ଟେଣ୍ଟ ରାଇଟର ଏବଂ ଭିଡିଓ ଏଡିଟରଙ୍କ ଭଳି ଟେକ୍ନିକାଲ ବିଶେଷଜ୍ଞ ସାମିଲ ହେବେ। ଗୋଟିଏ ଟିମ୍ ପାଇଁ ବାର୍ଷିକ ୨ କୋଟି ଟଙ୍କା ଖର୍ଚ୍ଚ ହେବ।

ବର୍ତ୍ତମାନ ରେଲୱେର ପ୍ରଚାର ଅଭିଯାନ ଲାଗି ୧୮ ଜୋନ୍‌ରେ ୭୦ ଅଧିକାରୀ କାମ କରୁଛନ୍ତି। ରେଲୱେର ଚିଫ୍ ପବ୍ଲିକ୍ ରିଲେସନ୍ସ ଅଫିସର(ସିପିଆର୍‌ଓ) ଏମାନଙ୍କୁ ଗାଇଡ୍‌ଲାଇନ୍ ଜାରି କରନ୍ତି। ନିଜ ନିଜ ଜୋନ୍‌ରେ ନିଯୁକ୍ତ ହେବାକୁ ଥିବା ସମସ୍ତ ଘରୋଇ ପେସାଦାର ସିପିଆର୍‌ଓଙ୍କ ଅଧୀନରେ କାର୍ଯ୍ୟ କରିବେ। ରେଲୱେ ବୋର୍ଡର ଜଣେ ଅଧିକାରୀ କହିଛନ୍ତି ଯେ, ସୋସିଆଲ ମିଡିଆ ଯେପରିକି ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ୍ ଭଳି ପ୍ଲାଟଫର୍ମ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ। ରେଲୱେ ସମ୍ପର୍କିତ କୌଣସି ଅଭିଯୋଗ ମିଳିଲେ, ଏହି ଟିମ୍ ଏହାର ସମାଧାନ କରିବାରେ ନିଜର ଭୂମିକା ନିର୍ବାହ କରିବ। ସମସ୍ତ ଟିମ୍‌କୁ ନିଜର ମାସିକ ତଥା ତ୍ରୈମାସିକ କାର୍ଯ୍ୟାବଳୀ ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କୁ ରିପୋର୍ଟ ଦେବାକୁ ହେବ। ପ୍ରତ୍ୟେକ ଟିମ୍ ନିଜ ଜୋନ୍‌ରେ ଏକ ଡ୍ୟାଶ୍‌ବୋର୍ଡ ତିଆରି କରିବେ। ଏହି ଡ୍ୟାଶ୍‌ବୋର୍ଡରେ ନୂଆ ନ୍ୟୁଜ୍ ଆର୍ଟିକିଲ୍ ଏବଂ ଟିଭିରେ ଚାଲୁଥିବା କ୍ଲିପ୍‌ର ଅନ୍‌ଲାଇନରେ ଦର୍ଶାଇବାକୁ ହେବ। ପ୍ରତ୍ୟେକ ଟିମ୍‌ର ଡ୍ୟାଶ୍‌ବୋର୍ଡ ତିଆରି କରିବା ଲାଗି ୩ରୁ ୫ ଲକ୍ଷ ଟଙ୍କା ବ୍ୟୟ କରାଯିବ। ସେ କହିଛନ୍ତି ଯେ, ରେଲୱେରେ ଏବେ ଘରୋଇ ଏଜେନ୍ସି ପ୍ରଚାର ଅଭିଯାନରେ ସାମିଲ ହୋଇଛନ୍ତି। ଏବେ ଏହି ପ୍ରକ୍ରିୟାକୁ ନୂଆ ରୂପ ଦିଆଯାଉଛି। ଏହି ଟିମ୍ ସୋସିଆଲ ମିଡିଆକୁ ହ୍ୟାଣ୍ଡେଲ କରିବେ। ପ୍ରଚାର ଅଭିଯାନରେ ମିଡିଆକୁ ସହାୟତା କରିବା ସହିତ ଏହି ଟିମ୍ ମିଡିଆ ରିପୋର୍ଟର ଆକଳନ ମଧ କରିବ ବୋଲି ସେ କହିଛନ୍ତି।

## ସାମ୍‌ସଙ୍ଗର ନୂଆ ଗାଲାକ୍ସି ଏମ୍‌୪୦

**ନୂଆଦିଲ୍ଲୀ,୧୬-୬**




ପ୍ରମୁଖ କମ୍ପାନୀ ସାମ୍‌ସଙ୍ଗ ପକ୍ଷରୁ ନୂଆ ଗାଲାକ୍ସି ଏମ୍‌୪୦ ମଡେଲ ବଜାରକୁ ଆସିଛି। ଏଥିରେ ୬.୩ ଇଞ୍ଚ ଏଫ୍‌ଏଚ୍‌ଡି ଇନଫିନିଟି ଓଡିସ୍ପଲେ, ଶକ୍ତିଶାଳୀ ସ୍ନାପଡ୍ରାଗନ ୬୭୫ ଅକ୍ଟାକୋର ପ୍ରୋସେସର, ଟ୍ରିପଲ ରିୟର କ୍ୟାମେରା ଭଳି ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ଯୁବବର୍ଗଙ୍କୁ ଧ୍ୟାନରେ ରଖି ଏହି ମଡେଲଟିକୁ ପ୍ରସ୍ତୁତ କରାଯାଇଛି। ଘରୋଇ ବଜାରର ଆବଶ୍ୟକତାକୁ ଉପଲବ୍ଧି କରି ଏଭଳି ମଡେଲ ଶୁଭାରମ୍ଭ କରାଯାଇଥିବା ସାମ୍‌ସଙ୍ଗ ଇଣ୍ଡିଆର ବରିଷ୍ଠ ଉପସଭାପତି ଅସୀମ ୱାରସୀ ସୂଚନା ଦେଇଛନ୍ତି।

# ପାକ୍ ବିପକ୍ଷରେ ଭାରତର ବୃହତ୍ ବିଜୟ



**ମାଞ୍ଚେଷ୍ଟର, ୧୬।୬(ପି.ଟି.)**

ଚଳିତ ଆଇସିସି ବିଶ୍ୱକପର ରବିବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ମହା ମୁକାବିଲାରେ ଭାରତର ବିଜୟ ଧ୍ୱଜା ଉଡ଼ିଛି। ରୋହିତ ଶର୍ମାଙ୍କ ଶତକ, ଅଧିନାୟକ ବିରାଟ କୋହଲି ଓ ଲୋକେଶ ରାହୁଲଙ୍କ ଅର୍ଦ୍ଧଶତକ ପରେ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ଭାରତକୁ ଏହି ବିଜୟ ଆଣି ଦେଇଛି। ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଅନୁଷ୍ଠିତ ହେଭିୱେଟ ମୁକାବିଲାରେ ଭାରତ ୮୯ ରନରେ ପାକିସ୍ତାନକୁ ପରାସ୍ତ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୩୬ ରନ କରିଥିଲା। ଜବାବରେ ପାକିସ୍ତାନ ୩୫ ଓଭରରେ ୧୬୬ ରନ ମଧ୍ୟରେ ୬ ଉଇକେଟ ହରାଇ ପରାଜୟ ଆଡ଼କୁ ମୁହାଁଉଥିବାବେଳେ ବର୍ଷା ହୋଇଥିଲା। ଖେଳ କିଛି ସମୟ ବନ୍ଦ ରହିବାପରେ ଡକ୍‌ୱର୍ଥ ଲୁଇସ ନିୟମ ଲାଗୁ ହୋଇଥିଲା। ୪୦ ଓଭରରେ ପାକିସ୍ତାନ ସମ୍ମୁଖରେ ୩୦୨ ରନର ଟାର୍ଗେଟ ରଖା ଯାଇଥିଲା। ମାତ୍ର ପାକିସ୍ତାନ ଏହି ଓଭର ମଧ୍ୟରେ ୨୧୨ ରନ କରିବାକୁ ସକ୍ଷମ ହୋଇଥିଲା। ଏଥିସହ ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଭାରତର ଅପରାଜେୟ ରେକର୍ଡ ଅପରିବର୍ତ୍ତିତ ରହିଛି। ପୂର୍ବରୁ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ୬ଟି ଯାକ ମୁକାବିଲାରେ ଭାରତ ବିଜୟୀ ହୋଇଥିଲା। ଏବେ ଏହି ସଂଖ୍ୟା ୭ରେ ପହଞ୍ଚିଛି।

ମେଘୁଆ ପାଗ ଏବଂ ପିଚ୍‌ରେ ଅର୍ଦ୍ରତାକୁ ଦୃଷ୍ଟିରେ ରଖି ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ପାକିସ୍ତାନ। ମାତ୍ର ଏହି ମହା ମୁକାବିଲାରେ ଚାପର ବଶବର୍ତ୍ତୀ ହୋଇ ନ ଥିଲେ ଟିମ୍ ଇଣ୍ଡିଆର ଦୁଇ ଦକ୍ଷ ଓପନର। ଶିଖର ଧାୱନଙ୍କ ଅନୁପସ୍ଥିତିରେ ଏହି ମ୍ୟାଚରେ ରୋହିତ ଶର୍ମାଙ୍କ ଓପନିଂ ପାର୍ଟନର ହୋଇଥିଲେ ଲୋକେଶ ରାହୁଲ। ସୁଯୋଗର ଭରପୁର ସଦ୍‌ବ୍ୟବହାର କରିଥିଲେ ଏହି ଷ୍ଟାଇଲିଶ୍ ବ୍ୟାଟ୍ସମ୍ୟାନ। ଉଭୟ ରୋହିତ ଓ ରାହୁଲ ପାକ୍ ବୋଲରଙ୍କୁ ସଫଳତାର ସହିତ ମୁକାବିଲା କରି ଶତକୀୟ ଭାଗୀଦାରି ଗଢ଼ିବା ସହ ଭାରତର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ବିଶେଷ କରି ୩୪ ବଲ୍‌ରୁ ୫୦ ଓ ୮୫ ବଲ୍‌ରୁ ୧୦୦ ରନ ପୂରଣ କରି ପାକିସ୍ତାନ ବୋଲରଙ୍କ ପାଇଁ ଦୁଃସ୍ୱପ୍ନ ସାଜିଥିଲେ ରୋହିତ। ୨୪ତମ ଓଭରରେ ଯାଇ ପାକ୍ ବୋଲରମାନେ ଏହି ଯୋଡ଼ି ଭାଙ୍ଗିବାରେ ସକ୍ଷମ ହୋଇଥିଲେ। ୨୩.୫ ଓଭରରେ ଦଳୀୟ ସ୍କୋର ୧୩୬ ହୋଇଥିବାବେଳେ ରାହୁଲ ବ୍ୟକ୍ତିଗତ ୫୭ ରନ କରି ୱାହାବ ରିଆଜଙ୍କ ବଲ୍‌ରେ ବାବର ଆଜମଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୭୮ ବଲ୍‌ର ସମ୍ମୁଖୀନ ହୋଇଥିବା ରାହୁଲ ନିଜ ଇନିଂସ ମଧ୍ୟରେ ୩ ଚୌକା ଓ ୨ ଛକା ମାରିଥିଲେ। ଗୋଟିଏ ରନ୍‌ଆଉଟ ସୁଯୋଗ ଛାଡ଼ିଦେଲେ ରୋହିତ-ରାହୁଲ ଯୋଡ଼ି ଅତି ସୁନ୍ଦରଭାବେ ଭାରତୀୟ ଇନିଂସ ଗଢ଼ିଥିଲେ। ଅଧିନାୟକ ବିରାଟ କୋହଲି କ୍ରିଜରେ ଯୋଗ ଦେବାରେ ପାକିସ୍ତାନ ବୋଲରଙ୍କ ଦୁର୍ଦ୍ଦଶା ଅଧିକ ବଢ଼ିଥିଲା। ଦୁଇ ବ୍ୟାଟ୍ସମ୍ୟାନ ରନହାର ବଢ଼ାଇବା ସହ ଭାରତକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ଚମତ୍କାର ଖେଳୁଥିବା ରୋହିତ ଦଳୀୟ ସ୍କୋର ୩୮.୨ ଓଭରରେ ୨୩୪ ହୋଇଥିବାବେଳେ ହାସନ ଅଲୀଙ୍କ ବଲ୍‌ରେ ଏକ ସ୍କୁପ୍ ଶଟ୍ ଖେଳିବାକୁ ଯାଇ ୱାହାବ ରିଆଜଙ୍କ ହାତରେ ଧରା ପଡ଼ି ଯାଇଥିଲେ। କ୍ୟାରିୟରର ୨୪ତମ ଶତକ ହାସଲ କରିଥିବା ରୋହିତ ୧୧୩ଟି ବଲ୍‌ର ସମ୍ମୁଖୀନ ହୋଇ ୧୪ ଚୌକା ଓ ୩ ଛକା ସହାୟତାରେ ୧୪୦ ରନ ସ୍କୋର କରିଥିଲେ। ରୋହିତ ଓ କୋହଲି ଦ୍ୱିତୀୟ ଉଇକେଟରେ ୯୮ ରନ ଯୋଗ କରିଥିଲେ। ମିଡଲ ଅର୍ଡରରେ ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ରନ ସଂଗ୍ରହ ଚକ୍କରରେ ୧୯ ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୨୬ ରନକରି ଆଉଟ ହୋଇଯାଇଥିଲେ। ତେବେ କୋହଲି ଓ ପାଣ୍ଡ୍ୟାଙ୍କୁ ଯୋଡ଼ିରୁ ୫୧ ରନ ସଂଗୃହୀତ ହୋଇଥିଲା। ମହେନ୍ଦ୍ର ସିଂ ଧୋନୀ ବିଫଳ ହେବା ଦଳକୁ ଶକ୍ତ ଝଟ୍‌କା ଲାଗିଥିଲା। ସେ ମାତ୍ର ୧ ରନ କରି ଅମିରଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟରେ ଦ୍ରୁତତମ ୧୧,୦୦୦ ରନ ପୂରଣ କରିଥିବା ଅଧିନାୟକ ବିରାଟ ଭାରତ ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ। ୪୬.୪ ଓଭରରେ ଭାରତ ସ୍କୋର ୩୦୫/୪ ହୋଇଥିବାବେଳେ ବର୍ଷା ହୋଇଥିଲା। ଏଥିପାଇଁ ୧୫ ମିନିଟ ଖେଳ ବାଧାପ୍ରାପ୍ତ ହୋଇଥିଲା। ତେବେ ଓଭର ସଂଖ୍ୟା କମା ନ ଯାଇ ପୁଣି ଖେଳ ଆରମ୍ଭ ହୋଇଥିଲା। ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାରୁ ସମ୍ଭବତଃ ଏକାଗ୍ରତା ହରାଇଥିଲେ କୋହଲି। ସେ ୬୫ ବଲ୍‌ରୁ ୭ ଚୌକା ସହାୟତାରେ ୭୭ ରନ କରିଥିବାବେଳେ ଅମିରଙ୍କ ଏକ ବାଉନ୍ସରରେ ପରାସ୍ତ ହୋଇଥିଲେ। ଉଇକେଟ କିପର ସର୍ଫରାଜ ଅହମଦଙ୍କୁ କ୍ୟାଚ ଦେଇଥିବା ଅନୁଭବ କରି ସେ ପଡ଼ିଆ ବାହାରକୁ ଚାଲି ଯାଇଥିଲେ। ଅମ୍ପାୟରଙ୍କ ନିଷ୍ପତ୍ତିକୁ ଅପେକ୍ଷା ନ କରିବା ତାଙ୍କ ପାଇଁ ବଡ଼ ଭୁଲ ଥିଲା। ଅମ୍ପାୟର ଦ୍ୱନ୍ଦ୍ୱରେ ଥିବାର କିଛି କହି ନ ଥିଲେ। ରିପ୍ଲେରେ ବଲ୍ ବ୍ୟାଟ୍‌ରେ ବାଜି ନ ଥିବା ପରିଲକ୍ଷିତ ହୋଇଥିଲା। ସେତେବେଳକୁ ଦଳୀୟ ସ୍କୋର ୪୭.୪ ଓଭରରେ ୩୧୪ହୋଇଥିଲା। ଶେଷଭାଗରେ ବିଜୟ ଶଙ୍କର ଓ କେଦାର ଯାଦବ ଦ୍ରୁତ ରନ ସଂଗ୍ରହ କରି ନ ପାରିବାରୁ ଭାରତ ସ୍କୋର ୫୦ ଓଭରରେ ୩୩୬/୫ରେ ସୀମିତ ହୋଇଥିଲା। ବିଜୟ ଶଙ୍କର ୧୫ ବଲ୍‌ରୁ ୧୫(୧ ଚୌକା) ଓ କେଦାର ୮ ବଲ୍‌ରୁ ୯(୧ ଚୌକା) ରନ କରି ଅପରାଜିତ ରହିଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ଅମିର ୩ଟି ଏବଂ ହାସନ ଅଲୀ ଓ ୱାହାବ ରିଆଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୩୩୭ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ପାକିସ୍ତାନ ମାତ୍ର ୧୩ ରନରେ ଓପନର ଇମାମ-ଉଲ-ହକ୍‌ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇମାମ ୭ ରନ କରିଥିବାବେଳେ ବିଜୟ ଶଙ୍କରଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ଆଉଟ ହୋଇଥିଲେ। ଫକର ଜମନ ଓ ବାବର ଆଜମ ଦ୍ୱିତୀୟ ଉଇକେଟ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ି ଭାରତ ପାଇଁ ବିପଦ ସୃଷ୍ଟି କରିଥିଲେ। ମାତ୍ର ୨୪ତମ ଓଭରର ଶେଷ ବଲ୍‌ରେ ବାବର ଆଜମ୍‌ଙ୍କୁ କ୍ଲିନ ବୋଲ୍ଡ କରି ପ୍ରତୀକ୍ଷାର ଅବସାନ ଘଟାଇଥିଲେ ବାମହାତୀ ସ୍ପିନର କୁଲଦୀପ ଯାଦବ। ୫୭ ବଲ୍ ଖେଳିଥିବା ବାବର ୩ ଚୌକା ଓ ୧ ଛକା ସହାୟତାରେ ୪୮ ରନ ସ୍କୋର କରିଥିଲେ। ଫକର ଓ ବାବର ଦ୍ୱିତୀୟ ଉଇକେଟ ଭାଗୀଦାରିରେ ୧୦୪ ରନ ଯୋଗ କରିଥିଲେ। ବାବର ଆଉଟ ହେବାପରେ କ୍ରିଜ୍‌ରେ ଜମିରହିଥିବା ଫକରଙ୍କ ଉପରେ ରନ ହାର ବଢ଼ାଇବାର ଚାପ ପଡ଼ିଥିଲା। ଫଳରେ ସେ ଆଉ ଅଧିକ ସମୟ ତିଷ୍ଠି ନ ପାରି ବ୍ୟକ୍ତିଗତ ୬୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେ ୭୫ ବଲ୍ ଖେଳି ନିଜ ଇନିଂସ ମଧ୍ୟରେ ୭ ଚୌକା ଓ ୧ ଛକା ମାରିଥିଲେ। ଫକର ଆଉଟ ହେବାସହ ପାକିସ୍ତାନର ବିଜୟ ଆଶା ମଉଳିଥିଲା। ଆବଶ୍ୟକ ରନ ହାର କ୍ରମେ ବଢ଼ି ଚାଲିଥିବାରୁ ଦ୍ରୁତ ହାରରେ ରନ ସଂଗ୍ରହ ଜରୁରୀ ହୋଇ ପଡ଼ିଥିଲା। ଏହି ପରିସ୍ଥିତିରେ ମିଡଲ ଅର୍ଡରରେ ମହମ୍ମଦ ହାଫିଜ(୯) ଓ ଅଭିଜ୍ଞ ସୋଏବ ମଲିକ(୦)ଙ୍କ ବିଫଳତା ପାକିସ୍ତାନ ପାଇଁ ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଥିଲା। ହାଫିଜ୍‌ଙ୍କୁ ବିଜୟଶଙ୍କରଙ୍କ ହାତରେ କ୍ୟାଚ କରାଇ ଏବଂ ସୋଏବଙ୍କୁ କ୍ଲିନ ବୋଲ୍ଡ କରି ପାକିସ୍ତାନକୁ ଡବଲ୍ ଝଟ୍‌କା ଦେଇଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ଅଧିନାୟକ ସର୍ଫରାଜ ଅହମଦ ମଧ୍ୟ ଅଧିକ ସମୟ କ୍ରିଜରେ ରହିପାରି ନ ଥିଲେ। ସେ ୩୦ ବଲ୍‌ରୁ ମାତ୍ର ୧୨ ରନ କରି ବିଜୟଶଙ୍କରଙ୍କ ଦ୍ୱିତୀୟ ଶିକାର ବନିଥିଲେ। ୩୫ ଓଭର ବେଳକୁ ପାକିସ୍ତାନ ୬ ଉଇକେଟ ହରାଇ ୧୬୬ ରନ କରିଥିବାବେଳେ ବର୍ଷାଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ପରେ ୪୦ ଓଭରରୁ ୩୦୨ ରନ ଟାର୍ଗେଟ ହେବାରୁ ପାକିସ୍ତାନକୁ ୩୦ ବଲ୍‌ରେ ୧୩୬ ରନ ଆବଶ୍ୟକ ହେଉଥିଲା। ଯାହାକି ଅସମ୍ଭବ ଥିଲା। କାରଣ ପ୍ରତି ବଲ୍‌ରେ ଚୌକା ହେଲେବି ପାକିସ୍ତାନ ମ୍ୟାଚ ଜିତିବା ସମ୍ଭବ ନ ଥିଲା। ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି ପାଇଁ ଭୁବନେଶ୍ୱର କୁମାର ମାତ୍ର ୨.୪ ଓଭର ବୋଲିଂ କରି ପାରିଥିଲେ। ଏହା ଭାରତ ପାଇଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି।

ରୋହିତ ଶର୍ମା

## କୋହଲିଙ୍କ ଦ୍ରୁତ ୧୧,୦୦୦ ରନ

ମାଞ୍ଚେଷ୍ଟର, ୧୬।୬(ପି.ଟି.): ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ନିଜ ଜାଜ୍ଜ୍ୱଲ୍ୟମାନ କ୍ୟାରିୟରରେ ଆଉ ଏକ ସଫଳତା ଫର୍ଦ୍ଦ ଯୋଡ଼ିଛନ୍ତି। ବିଶ୍ୱର ଦ୍ରୁତତମ ବ୍ୟାଟ୍ସମ୍ୟାନଭାବେ ସେ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟରେ ୧୧,୦୦୦ ରନ ପୂରଣ କରିଛନ୍ତି। ଏ କ୍ଷେତ୍ରରେ ସେ ସଚିନ ତେନ୍ଦୁଲକରଙ୍କ ୧୭ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି। ଭାରତ-ପାକିସ୍ତାନ ମହା ମୁକାବିଲା ପୂର୍ବରୁ ଏହି ମାଇଲଖୁଣ୍ଟ ସ୍ପର୍ଶ କରିବାପାଇଁ କୋହଲି ୫୭ ରନ ଆବଶ୍ୟକ କରୁଥିଲେ। ସେ ୫୬ ରନ କରିଥିବାବେଳେ ୱାହାବ ରିଆଜଙ୍କ ବଲ୍‌କୁ ଚୌକା ମାରି ଏହି ସଫଳତା ପାଇଥିଲେ। ମ୍ୟାଚରେ କୋହଲି ୭୭ ରନ ସ୍କୋର କରିଥିଲେ। ସଚିନ ୨୦୦୨ ଜାନୁୟାରୀ ୨୮ରେ କାନପୁରଠାରେ ଇଂଲଣ୍ଡ ବିପକ୍ଷରେ ୧୧,୦୦୦ ରନର ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ଏଥିପାଇଁ ସେ ୨୮୪ ଦିନିକିଆଖେଳି ୨୭୬ ଇନିଂସର ସହାୟତା ନେଇଥିଲେ। ମାତ୍ର କୋହଲି ମାତ୍ର ୨୨୨ ଇନିଂସରେ ଏହି କ୍ଲବରେ ସାମିଲ ହୋଇଯାଇଛନ୍ତି। ବିଶ୍ୱ କ୍ରିକେଟରେ ୯ମ ଖେଳାଳିଭାବେ କୋହଲି ୧୧,୦୦୦ ରନ କ୍ଲବରେ ସାମିଲ ହୋଇଛନ୍ତି। ତାଙ୍କ ପୂର୍ବରୁ ତେନ୍ଦୁଲକର, କୁମାର ସଙ୍ଗକାରା, ରିକି ପଣ୍ଟିଂ, ସନଥ ଜୟସୂରିୟା, ମାହେଲା ଜୟବର୍ଦ୍ଧନେ, ଇଞ୍ଜାମାମ-ଉଲ-ହକ, ଜ୍ୟାକ୍ସ କାଲିସ ଓ ସୌରଭ ଗାଙ୍ଗୁଲି ଏହି କ୍ଲବର ସଦସ୍ୟ ଥିଲେ। ସଚିନ ଓ ଗାଙ୍ଗୁଲିଙ୍କ ପରେ ତୃତୀୟ ଭାରତୀୟ ଭାବେ ଏକଦିବସୀୟ ଅନ୍ତର୍ଜାତୀୟରେ କୋହଲି ୧୧,୦୦୦ ରନ ପୂରଣ କରିଛନ୍ତି।

**କମ୍ ଇନିଂସରେ ୧୧,000 ରନ**

- ୨୨୨: ବିରାଟ କୋହଲି
- ୨୭୬: ସଚିନ ତେନ୍ଦୁଲକର
- ୨୮୬: ରିକି ପଣ୍ଟିଂ
- ୨୮୮: ସୌରଭ ଗାଙ୍ଗୁଲି
- ୨୯୩: ଜ୍ୟାକ୍ସ କାଲିସ



## ସ୍କୋର ବୋର୍ଡ

**■ ଭାରତ ଇନିଂସ**

ରାହୁଲ-କ-ବାବର ଆଜାମ-ବୋ-ରିଆଜ୍-୫୭
ରୋହିତ-କ-ରିଆଜ-ବୋ-ହସନ ଅଲି-୧୪୦
କୋହଲି-କ-ସର୍ଫରାଜ-ବୋ-ଅମିର-୭୭
ହାର୍ଦ୍ଦିକ-କ-ବାବର-ବୋ-ଅମିର-୨୬
ଧୋନୀ-କ-ସର୍ଫରାଜ-ବୋ-ଅମିର-୧
ବିଜୟ୍ ଶଙ୍କର-ନଟଆଉଟ-୧୫
କେଦାର ଯାଦବ-ନଟଆଉଟ-୯
ଅତିରିକ୍ତ-୧୧
ମୋଟ: ୫୦ ଓଭରରେ ୩୩୬/୫।
ଉଇକେଟ ପତନ: ୧/୧୩୬, ୨/୨୩୪, ୩/୨୮୫, ୪/୨୯୮/୫/୩୧୪।

**■ ବୋଲିଂ (ପାକିସ୍ତାନ)**

ମହମ୍ମଦ ଅମିର ୧୦-୧-୪୭-୩
ହସନ ଅଲି ୯-୦-୮୪-୧
ୱାହାବ ରିଆଜ ୧୦-୦-୭୧-୧
ଇମାଦ ୱାସିମ ୧୦-୦-୪୯-୦
ଶାଦାବ ଖାଁ ୯-୦-୬୧-୦
ଶୋଏବ ମଲିକ ୧-୦-୧୧-୦
ମହମ୍ମଦ ହାଫିଜ୍ ୧-୦-୧୧-୦

**■ ପାକିସ୍ତାନ ଇନିଂସ**

ଇମାମ୍ ଉଲ ହକ୍-ଏଲ୍‌ବିଡବ୍ଲ୍ୟୁ-ବିଜୟ୍ ଶଙ୍କର-୭
ଫଖର ଜମାନ- କ-ଚହଲ-ବୋ-କୁଲ୍‌ଦୀପ-୬୨
ବାବର ଆଜାମ-ବୋ-କୁଲଦୀପ-୪୮
ମହମ୍ମଦ ହାଫିଜ୍-କ-ବିଜୟ୍ ଶଙ୍କର-ବୋ-ହାର୍ଦ୍ଦିକ-୯
ସର୍ଫରାଜ ଅହମ୍ମଦ-ବୋ-ବିଜୟ୍ ଶଙ୍କର-୧୨
ଶୋଏବ ମଲିକ-ବୋ-ହାର୍ଦ୍ଦିକ-୦
ଇମାଦ ୱାସିମ୍- ନଟ ଆଉଟ-୪୬
ଶାଦାବ ଖାଁ-ନଟଆଉଟ-୨୦
ଅତିରିକ୍ତ-୮
ମୋଟ (୪୦ ଓଭର, ୬ ଉଇକେଟ) ୨୧୨।
ଉଇକେଟ ପତନ: ୧/୧୩, ୨/୧୧୭, ୩/୧୨୬, ୪/୧୨୯, ୫/୧୨୯, ୬/୧୬୫।

**■ ବୋଲିଂ (ଭାରତ)**

ଭୁବନେଶ୍ୱର କୁମାର ୨.୪-୦-୮-୦
ଯଶପ୍ରୀତ୍ ବୁମ୍ରା ୮-୦-୫୨-୦
ବିଜୟ୍ ଶଙ୍କର ୫.୨-୦-୨୨-୨
ହାର୍ଦ୍ଦିକ ପାଣ୍ଡ୍ୟା ୮-୦-୪୪-୨
କୁଲଦୀପ ଯାଦବ ୯-୧-୩୨-୨
ଯୁଜବେନ୍ଦ୍ର ଚହଲ ୭-୦-୫୩-୦

ବିରାଟ କୋହଲି

## ମ୍ୟାଚ୍ ଅଧାରୁ ବାଦ୍ ପଡିଲେ ଭୁବନେଶ୍ୱର



ବୋଲିଂ ଅବସରରେ ଭୁବନେଶ୍ୱର କୁମାର ।

**ମାଞ୍ଚେଷ୍ଟର, ୧୬।୬(ପି.ଟି.)**

ପାକିସ୍ତାନ ବିପକ୍ଷ ମ୍ୟାଚ୍ ଅବସରରେ ଟିମ୍ ଇଣ୍ଡିଆକୁ ଜବରଦସ୍ତ ଝଟ୍‌କା ଲାଗିଥିଲା। ଦଳର ସିନିୟର ଦ୍ରୁତ ବୋଲର ଭୁବନେଶ୍ୱର କୁମାର ହାମଷ୍ଟ୍ରିଙ୍ଗ ଇଞ୍ଜୁରୀର ଶିକାର ହୋଇ ମ୍ୟାଚ୍ ଅଧାରୁ ବାଦ୍ ପଡିଥିଲେ। ନିଜର ତୃତୀୟ ଓଭର ଚତୁର୍ଥ ବଲ ପକାଇବା ପରେ ଭୁବନେଶ୍ୱର ଆହତ ହୋଇଥିଲେ। ଫଳରେ ସେ ଆଉ ବୋଲିଂ କରିପାରି ନ ଥିଲେ। ୨.୪ ଓଭର ବୋଲିଂ କରି ସେ ୮ ରନ ବ୍ୟୟ କରିଥିଲେ। ତଙ୍କ ବଦଳରେ ଦ୍ୱାଦଶ ଖେଳାଳି ରବୀନ୍ଦ୍ର ଜାଡେଜା ଫିଲ୍ଡିଂ କରିବାକୁ ପଡିଆକୁ ଆସିଥିଲେ। ଭୁବନେଶ୍ୱରଙ୍କ ଏହି ଓଭରର ବାକି ଦୁଇଟି ବଲ ବିଜୟ ଶଙ୍କର ପକାଇଥିଲେ। ପୂର୍ବରୁ ଶିଖର ଧାୱନ ଆହତ ହୋଇ ଅତିକମ୍‌ରେ ୩ଟି ମ୍ୟାଚ୍‌ରୁ ବାଦ୍ ପଡିଛନ୍ତି। ଯଦି ଭୁବନେଶ୍ୱର ସମ୍ପୂର୍ଣ୍ଣ ସୁସ୍ଥ ନ ହୁଅନ୍ତି ତେବେ ୨୨ ତାରିଖରେ ଖେଳାଯିବାକୁ ଥିବା ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ମହମ୍ମଦ ସାମି ଖେଳିବେ। ଯଦି ପରିସ୍ଥିତି ବେଶି ଖରାପ ହୁଏ ଓ ଭୁବନେଶ୍ୱର ବିଶ୍ୱକପ୍‌ରୁ ବାଦ ପଡନ୍ତି ତେବେ ଦଳ ସହ ଯାଇଥିବା ବ୍ୟାକ୍ ଅପ୍ ଦ୍ରୁତ ବୋଲର ଖଲିଲ ଅହମ୍ମଦ କାମଚଳା ଭୂମିକା ଗ୍ରହଣ କରିବେ।

## ଆଉଟ ହୋଇ ନ ଥିଲେ କୋହଲି

ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ଆଉଟ ହୋଇ ନ ଥିଲେ ମଧ୍ୟ ପ୍ୟାଭିଲିୟନ ଫେରିଯାଇଥିଲେ। ଟେଲିଭିଜନ ରିପ୍ଲେରୁ ସେ ଆଉଟ ହୋଇ ନ ଥିବା ଜଣାପଡିଥିଲା। ୭୭ ରନକରି ବ୍ୟାଟିଂ କରୁଥିବା ବେଳେ ୪୮ତମ ଓଭରରେ ମହମ୍ମଦ ଆମୀରଙ୍କ ଏକ ବାଉନ୍‌ସରକୁ କୋହଲି ପୁଲ କରିବାକୁ ଚେଷ୍ଟା କରିଥିଲେ ଓ ବଲକୁ ଉଇକେଟ କିପର ସର୍ଫରାଜ ଅହମ୍ମଦ ଧରିଥିଲେ। ପାକିସ୍ତାନ ଫିଲ୍ଡରମାନେ ଅପିଲ କରିଥିଲେ ମଧ୍ୟ ଅମ୍ପାୟର ମାର୍କସ ଏରାସମସ କିନ୍ତୁ ଏହାକୁ ଗ୍ରହଣ କରି ନ ଥିଲେ। ତେବେ ଏହା ପୂର୍ବରୁ ବଲ୍ ତାଙ୍କ ବ୍ୟାଟ୍‌ର ଏଜ୍ ନେଇଛି ବୋଲି ଭାବି କୋହଲି ପ୍ୟାଭିଲିୟନ ଫେରିଯାଇଥିଲେ। ଅମ୍ପାୟର ନିଷ୍ପତି ନେବା ପର୍ଯ୍ୟନ୍ତ ସେ ଅପେକ୍ଷା କରି ନ ଥିଲେ। ଡ୍ରେସିଂ ରୁମ୍‌ରେ କୋହଲି ଭିଡିଓ ଦେଖି ନିଜ ଭୁଲ ଜାଣିପାରିଲେ ଓ ନିରାଶ ହୋଇଥିବାର ଲକ୍ଷ୍ୟ କରାଯାଇଥିଲା। କୋହଲି ଆଉଟ୍ ହେବା ବେଳକୁ ଭାରତ ୩୧୪ ରନ ସଂଗ୍ରହ କରିଥିଲା।

**ଆଜିର ମ୍ୟାଚ୍**

ୱେଷ୍ଟଇଣ୍ଡିଜ
ବନାମ
ବାଂଲାଦେଶ

ସ୍ଥାନ
ଟଣ୍ଟନ
ସମୟ
ଅପରାହ୍ଣ ୩ଟା।

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

| ପାକିସ୍ତାନ ବିପକ୍ଷରେ ଭାରତର ରେକର୍ଡ |
|---|
| ୧୯୯୨ ବିଶ୍ୱକପ୍: ସିଡନୀରେ ଭାରତ ୪୩ ରନରେ ବିଜୟୀ |
| ୧୯୯୬ ବିଶ୍ୱକପ୍: ବେଙ୍ଗାଲୁରୁରେ ଭାରତ ୩୯ ରନରେ ବିଜୟୀ |
| ୧୯୯୯ ବିଶ୍ୱକପ୍: ମାଞ୍ଚେଷ୍ଟରରେ ଭାରତ ୪୭ ରନରେ ବିଜୟୀ |
| ୨୦୦୩ ବିଶ୍ୱକପ୍: ସେଞ୍ଚୁରିୟନରେ ଭାରତ ୬ ଉଇକେଟରେ ବିଜୟୀ |
| ୨୦୧୧ ବିଶ୍ୱକପ୍: ମୋହାଲିରେ ଭାରତ ୨୯ ରନରେ ବିଜୟୀ |
| ୨୦୧୫ ବିଶ୍ୱକପ୍: ଆଡିଲେଡରେ ଭାରତ ୭୬ ରନ୍‌ରେ ବିଜୟୀ |
| ୨୦୧୯ ବିଶ୍ୱକପ୍: ମାଞ୍ଚେଷ୍ଟରରେ ଭାରତ ୮୯ ରନ୍‌ରେ ବିଜୟୀ (ଡିଏଲ୍) |






ଦୁଇ କିମ୍ବଦନ୍ତୀ ଏକାଠି : ସଚିନ ତେନ୍ଦୁଲକର ଓ ୱାସିମ୍ ଆକ୍ରମ କରମର୍ଦ୍ଦନ କରୁଛନ୍ତି ।



ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଉପସ୍ଥିତ ଭାରତୀୟ ସମର୍ଥକ ।

## ମାଞ୍ଚେଷ୍ଟରରେ ମହୋତ୍ସବ



ଭାରତୀୟ ପ୍ରଶଂସକଙ୍କ ସହ ହରଭଜନ ସିଂଙ୍କ ସେଲ୍ଫି ।



ବୀରେନ୍ଦ୍ର ସେହ୍ୱାଗଙ୍କ ସହ ସେଲ୍ଫି ନେଉଛନ୍ତି ଅଭିନେତା ରଣବୀର ସିଂ ।



ଦୁଇ ପାକିସ୍ତାନ ଓ ଭାରତ ପ୍ରଶଂସକ ।



ଟିମ୍ ଇଣ୍ଡିଆ ସମର୍ଥକ ।

# ବର୍ଷା ଖଳନାୟକ

**କୁମାର ସଙ୍ଗକାରା**

ବହୁଚର୍ଚ୍ଚିତ ବ୍ରିଟେନର ଅସ୍ଥିର ପାଣିପାଗ ଚଳିତ ବିଶ୍ୱକପ୍‌ରେ ଗତ ସପ୍ତାହରେ ନିଜର ପ୍ରଭାବ ଜାହିର କରିଛି। ବର୍ଷା ସାଙ୍ଗକୁ ଥଣ୍ଡା ପବନ ଚଳିତ ଗ୍ରୀଷ୍ମକୁ ମଧ୍ୟ ପ୍ରଭାବିତ କରିବା ସହ କେତୋଟି ମ୍ୟାଚ୍‌କୁ ନଷ୍ଟ କରିଛି। ଫଳରେ ଭଲରେ ଆରମ୍ଭ ହୋଇଥିଲେ ମଧ୍ୟ ଟୁର୍ନାମେଣ୍ଟର ଗତିରେ ବର୍ଷା ବାଧକ ସାଜିଛି। ଚଳିତ ସପ୍ତାହ ଶେଷ ଆଡକୁ ପାଗ ସୁଧୁରି ଯିବ ବୋଲି ଆଶା କରାଯାଉଛି। ଏହି ଭିଜା ଗ୍ରୀଷ୍ମ ପାଇଁ ପରିସ୍ଥିତିରେ ବାଧା ଉପୁଜୁଛି ଓ କେତେକ ଦଳ ଅନ୍ୟ ଦଳ ଅପେକ୍ଷା ନକାରାତ୍ମକ ଭାବେ ପ୍ରଭାବିତ ହୋଇଛନ୍ତି।

ବଭିନ୍ନ ଭେନ୍ୟୁରେ ଡ୍ରେନେଜ ବ୍ୟବସ୍ଥାରେ ଭିନ୍ନତା ରହିଛି। ବ୍ରିଷ୍ଟଲରେ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ସୂର୍ଯ୍ୟକିରଣ ପଡିବା ସତ୍ତ୍ୱେ ବାତିଲ ହୋଇଥିଲା। ଆଉଟ୍ ଫିଲ୍ଡରେ କିଛି ସ୍ଥାନରେ ପାଣି ଜମି ରହିବା କାରଣରୁ ଏପରି ହୋଇଥିଲା। ଅନ୍ୟପଟେ ସାଉଥମ୍ପଟନରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ସପ୍ତାହ ସାରା ପ୍ରବଳ ବର୍ଷା ସତ୍ତ୍ୱେ ଖେଳାଯାଇଥିଲା। ପିଚ୍ କଣ୍ଡିସନ୍‌ରେ ଆଶ୍ଚର୍ଯ୍ୟଜନକ ଭିନ୍ନତା ଯୋଗୁ କେତେକ ଦଳ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ଭେନ୍ୟୁରେ ସବୁଜ ଓ ବାଦାମୀ ରଙ୍ଗର ପିଚ୍ ଦେଖିବାକୁ ମିଳିଛି। ତେଣୁ ବର୍ଷା ଏବେ ଟୁର୍ନାମେଣ୍ଟ ପାଇଁ ଏକ ପ୍ରକାର ବିପଦ ସୃଷ୍ଟି କରିଛି।

ବିଶ୍ୱକପ୍ ଭଳି ବିଶ୍ୱସ୍ତରୀୟ ଇଭେଣ୍ଟଗୁଡିକରେ ଏକ ୟୁନିଫର୍ମ ନ୍ୟାଚୁ୍ୟରାଲ ପିଚ୍ ନିହାତି ଆବଶ୍ୟକ ହୋଇଥାଏ। ତେବେ ଦୁର୍ଭାଗ୍ୟଜନକ ଭାବେ ଏଥର ବିଶ୍ୱକପ୍‌ରେ ଏହା ଦେଖିବାକୁ ମିଳିନାହିଁ। ତେଣୁ କେତକ ଦଳ ଏ ନେଇ ଅସନ୍ତୋଷ ଜାହିର କରିଥିଲେ ମଧ୍ୟ ଖୋଲାଖୋଲି କିଛି କହିନାହାନ୍ତି। ଶ୍ରୀଲଙ୍କା ଭଳି ପୂରା ପଡିଆକୁ କଭର କରା ନ ଯିବ ଲଜ୍ଜାଜନକ ବିଷୟ ହୋଇଛି। ଏଥିପାଇଁ ଅବଶ୍ୟ ବହୁସଂଖ୍ୟାରେ ଲୋକ ଆବଶ୍ୟକ। କ୍ରିକେଟକୁ ରକ୍ଷା କରିବା ପାଇଁ ଏହା ଏବେ ନିହାତି ଜରୁରୀ ହୋଇପଡିଛି। ବର୍ଷା ଭଳି ବାଧକକୁ ସାମ୍ନା କରିବାକୁ ପାଇଁ ଏଭଳି ବାସ୍ତବିକତାର ସମ୍ମୁଖୀନ ହେବାକୁ ପଡିବ।

ଶିଖର ଧାୱନ ଆହତ ହେବା ଭାରତ ପାଇଁ ଏକ ବଡ଼ ଝଟ୍‌କା ସଦୃଶ ହୋଇଛି। ବଡ଼ବଡ଼ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟୁର୍ନାମେଣ୍ଟରେ ତାଙ୍କ ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ରହିଛି। ଚଳିତ ବିଶ୍ୱକପ୍‌ରେ ସେ ସାଥୀ ଓପନର ରୋହିତ ଶର୍ମାଙ୍କ ସହ ଦମ୍‌ଦାର ଆରମ୍ଭ କରିଛନ୍ତି। ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କ ପାର୍ଟନରଶିପ୍ କାରଣରୁ ଭାରତ ବଡ଼ ସ୍କୋର ହାସଲ କରିବାରେ ସକ୍ଷମ ହୋଇଛି। ଏହା ଫଳରେ ମଧ୍ୟ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ଉପରୁ ଚାପ କମ୍ ହୋଇଛି ଓ ସେମାନେ ସ୍ୱାଧୀନ ଭାବେ ଖେଳିବାର ସକ୍ଷମ ହୋଇଛନ୍ତି। ଏଥିପାଇଁ ଧାୱନଙ୍କୁ ଆଘାତ ସମସ୍ୟାରୁ ଫେରିବା ପାଇଁ ଭାରତ ସବୁ ପ୍ରକାର ବ୍ୟବସ୍ଥା ଓ ସୁଯୋଗ ପ୍ରଦାନ କରିଛି। ଯଦିଓ ପ୍ରତିଭା ସମ୍ପନ୍ନ ରିଷଭ ପନ୍ତ ବଦଳ ଖେଳାଳିଭାବେ ଦଳରେ ଯୋଗ ଦେଇଛନ୍ତି। ତେବେ ଅନ୍ତିମ ଏକାଦଶରେ କୌଣସି ବଦଳ ଖେଳାଳିଙ୍କୁ ସାମିଲ କରାଯାଇ ନାହିଁ। ଏହା ଦ୍ୱାରା ମଧ୍ୟ ଭାରତ ରବୀନ୍ଦ୍ର ଜାଡେଜା ଓ ବିଜୟ ଶଙ୍କରଙ୍କ ଭଳି ଅଲରାଉଣ୍ଡରଙ୍କ ପ୍ରତିଭାକୁ ଆହୁରି ଶାଣିତ କରିବା ପାଇଁ ସୁଯୋଗ ପାଇଛି। ଦଳରେ ଏକାଧିକ ଅଲରାଉଣ୍ଡର ଥିବାରୁ ଧାୱନଙ୍କ ବଦଳରେ କୌଣସି ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନଙ୍କୁ ନିଆଯାଇନାହିଁ। ଏପରିକି ଦଳରେ ସ୍ଥାନ ପାଇଥିବା ଦୀନେଶ କାର୍ତ୍ତିକଙ୍କୁ ମଧ୍ୟ ଅନ୍ତିମ ଏକାଦଶରେ ସାମିଲ କରାଯାଇ ନାହିଁ। ଭାରତ ଯେଉଁଠି ମ୍ୟାଚ୍ ଖେଳିଲେ ଅଧିନାୟକ ବିରାଟ କୋହଲିଙ୍କ ଭଳି ଜଣେ ଉତ୍ସାହୀ ଓ ଦମ୍‌ଦାର ଅଧିନାୟକଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଧାୱନଙ୍କ ଅନୁପସ୍ଥିତରୁ ରାହୁଲ ମଧ୍ୟ ଫାଇଦା ଉଠାଇବାରେ ସକ୍ଷମ ହୋଇଛନ୍ତି।

ଅବସରରୁ ଏବି ଡିଭିଲର୍ସଙ୍କ ପ୍ରତ୍ୟାବର୍ତ୍ତନ ନେଇ ଚର୍ଚ୍ଚା ଓ ବିବାଦ ଚାଲିଥିବା ବେଳେ ଦକ୍ଷିଣ ଆଫ୍ରିକା ଏଥିରୁ ମୁକୁଳିବାକୁ ପ୍ରୟାସ ଜାରି ରଖିଛି। ବିଶ୍ୱକପ୍‌ରେ ଖେଳିବାକୁ ଡିଭିଲର୍ସ ଦେଇଥିବା ପ୍ରସ୍ତାବକୁ ପ୍ରତ୍ୟାଖାନ କରିବା ନିଷ୍ପତ୍ତି ନିଶ୍ଚିତ କଷ୍ଟକର ଥିଲା। ତାଙ୍କ ଭଳି ଜଣେ ମ୍ୟାଚ୍ ୱିନର ଦଳରେ ସାମିଲ ହୋଇଥିଲେ ଦକ୍ଷିଣ ଆଫ୍ରିକାର ପ୍ରଦର୍ଶନ ଉଚ୍ଚକୋଟୀର ହୋଇଥାନ୍ତା। ତେବେ ବିଶ୍ୱକପ୍ ପୂର୍ବରୁ ଏ ସଂକ୍ରାନ୍ତରେ ଲୋକଙ୍କୁ ସୂଚନା ମିଳିଥିଲେ ଭଲ ହୋଇଥାନ୍ତା। ତେବେ ଦକ୍ଷିଣ ଆଫ୍ରିକା କେତୋଟି ମ୍ୟାଚ ହାରିବା ପରେ ଏଭଳି ବିବାଦ ବା ଚର୍ଚ୍ଚାର କୌଣସି ମାନେ ନାହିଁ।

(ଗେମ୍ ପ୍ଲାନ)






ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜୁନ୍ ୧୭/୨୦୧୯ Bhubaneswar, Monday, June 17/2019

## ସଂକ୍ଷେପରେ

### ନିଜ ରେକର୍ଡ ଭାଙ୍ଗିଲେ ଜନସନ

ନୂଆଦିଲ୍ଲୀ, ୧୬।୬ (ପି.ଟି.): ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଜିନସନ ଜନସନ ୧୫୦୦ ମିଟର ଦୌଡ଼ରେ ନିଜ ଜାତୀୟ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଭାରତର ଏହି ଆଥ୍ଲେଟ ନେଦରଲାଣ୍ଡ୍ସର ନିଜମେଜେନ ସହରରେ ଅନୁଷ୍ଠିତ ନେକ୍ସଟ ଜେନେରେଶନ ଆଥଲେଟିକ୍ସ ମିଟ୍‌ରେ ଅଂଶଗ୍ରହଣ କରିଥିଲେ। ଶନିବାର ୮୦୦ ମିଟର ଦୌଡ଼ରେ ଅଂଶଗ୍ରହଣ କରି ୩:୩୭.୬୨ ଟାଇମିଂରେ ସେ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ଏଥି ସହିତ ସେ ପୂର୍ବରୁ ୨୦୧୮ ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୩:୩୭.୮୬ ଟାଇମିଂରେ କରିଥିବା ଜାତୀୟ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଇଭେଣ୍ଟରେ ଅଜୟ କୁମାର ସରୋଜ ମଧ ଅଂଶଗ୍ରହଣ କରିଥିଲେ। ସେ ୩:୪୦.୩୯ ଟାଇମିଂରେ ରେସ୍ ଶେଷ କରିଥିଲେ। ଅନ୍ୟପକ୍ଷରେ ପି.ୟୁ ଚିତ୍ରା ୪:୧୩.୫୨ ଟାଇମିଂରେ ମହିଳା ଇଭେଣ୍ଟ ଜିତିଥିଲେ। କୌଣସି ଆଥଲେଟ୍ ଜାତୀୟ ରେକର୍ଡ ପ୍ରତିଷ୍ଠା କଲେ ତାଙ୍କର ଡୋପ୍ ଟେଷ୍ଟର ଆବଶ୍ୟକତା ରହିଛି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଏ ସମ୍ପର୍କରେ ଯାହା ନିଷ୍ପତ୍ତି ନେବ। ୨୮ ବର୍ଷୀୟ ଜନସନ ମଙ୍ଗଳବାର ସ୍ୱିଡେନରେ ଏକ ଇଭେଣ୍ଟରେ ଭାଗ ନେବେ।

### ଭାରତୀୟ ପୁରୁଷ ତୀରନ୍ଦାଜୀ ଟିମ୍‌କୁ ରୌପ୍ୟ ପଦକ

ଡେନ୍ ବୋଶ୍ଚ (ନେଦରଲାଣ୍ଡ୍ସ), ୧୬।୬: ଏଠାରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ପୁରୁଷ ରିକର୍ଭ ଟିମ୍ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ତରୁଣଦୀପ୍ ରାଇ, ଅତନୁ ଦାସ ଓ ପ୍ରବୀଣ ଯାଦବଙ୍କୁ ନେଇ ଗଠିତ ଭାରତୀୟ ଟିମ୍ ୨୬-୨୭ ସ୍କୋରରେ ଚାଇନା ନିକଟରୁ ପରାସ୍ତ ହୋଇ ପ୍ରଥମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିବାରୁ ବଞ୍ଚିତ ହୋଇଛି। ଦୀର୍ଘ ୧୪ ବର୍ଷର ବ୍ୟବଧାନ ପରେ ଭାରତୀୟ ପୁରୁଷ ରିକର୍ଭ ଟିମ୍ ଫାଇନାଲରେ ପ୍ରବେଶ କରିଥିଲା। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତର ଏହା ୬ଷ୍ଠ ରୌପ୍ୟ ପଦକ ଥିଲା। ଏଥିସହ ପ୍ରତିଯୋଗିତାରେ ଭାରତ ଗୋଟିଏ ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ସହ ଅଭିଯାନ ଶେଷ କରିଛି। ଭାରତୀୟ ମହିଳା କମ୍ପାଉଣ୍ଡ ଟିମ୍ ଓ ବ୍ୟକ୍ତିଗତ ଇଭେଣ୍ଟରୁ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଥିଲା। ଭାରତୀୟ ପୁରୁଷ ରିକର୍ଭ ଦଳ ମଧ ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛି।

### ବୋପାନ୍ନା-ଶାପୋଭାଲୋଭ ରନର୍ସଅପ୍

ଷ୍ଟଟ୍‌ଗାର୍ଟ, ୧୬।୬ (ପି.ଟି.): ଭାରତର ରୋହନ ବୋପାନ୍ନା ଏବଂ ତାଙ୍କ କାନାଡିଆନ ପାର୍ଟନର ଡେନିସ ସାପୋଭାଲୋଭ ଏଠାରେ ଚାଲିଥିବା ଏଟିପି ମର୍ସିଡିଜ କପ୍ ଟେନିସ ଟୁର୍ନାମେଣ୍ଟର ରନର୍ସଅପ୍ ହୋଇଛନ୍ତି। ଫଳରେ ବୋପାନ୍ନା ଚଳିତ ସିଜନରେ ତାଙ୍କର ଦ୍ୱିତୀୟ ଟାଇଟଲ ଜିତିବାରେ ବିଫଳ ହୋଇଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲରେ ଇଣ୍ଡୋ-କାନାଡିଆନ ଯୋଡ଼ି ଟପ୍ ସିଡ୍ ବ୍ରୁନୋ ସୋରସ୍ ଏବଂ ଜନ୍ ପିଅର୍ସଙ୍କଠାରୁ ୫-୭, ୩-୬ ସେଟ୍‌ରେ ହାରିଯାଇଛନ୍ତି। ବୋପାନ୍ନା ନିଜ ଦେଶର ଡିଭିଜ ଶରନଙ୍କୁ ସାଥୀ କରି ପୁଣେଠାରେ ସିଜନ ଓପନିଂ ଟାଟା ଓପନ୍ ମହାରାଷ୍ଟ୍ର ଜିତିଥିଲେ। ଇଣ୍ଡିଆନ୍ ୱେଲ୍ସ ଏବଂ ମାୟମି ମାଷ୍ଟର୍ସ ପରେ ବୋପାନ୍ନା ଓ ତାଙ୍କ କାନାଡିଆନ ପାର୍ଟନରଙ୍କ ଏହା ହେଉଛି ତୃତୀୟ ଟୁର୍ନାମେଣ୍ଟ। କ୍ୱାର୍ଟରଫାଇନାଲରେ ଫ୍ରେଞ୍ଚ ଯୋଡ଼ି ଲୁକାସ ପୁଇଲେ ଏବଂ ଜୋ ୱିଲଫ୍ରେଡ୍ ସୋଙ୍ଗାଙ୍କୁ ହରାଇବା ପୂର୍ବରୁ ବୋପାନ୍ନା ଓ ଶାପୋଭାଲୋଭ ତୃତୀୟ ସିଡ୍ ବବ୍ ବ୍ରାଏନ୍ ଏବଂ ମାଇକ୍ ବ୍ରାଏନ୍‌ଙ୍କୁ ପରାସ୍ତ କରିଥିଲେ।

### ଅରୁଣାଚଳପ୍ରଦେଶ, ଗୁଜରାଟ ବିଜୟୀ

କଟକ ଅଫିସ,୧୬।୬: ଅଲ ଇଣ୍ଡିଆ ଫୁଟବଲ ଫେଡେରେଶେନ (ଏଆଇଏଫ୍ଏଫ) ଆନୁକୂଲ୍ୟରେ କଟକରେ ଚାଲିଥିବା ସବ୍‌ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପରେ ରବିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଗୁଜରାଟ ଓ ଅରୁଣାଚଳପ୍ରଦେଶ ବିଜୟୀ ହୋଇଛନ୍ତି । ଗୁଜୁରାଟ ୨-୧ ଗୋଲରେ ଉତ୍ତରାଖଣ୍ଡକୁ ଓ ଅରୁଣାଚଳପ୍ରଦେଶ ୩-୦ ଗୋଲରେ ତାମିଲନାଡୁକୁ ହରାଇଛି ।

■ ଏଫ୍ଆଇଏଚ୍ ମହିଳା ହକି ସିରିଜ ଫାଇନାଲ୍ସ: ଗୁରଜିତ୍‌ଙ୍କ ଡବଲ ଗୋଲ୍

# ଭାରତର ସହଜ ବିଜୟ

ହିରୋଶିମା, ୧୬।୬ (ପି.ଟି.)

ଏଠାରେ ଚାଲିଥିବା ଏଫ୍ଆଇଏଚ୍ ମହିଳା ହକି ସିରିଜ ଫାଇନାଲ୍ସ ହିରୋସୀମାରେ ଗୁର୍‌ଜିତଙ୍କ ଡବଲ ଗୋଲ ସହାୟତାରେ ଭାରତ ୫-୦ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚର ପ୍ରଥମ କ୍ୱାର୍ଟରରେ ଅଧିକାଂଶ ସମୟ ବଲ୍ ଯଦିଓ ପୋଲାଣ୍ଡ ନିୟନ୍ତ୍ରଣରେ ରହିଥିଲା ଭାରତ ଦ୍ରୁତ ଓ ଆକ୍ରମଣାତ୍ମକ ଖେଳି ପୋଲାଣ୍ଡ ଦଳକୁ ଅଧିକ ସମସ୍ୟାରେ ପକାଇଥିଲା। ସୁନୀତା ଲାକ୍ରା ପ୍ରଭାବୀ ପ୍ରଦର୍ଶନ କରି ପୋଲାଣ୍ଡ ଦଳକୁ ଚାପରେ ରଖିଥିଲେ। ବଲ୍‌କୁ କ୍ୟାରି କରି ସେ ବାମ ପାର୍ଶ୍ୱରେ ଥିବା ନବଜୋତ କୌରଙ୍କ ନିକଟକୁ ପଠାଇ ଦେଇଥିଲେ। କୌରଙ୍କ କ୍ରସ୍‌କୁ ଜ୍ୟୋତି ଗୋଲ ପୋଷ୍ଟ ପଠାଇ ଦେଇଥିଲେ। ଏହି କ୍ୱାର୍ଟରର ଶେଷ ୫ ମିନିଟ ଖେଳରେ ଭାରତକୁ କେତୋଟି ପେନାଲ୍ଟି କର୍ନର ମିଳିଥିଲା।


ଗୋଲ ସ୍କୋର ପରେ ଉଲ୍ଲସିତ ଭାରତୀୟ ମହିଳା ଦଳ ।

ଗୁରଜିତ୍‌ଙ୍କ ଡ୍ରାଗ୍ ଫ୍ଲିକ୍ ଗାବାରା ରୋକି ଦେବାପରେ ଏକ ଲୁଜ୍ ବଲ୍ ପାଇ ବନ୍ଦନା କାଟାରିଆ ଭାରତ ତରଫରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପରେ ଗୁରଜିତ୍ ଲେଫ୍ଟ କର୍ନରକୁ ଯାଉଥିବା ଏକ ବଲ୍‌କୁ ଗୋଲ୍‌ରେ ପରିଣତ କରି ଭାରତକୁ ୩-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ଏହି ଗୋଲ ବ୍ୟବଧାନ ବଜାୟ ରଖିଥିଲା। ୩୫ତମ ମିନିଟ୍‌ରେ ଭାରତକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଗୁରଜିତ୍ ଏହାକୁ ଗୋଲରେ ପରିଣତ କରିବାରେ ସଫଳ ରହିଥିଲେ। ଏହାଥିଲା ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍। ଭାରତ ୪-୦ରେ ଅଗ୍ରଣୀ ସହ ଚତୁର୍ଥ କ୍ୱାର୍ଟରରେ ପ୍ରବେଶ କରିଥିଲା। ଅନ୍ତିମ ପର୍ଯ୍ୟାୟରେ ଭାରତର ଆକ୍ରମଣାତ୍ମକ ଖେଳ ଯୋଗୁ ପୋଲାଣ୍ଡ ରକ୍ଷଣାତ୍ମକ ନୀତି ଆପଣେଇବାକୁ ବାଧ୍ୟ ହୋଇଥିଲା। ଭାରତ ତରଫରୁ ୫ମ ତଥା ଅନ୍ତିମ ଗୋଲ ଖେଳର ୫୬ତମ ମିନିଟ୍‌ରେ ନବନୀତ କୌର ସ୍କୋର କରିଥିଲେ।

## ରାଜ୍ୟ ଓପନ ଚେସ୍: ସୌମ୍ୟ ଚାମ୍ପିୟନ

ଭୁବନେଶ୍ୱର, ୧୬।୬(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ନବରଙ୍ଗପୁର ଜିଲାର ଉମରକୋଟ୍‌ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ପ୍ରଥମ ରାଜ୍ୟ ଓପନ ର୍ୟାପିଡ୍ ଚେସ୍‌ରେ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ରବିବାର ଉଦ୍‌ଯାପିତ ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଭୁବନେଶ୍ୱରର ସୌମ୍ୟ ପୂରା ୬ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହିତ କ୍ୟାରିୟରର ୫୭ତମ ଓପନ ଚେସ୍ ଟାଇଟଲ ହାସଲ କରିଛନ୍ତି ସୌମ୍ୟରଞ୍ଜନ। ଭଦ୍ରକର ଧୀରେନ୍ଦ୍ର କୁମାର ଦାସ ଓ ନବରଙ୍ଗପୁରର ସପନ ମିସ୍ତ୍ରି ୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗେରେନ ମଣ୍ଡଳ, ବଂଶୀଧର ଭୋଇ, ସନ୍ତୋଷ ମୁଖାର୍ଜୀ, ପ୍ରଭାକର ରାଉତ, ଅମଳ ଚନ୍ଦ୍ର ଦାସ, ବିଷ୍ଣୁପଦ ଦାସ ଓ ବୀରେନ ବୈରାଗୀ (ସମସ୍ତେ ୪ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଛନ୍ତି। ୨୧ ଜଣଙ୍କୁ ମୁଖ୍ୟ ପୁରସ୍କାର ବ୍ୟତୀତ ଭଲ ପ୍ରଦର୍ଶନ ଭିତ୍ତିରେ ୨ ଜଣ ସ୍କୁଲ ପିଲା ଏବଂ ୨ ଜଣ ଭେଟେରାନ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସ୍କୁଲର


ଟ୍ରଫି ସହ ସୌମ୍ୟରଞ୍ଜନ ମିଶ୍ର ।

ପ୍ରତିଷ୍ଠାତା ଜୟଦେବ କୁମାର ପରିଡ଼ାଙ୍କ ଉଦ୍ୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ପ୍ରିନ୍ସିପାଲ କବିତା ପାତ୍ର, ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ, ବିଞ୍ଚରାଜ ସାମନ୍ତରା, ରଶ୍ମିରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## 'ଦିଲୀପ ତିର୍କୀ' ଷ୍ଟାଣ୍ଡ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୬।୬(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ସହିଦ୍ ସ୍ପୋର୍ଟିଂ ଖେଳ ପଡ଼ିଆରେ ନିର୍ମିତ 'ଦିଲୀପ ତିର୍କୀ' ଷ୍ଟାଣ୍ଡ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ହକି ଦଳର ପ୍ରାକ୍ତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ନାମରେ ନାମିତ ଏହି ନୂତନ ଷ୍ଟାଣ୍ଡ୍‌କୁ ପ୍ରଥମ ଓଡ଼ିଆ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ମହାନ୍ତି ଉଦ୍‌ଘାଟନ କରିଥିଲେ। ନିକଟ ଅତୀତରେ ଦେବାଶିଷଙ୍କ ନାମରେ ନାମିତ ପ୍ରେସ୍ କ୍ଲବ୍‌କୁ ଦିଲୀପ୍ ଉଦ୍‌ଘାଟନ କରିଥିଲେ। ନିଜ କ୍ଲବର ଆଜୀବନ ସଦସ୍ୟ ତଥା ବିଶ୍ୱ ବିଖ୍ୟାତ ହକି ଷ୍ଟାର୍ ଦିଲୀପଙ୍କୁ ସମ୍ମାନ ଜଣାଇ ସହିଦ୍ ସ୍ପୋର୍ଟିଂ କ୍ଲବ ଏହି ନୂତନ ଷ୍ଟାଣ୍ଡ୍ ତାଙ୍କ ନାମରେ ନାମିତ କରିଛି। ସହିଦ୍ ସ୍ପୋର୍ଟିଂ କ୍ଲବର ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଜୁନିୟର କ୍ରିକେଟ୍ ଦଳର ଚୟନକର୍ତ୍ତା ଦେବାଶିଷ ମହାନ୍ତିଙ୍କ ସମେତ ହକି ଲିଜେଣ୍ଡ ଦିଲୀପ୍ ତିର୍କୀ, ପ୍ରାକ୍ତନ ବିଧାୟକ ବିଜୟ ମହାନ୍ତି, ପ୍ରାକ୍ତନ କର୍ପୋରେଟର ଶାଶ୍ୱତୀ ମିଶ୍ର, ଉମାନାଥ ମିଶ୍ର, ସିପି ଶର୍ମା, ରଶ୍ମିରଞ୍ଜନ ପରିଡ଼ା, ପି. ଜୟଚନ୍ଦ୍ର, ସୌରଭ ସେହଗଲ, ନିକୁଞ୍ଜ ମହାନ୍ତି, ପ୍ରଦୋଷ ପଟ୍ଟନାୟକ, ବିଶ୍ୱ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।


'ଦିଲୀପ ତିର୍କୀ' ଷ୍ଟାଣ୍ଡ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ବୃନ୍ଦ ।


ଏସିଆ ମହିଳା ରଗ୍‌ବୀ ଚାମ୍ପିୟନଶିପ୍ ପାଇଁ ମନୋନୀତ ଭାରତୀୟ ଦଳ ।

■ ଏସିଆ ମହିଳା ରଗ୍‌ବୀ ଚାମ୍ପିୟନଶିପ୍

## ଭାରତୀୟ ଦଳରେ ଓଡ଼ିଶାର ୭

ଭୁବନେଶ୍ୱର, ୧୬।୬(କ୍ରୀଡ଼ା ପ୍ରତିନିଧି)

ଫିଲିପାଇନ୍ସର ମାନିଲାଠାରେ ଏସିଆ ମହିଳା ରଗ୍‌ବୀ ଚାମ୍ପିୟନଶିପ୍ ଚଳିତମାସ ୧୯ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ୭ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ମୀନାରାଣୀ ହେମ୍ବ୍ରମ, ରଜନୀ ଶବର, ଲକ୍ଷ୍ମୀପ୍ରିୟା ସାହୁ, ପାର୍ବତୀ କିସ୍କୁ, ହୁପିମାଝି, ସୁମିତ୍ରା ନାୟକ ଓ ଶୁଭଲକ୍ଷ୍ମୀ ବାରିକ। ମହାରାଷ୍ଟ୍ରର ଭାବିଜ ଭରୁଚାଙ୍କୁ ଦଳର ଅଧିନାୟିକା ମନୋନୀତ କରାଯାଇଛି। ଭାରତୀୟ ଦଳର ଟ୍ରେନିଂ କ୍ୟାମ୍ପ ଏଠାରେ ଅନୁଷ୍ଠିତ ହେବାପରେ ଦଳ ଘୋଷଣା କରାଯାଇଛି। ତେଣୁ ଦଳ ରବିବାର ରାତିରେ ଭୁବନେଶ୍ୱର ବିମାନବନ୍ଦରରୁ ଫିଲିପାଇନ୍ସ ଅଭିମୁଖେ ଯାତ୍ରା କରିଛି। **ଭାରତୀୟ ଦଳ:** ହିମାନି ଦତ୍ତ, ସୁଲତାନା ଖାତୁନ, ଶିଖା ଯାଦବ, ପ୍ରିୟା, ଲାଟ୍‌ମି ଏକ୍କା, ଜ୍ୟୋତି ଚୌଧୁରୀ, ଆଶା ଓରାଅନ, ସଙ୍ଗୀତା ବେରା, ରାମନିକ କୌର, ଚନ୍ଦା ଓରାଅନ, ଗୋହର ଆରା, ମୀନାରାଣୀ ହେମ୍ବ୍ରମ, ରଜନୀ ଶବର, ଶ୍ୱେତା ଶାହି, ନମିତା ଭୋଜ, ପ୍ରିୟା ବୈଶଲା, ଭାବିଜ ଭରୁଚା(ଅଧିନାୟିକା), ନେହା ପରଦେଶୀ, ନେହା ସିନାନ୍ଦି, ସ୍ୱିଟି ଚୌଧାରୀ, ଲକ୍ଷ୍ମୀପ୍ରିୟା ସାହୁ, ପାର୍ବତୀ କିସ୍କୁ, ଶୀତଲ ଶର୍ମା, ହୁପି ମାଝି, ସୁମିତ୍ରା ନାୟକ, ଶୁଭଲକ୍ଷ୍ମୀ ବାରିକ।

■ ଜିଲା ସଂଘକୁ ନେଇ ଓସିଏର ବୈଠକ

## ବିରୋଧୀଙ୍କ ଦ୍ୱାରା ବିଭ୍ରାନ୍ତ ନ ହେବାକୁ ପରାମର୍ଶ

କଟକ ଅଫିସ,୧୬।୬

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଭୁବନେଶ୍ୱର ସ୍ଥିତ ଏକ ହୋଟେଲରେ ରବିବାର ଜରୁରୀକାଳୀନ ପରିସ୍ଥିତିରେ ଏକ ବୈଠକ ଡକାଯାଇଥିବା ଜଣାପଡ଼ିଛି । ଯେଉଁଥିରେ ବିଭିନ୍ନ ଜିଲା ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଓସିଏରେ ସାଢ଼େ ସାତ କୋଟି ଟଙ୍କାର କେଲେଙ୍କାରୀ ହୋଇଥିବା ଘଟଣା ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଏଥିରେ ପ୍ରଭାବିତ ନହେବାକୁ ଜିଲା ସଂଘ ଗୁଡ଼ିକୁ ପରାମର୍ଶ ଦିଆଯାଇଥିଲା । ଓସିଏ ପକ୍ଷରୁ ଗତ ଦୁଇ ବର୍ଷର ସମସ୍ତ ଆୟ ଓ ବ୍ୟୟର ହିସାବ ଉପସ୍ଥାପନ କରାଯାଇଥିବା ଜଣାପଡ଼ିଛି। ବିସିସିଆଇ ପକ୍ଷରୁ କେବେ ଓ କେତେ ଅର୍ଥ ଆସିଛି, ତାହା କେଉଁବାଟରେ ଖର୍ଚ୍ଚ ହୋଇଛି ତାହାର ରିପୋର୍ଟ ମଧ ଦିଆଯାଇଥିଲା । କୌଣସି ଜିଲା ସଂଘକୁ ଅର୍ଥ ଦିଆଯାଉ ନଥିବା ବେଳେ କ୍ଲବମାନଙ୍କୁ କିପରି ଅର୍ଥ ଦିଆଯିବ ବୋଲି ତାହା ପ୍ରଶ୍ନ କରାଯାଇଥିଲା । ଘରୋଇ ଟୁର୍ନାମେଣ୍ଟରେ ଜିଲା ସଂଘ ଦଳ ପଠାଉଛି। ଏହି ପରିପ୍ରେକ୍ଷୀରେ ସେମାନଙ୍କ ଆବଶ୍ୟକତା ପୂରଣ କରାଯିବା ଅସମ୍ଭବ ହୋଇପଡୁଛି। ଏଣୁ ଯେଉଁମାନେ ଆକ୍ରୋଶମୂଳକ ଭାବେ ବିରୋଧୀ ହୋଇଛନ୍ତି ସେମାନଙ୍କ ମତ ଠାରୁ ଦୂରେଇ ରହିବାକୁ ନିବେଦନ କରାଯାଇଥିଲା । ତେବେ ଆସନ୍ତା ନିର୍ବାଚନ ପୂର୍ବରୁ ଏହି ବୈଠକକୁ ନେଇ ରାଜ୍ୟ କ୍ରିକେଟ ମହଲରେ ଚର୍ଚ୍ଚା ହୋଇଛି । ଆଶାୟୀ ପ୍ରାର୍ଥି ଚୂଡ଼ାନ୍ତ କରିବା ଉଦ୍ଦେଶ୍ୟରେ ଏହି ବୈଠକ ଡକାଯାଇ ଥାଇପାରେ ବୋଲି କିଛି କ୍ରୀଡ଼ା ସଙ୍ଗଠକ ମତ ଦେଇଛନ୍ତି । ମାତ୍ର ନିର୍ବାଚନ ସଂକ୍ରାନ୍ତୀୟ କୌଣସି ବିଷୟ ଆଲୋଚନା ହୋଇନାହିଁ ବୋଲି ଓସିଏର ଜଣେ ଅଧିକାରୀ ସୂଚନା ଦେଇଛନ୍ତି ।

## ପ୍ରି-କ୍ୱାର୍ଟରରେ କାନାଡା, ନେଦରଲାଣ୍ଡ୍ସ

ଗ୍ରେନୋବ୍ଲେ (ଫ୍ରାନ୍ସ), ୧୬।୬(ଏଏଫ୍‌ପି)

କାନାଡା ଓ ନେଦରଲାଣ୍ଡ୍ସ ଦଳ ଏଠାରେ ଚାଲିଥିବା ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗ୍ରୁପ୍-ଇ'ର ଏକ ମ୍ୟାଚ୍‌ରେ କାନାଡା ୨-୦ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ଏଥିପୂର୍ବରୁ କାନାଡା ଏହାର ପ୍ରଥମ ମ୍ୟାଚ୍‌ରେ କାମେରୁନକୁ ୧-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ଅପରପକ୍ଷରେ ଅନ୍ୟ ଏକ ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୩-୧ ଗୋଲରେ କାମେରୁନକୁ ହରାଇ ରାଉଣ୍ଡ-୧୬ରେ ସ୍ଥାନ ପକ୍କା କରିଛି।

## ଜାତୀୟ କରାଟେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୬।୬ (ସ୍ପୋର୍ଟ୍ସ ବ୍ୟୁରୋ)

ଦିଲ୍ଲୀର ତାଲକୋଟ୍ରା ଇନ୍‌ଡୋର ଷ୍ଟାଡିୟମରେ ସମାପ୍ତ ହୋଇଥିବା ଜାତୀୟ ସବ୍‌ଜୁନିୟର ଓ ସିନିୟର କରାଟେ ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ୍ ୪୮ ଜଣ ପ୍ରତିଯୋଗୀ ଓ ୪ଜଣ କୋଚ୍ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ମଧୁପ୍ରିୟା, ରିତେଶ ଓ ଅର୍ପିତା ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଅନୁପମାଙ୍କୁ ରୌପ୍ୟ ମିଳିଥିଲା। ସେହିଭଳି ସୁସ୍ମିତା, ସିନ୍ଧୁ ତନୟା, ଅନୁପମା (ଟିମ୍ କାଟା), ତ୍ରିଲୋଚନ ରଣା ଓ ମନୋଜ ବେହେରା ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ରବିବାର ରାଜ୍ୟ କରାଟେ ସଂଘ (ଓଏସ୍‌କେଏ)ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

ସମସ୍ତ ପ୍ରତିଯୋଗୀ ଓ କୋଚ୍‌ଙ୍କୁ ଓଏସ୍‌କେଏ ପକ୍ଷରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ଓଏସ୍‌କେଏ ଓ ରାଜ୍ୟ କରାଟେ ସଂଘର ସିନିୟର ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରତ୍ୟେକ ପିଲାଙ୍କ ଖର୍ଚ୍ଚ ସହ କୃତୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫୦୦୦ (ସ୍ୱର୍ଣ୍ଣ ବିଜେତା), ୪୦୦୦ (ରୌପ୍ୟ) ଓ ୨୦୦୦ (ବ୍ରୋଞ୍ଜ) ଟଙ୍କା ପ୍ରଦାନ କରାଯାଇଥିଲା। ଓଏସ୍‌କେଏର ସିନିୟର ପ୍ରଶିକ୍ଷକ ସେନ୍‌ସେଇ ସୌମ୍ୟରଞ୍ଜନ ଦାସଙ୍କ ତରଫରୁ ପ୍ରତ୍ୟେକ କୃତୀ ପ୍ରତିଯୋଗୀଙ୍କୁ ୧୦୦୦ ଟଙ୍କା ଦିଆଯାଇଥିଲା। ଏହି ପ୍ରତିଯୋଗିତା ସମୟରେ କରାଟେ ଆସୋସିଏଶନ ଅଫ୍ ଇଣ୍ଡିଆ (କାଇ) ପକ୍ଷରୁ ରାଜ୍ୟ ସଂଘର ସମ୍ପାଦକ ତଥା କାଇର ଟେକ୍‌ନିକାଲ ଡିରେକ୍ଟର ଡ. ହରିପ୍ରାସଦ ପଟ୍ଟନାୟକଙ୍କୁ ଡାନ୍ ତଥା ଇଷ୍ଟଜୋନର ସଭାପତି ପଦ ମିଳିଥିବାରୁ ଓଏସ୍‌କେଏ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



କର୍ମକର୍ତ୍ତାଙ୍କ ଗହଣରେ କୃତୀ କରାଟେ ପ୍ରତିଯୋଗୀମାନେ।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।

- ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ନିଶାସକ୍ତ ଯୁବକଙ୍କ ମାଡ଼ରେ ଦିଅର-ଭାଉଜ ଆହତ, ଅଭିଯୁକ୍ତ ଗିରଫ

ଖୁଣ୍ଟୁଣୀ,୧୬।୬(ଡି.ଏନ୍.ଏ.): ଖୁଣ୍ଟୁଣୀ ଥାନା ନୂଆସାହି ଗ୍ରାମର ଜଣେ ନିଶାସକ୍ତ ଯୁବକ ସେହି ଗ୍ରାମର ଦିଅର-ଭାଉଜଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଫଳରେ ଉଭୟେ ଆହତ ହୋଇ ଆଠଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ନିଶାସକ୍ତ ଯୁବକ ଗିରଫ କରି ରବିବାର କୋର୍ଟଚାଲାଣ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ବିଜୟ ଜେନା। ଏ ନେଇ ଥାନାରେ ୫୪/୧୯ରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ସୂଚନା ମୁତାବକ, ଶନିବାର ରାତି ୯ଟା ବେଳେ ନୂଆସାହିର ଗ୍ରାମର ବିକାଶ ରାଉତ ଏକ ଚା' ଦୋକାନ ଆଗ କଲଭର୍ଟ ଉପରେ ବସିଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଥିବା ବିଜୟ ଆସି କୌଣସି କାରଣକୁ ନେଇ ବିକାଶଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହାକୁ ଦେଖି ବିକାଶଙ୍କ ଭାଉଜ ଅଟକାଇବାରୁ ବିଜୟ ତାଙ୍କୁ ମଧ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ସେଠି ପହଞ୍ଚି ତାଙ୍କୁ ଅଟକାଇଥିଲେ। ପରେ ଉଭୟେ ଦିଅର-ଭାଉଜ ଏନେଇ ଥାନାରେ ଅଭିଯୋଗ କରିଥିଲେ।

### ସମୁଦ୍ରରେ ବୁଡ଼ି ଛାତ୍ର ମୃତ

ଗୋପ, ୧୬।୬(ଡି.ଏନ୍.ଏ.)- ସାଙ୍ଗ ସାଥୀଙ୍କ ସହ ରଜ ସଂକ୍ରାନ୍ତିରେ କୋଣାର୍କ ବୁଲିବାକୁ ଆସିଥିବା ଜଣେ କଲେଜ ଛାତ୍ରଙ୍କର ରବିବାର ସମୁଦ୍ରରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କଟକ ଜିଲା ନିଆଳୀ ଥାନା ଅଧୀନ ପୋଲସରା ଗ୍ରାମର କ୍ଷୀରୋଦ ଖଟୋଇଙ୍କ ସାନ ପୁଅ ଚନ୍ଦନ ଖଟୋଇ (୨୦)। ଗୋପ ପୋଲିସ ମୃତଦେହ ଜବତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା ୧୪/୧୯ ରୁଜୁ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନା ପଠାଇଛି। ପ୍ରକାଶ ଯେ, ଚନ୍ଦନ ରବିବାର ୫-୬ ଜଣ ସାଙ୍ଗସାଥୀଙ୍କ ସହ କୋଣାର୍କକୁ ରଜ ଉତ୍ସବ ଦେଖିବା ଲାଗି ଆସିଥିଲେ। ମା' ଭଗବତୀ ପୀଠରେ ରଜ ବୁଲିବା ପରେ କୋଣାର୍କ ଚନ୍ଦ୍ରଭାଗା ବୁଲିବାକୁ ଯାଇଥିଲେ। ସମୁଦ୍ରରେ ଗାଧୋଇବା ଲାଗି ସାଙ୍ଗମାନେ ବାହାରିବାରେ ଚନ୍ଦନ ମଧ ତାଙ୍କ ସହିତ ସମୁଦ୍ରରେ ଗାଧୋଇଥିଲେ। ଗାଧୋଇବା ସମୟରେ ସେ ସମୁଦ୍ର ଲହଡ଼ିରେ ଭାସିଯାଇଥିଲେ। ନିକଟରେ ଥିବା ସାଙ୍ଗମାନେ ତାଙ୍କୁ ଉଦ୍ଧାର କରି ଉପରକୁ ଆଣିବା ସହ ଚେତା ନ ଆସିବାରେ କୋଣାର୍କ ଡାକ୍ତରଖାନାକୁ ଆଣିଥିଲେ। ମୃତକ ଚନ୍ଦନ ନିକଟସ୍ଥ କଲେଜରେ ଅଧ୍ୟୟନ କରୁଥିବା ଜଣାପଡ଼ିଛି। କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ର ତାଙ୍କୁ ତୁରନ୍ତ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରଙ୍କୁ ପଠାଇବା ପରେ ଡ.ସୁଗନ୍ଧା କାଶ୍ୟପ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

■ ଫେଲ୍ ମାରିଲା ପ୍ରଶାସନର ବୈଠକ

# ଅସରାଏ ବର୍ଷାରେ କଟକ ସହର ବେହାଲ

କଟକ ଅଫିସ, ୧୬।୬

ସହରର ବିଭିନ୍ନ ଅଞ୍ଚଳରେ ଆଣ୍ଠୁଏ ଲେଖାଏ ପାଣି



କଟକ ସହରରେ ଶନିବାର ରାତିଠାରୁ ବର୍ଷା ଆରମ୍ଭ ହୋଇଛି। ବର୍ଷା ପରେ ସହରର ବିଭିନ୍ନ ସ୍ଥାନରେ ଆଣ୍ଠୁଏ ଲେଖାଏ ପାଣି ଜମି ରହିବା ସହ ଅବସ୍ଥାକୁ ବେହାଲ କରି ଦେଇଛି। ନାଳନର୍ଦ୍ଦମାର ପାଣି ରାସ୍ତାରେ ଚାଲୁଛି। ମୌସୁମୀ ଆସିବା ପୂର୍ବରୁ ଆରଡିସି, କଟକ ମହାନଗର ନିଗମ (ସିଏମ୍‌ସି) ମୁଖ୍ୟ ପ୍ରଶାସନିକ ଅଧିକାରୀ ବାରମ୍ବାର ବୈଠକ କରିଥିଲେ ସୁଦ୍ଧା ଏହା ଫେଲ ମାରିଛି। ଜୁନ ୧୫ରେ ଆରଡିସି ସହରର ସମସ୍ତ ଡ୍ରେନ ସଫେଇ, ପଙ୍କୋଦ୍ଧାର, ଆବର୍ଜନା ଉଠାଇବା କାମ ସାରିବାକୁ ଅଧିକାରୀଙ୍କୁ ବାରମ୍ବାର ତାଗିଦ୍ କରିଥିଲେ। ତାଗିଦ୍‌କୁ ଅଫିସରମାନେ ମାନୁ ନ ଥିବା ରାସ୍ତାରେ ଜମି ରହିଥିବା ପାଣି, ନାଳରେ ଭରି ରହିଥିବା ଆବର୍ଜନାରୁ ସ୍ପଷ୍ଟ ହୋଇଥିବା ଅଭିଯୋଗ ହେଉଛି। ବର୍ଷା ଆରମ୍ଭ ହୋଇଥିବାରୁ ଆଉ ସଫେଇ କାମ ହୋଇ ପାରିବନାହିଁ ବୋଲି ସହରବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

ପୂର୍ବରୁ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ ବାରମ୍ବାର ସମୀକ୍ଷା ବୈଠକ କରିବା ସହ ତୁରନ୍ତ ପଙ୍କୋଦ୍ଧାର ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାନିଟାରୀ ଇନ୍ସପେକ୍ଟର ଓ କନିଷ୍ଠ ଯନ୍ତ୍ରୀଙ୍କୁ ମଧ ତାଗିଦ୍ କରିଥିଲେ। ତୁରନ୍ତ କାର୍ଯ୍ୟ ଶେଷ ନ ହେଲେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଚେତାବନୀ ମଧ ଦେଇଥିଲେ। କିନ୍ତୁ ଫଳ ଶୂନ ହୋଇଛି। ସିଏମ୍‌ସି ବିଭିନ୍ନ ଡ୍ରେନରୁ ପଙ୍କୋଦ୍ଧାର କାର୍ଯ୍ୟ ଶେଷ ହୋଇ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। କଟକ ସହରର ପ୍ରାୟ ୯୦ପ୍ରତିଶତ ଅଞ୍ଚଳରେ ନାଳନର୍ଦ୍ଦମାରୁ ପଙ୍କୋଦ୍ଧାର କରାଯାଇଥିବା ସିଏମ୍‌ସି କମିଶନର ନାୟକ କହିଥିଲେ। ହେଲେ ସହରର ସମସ୍ତ ନାଳନର୍ଦ୍ଦମା ସଫେଇ ସାଙ୍ଗକୁ ଡ୍ରେନେଜ ମରାମତି କାମ ସରିନାହିଁ। ଫଳରେ ସହରରେ ଅସରାଏ ବର୍ଷାରେ ବିଭିନ୍ନ ଅଞ୍ଚଳରେ ପାଣି ଜମିଛି। ସହରର ମୁଖ୍ୟ ନାଳ ସମେତ ଶାଖା ଓ ଛୋଟ ନାଳରେ କୁଢ଼କୁଢ଼ ଆବର୍ଜନା ପଡ଼ି ରହିଛି। ଯଦିଓ କେତେକ ସ୍ଥାନରେ ପଙ୍କୋଦ୍ଧାର କରାଯାଇଛି, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସହରର ଯେଉଁ ସବୁ ଜାଗାରେ ସଫେଇ ହୋଇଛି, ସେଠାରୁ ଆବର୍ଜନା ଉଠା ନ ଯିବାରୁ ବର୍ଷା ପରେ ପଙ୍କ ରାସ୍ତାରେ ରହି କାଦୁଅ ହେଉଛି। ଏହି ପଙ୍କ ପୁଣି ନାଳ ଭିତରକୁ ଯାଉଛି। ଶନିବାର ରାତି, ରବିବାର ସକାଳୁ କିଛି ସମୟ ଧରି ବର୍ଷା ଲାଗି ରହିବା ଦ୍ୱାରା ରାସ୍ତା ଉପରେ ବର୍ଷାଜଳ ପ୍ରବାହିତ ହୋଇଥିଲା। ଲିଙ୍କରୋଡଠାରୁ ବାଦାମବାଡି ରାସ୍ତା ଜାଇକା କାମ ଯୋଗୁ ଖୋଳା ଯାଇଥିବାରୁ ଗାତଗୁଡ଼ିକରେ ପାଣି ଜମି ରହିଛି। ପଞ୍ଚାୟତିରାଜ, ପାନୀୟଜଳ, ଆଇନ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଆସି ରକ୍ସିଲେନ ବୁଲି ଦେଖିଥିଲେ। କିନ୍ତୁ ସେହି ଅଞ୍ଚଳରେ ଏବେ ବି ସଫେଇ କାର୍ଯ୍ୟ ନ ହେବା କାରଣରୁ ରାସ୍ତାରେ ପାଣି ଜମି ରହୁଥିବା ସ୍ଥାନୀୟ ବାସିନ୍ଦା ନାରାୟଣ ପଣ୍ଡା କହିଛନ୍ତି। ଏଥିସହ ସହରର ଚାଉଳିଆଗଞ୍ଜ, ମହାନଦୀ ବିହାର, ନୂଆ ବଜାର, ନୂଆପଡ଼ା, ଯୋବ୍ରା, ଶଙ୍କରପୁର, କଲେଜ ଛକ, ମଙ୍ଗଳାବାଗ, ଛତ୍ର ବଜାର, ଖାଁଞ୍ଜିରିମଙ୍ଗଳା, ଖାନନଗର, ରାଜାବଗିଚା, ପଟାପୋଲ, ମହମ୍ମଦିଆ ବଜାର, ମେରିଆ ବଜାର, ଷ୍ଟିୱାର୍ଟ ପାଟଣା, ଗହ୍ମାଡ଼ିଆ, ଡଗରପଡ଼ା, ଓଡ଼ିଆବଜାର, ମାନସିଂହପାଟଣା, କେଶରପୁର, ବଣିଆସାହି, ବାରପଥର, ପେନ୍‌ସନଲେନ, ରୋଭରଷ୍ଟ୍ରିଟ, ରାଉସାପାଟଣା, ନୂଆ ରାଉସାପାଟଣା, ପ୍ରଫେସରପଡ଼ା, ଫ୍ରେଣ୍ଡସ କଲୋନୀ, ହରିପୁର, ପିଠାପୁର ଆଦି ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ଠିକ୍ ଭାବେ ହୋଇ ନ ପାରୁନାହିଁ। ଫଳରେ ରାସ୍ତା ଉପରେ ପାଣି ଜମି ରହିଥିବା ଦେଖିବାକୁ ମିଳିଥିଲା।

■ ବଳାତ୍କାର, ବ୍ଲାକମେଲିଂ ଘଟଣା

## ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ନ ଥିବା ରିପୋର୍ଟ ଦେଲେ ଡିସିପି

ଭୁବନେଶ୍ୱର, ୧୬।୬(ବ୍ୟୁରୋ)

ଖଣ୍ଡଗିରି ଥାନା ଅଞ୍ଚଳରେ ପୁରୀର ଜଣେ ମହିଳାଙ୍କୁ ନିଶା ଦେଇ ବଳାତ୍କାର କରାଯିବା ସହ ସେହି ସମୟର ଦୃଶ୍ୟକୁ ଭିଡିଓ ଉତ୍ତୋଳନ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଖଣ୍ଡଗିରି ଥାନାରେ ମାମଲା ରୁଜୁ ହୋଇଥିଲା। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଅଭିଯୁକ୍ତମାନେ ବଳାତ୍କାର ସମୟର ଭିଡିଓକୁ ନେଇ ପୀଡ଼ିତାଙ୍କୁ ବ୍ଲାକମେଲିଂ କରି ଟଙ୍କା ଓ ସୁନା ଦାବି କରୁଥିବା ମାନବାଧିକାର କର୍ମୀ ଜୟନ୍ତ ଦାସ ଗତବର୍ଷ ଅକ୍ଟୋବର ୧୨ରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ପୋଲିସର ଅବହେଳା ସଂକ୍ରାନ୍ତରେ ଏନ୍‌ଏଚ୍‌ଆରସି ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଥିଲେ। ତଦନୁଯାୟୀ ଭୁବନେଶ୍ୱର ଡିସିପି ଗତ ମାର୍ଚ୍ଚ ୨୯ ତାରିଖରେ ତଦନ୍ତ ରିପୋର୍ଟ ଏନ୍‌ଏଚ୍‌ଆରସିଙ୍କୁ ଦେଇଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଠୋସ୍ ପ୍ରମାଣ ନ ଥିବା ଏବଂ ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଭିଯୋଗକାରିଣୀ ଭିଡିଓ କ୍ଲିପ୍ ତଦନ୍ତକାରୀ ଅଧିକାରୀଙ୍କୁ ଦାଖଲ କରିବାରେ ବିଫଳ ହୋଇଥିବା ଡିସିପି ରିପୋର୍ଟରେ ଦର୍ଶାଇଛନ୍ତି।

ଘଟଣାର ଜଣେ ଅଭିଯୁକ୍ତ ଧରିତ୍ରୀକୁ କହିଛନ୍ତି ଯେ, ତାଙ୍କୁ ବଦନାମ୍ କରିବା ଓ ରାଗ ଶୁଝାଇବା ପାଇଁ ତାଙ୍କ ସମେତ ୨ଜଣଙ୍କ ନାମରେ ଉଦ୍ଦେଶ୍ୟମୂଳକ ଅଭିଯୋଗ କରାଯାଇଛି, ଯାହାର କୌଣସି ସତ୍ୟତା ନାହିଁ।

## ବାଙ୍କୀରେ ଯୋଗ ପ୍ରଶିକ୍ଷଣ ଶିବିର




ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଉପସ୍ଥିତ ଅତିଥି।

ବାଙ୍କୀ,୧୬।୬(ବି.ପ୍ର.)

ଆସନ୍ତା ୨୧ ତାରିଖରେ ବିଶ୍ୱ ଯୋଗ ଦିବସ ପାଳିତ ହେବ। ବାଙ୍କୀ ଅଞ୍ଚଳରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ଯୋଗ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଯୋଗ ମହୋତ୍ସବ ସମିତି ଓ ବସୁନ୍ଧା ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଅଜୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅଞ୍ଚଳର ସମସ୍ତ ଗ୍ରାମରେ କିଭଳି ଏହି କାର୍ଯ୍ୟକ୍ରମ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଯୋଗ ଶିକ୍ଷକ ସୁଶ୍ରୀ ଶୁଭଲକ୍ଷ୍ମୀ ପଣ୍ଡା ଓ ମଞ୍ଚାସୀନ ଅତିଥିମାନେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଧର୍ମାନନ୍ଦ ଚୌଧୁରୀ, ଅରବିନ୍ଦ ହରିଚନ୍ଦନ ମହାପାତ୍ର, ଯୋଗ ଶିକ୍ଷକ ଜ୍ୟୋତି ରଞ୍ଜନ ପାଢୀ, ବିରେନ କୁମାର ଦାସ, ଅକ୍ଷୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଯୋଗାଭ୍ୟାସ କରାଇଥିଲେ। ବାଙ୍କୀ ଅଞ୍ଚଳରୁ ୧୫୦ରୁ ଊର୍ଦ୍ଧ୍ୱ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଯୋଗ ପ୍ରମୁଖ ପଦ୍ମଲୋଚନ ନାୟକ, ମଦନମୋହନ ରାଉତ, ବାଙ୍କୀ ନଗର ପ୍ରମୁଖ ଦୀନେସ ଲାଲ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅକ୍ଷୟ ସ୍ୱାଇଁ, ସୁରେଶ ଦାସ, ପ୍ରାଣବନ୍ଧୁ ପରିଡା, ପ୍ରମୋଦ ନାୟକ ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି। ଦିବସ ଦିନ ସକାଳ ୭ଟାରେ ଯୋଗ ଶିକ୍ଷକମାନେ ଉପସ୍ଥିତ ରହି ପ୍ରସ୍ତାବିତ କେନ୍ଦ୍ରଠାରେ ଯୋଗାଭ୍ୟାସ କରାଇବାକୁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଦ୍ଧେଶ୍ୱର ପାଇକରାୟ ସଂଯୋଜନା କରିଥିଲେ।

■ ରଚିକବାସିନୀ ରଜ ମହୋତ୍ସବର ତୃତୀୟ ସନ୍ଧ୍ୟା

## ପରମ୍ପରାକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଉତ୍ସବ ପାଳନ କରାଯାଉଛି



ରଚିକବାସିନୀ ରଜ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ବାଙ୍କୀ,୧୬।୬(ସ୍ୱ.ପ୍ର.)

ବାଙ୍କୀ ରଚିକ ବାସିନୀ ରଜ ମହୋତ୍ସବର ତୃତୀୟ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ପ୍ରୀତିଲତା ଗିରି ଅଧକ୍ଷତା କରିଥିଲେ। କବୟିତ୍ରୀ ଶକ୍ତୁଳା ମଲ୍ଲିକ ସଭାପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ସ୍ୱୀକୃତି ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଙ୍କୀ ଥାନା ମହିଳା ଅଧିକାରୀ ସ୍ନିଗ୍ଧାମୟୀ ବରାଳ ମୁଖ୍ୟଅତିଥି, ଡ. କଲ୍ୟାଣୀ ପଟ୍ଟନାୟକ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଡମପଡ଼ା ବ୍ଲକ ଉପାଧକ୍ଷା ରେବତୀ ଜେନା, ଗୃହିଣୀ ନିରୂପମା ପ୍ରଧାନ, ଲିଲି ବେହେରା, କାଜଲ ପଣ୍ଡା, ରେବତୀ ବେହେରା ପ୍ରମୁଖ ଯୋଗଦେଇ ରଜମହୋତ୍ସବ ବାଙ୍କୀର ମହାନ ପରମ୍ପରା। ଉତ୍କଳୀୟ ମାନଙ୍କ ହଜିଯାଇଥିବା ପରମ୍ପରାକୁ ଉଜ୍ଜିବୀତ କରିବା ଲକ୍ଷ୍ୟ ନେଇ ଏହି ଉତ୍ସବ ପାଳନ କରାଯାଉଛି ବୋଲି କହିଥିଲେ। ଏଥିସହିତ ସମସ୍ତ ଚାଷୀଙ୍କ ମନରେ ଆନନ୍ଦ ଉଲ୍ଲାସ ଭରିଦେବାକୁ ଅତିଥିମାନେ ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଇତିଶ୍ରୀ ଜେନା ଧନ୍ୟବାଦ ଦେଇଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପାଗ ଅନୁକୂଳ ଥିବାରୁ ବହୁ ଦର୍ଶକ ଏହାକୁ ଉପଭୋଗ କରିଥିଲେ।

### ମହାନଦୀ ୱାକିଙ୍ଗ, ଲାଫିଙ୍ଗ କ୍ଲବ ପକ୍ଷରୁ ରଜ ମହୋତ୍ସବ

କଟକ ଅଫିସ,୧୬।୬

ରବିବାର ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମଠାରେ ମହାନଦୀ ୱାକିଙ୍ଗ ଓ ଲାଫିଙ୍ଗ କ୍ଲବ ପକ୍ଷରୁ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ନିରଞ୍ଜନ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମହୋତ୍ସବରେ ରଜର ବିଭିନ୍ନ ଦିନର ଚଳଣି ସମ୍ପର୍କରେ ସମ୍ପାଦକ ସିଏସ୍ ସରୋଜ କୁମାର ସାହୁ ବକ୍ତବ୍ୟ ରଖିଥିଲେ। ସାମାଜିକ କର୍ମୀ ଗାୟତ୍ରୀ ପଣ୍ଡା ଓ ଭାରତୀ ପାତ୍ର ଦୋଳିଖେଳର ଆବଶ୍ୟକତା ଓ ନାରୀମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରକାର ପିଠା, ମିଠା, ପାନର ପସରା ଖୋଲାଯାଇଥିଲା। କାର୍ଯ୍ୟକ୍ରମକୁ ବିଜୟ ରଗଡ଼, ରାକେଶ ମଲ୍ଲିକ, ବିଚିତ୍ର ମୋହନ ମହାପାତ୍ର, ଦେବେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ମହାନ୍ତି, ରାମଚନ୍ଦ୍ର ସାସମଲ, ବିଲ୍‌କିଶ ପରବିନ, ଜାଭେଦ, ମନୋରଞ୍ଜନ ବେହେରା ପରିଚାଳନା କରିଥିଲେ। ସୁଶୀଲ ମହାରଣା ଧନ୍ୟବାଦ ଦେଇଥିବା ବେଳେ ବିଭୁଦତ୍ତ ପାତ୍ର ଓ ସୁଧୀର ଲାହା ସଂଯୋଜନା କରିଥିଲେ।

## ଦଲାଲି କରୁଛନ୍ତି ଆମ୍ବୁଲାନ୍ସ କର୍ମଚାରୀ

କଟକ ଅଫିସ,୧୬।୬

■ ଘରୋଇ ହସ୍ପିଟାଲକୁ ଯିବାକୁ ପ୍ରବର୍ତ୍ତାଉଛନ୍ତି

■ ଅଟକ ଫାର୍ମାସିଷ୍ଟଙ୍କୁ ତାଗିଦ କରି ଛାଡ଼ିଦେଲା ପୋଲିସ

ସରକାରଙ୍କ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଦଲାଲି କରୁଛନ୍ତି। କଟକକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଏବଂ ତାଙ୍କର ପରିବାର ଲୋକଙ୍କୁ ସରକାରୀ ହସ୍ପିଟାଲ ପରିବର୍ତ୍ତେ ଘରୋଇ ହସ୍ପିଟାଲ ଯିବାକୁ ପ୍ରବର୍ତ୍ତାଉଛନ୍ତି। ଏଭଳି ଏକ ଘଟଣା ଶନିବାର ରାତିରେ ସାମ୍ନାକୁ ଆସିଛି। ଅଭିଯୋଗ ପରେ ଲାଲବାଗ୍ ପୋଲିସ ଆମ୍ବୁଲାନ୍ସରେ ଥିବା ଜଣେ ଫାର୍ମାସଷ୍ଟକୁ ଅଟକ ରଖି ପରେ ଛାଡି ଦେଇଛି।

ସୂଚନା ଅନୁଯାୟୀ, ୧୦୮ ଆମ୍ବୁଲାନ୍ସ(ଓଡି ୦୨ ଜି ୮୧୬୯) କେନ୍ଦୁଝର ଜିଲାରୁ ଶନିବାର ବିଳମ୍ବିତ ରାତିରେ ଜଣେ ରୋଗୀଙ୍କୁ ନେଇ କଟକ ଆସିଥିଲା। ସେମାନେ ଶିଶୁଭବନ ଯିବାକୁ ଆମ୍ବୁଲାନ୍ସରେ ଥିବା କର୍ମଚାରୀଙ୍କୁ କହିଥିଲେ। କିନ୍ତୁ ଆମ୍ବୁଲାନ୍ସରେ ଥିବା ଫାର୍ମାସିଷ୍ଟ ଜଣକ ତାଙ୍କୁ ଘରୋଇ ହସ୍ପିଟାଲ ଯିବାକୁ କହିଥିଲେ। ଏହାକୁ ନେଇ ରୋଗୀଙ୍କ ପରିବାର ଲୋକଙ୍କ ସହ ଆମ୍ବୁଲାନ୍ସ କର୍ମଚାରୀଙ୍କ ଯୁକ୍ତିତର୍କ ହୋଇଥିଲା। ପରେ ସେମାନେ ଶିଶୁଭବନ ଯାଇଥିଲେ। ଏ ନେଇ ରୋଗୀଙ୍କ ପରିବାର ଲାଲବାଗ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଥାନାରେ ଅଟକ ରଖିଥିଲା। ପଚରାଉଚରା ପରେ ରବିବାର ତାଙ୍କୁ ଛଡାଯାଇଥିବା ଥାନା ଅଧିକାରୀ ଆଶୁତୋଷ ମିଶ୍ର କହିଛନ୍ତି। ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଘରୋଇ ହସ୍ପିଟାଲଗୁଡ଼ିକଙ୍କ ସହ ଆମ୍ବୁଲାନ୍ସରେ ରହୁଥିବା ଫାର୍ମାସିଷ୍ଟମାନଙ୍କର ଯୋଗାଯୋଗ ରହୁଛି। ରୋଗୀ ପିଛା ଫାର୍ମାସିଷ୍ଟମାନଙ୍କୁ ଟଙ୍କା ଦିଆଯାଉଛି। ତେଣୁ ସେମାନେ ଆମ୍ବୁଲାନ୍ସରେ ଆସୁଥିବା ବେଳେ ରୋଗୀମାନଙ୍କୁ ଘରୋଇ ହସ୍ପିଟାଲ ଯିବାକୁ କହୁଛନ୍ତି।



କଟକ ଫିରିଙ୍ଗି ବଜାର ଅଞ୍ଚଳରେ ଦେବସ୍ନାନ ପୂର୍ଣ୍ଣମୀରେ ଶ୍ରୀଜୀଉଙ୍କ ପହଣ୍ଡି ନୀତି ପାଇଁ ଟାହିଆ ପ୍ରସ୍ତୁତ କରୁଥିବା ମହିଳା କାରିଗର।

■ ଆଜି ମହାପୁରୁଷଙ୍କ ଦେବସ୍ନାନ ଯାତ୍ରା

## ଉତ୍ସବମୁଖର ପଦ୍ମବନ ପୀଠ

ନେମାଳ,୧୬।୬(ଡି.ଏନ.ଏ.)



ମହାପୁରୁଷ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦଙ୍କ ପବିତ୍ର ଦେବସ୍ନାନ ଯାତ୍ରା ସୋମବାର ଅନୁଷ୍ଠିତ ହେବ। ଏଥି ପାଇଁ ସମଗ୍ର ପୀଠ ଉତ୍ସବ ମୁଖର ହୋଇଉଠିଛି। ବହୁ ଦୂରଦୂରାନ୍ତରୁ ସାଧୁ ସନ୍ଥ ଓ ଶ୍ରଦ୍ଧାଳୁ ଭକ୍ତ ଆସି ପହଞ୍ଚିଛନ୍ତି ନେମାଳ ପଦ୍ମବନଠାରେ। ହରିନାମ ସଙ୍କୀର୍ତ୍ତନ ସାଙ୍ଗକୁ ଭଜନ କୀର୍ତ୍ତନରେ ସମଗ୍ର ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମହାପୁରୁଷଙ୍କୁ ଭକ୍ତମାନେ ଶାନ୍ତି ଶୃଙ୍ଖଳାର ସହ ଦର୍ଶନ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲାବେଳେ ପୀଠଉପରକୁ ଯାତ୍ରୀମାନେ ଯିବା ପାଇଁ ଜିଗ୍‌ଜାଗ୍ ଗେଟ ପ୍ରସ୍ତୁତି ହୋଇଛି। ପୀଠ ଚତୁଃପାର୍ଶ୍ୱରେ ଜମାଥିବା ଅଳିଆ ଆବର୍ଜନା ଗୁଡ଼ିକୁ ସଫା କରାଯାଇଛି। ସବୁପରେ ପ୍ରଭୁଙ୍କ ସାନିଧ୍ୟ ପାଇଁ ଭକ୍ତମାନେ ଭିଡ ଜମାଇଥିବା ଦେଖିବାକୁ ମିଳିଛି। ଏହା ସାଙ୍ଗକୁ ସଜେଇ ହୋଇ ଉଠିଛି ଚିତ୍ରୋତ୍ପଳା ନଦୀ ବାଲୁକା ଶଯ୍ୟାରେ ବାଲିମେଳା ମହୋତ୍ସବ। ଦୂରଦୂରାନ୍ତରୁ ବ୍ୟବସାୟୀ ପହଞ୍ଚିଛନ୍ତି ବାଲିଯାତ୍ରା ପଡିଆରେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଯଜ୍ଞ ଓ ମେଳା ମହୋତ୍ସବ ଅନୁଷ୍ଠିତ ହେଉଛି ଏହି ନଦୀଶଯ୍ୟା ବାଲିଯାତ୍ରା ପଡିଆରେ।

### ପ୍ରସ୍ତୁତି ପର୍ବ ବୁଲି ଦେଖିଲେ ଏଏସ୍‌ପି:

କଟକ ଜିଲା ଆଡସିନାଲ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଜେନା ନେମାଳ ପଦ୍ମବନ ପୀଠ ପରିଦର୍ଶନ କରିଛନ୍ତି। ଏହି ସମୟରେ ଭକ୍ତମାନେ କିପରି ଶାନ୍ତି ଶୃଙ୍ଖଳାର ସହ ମହାପୁରୁଷଙ୍କୁ ଦର୍ଶନ କରିବେ ସେଥିପାଇଁ ବ୍ୟାରିକେଟ୍‌ର କାର୍ଯ୍ୟକୁ ତଦାରଖ କରିଥିଲେ। ପୀଠସ୍ଥଳରେ ଭକ୍ତମାନେ ସୁବିଧାରେ ପହଞ୍ଚିବା ନିମନ୍ତେ ଟ୍ରାଫିକ ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ସହିତ ଚାରିଚକିଆ, ଦୁଇ ଚକିଆ ଯାନଗୁଡ଼ିକର ପାର୍କିଂ ବ୍ୟବସ୍ଥାକୁ ମଧ ଅନୁଧ୍ୟାନ କରିଥିଲେ। ଏଥିରେ ସାଲେପୁର ଏସ୍‌ଡିପିଓ ସୁରେଶ କୁମାର ଦାସ, ଚୌଦ୍ୱାର ଏସ୍‌ଡିପିଓ ପି.କେ ମଲ୍ଲ, ଏସ୍‌ଡିପିଓ ରାମ ଚନ୍ଦ୍ର ସାହୁ, ଆରଆଇ ଅଭିମନ୍ୟୁ ସ୍ୱାଇଁ, ଡିଆଇବିଡିଏସ୍ ପି ଅମୂଲ୍ୟ ରାଉତରାୟ, ନେମାଳ ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି, ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡା, ମାହାଙ୍ଗା ଥାନା ଅଧିକାରୀ ରଞ୍ଜନ ପ୍ରଧାନଙ୍କ ସମେତ ବହୁ ସ୍ୱେଚ୍ଛାସେବୀ, ପ୍ରଶାସକମାନେ ଉପସ୍ଥିତ ଥିଲେ।

### ଆଶ୍ରମ ପରିସରରେ ମହିମା ମହାମେଳା

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ ନିକଟସ୍ଥ ମହିମା ଆଶ୍ରମରେ ମହିମା ମହାମେଳା ଅନୁଷ୍ଠିତ ହୋଇଯାଇଛି। ଅବଧୂତ ଶଙ୍କର୍ଷଣ ବାବାଙ୍କ ତତ୍ତ୍ୱାବଧନାରେ ବ୍ରହ୍ମଧ୍ୱନୀ ନାମ ଭଜନ, ସମୂହ ପ୍ରାର୍ଥନା, ପ୍ରବଚନ, ଅଖଣ୍ଡ ଧ୍ୱନୀ ପ୍ରଜ୍ୱଳନ ପରେ ପ୍ରସାଦ ସେବନ ହୋଇଥିଲା। ବିଭିନ୍ନ ପ୍ରାନ୍ତରୁ ମହିମା ଧର୍ମାବଲମ୍ବୀମାନେ ଯୋଗଦେଇ ଭଜନ, କୀର୍ତ୍ତନ ଆଦି ଗାନ କରିଥିଲେ। ବ୍ରହ୍ମ ଅବଧୂତ ପ୍ରାଣବନ୍ଧୁ ବାବା, ନିଗମାନନ୍ଦ ବାବା, ବିଚିତ୍ରାନନ୍ଦ ବାବା, ଅନ୍ତର୍ଯ୍ୟାମୀ ବାବା, ଭରତ ବାବା, ଶଙ୍କର ବାବାଙ୍କ ସମେତ ବହୁ ସାଧୁସନ୍ଥ ଓ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରସନ୍ନ କୁମାର ସ୍ୱାଇଁ, ଅମୂଲ୍ୟ ମହାନ୍ତି, ସୁନାକର ସାମଲ, ସୁକଦେବ ସ୍ୱାଇଁ, ରୋହିତ କୁମାର ମହାନ୍ତି, ବିଜୟ କୁମାର ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।



ଏଏସ୍‌ପି ଓ ଅନ୍ୟ ଅଧିକାରୀମାନେ ପୀଠସ୍ଥଳ ବୁଲି ଦେଖୁଛନ୍ତି।



ବିଭିନ୍ନ ସ୍ଥାନରୁ ପୀଠକୁ ଆସିଥିବା ମହିମା ଧର୍ମାବଲମ୍ବୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ଜୁନ୍, ୨୦୧୯



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



■ ଫେଲ୍ ମାରିଲା ପ୍ରଶାସନର ବୈଠକ

# ଅସରାଏ ବର୍ଷାରେ କଟକ ସହର ବେହାଲ

**କଟକ ଅଫିସ,୧୬।୬**



କଟକ ସହରରେ ଶନିବାର ରାତିଠାରୁ ବର୍ଷା ଆରମ୍ଭ ହୋଇଛି। ବର୍ଷା ପରେ ସହରର ବିଭିନ୍ନ ସ୍ଥାନରେ ଆଣ୍ଠୁଏ ଲେଖାଏ ପାଣି ଜମି ରହିବା ସହ ଅବସ୍ଥାକୁ ବେହାଲ କରି ଦେଇଛି। ନାଳନର୍ଦ୍ଦମାର ପାଣି ରାସ୍ତାରେ ଚାଲୁଛି। ମୌସୁମୀ ଆସିବା ପୂର୍ବରୁ ଆରଡିସି, କଟକ ମହାନଗର ନିଗମ (ସିଏମ୍‌ସି) ମୁଖ୍ୟ ପ୍ରଶାସନିକ ଅଧିକାରୀ ବାରମ୍ବାର ବୈଠକ କରିଥିଲେ ସୁଦ୍ଧା ଏହା ଫେଲ ମାରିଛି। ଜୁନ ୧୫ରେ ଆରଡିସି ସହରର ସମସ୍ତ ଡ୍ରେନ ସଫେଇ, ପଙ୍କୋଦ୍ଧାର, ଆବର୍ଜନା ଉଠାଇବା କାମ ସାରିବାକୁ ଅଧିକାରୀଙ୍କୁ ବାରମ୍ବାର ତାଗିଦ୍ କରିଥିଲେ। ତାଗିଦ୍‌କୁ ଅଫିସରମାନେ ମାନୁ ନ ଥିବା ରାସ୍ତାରେ ଜମି ରହିଥିବା ପାଣି, ନାଳରେ ଭରି ରହିଥିବା ଆବର୍ଜନାରୁ ସ୍ପଷ୍ଟ ହୋଇଥିବା ଅଭିଯୋଗ ହେଉଛି। ବର୍ଷା ଆରମ୍ଭ ହୋଇଥିବାରୁ ଆଉ ସଫେଇ କାମ ହୋଇ ପାରିବନାହିଁ ବୋଲି ସହରବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

ପୂର୍ବରୁ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ ବାରମ୍ବାର ସମୀକ୍ଷା ବୈଠକ କରିବା ସହ ତୁରନ୍ତ ପଙ୍କୋଦ୍ଧାର ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାନିଟାରୀ ଇନ୍ସପେକ୍ଟର ଓ କନିଷ୍ଠ ଯନ୍ତ୍ରୀଙ୍କୁ ମଧ୍ୟ ତାଗିଦ୍ କରିଥିଲେ। ତୁରନ୍ତ କାର୍ଯ୍ୟ ଶେଷ ନ ହେଲେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଚେତାବନୀ ମଧ୍ୟ ଦେଇଥିଲେ। କିନ୍ତୁ ଫଳ ଶୂନ ହୋଇଛି। ସିଏମ୍‌ସି ବିଭିନ୍ନ ଡ୍ରେନରୁ ପଙ୍କୋଦ୍ଧାର କାର୍ଯ୍ୟ ଶେଷ ହୋଇ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। କଟକ ସହରର ପ୍ରାୟ ୯୦ପ୍ରତିଶତ ଅଞ୍ଚଳରେ ନାଳନର୍ଦ୍ଦମାରୁ ପଙ୍କୋଦ୍ଧାର କରାଯାଇଥିବା ସିଏମ୍‌ସି କମିଶନର ନାୟକ କହିଥିଲେ। ହେଲେ ସହରର ସମସ୍ତ ନାଳନର୍ଦ୍ଦମା ସଫେଇ ସାଙ୍ଗକୁ ଡ୍ରେନେଜ ମରାମତି କାମ ସରିନାହିଁ। ଫଳରେ ସହରରେ ଅସରାଏ ବର୍ଷାରେ ବିଭିନ୍ନ ଅଞ୍ଚଳରେ ପାଣି ଜମିଛି। ସହରର ମୁଖ୍ୟ ନାଳ ସମେତ ଶାଖା ଓ ଛୋଟ ନାଳରେ କୁଢ଼କୁଢ଼ ଆବର୍ଜନା ପଡ଼ି ରହିଛି। ଯଦିଓ କେତେକ ସ୍ଥାନରେ ପଙ୍କୋଦ୍ଧାର କରାଯାଇଛି, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସହରର ଯେଉଁ ସବୁ ଜାଗାରେ ସଫେଇ ହୋଇଛି, ସେଠାରୁ ଆବର୍ଜନା ଉଠା ନ ଯିବାରୁ ବର୍ଷା ପରେ ପଙ୍କ ରାସ୍ତାରେ ରହି କାଦୁଅ ହେଉଛି। ଏହି ପଙ୍କ ପୁଣି ନାଳ ଭିତରକୁ ଯାଉଛି। ଶନିବାର ରାତି, ରବିବାର ସକାଳୁ କିଛି ସମୟ ଧରି ବର୍ଷା ଲାଗି ରହିବା ଦ୍ୱାରା ରାସ୍ତା ଉପରେ ବର୍ଷାଜଳ ପ୍ରବାହିତ ହୋଇଥିଲା। ଲିଙ୍କରୋଡଠାରୁ ବାଦାମବାଡି ରାସ୍ତା ଜାଇକା କାମ ଯୋଗୁ ଖୋଳା ଯାଇଥିବାରୁ ଗାତଗୁଡ଼ିକରେ ପାଣି

### ସହରର ବିଭିନ୍ନ ଅଞ୍ଚଳରେ ଆଣ୍ଠୁଏ ଲେଖାଏ ପାଣି

ଜମି ରହିଛି। ପଞ୍ଚାୟତିରାଜ, ପାନୀୟଜଳ, ଆଇନ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଆସି ରକ୍ସିଲେନ ବୁଲି ଦେଖିଥିଲେ। କିନ୍ତୁ ସେହି ଅଞ୍ଚଳରେ ଏବେ ବି ସଫେଇ କାର୍ଯ୍ୟ ନ ହେବା କାରଣରୁ ରାସ୍ତାରେ ପାଣି ଜମି ରହୁଥିବା ସ୍ଥାନୀୟ ବାସିନ୍ଦା ନାରାୟଣ ପଣ୍ଡା କହିଛନ୍ତି। ଏଥିସହ ସହରର ଚାଉଳିଆଗଞ୍ଜ, ମହାନଦୀ ବିହାର, ନୂଆ ବଜାର, ନୂଆପଡ଼ା, ଯୋବ୍ରା, ଶଙ୍କରପୁର, କଲେଜ ଛକ, ମଙ୍ଗଳାବାଗ, ଛତ୍ର ବଜାର, ଝାଞ୍ଜିରିମଙ୍ଗଳା, ଖାନନଗର, ରାଜାବଗିଚା, ପଟାପୋଲ, ମହମ୍ମଦିଆ ବଜାର, ମେରିଆ ବଜାର, ଷ୍ଟିୱାର୍ଟ ପାଟଣା, ଗନ୍ଧାଡ଼ିଆ, ଡଗରପଡ଼ା, ଓଡ଼ିଆବଜାର, ମାନସିଂହପାଟଣା, କେଶରପୁର, ବଣିଆସାହି, ବାରପଥର, ପେନ୍‌ସନଲେନ, ରୋଭରଷ୍ଟ୍ରିଟ, ରାଉସାପାଟଣା, ନୂଆ ରାଉସାପାଟଣା, ପ୍ରଫେସରପଡ଼ା, ଫ୍ରେଣ୍ଡସ କଲୋନୀ, ହରିପୁର, ପିଠାପୁର ଆଦି ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ଠିକ୍ ଭାବେ ହୋଇ ନ ପାରୁନାହିଁ। ଫଳରେ ରାସ୍ତା ଉପରେ ପାଣି ଜମି ରହିଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ରାତି ୧୨ଟା ସୁଦ୍ଧା ଲାଗିଲାନି ଜୟବିଜୟ ମୂର୍ତ୍ତି



**ପୁରୀ ଅଫିସ୍, ୧୬।୬:** ପ୍ରଳୟଙ୍କରୀ ବାତ୍ୟା 'ଫନୀ'ରେ ସିଂହଦ୍ୱାର ପ୍ରବେଶ ପଥ ଜୟ ମୂର୍ତ୍ତି ଭାଙ୍ଗି ତଳେ ପଡ଼ିଯାଇଥିଲା। ଏହା ପରେ ଉଭୟ ଜୟ ଓ ବିଜୟ ମୂର୍ତ୍ତି ନୂତନ ଭାବେ ନିର୍ମାଣ କରାଯାଇ ସ୍ଥାପନ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସ୍ନାନଯାତ୍ରା ପୂର୍ବରୁ ଅର୍ଥାତ ଜୁନ୍ ୧୬ତାରିଖରେ ଏହି ମୂର୍ତ୍ତି ଦ୍ୱୟ ସ୍ଥାପନ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ହେଲେ ରବିବାର ରାତି ୧୨ଟା ସୁଦ୍ଧା ମୂର୍ତ୍ତି ସ୍ଥାପନ ହୋଇପାରିନାହିଁ। କିନ୍ତୁ ରାତିରେ ଏହି ମୂର୍ତ୍ତି ଯାଜପୁରରୁ ଅଣାଯାଉଥିବା ଏଏସ୍‌ଆଇର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

### ନିଶାସକ୍ତ ଯୁବକଙ୍କ ମାଡ଼ରେ ଦିଅର-ଭାଉଜ ଆହତ, ଅଭିଯୁକ୍ତ ଗିରଫ

**ଖୁଣ୍ଟୁଣୀ,୧୬।୬(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ନୂଆସାହି ଗ୍ରାମର ଜଣେ ନିଶାସକ୍ତ ଯୁବକ ସେହି ଗ୍ରାମର ଦିଅର-ଭାଉଜଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଫଳରେ ଉଭୟେ ଆହତ ହୋଇ ଆଠଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ନିଶାସକ୍ତ ଯୁବକ ଗିରଫ କରି ରବିବାର କୋର୍ଟଚାଲାଣ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ବିଜୟ ଜେନା। ଏ ନେଇ ଥାନାରେ ୫୪/୧୯ରେ ଏକ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ଶନିବାର ରାତି ୯ଟା ବେଳେ ନୂଆସାହିର ଗ୍ରାମର ବିକାଶ ଏକ ଚା' ଦୋକାନ ଆଗ କଲର୍ଭଟ ଉପରେ ବସିଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଥିବା ବିଜୟ ଆସି କୌଣସି କାରଣକୁ ନେଇ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହାକୁ ଦେଖି ବିକାଶଙ୍କ ଭାଉଜ ଅଟକାଇବାରୁ ବିଜୟ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ।

### ୩୦ଲିଟର ଦେଶୀ ମଦ ଜବତ, ବାପ-ପୁଅ ଗିରଫ

**ଖୁଣ୍ଟୁଣୀ,୧୬।୬(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କୁସପଙ୍ଗି ଗ୍ରାମର ଜଣେ ବାପା-ପୁଅ ମିଶି ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ଉଭୟଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପଗୁ ପ୍ରଧାନ ଓ ପୁଅ ଶ୍ରୀପଲୀ ସୁନ୍ଦର ପ୍ରଧାନ। ପ୍ରକାଶ ଯେ, ଏମାନେ ଦୁହେଁ ଦେଶୀ ମଦ ଘରେ ରଖି ବିକ୍ରି କରୁଥିଲେ। ଗ୍ରାମବାସୀ ଜାଣିବା ପରେ ଏହାର ବିରୋଧ କରୁଥିଲେ। କିନ୍ତୁ ବାପ-ପୁଅ କୌଣସି କଥା ନ ଶୁଣି ବେପାର କରୁଥିଲେ। ଖବରପାଇ ପୋଲିସ ପଗୁଙ୍କ ଘରେ ପହଞ୍ଚି ୩୦ଲିଟର ଦେଶୀ ମଦ ଜବତ କରିବା ସହ ଉଭୟଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା( ନଂ ୫୭/୧୯)ରୁଜୁ ହୋଇଛି।




କଟକ ଶହୀଦ ଭବନରେ ସୁର ମନ୍ଦିର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ରଜ ମହୋତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ମଧୁସ୍ମିତା ନାୟକ ଓ ସାଥୀ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ନ ଥିବା ରିପୋର୍ଟ ଦେଲେ ଡିସିପି

**ଭୁବନେଶ୍ୱର, ୧୬।୬(ବ୍ୟୁରୋ)**

ଖଣ୍ଡଗିରି ଥାନା ଅଞ୍ଚଳରେ ପୁରୀର ଜଣେ ମହିଳାଙ୍କୁ ନିଶା ଦେଇ ବଳାତ୍କାର କରାଯିବା ସହ ସେହି ସମୟର ଦୃଶ୍ୟକୁ ଭିଡିଓ ଉତ୍ତୋଳନ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଖଣ୍ଡଗିରି ଥାନାରେ ମାମଲା ରୁଜୁ ହୋଇଥିଲା। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଅଭିଯୁକ୍ତମାନେ ବଳାତ୍କାର ସମୟର ଭିଡିଓକୁ ନେଇ ପୀଡ଼ିତାଙ୍କୁ ବ୍ଲାକମେଲିଂ କରି ଟଙ୍କା ଓ ସୁନା ଦାବି କରୁଥିବା ମାନବାଧିକାର କର୍ମୀ ଜୟନ୍ତ ଦାସ ଗତବର୍ଷ ଅକ୍ଟୋବର ୧୨ରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ପୋଲିସର ଅବହେଳା ସଂକ୍ରାନ୍ତରେ ଏନ୍‌ଏଚ୍‌ଆରସି

### ବଳାତ୍କାର, ବ୍ଲାକମେଲିଂ ଘଟଣା

ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଥିଲେ। ତଦନୁଯାୟୀ ଭୁବନେଶ୍ୱର ଡିସିପି ଗତ ମାର୍ଚ୍ଚ ୨୯ ତାରିଖରେ ତଦନ୍ତ ରିପୋର୍ଟ ଏନ୍‌ଏଚ୍‌ଆରସିଙ୍କୁ ଦେଇଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଠୋସ୍ ପ୍ରମାଣ ନ ଥିବା ଏବଂ ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଭିଯୋଗକାରିଣୀ ଭିଡିଓ କ୍ଲିପ୍ ତଦନ୍ତକାରୀ ଅଧିକାରୀଙ୍କୁ ଦାଖଲ କରିବାରେ ବିଫଳ ହୋଇଥିବା ଡିସିପି ରିପୋର୍ଟରେ ଦର୍ଶାଇଛନ୍ତି।

ଘଟଣାର ଜଣେ ଅଭିଯୁକ୍ତ ଧରିତ୍ରୀକୁ କହିଛନ୍ତି ଯେ, ତାଙ୍କୁ ବଦନାମ୍ କରିବା ଓ ରାଗ ଶୁଝାଇବା ପାଇଁ ତାଙ୍କ ସମେତ ୨ଜଣଙ୍କ ନାମରେ ଉଦ୍ଦେଶ୍ୟମୂଳକ ଅଭିଯୋଗ କରାଯାଇଛି, ଯାହାର କୌଣସି ସତ୍ୟତା ନାହିଁ।



କଟକ ଫିରିଙ୍ଗି ବଜାର ଅଞ୍ଚଳରେ ଦେବସ୍ନାନ ପୂର୍ଣ୍ଣମୀରେ ଶ୍ରୀଜୀଉଙ୍କ ପହଣ୍ଡି ନୀତି ପାଇଁ ଟାହିଆ ପ୍ରସ୍ତୁତ କରୁଥିବା ମହିଳା କାରିଗର।

# ସମୁଦ୍ରରେ ବୁଡ଼ି ଛାତ୍ର ମୃତ

**ଗୋପ, ୧୬।୬(ଡି.ଏନ୍.ଏ.)**

ସାଙ୍ଗ ସାଥୀଙ୍କ ସହ ରଜ ସଂକ୍ରାନ୍ତିରେ କୋଣାର୍କ ବୁଲିବାକୁ ଆସିଥିବା ଜଣେ କଲେଜ ଛାତ୍ରଙ୍କର ରବିବାର ସମୁଦ୍ରରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କଟକ ଜିଲା ନିଆଳୀ ଥାନା ଅଧୀନ ପୋଲସରା ଗ୍ରାମର କ୍ଷୀରୋଦ ଖଟୋଇଙ୍କ ସାନ ପୁଅ ଚନ୍ଦନ ଖଟୋଇ (୨୦)। ଗୋପ ପୋଲିସ ମୃତଦେହ ଜବତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା ୧୪/୧୯ ରୁଜୁ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନା ପଠାଇଛି। ପ୍ରକାଶ ଯେ, ଚନ୍ଦନ ରବିବାର ୫-୬ ଜଣ ସାଙ୍ଗସାଥୀଙ୍କ ସହ କୋଣାର୍କକୁ ରଜ ଉତ୍ସବ ଦେଖିବା ଲାଗି ଆସିଥିଲେ। ମା' ଭଗବତୀ ପୀଠରେ ରଜ ବୁଲିବା ପରେ କୋଣାର୍କ ଚନ୍ଦ୍ରଭାଗା ବୁଲିବାକୁ ଯାଇଥିଲେ। ସମୁଦ୍ରରେ ଗାଧୋଇବା ଲାଗି ସାଙ୍ଗମାନେ ବାହାରିବାରେ ଚନ୍ଦନ ମଧ୍ୟ ତାଙ୍କ ସହିତ ସମୁଦ୍ରରେ ଗାଧୋଇଥିଲେ। ଗାଧୋଇବା ସମୟରେ ସେ ସମୁଦ୍ର ଲହଡ଼ିରେ ଭାସିଯାଇଥିଲେ। ନିକଟରେ ଥିବା ସାଙ୍ଗମାନେ ତାଙ୍କୁ ଉଦ୍ଧାର କରି ଉପରକୁ ଆଣିବା ସହ ଚେତା ନ ଆସିବାରେ କୋଣାର୍କ ଡାକ୍ତରଖାନାକୁ ଆଣିଥିଲେ। ମୃତକ ଚନ୍ଦନ ନିକଟସ୍ଥ କଲେଜରେ ଅଧ୍ୟୟନ କରୁଥିବା ଜଣାପଡ଼ିଛି। କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ର ତାଙ୍କୁ ତୁରନ୍ତ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ପରେ ଡ.ସୁଗନ୍ଧା କାଶ୍ୟପ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ବାର୍ଷିକ ମେଧା ଓ ପ୍ରତିଭା ସମ୍ମାନ ଉତ୍ସବ

**କଟକ ସଦର,୧୬।୬(ଡି.ଏନ୍.ଏ.)**

୪୨ମୌଜା ବିକାଶ ପରିଷଦ ଆନୁକୂଲ୍ୟରେ ୧୮ତମ ବାର୍ଷିକ ମେଧା ଓ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ରବିବାର ବହଳପଡ଼ା ଉ.ପ୍ରା. ବିଦ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୨ମୌଜା ଅଞ୍ଚଳର ମାଟ୍ରିକ ପରୀକ୍ଷାର କୃତୀ ଛାତ୍ରୀଛାତ୍ର ଓ ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସଫଳ ବ୍ୟକ୍ତିଙ୍କୁ ଆଦର୍ଶ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରିଷଦ ସଭାପତି ଆଇନଜୀବୀ କେଶବ ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଆନ୍ତର୍ଜାତିକ କ୍ରିୟାଯୋଗ ପ୍ରତିଷ୍ଠାନର ଆଧ୍ୟାତ୍ମିକ ମୁଖ୍ୟ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ, ଶିଶୁ ସାହିତ୍ୟିକ ନଦୀୟା ବିହାରୀ ମହାନ୍ତି ମୁଖ୍ୟବକ୍ତା, ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ଓ କଣ୍ଠଶିଳ୍ପୀ ବାଦଲ ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇଥିଲେ। ୪୨ ମୌଜାର ୧୦ ହାଇସ୍କୁଲର ୫୦ଛାତ୍ରୀଛାତ୍ରଙ୍କୁ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। କଟକ ସଦର ବ୍ଲକ ଅଞ୍ଚଳର ୧୩ଟି ହାଇସ୍କୁଲର ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୩ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ବେଷ୍ଟକାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏମ୍.ଆଦର୍ଶ ପ୍ରଥମ, ବେଷ୍ଟକାର ହାଇସ୍କୁଲର ଅନିକେତନ ଦାସ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବେଷ୍ଟକାରର ପ୍ରତ୍ୟୁପନ୍ନା ଦାସ ଦ୍ୱିତୀୟ ଓ କୁଳସରିତୁଆଁ ହାଇସ୍କୁଲର ବିଶ୍ୱଜିତ୍ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଧ୍ୟାତ୍ମିକ ଯୋଗ ଗୁରୁ ମୌନୀବାବା ଯାଦବ ଦାସ, ନନ୍ଦ କିଶୋର ଜେନା, ଅନିଲ ପରିଡା, ସତ୍ୟରଞ୍ଜନ ମୁଦୁଲି, ବିଷ୍ଣୁଚରଣ ସେଠୀ, କାଳନ୍ଦୀ ଚରଣ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସନ୍ତୋଷ ପତି ବିବରଣୀ ପାଠ କରିଥିବା ବେଳେ ଉପଦେଷ୍ଟା ପତିତପାବନ ନାୟକ ଅଭିଭାଷଣ ଓ ଅଧ୍ୟାପକ ଗଣେଶ୍ୱର ଦାଶ ଧନ୍ୟବାଦ ଦେଇଥିଲେ।

# ଦଲାଲି କରୁଛନ୍ତି ଆମ୍ବୁଲାନ୍ସ କର୍ମଚାରୀ

**କଟକ ଅଫିସ,୧୬।୬**

### ଘରୋଇ ହସ୍ପିଟାଲକୁ ଯିବାକୁ ପ୍ରବର୍ତ୍ତାଉଛନ୍ତି

### ଅଟକ ଫାର୍ମାସିଷ୍ଟଙ୍କୁ ତାଗିଦ୍ କରି ଛାଡିଦେଲା ପୋଲିସ

ସରକାରଙ୍କ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଦଲାଲି କରୁଛନ୍ତି। କଟକକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଏବଂ ତାଙ୍କର ପରିବାର ଲୋକଙ୍କୁ ସରକାରୀ ହସ୍ପିଟାଲ ପରିବର୍ତ୍ତେ ଘରୋଇ ହସ୍ପିଟାଲ ଯିବାକୁ ପ୍ରବର୍ତ୍ତାଉଛନ୍ତି। ଏଭଳି ଏକ ଘଟଣା ଶନିବାର ରାତିରେ ସାମ୍ନାକୁ ଆସିଛି। ଅଭିଯୋଗ ପରେ ଲାଲବାଗ୍ ପୋଲିସ ଆମ୍ବୁଲାନ୍ସରେ ଥିବା ଜଣେ ଫାର୍ମାସିଷ୍ଟଙ୍କୁ ଅଟକ ରଖି ପରେ ଛାଡି ଦେଇଛି।

ସୂଚନା ଅନୁଯାୟୀ, ୧୦୮ ଆମ୍ବୁଲାନ୍ସ(ଓଡି ୦୨ ଜି ୮୧୬୯) କେନ୍ଦୁଝର ଜିଲାରୁ ଶନିବାର ବିଳମ୍ବିତ ରାତିରେ ଜଣେ ରୋଗୀଙ୍କୁ ନେଇ କଟକ ଆସିଥିଲା। ସେମାନେ ଶିଶୁଭବନ ଯିବାକୁ ଆମ୍ବୁଲାନ୍ସରେ ଥିବା କର୍ମଚାରୀଙ୍କୁ କହିଥିଲେ। କିନ୍ତୁ ଆମ୍ବୁଲାନ୍ସରେ ଥିବା ଫାର୍ମାସିଷ୍ଟ ଜଣକ ତାଙ୍କୁ ଘରୋଇ ହସ୍ପିଟାଲ ଯିବାକୁ କହିଥିଲେ। ଏନେଇ ରୋଗୀଙ୍କ ପରିବାର ସହ ଆମ୍ବୁଲାନ୍ସ କର୍ମଚାରୀଙ୍କ ବଚସା ହୋଇଥିଲା। ପରେ ସେମାନେ ଶିଶୁଭବନ ଯାଇଥିଲେ। ଏ ନେଇ ରୋଗୀଙ୍କ ପରିବାର ଲାଲବାଗ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଥାନାରେ ଅଟକ ରଖିଥିଲା। ପଚରାଉଚରା ପରେ ତାଙ୍କୁ ଛଡାଯାଇଥିବା ଥାନା ଅଧିକାରୀ ଆଶୁତୋଷ ମିଶ୍ର କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଘରୋଇ ହସ୍ପିଟାଲଗୁଡ଼ିକଙ୍କ ସହ ଆମ୍ବୁଲାନ୍ସରେ ରହୁଥିବା ଫାର୍ମାସିଷ୍ଟଙ୍କ ଯୋଗାଯୋଗ ରହୁଛି। ରୋଗୀ ପିଛା ଫାର୍ମାସିଷ୍ଟମାନଙ୍କୁ ଟଙ୍କା ଦିଆଯାଉଛି।

# ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ଆକ୍ରମଣ ଘଟଣା: ଏଆଇଡିଏସ୍‌ଓ ପକ୍ଷରୁ ଧାରଣା

**କଟକ ଅଫିସ, ୧୬।୬**

କଲିକତାର ଏନ୍‌ଆର୍‌ଏସ୍ ମେଡିକାଲ କଲେଜରେ ରୋଗୀ ମୃତ୍ୟୁକୁ ନେଇ ଡାକ୍ତର ଓ ଜୁନିୟର ଡାକ୍ତରଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ଜଡିତ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ୍ (ଏଆଇଡିଏସ୍‌ଓ) ପକ୍ଷରୁ ରବିବାର କଟକ କଲେଜ ଛକଠାରେ ଧାରଣା ଦିଆଯାଇଥିଲା। ଦେଶର ସମସ୍ତ ହସ୍ପିଟାଲରେ କାମ କରିବାକୁ ସୁରକ୍ଷିତ ପରିବେଶ ଓ ପର୍ଯ୍ୟାପ୍ତ ଭିତ୍ତିଭୂମି ଯୋଗାଇ ଦେବା, ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟସେବାର ବ୍ୟବସାୟୀକରଣ ବନ୍ଦ, ସ୍ୱାସ୍ଥ୍ୟକର୍ମୀଙ୍କୁ ତୁରନ୍ତ ନିଯୁକ୍ତି ଦେବା ନିମନ୍ତେ ଏଆଇଡିଏସ୍‌ଓ ପକ୍ଷରୁ ଦାବି କରାଯାଇଛି। ଏଆଇଡିଏସ୍‌ଓ କଟକ ଜିଲା କମିଟି ପକ୍ଷରୁ ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ, ସମ୍ପାଦକମଣ୍ଡଳୀ ସଦସ୍ୟ ଶିବାନୀ ସାହୁ, ଶୁଭସ୍ମିତା ସାହୁ, ସଙ୍ଗଠକ ସରୋଜ ମାନସିଂ, ସିଦ୍ଧେଶ୍ୱର ଜେଠୀ ପ୍ରମୁଖଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



କଟକ ଜୋବ୍ରା ମାରିଟାଇମ ମ୍ୟୁଜିୟମ କନଫରେନ୍ସ ହଲରେ ଉତ୍କଳ ଜନନୀ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

■ ନଦୀକୁ ବିଷାକ୍ତ କରୁଛି ସହରାଞ୍ଚଳ ଓ ଶିଳ୍ପାଞ୍ଚଳର ଦୂଷିତ ଜଳ

# ରିପୋର୍ଟ ମାଗିଲେ ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ

**କଟକ ସଦର,୧୬।୬(ଡି.ଏନ୍.ଏ.)**

ସହରାଞ୍ଚଳ ଓ ଶିଳ୍ପାଞ୍ଚଳରୁ ନିର୍ଗତ ଦୂଷିତ ଜଳ ଦ୍ୱାରା ରାଜ୍ୟର ପ୍ରମୁଖ ନଦୀଗୁଡ଼ିକୁ ବିଶାକ୍ତ କରୁଛି। ବିଶେଷକରି ମହାନଦୀ ଓ ତା'ର ଶାଖା ନଦୀଗୁଡ଼ିକର ଜଳ କ୍ରମଶଃ ବିଷାକ୍ତ ହେବାରେ ଲାଗିଛି। ଏହା ଉପରେ ନିର୍ଭର କରୁଥିବା ଲୋକେ ନାନାଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ଉପରେ କୁପ୍ରଭାବ ପଡୁଛି। ଏନେଇ ବାରମ୍ବାର ଅଭିଯୋଗ ଆସିବା ପରେ ଜଳସମ୍ପଦ ବିଭାଗ ତତ୍ପରତା ପ୍ରକାଶ କରିଛି। ବିଭାଗୀୟ ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ ଅକ୍ଷୟ କୁମାର ବାନାର୍ଜୀ ପତ୍ର ସଂଖ୍ୟା ୧୬୧୨୮/୧୨/୬/୨୦୧୯ରେ ମୁଖ୍ୟ ଯନ୍ତ୍ରୀମାନଙ୍କୁ ରିପୋର୍ଟ ତଲବ କରିଛନ୍ତି। ମହାନଦୀ, ବ୍ରାହ୍ମଣୀ, ବୈତରଣୀକୁ ଦୂଷିତ ଜଳ ଛାଡୁଥିବା ସହରାଞ୍ଚଳ ପରିଷଦ ସମ୍ପର୍କରେ ସବିଶେଷ ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, କଟକ ମହାନଗର ନିଗମ ଅଞ୍ଚଳରେ ନିଷ୍କାସନ ପାଇଁ ଚାଲିଥିବା ଜାଇକା(ଜାପାନ ଇଣ୍ଟରନ୍ୟାଶନାଲ କୋ ଅପରେଟିଭ ଏଜେନ୍ସି) ପ୍ରକଳ୍ପର ପାଣି ବିଶୋଧନଗାର(ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ)ଟି କାଠଯୋଡି ନଦୀର ବଗୁଲାପଡ଼ାଠାରେ ଜାଲ ଏନ୍‌ଓସି ବଳରେ ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ୯ବର୍ଷ ପରେ ଧରିତ୍ରୀରେ ତା: ୧୨/୩/୧୯ରେ ପ୍ରକାଶିତ ହୋଇଥିଲା। ଏହି ଖବରକୁ ଆଧାର କରି ଜଳସମ୍ପଦ ବିଭାଗର ପ୍ରିନ୍ସପାଲ ସେକ୍ରେଟାରୀ ପ୍ରଦୀପ କୁମାର ଜେନା ସେହିଦିନ ବିଭାଗୀୟ ଯନ୍ତ୍ରୀମାନଙ୍କ ହ୍ୱାଟସଆପ ଗ୍ରୁପରେ କୈଫିୟତ ମାଗିଥିଲେ। ଏହି ନିର୍ଦ୍ଦେଶନାମାକୁ ଆଧାର କରି ମହାନଦୀ ସାଉଥ ଜଳସେଚନ ଡିଭିଜନର ନିର୍ବାହୀଯନ୍ତ୍ରୀ ବସନ୍ତ କୁମାର ରାଉତ ପତ୍ର ସଂଖ୍ୟା ୨୬୮୪/୧୩/୩/୧୯ ରେ ଉତ୍ତର ଦେଇଥିଲେ। ଏହି ପତ୍ରରେ ମତଗଜପୁର ପରିବର୍ତ୍ତେ ବଗୁଲାପଡା ଗ୍ରାମରେ ଟ୍ରିଟମେଣ୍ଟ ପ୍ଲାଣ୍ଟ କାଠଯୋଡି ନଦୀ ପଠାରେ ନିର୍ମାଣ କରାଯାଉଥିବା ଉଲ୍ଲେଖ ଥିଲା। ଚିଠି ସମ୍ପର୍କରେ ବିଭାଗ କ'ଣ ନିଷ୍ପତ୍ତି ଗ୍ରହଣ କରିଛି ବୋଲି ଜଣେ ସୂଚନା ଅଧିକାର କର୍ମୀ ମେ' ମାସରେ ତଥ୍ୟ ଜାଣିବାକୁ ଚାହିଁଥିଲେ। ରାଜ୍ୟରେ ନଦୀକୁ ଦୂଷିତ କରୁଥିବା ସମ୍ପର୍କରେ ତଥ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି ବୋଲି ଜଳସମ୍ପଦ ବିଭାଗର ଜନ ସୂଚନା ଅଧିକାରୀ ସମ୍ପୃକ୍ତ ସୂଚନା ଅଧିକାରୀ କର୍ମୀଙ୍କୁ ଇ-ମେଲ ଯୋଗେ ଚିଠିର ଅବିକଳ ନକଲ ସହ ଅବଗତ କରାଇଛନ୍ତି। ସମସ୍ତ କେନାଲ, ଯୋରକୁ ଦୂଷିତ ଜଳ ଛାଡୁଥିବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥା ଓ ଚିକିତ୍ସାଳୟମାନଙ୍କର ମଧ୍ୟ ସୂଚନା ସଂଗ୍ରହ କରାଯିବ।



ବଗୁଲାପଡ଼ାରେ କାଠଯୋଡି ନଦୀ ପଠାରେ ନିର୍ମାଣାଧୀନ ଜଳ ବିଶୋଧନାଗାର।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ବଢୁଛି ଚୋରା ମଦ ବ୍ୟବସାୟ, ଆନ୍ଦୋଳନ ଚେତାବନୀ

**କୃଷ୍ଣପ୍ରସାଦ,୧୬।୬(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ନିକଟସ୍ଥ ଅଞ୍ଚଳରେ ଚୋରାମଦ ବ୍ୟବସାୟ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଥାନା ପାଚେରିକୁ ଲାଗି ରହିଥିବା ହାଇସ୍କୁଲ ସମ୍ମୁଖସ୍ଥ ଉଭୟ ପାର୍ଶ୍ୱ ବଜାର, ଈପିଙ୍ଗ, ପ୍ରାଣୀଚିକିତ୍ସାଳୟ ରୋଡ଼, ସନ୍ତୋଷପୁର, ଗାନ୍ଧିଛକ, ତିଛିଣିରୋଡ, ଦଳବେହେରାସାହି, ଗଡସାହି, ଚନ୍ଦନପଡ଼ିଆ ଆଦି ଅଞ୍ଚଳରେ ବିପୁଳ ପରିମାଣରେ ଖୋଲାଖୋଲି ଥଣ୍ଡା ପାନୀୟ ଭଳି ବେଆଇନ ମଦ ବିକ୍ରି ଚାଲିଛି। ବାରମ୍ବାର ଏ ନେଇ ଥାନାରେ ଅଭିଯୋଗ କରାଯାଉଥିଲେ ମଧ ପୋଲିସ ନିଷ୍କ୍ରିୟ ରହିଥିବା ଅଭିଯୋଗ ହୋଇଛି। ଏଭଳି ଅସାମାଜିକ କାର୍ଯ୍ୟକଳାପ ଦ୍ୱାରା ଝିଅ, ବୋହୂ ଘରୁ ବାହାରକୁ ଯିବା ପାଇଁ ଭୟ କରୁଥିବା କହିଛନ୍ତି ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ। ସନ୍ଧ୍ୟା ହେଲେ ଛାତ୍ରୀମାନେ ଟ୍ୟୁସନକୁ ଯିବା ପାଇଁ ମଧ ଭୟ କରୁଛନ୍ତି। ଏ ନେଇ ମହିଳା ସଂଘ ବିରୋଧ କଲେ କେତେଜଣ ବେଆଇନ ମଦ ବ୍ୟବସାୟୀ ତମେ କ'ଣ କରିବ? କାହାକୁ କହୁଛ କୁହ ବୋଲି ଓଲଟି ସଂଘକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ମଦ ବିକ୍ରି ବନ୍ଦ କରିବା ପାଇଁ କୃଷ୍ଣପ୍ରସାଦ ପଞ୍ଚାୟତ ସଭାରେ ନିଷ୍ପତ୍ତି ହୋଇଥିଲା। ତେବେ ଏହି ନିଷ୍ପତ୍ତିକୁ କେହି ମାନୁ ନାହାନ୍ତି। ଏ ଘଟଣା ନେଇ ଥାନାରେ ଅଭିଯୋଗ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଭବିଷ୍ୟତରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବା ନେଇ ସରପଞ୍ଚ ସିଂହସାମନ୍ତ ଚେତାବନୀ ଦେଇଛନ୍ତି।

### ଦୁଇ ଦୁର୍ବୃତ୍ତଙ୍କଠାରୁ ୪ ବାଇକ୍ ଜବତ

**ଖୋର୍ଦ୍ଧା ଅଫିସ,୧୬।୬:** ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ରବିବାର ଦୁଇ ଚୋରଙ୍କୁ ଗିରଫ କରି ୪ଟି ଚୋରା ବାଇକ ଜବତ କରିଛି। ଶ୍ରୀରାମନଗର ବିଶ୍ୱଜିତ୍ ପଟ୍ଟନାୟକଙ୍କର ବାଇକ୍ କିଛିଦିନ ତଳେ ଚୋରି ହୋଇଥିଲା। ବିଶ୍ୱଜିତଙ୍କ ବାଇକ୍ ଖୋଜୁ ଖୋଜୁ କୁମାରବସ୍ତର ଦେବରାଜ ରାଉତ(୩୨) ଓ ଜେମାଦେଇର ସନ୍ତୋଷ ସାହୁ(୨୬)ଙ୍କ ନିକଟରେ ବାଇକ୍ ଥିବା ଜଣାପଡିଥିଲା। ଚଢାଉ ସମୟରେ ବିଶ୍ୱଜିତଙ୍କ ବାଇକ୍ ସମେତ ୪ ବାଇକ୍ ପୋଲିସ ଜବତ କରିଥିଲା। ଥାନାରେ ନଂ. ୧୭୦/୧୯ରେ ମାମଲା ରୁଜୁ କରି ପୋଲିସ ଦୁଇଜଣଙ୍କୁ ଗିରଫ କରିଥିଲା।

### ବୈଷ୍ଣବ କବିଙ୍କ ସ୍ମୃତିଚାରଣ

**ଖୋର୍ଦ୍ଧା ଅଫିସ, ୧୬।୬:** ଖୋର୍ଦ୍ଧାର ବୈଷ୍ଣବ କବି ସଦାଶିବ ପଣ୍ଡାଙ୍କ ବିୟୋଗରେ ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦ ପକ୍ଷରୁ ସ୍ମୃତିଚାରଣ ବରୁଣେଇ ବାଇପାସ ଛକସ୍ଥିତ ଶ୍ରୀଚୈତନ୍ୟ ବିହାର ମନ୍ଦିରଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବ ସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୌଡ଼ୀୟ ବୈଷ୍ଣବ ଦୀକ୍ଷାରେ ଦୀକ୍ଷିତ ହୋଇଥିବା ସ୍ୱର୍ଗତ ପଣ୍ଡାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତି ସଭାରେ ଚୈତନ୍ୟ ଗବେଷଣା ପରିଷଦର ଅଧକ୍ଷ ଜାନକୀ ବଲ୍ଲଭ ପଟ୍ଟନାୟକ, ସାହିତ୍ୟିକ ଡ. ଶରତ ଚନ୍ଦ୍ର ମହାପାତ୍ର, ଭାଷା ସୁରକ୍ଷା ସମ୍ମିଳନୀର ଜିଲା ସଭାପତି ସତ୍ୟବାଦୀ ବଳିଆରସିଂହ, ଆମରିସତ୍ୟର ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ଭାଗୀରଥି ରାଉତରାୟ, ବିଷ୍ଣୁବ ମିଳନ ସମିତି ସମ୍ପାଦକ ଜ୍ଞାନ ରଞ୍ଜନ ଦାଶ, ପ୍ରବଚକ ଗୋପବନ୍ଧୁ ପଣ୍ଡା, ନିଶା ନିବାରଣ ସମିତିର ଜିଲା ସଭାପତି ରାମଶଙ୍କର, ସ୍ୱର୍ଗତ ପଣ୍ଡାଙ୍କ ଜାମାତା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଚୀନ ଧର୍ମ ପତ୍ରିକା ପରମାର୍ଥୀରେ ତାଙ୍କର ଦୁଇ ହଜାରରୁ ଊର୍ଦ୍ଧ୍ୱ ଲେଖା ପ୍ରକାଶ ପାଇଥିବା ବେଳେ ତାଙ୍କ ରଚିତ ଗୀତୋପଦେଶ, ଭକ୍ତି ତରଙ୍ଗ, ଭକ୍ତି ପୀୟୁଷ, ଭକ୍ତି ଦୀପିକା, ଭକ୍ତି ଦର୍ପଣ ଆଦି ୬ ଗୋଟି ବୈଷ୍ଣବ ଧର୍ମ ଆଧାରିତ ପୁସ୍ତକ ରଚନା କରିଛନ୍ତି। ଏହି ସଭାରେ ସଚି ଦାସଙ୍କ ଦ୍ୱାରା ରଚିତ ଶ୍ରୀମଦ୍ ଭାଗବତର ସଂସ୍କୃତରୁ ଓଡ଼ିଆ ଅନୁବାଦ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ୱର୍ଗତ ପଣ୍ଡାଙ୍କ କନ୍ୟା ସସ୍ମିତା ପଣ୍ଡା ଧନ୍ୟବାଦ ଦେଇଥିଲେ।



ବରୁଣେଇଠାରେ ଅନୁଷ୍ଠିତ ରଜ ମହୋତ୍ସବରେ ଝିଅମାନେ ଦୋଳି ଖେଳୁଛନ୍ତି।



ଅନୁଷ୍ଠିତ ପିଠା ପ୍ରତିଯୋଗିତା।



ବେଗୁନିଆ ବରମୂଳେଇ ପୀଠରେ ଅନୁଷ୍ଠିତ ରଜ ମଉଜରେ ଝିଅଙ୍କ ଦ୍ୱାରା ଝୋଟି ପ୍ରତିଯୋଗିତା।

# ଜୀବଜନ୍ତୁ ସୁରକ୍ଷାର ବାର୍ତ୍ତା ଦେଲା ପଶୁ ନୃତ୍ୟ

**ବରୁଣେଇ ରଜ ମହୋତ୍ସବ**

**ଖୋର୍ଦ୍ଧା ଅଫିସ,୧୬।୬**

ବିଦାୟ ନେଇଛି ରଜ। ହେଲେ ବରୁଣେଇ ପୀଠରେ ଲାଗି ରହିଛି ରଜର ମାହୋଲ। ବରୁଣେଇ ପୀଠରେ ସାଂସ୍କୃତିକ ଅନୁଷ୍ଠାନ ଦିଶାନ୍ତ ପକ୍ଷରୁ ଆୟୋଜିତ ବରୁଣେଇ ରଜ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ଦିବସ। ଦିନବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ଲାଗି ରହିଥିଲା। ତେବେ ଜୀବଜନ୍ତୁ ସୁରକ୍ଷାର ବାର୍ତ୍ତା ଦେଇଛି ପଶୁ ନୃତ୍ୟ। ଯାହାକି ଦର୍ଶକଙ୍କୁ ବହୁ ସମୟ ଧରି ମଞ୍ଚ ନିକଟରେ ବାନ୍ଧି ରଖିଥିଲା। ନୃତ୍ୟାଙ୍ଗନା ଖୋର୍ଦ୍ଧାର କଳାକାରମାନେ ଦର୍ଶକଙ୍କୁ ଭେଟି ଦେଇଥିଲେ ସମ୍ବଲପୁରୀ ନୃତ୍ୟ। ପରେ ରଜକୁ ନେଇ ନୃତ୍ୟ ଓ ଗୀତ ଆକାରରେ ଦର୍ଶକଙ୍କ ନିକଟରେ ଉପସ୍ଥାପନ କରିଥିଲେ କଳାକାରମାନେ। ବିଶ୍ୱ କଲଚରାଲ ଫାଉଣ୍ଡେଶନ ଟ୍ରଷ୍ଟ ଜଟଣୀ ପକ୍ଷରୁ ବିଭିନ୍ନ ପ୍ରକାରର ସାଂସ୍କୃତିକ ନୃତ୍ୟର ଫେଣ୍ଟାଫେଣ୍ଟି ମାହୋଲ ଦେଖିବାକୁ ମିଳିଥିଲା। ପଶୁ ନାଚ ଦେଖାଇ ଗଞ୍ଜାମର ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦର କଳାକାର ଦର୍ଶକଙ୍କୁ ବିମୋହିତ କରିଥିଲେ। ଅବାଧ ଶିକାର ଯୋଗୁ ଜୀବଜନ୍ତୁଙ୍କ ଜୀବନ କିପରି ଦୁର୍ବିଷହ ହୋଇପଡୁଛି ତାହାର ବାର୍ତ୍ତା ରହିଥିଲା।



ମହୋତ୍ସବରେ କଳାକାରମାନଙ୍କ ଦ୍ୱାରା ପଶୁ ନୃତ୍ୟ ପରିବେଷଣ।

ଅନ୍ୟପକ୍ଷେ ସିଙ୍ଗମ ଡ୍ୟାନ୍ସ ଏକାଡେମୀ କଟକ ପକ୍ଷରୁ ମଞ୍ଚରେ ବାରମାସରେ ତେର ପର୍ବର ବିଭିନ୍ନ ଝଲକ ଦେଖିବାକୁ ମିଳିଥିଲା। ଦର୍ଶକ ଘରର ପର୍ବପର୍ବାଣିକୁ ଦେଖି ବେଶ୍ ମଜା ଉଠାଇଥିଲେ। ଏହାର ଅନୁରୂପ ଭେଟି ଥିଲା ଗଣେଶ ବନ୍ଦନା ଓ ବନ୍ଦେ ମାତରମ୍। ଜୟ ହୋ ମା' ଖମ୍ବୀ ପୁରୀ ପକ୍ଷରୁ ଶିଳ୍ପୀମାନେ ମାଲଖମ୍ବ ପ୍ରଦର୍ଶନ କରିଥିଲେ। ଭୁବନେଶ୍ୱରର ଟିକ୍ ଟିକ୍ ଫେମସ୍ ଗ୍ରୁପ ପକ୍ଷରୁ ଟିକ୍‌ଟାକ୍ ବିଭିନ୍ନ ଦୃଶ୍ୟକୁ ଦର୍ଶକଙ୍କ ନିକଟରେ ଉପସ୍ଥାପନ କରିଥିଲେ। ପଶା ପ୍ରତିଯୋଗିତାରେ ବାଲୁଙ୍କେଶ୍ୱର ମହାପାତ୍ର, ଦୋଳିରେ ସନ୍ଧ୍ୟାରାଣୀ ମିଶ୍ର ଓ ପିଠାରେ କଲ୍ୟାଣୀ ପଟ୍ଟନାୟକ ପ୍ରଥମ ସ୍ଥାନ ଅକ୍ତିଆର କରି ପୁରସ୍କାର ସାଉଁଟି ଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୨ୟ ଓ ୩ୟ ପୁରସ୍କାର ମଧ ପ୍ରଦାନ କରାଯାଇଥିଲା। ଦିଶାନ୍ତର ସଭାପତି ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଭୁବନେଶ୍ୱରର ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଯୋଗ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ନିରଞ୍ଜନ ନାୟକ, ସହସମ୍ପାଦକ ସଞ୍ଜୀବ ପରିଡା ମଞ୍ଚ ପରିଚାଳନା କରିଥିବାବେଳେ ଅବିନାଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଦୋଳି ଓ ଭୋଜିର ମଜା

ବରୁଣେଇ ରଜ ମହୋତ୍ସବରେ ଦୋଳିର ବ୍ୟବସ୍ଥା ନ ଥିବାବେଳେ ୨ୟ ଦିବସରେ ଦୋଳିର ବ୍ୟବସ୍ଥା କରାଯାଇଥିଲା। ମହିଳା, ଯୁବତୀ ଓ ଛୋଟ ପିଲାମାନେ ଦୋଳି ଖେଳି ମଜା ଉଠାଉଛନ୍ତି। ସେହିଭଳି ଏପଟେ ମହୋତ୍ସବର ଆସର ଚାଲୁ ରହିଥିବାବେଳେ ସେପଟେ ବଣଭୋଜିର ମଜା ଥିଲା ନିଆରା ପରିବେଶ ସୃଷ୍ଟି କରିଥିଲା। ରବିବାର ବରୁଣେଇର ବିଭିନ୍ନ ସ୍ଥାନରେ ୧୨ଟି ଦଳ ଭୋଜି କରୁଥିବାର ଦେଖିବାକୁ ମିଳିଥିଲା। ଏପରିକି ଭୋଜିଭାତ ପୂର୍ବରୁ ନାଚଗୀତର ଆସର ମଧ ଲାଗି ରହିଥିଲା। ବରୁଣେଇର ସୁଇମିଂ ପୁଲ୍‌ରେ କିଛି ପର୍ଯ୍ୟଟକ ସ୍ନାନ କରି ମଜା ନେଇଥିଲେ। ଠାକୁର ଦର୍ଶନ ଓ ପାହାଡରେ ଗୁମ୍ଫା ଦେଖିବାକୁ ହଜାର ହଜାର ସଂଖ୍ୟକ ଲୋକଙ୍କ ଭିଡ ଲାଗି ରହିଥିଲା।



ବେଗୁନିଆ ପତିତପାବନ ଯୁବକ ସଂଘ ପକ୍ଷରୁ ରବିବାର ରଜ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦଣ୍ଡ ନୃତ୍ୟ।

## ଯୌତୁକ ପାଇଁ ବଧୂହତ୍ୟା : ସ୍ୱାମୀ ଗିରଫ

**ଖୋର୍ଦ୍ଧା ଅଫିସ,୧୬।୬**

ଯୌତୁକଜନିତ ବଧୂହତ୍ୟା ଅଭିଯୋଗରେ ରବିବାର ବାଣପୁର ଥାନା ପୋଲିସ ହତ୍ୟାକାରୀ ସ୍ୱାମୀ ଭାପୁର ବୃନ୍ଦାବନପୁର ଗାଁର ମିଥୁନ ପ୍ରଧାନଙ୍କୁ ଗିରଫ କରିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ବାପଘର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରାପ୍ତ ସୂଚନା ଅନୁସାରେ, ପୁରୀ ଜିଲା ପିପିଲି ଥାନା ମଗଲପୁର ଗ୍ରାମର ରଷିଆ ପ୍ରଧାନଙ୍କ ଝିଅ ପୂଜାଙ୍କ ସହ ବାଣପୁର ଥାନା ଭାପୁର ବୃନ୍ଦାବନପୁର ଗାଁର ବ୍ରଜ ପ୍ରଧାନଙ୍କ ପୁଅ ମିଥୁନଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା।୨୦୧୮ ନଭେମ୍ବରରେ ଉଭୟେ ଘରୁ ପଳାଇ ଯାଇ ଯାଁଳାସ୍ଥିତ ଭୁଆଶୁଣୀ ମନ୍ଦିରରେ ବିବାହ କରିଥିଲେ। ପରେ ଉଭୟ ପରିବାରଙ୍କ ସମ୍ମତିକ୍ରମେ ପୂଜା ଓ ମିଥୁନଙ୍କ ବୈଦିକ ରୀତିରେ ବାହାଘର ହୋଇଥିଲା। ବିବାହର ୪ରୁ ୫ ମାସ ସ୍ୱାମୀ ସ୍ତ୍ରୀ ଭଲରେ ଚଳିଥିଲେ। ପରେ ଯୌତୁକ ଆକାରରେ ବାପଘରୁ ୫ ଲକ୍ଷ ଟଙ୍କା ଆଣିବାକୁ ମିଥୁନ ପୂଜାକୁ କହିଥିଲେ। ବାପଘରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଏବଂ ଘରୁ ପଳାଇ ଆସି ପ୍ରେମ ବିବାହ କରିଥିବାରୁ ପୂଜା ଚୁପ ରହିବାକୁ ବାଧ ହୋଇଥିଲେ। ଯୌତୁକ ଟଙ୍କା ନ ଆଣିବାରୁ ପରିବାରରେ ଅଶାନ୍ତି ବଢ଼ିଥିଲା। ବିଭିନ୍ନ ସମୟରେ ଛୋଟ ଛୋଟ କଥାକୁ ନେଇ ସ୍ୱାମୀଙ୍କ ସମେତ ଶାଶୁ, ଶ୍ୱଶୁର, ନଣନ୍ଦ ଓ ନଣନ୍ଦେଇ ପୂଜାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରିବାକୁ ଲାଗିଲେ। ଏପରିକି ବାପଘରକୁ ଫୋନ କରିବାକୁ ମଧ ବାରଣ କରୁଥିଲେ। ସପ୍ତାହ ପୂର୍ବେ ବାପା ରଷିଆ ଝିଅ ପୂଜାଙ୍କୁ ଦେଖା କରିବାକୁ ଘରକୁ ଆସିଥିଲେ। ଝିଅ ଦେହରେ କ୍ଷତ ଚିହ୍ନ ଦେଖି ଘଟଣା ସମ୍ପର୍କରେ ଜ୍ୱାଇଁଙ୍କୁ ଏହାର କାରଣ ପଚାରିଥିଲେ। ଶ୍ୱଶୁରଙ୍କ ଆଗରେ ରଷିଆ କ୍ଷମା ମାଗିବା ସହ ଭବିଷ୍ୟତରେ କେବେ ପୂଜାଙ୍କୁ ମାଡ ମାରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରବିବାର ପୂଜା ରଶିରେ ଝୁଲି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଶ୍ୱଶୁର ଘର ପକ୍ଷରୁ ପୂଜାଙ୍କୁ ଗୁରୁତର ଅବସ୍ଥାରେ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ବୋଲି କୁହାଯାଇଛି। ଖବରପାଇ ରଷିଆ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଲା ବେଳକୁ ପୂଜାଙ୍କ ମୃତ୍ୟୁ ହୋଇ ସାରିଥିଲା। ତେବେ ଯୌତୁକ ଦାବିରେ ଶ୍ୱଶୁରଘରେ ସ୍ୱାମୀ ସମେତ ଶାଶୁ, ଶ୍ୱଶୁର, ନଣନ୍ଦ ଓ ନଣନ୍ଦେଇ ପୂଜାଙ୍କୁ ତଣ୍ଟି ଚିପି ମାରି ଦେଇ ଆତ୍ମହତ୍ୟାର ରୂପ ଦେବା ପାଇଁ ରଶିରେ ଝୁଲାଇ ଦେଇଥିବା ରଷିଆ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ନଂ. ୧୭୩/୧୯ ରେ ମାମଲା ରୁଜୁ କରିଛି।

# ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ନ ଥିବା ରିପୋର୍ଟ ଦେଲେ ଡିସିପି

**ବଳାତ୍କାର, ବ୍ଲାକମେଲିଂ ଘଟଣା**

**ଭୁବନେଶ୍ୱର, ୧୬।୬(ବ୍ୟୁରୋ)**

ଖଣ୍ଡଗିରି ଥାନା ଅଞ୍ଚଳରେ ପୁରୀର ଜଣେ ମହିଳାଙ୍କୁ ନିଶା ଦେଇ ବଳାତ୍କାର କରାଯିବା ସହ ସେହି ସମୟର ଦୃଶ୍ୟକୁ ଭିଡିଓ ଉତ୍ତୋଳନ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଖଣ୍ଡଗିରି ଥାନାରେ ମାମଲା ରୁଜୁ ହୋଇଥିଲା। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଅଭିଯୁକ୍ତମାନେ ବଳାତ୍କାର ସମୟର ଭିଡିଓକୁ ନେଇ ପୀଡ଼ିତାଙ୍କୁ ବ୍ଲାକମେଲିଂ କରି ଟଙ୍କା ଓ ସୁନା ଦାବି କରୁଥିବା ମାନବାଧିକାର କର୍ମୀ ଜୟନ୍ତ ଦାସ ଗତବର୍ଷ ଅକ୍ଟୋବର ୧୨ରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ପୋଲିସର ଅବହେଳା ସଂକ୍ରାନ୍ତରେ ଏନ୍‌ଏଚ୍‌ଆରସି ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଥିଲେ। ତଦନୁଯାୟୀ ଭୁବନେଶ୍ୱର ଡିସିପି ଗତ ମାର୍ଚ୍ଚ ୨୯ ତାରିଖରେ ତଦନ୍ତ ରିପୋର୍ଟ ଏନ୍‌ଏଚ୍‌ଆରସିଙ୍କୁ ଦେଇଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଠୋସ୍ ପ୍ରମାଣ ନ ଥିବା ଏବଂ ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଭିଯୋଗକାରିଣୀ ଭିଡିଓ କ୍ଲିପ୍ ତଦନ୍ତକାରୀ ଅଧିକାରୀଙ୍କୁ ଦାଖଲ କରିବାରେ ବିଫଳ ହୋଇଥିବା ଡିସିପି ରିପୋର୍ଟରେ ଦର୍ଶାଇଛନ୍ତି।

ଘଟଣାର ଜଣେ ଅଭିଯୁକ୍ତ ଧରିତ୍ରୀକୁ କହିଛନ୍ତି ଯେ, ତାଙ୍କୁ ବଦନାମ୍ କରିବା ଓ ରାଗ ଶୁଝାଇବା ପାଇଁ ତାଙ୍କ ସମେତ ୨ଜଣଙ୍କ ନାମରେ ଉଦ୍ଦେଶ୍ୟମୂଳକ ଅଭିଯୋଗ କରାଯାଇଛି, ଯାହାର କୌଣସି ସତ୍ୟତା ନାହିଁ।

## ଏଟିଏମ୍ ଭାଙ୍ଗିଲେ, ଟଙ୍କା ନେଇପାରିଲେନି

**କୃଷ୍ଣପ୍ରସାଦ,୧୬।୬(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବଜ୍ରକୋଟସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍ ଭାଙ୍ଗି ଶନିବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଟଙ୍କା ଚୋରି ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ରବିବାର ସକାଳେ ବ୍ୟାଙ୍କକୁ ଲାଗି ରହିଥିବା ଏଟିଏମ୍‌ଟି ଭାଙ୍ଗି ଯାଇଥିବା ଲୋକେ ଦେଖିଥିଲେ। ଖବର ପାଇ ବ୍ୟାଙ୍କ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବ୍ୟାଙ୍କ ପକ୍ଷରୁ ଏ ନେଇ କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ କରାଯାଇଥିଲା। ପ୍ରଥମେ ସିସି କ୍ୟାମେରା ଭାଙ୍ଗି ପରେ ଦୁର୍ବୃତ୍ତ ଏଟିଏମ୍ ଭାଙ୍ଗି ଟଙ୍କା ଚୋରି ଉଦ୍ୟମ କରିଥିଲେ ମଧ ଏଥିରେ ସଫଳ ହୋଇ ନ ଥିଲେ। ତେବେ ଏଟିଏମ୍‌ର କେବଳ ସମ୍ମୁଖ ପାର୍ଶ୍ୱଟି ଭାଙ୍ଗିଯାଇଛି। ଘଟଣାଟି ଭୋର ୩ଟା ପରେ ଘଟିଥିବା ବ୍ୟାଙ୍କ ଶାଖା ପରିଚାଳକ ଶ୍ରୀନିବାସ ଦାସ କହିଛନ୍ତି। ସେ କହିଛନ୍ତି, ଘଟଣା ଦିନ ଭୋର ୩ଟା ସମୟରେ ପୋଲିସ ଗାଡ଼ି ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଏଟିଏମ୍‌ଟି ଭାଙ୍ଗି ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ।



ଭଙ୍ଗାଯାଇଥିବା ଏଟିଏମ୍।

ଶାଖା ପରିଚାଳକ କୃଷ୍ଣପ୍ରସାଦ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି। ସିସି କ୍ୟାମେରା ଫୁଟେଜ୍‌ରୁ ଦୁର୍ବୃତ୍ତଙ୍କୁ ଗିରଫ କରିବା ନେଇ ଆଶା ରହିଛି ବୋଲି ଶାଖା ପରିଚାଳକ କହିଥିଲେ। ଅପରପକ୍ଷେ ଏଟିଏମରୁ ଚୋରି ଉଦ୍ୟମରୁ ବିଫଳ ହେବା ପରେ ଚୋର ବଜ୍ରକୋଟ ବଜାରସ୍ଥିତ ଏକ ଫଳ ଦୋକାନ ଭାଙ୍ଗି ୨ ହଜାର ଟଙ୍କା ସହ କିଛି ଫଳ ନେଇ ଯାଇଥିବା ଅଭିଯୋଗ ହୋଇଛି।

## ■ ତାଳିପକା କାମ, ଭୟରେ ଜଟଣୀବାସୀ

# ବାଉଁଶ ଢିରାରେ ବିଦ୍ୟୁତ୍ ଖୁଣ୍ଟ

**ଜଟଣୀ,୧୬।୬(ଡି.ଏନ.ଏ)**

ଚାରିଆଡ଼େ ବିପଦସଙ୍କୁଳ ଅବସ୍ଥାରେ ରହିଛି ବିଦ୍ୟୁତ୍ ଖୁଣ୍ଟ ଓ ତାର। କେଉଁଠି ଖୁଣ୍ଟ ବଙ୍କା ଅବସ୍ଥାରେ ରହିଛି ତ ଆଉ କେଉଁଠାରେ ବାଉଁଶ ଢିରା ଦିଆଯାଇଛି। ଅନେକ ଅଞ୍ଚଳରେ ହାତକୁ ପାଇଲା ଭଳି ତାର ଝୁଲି ରହିଛି। ଆଉ କେଉଁଠି ବ୍ଲାକଟେପ୍ ଟିକେ ଗୁଡ଼ା ଯାଇନାହିଁ। ଫଳରେ ବିଦ୍ୟୁତ୍ ସରବରାହ ହେଉଥିବା ତାର ମୁକୁଳା ଅବସ୍ଥାରେ ରହିଛି। ଅସାବଧାନତା ବଶତଃ କାହା ଶରୀର ବିଦ୍ୟୁତ୍ ତାର ସ୍ପର୍ଶରେ ଆସିଲେ ଜୀବନ ଯିବାର ସମ୍ଭାବନା ଦେଖାଦେଇଛି। ସାମାନ୍ୟ ପବନରେ ଝୁଲି ରହିଥିବା ଖୁଣ୍ଟ ଓ ତାରରୁ ଯେପରି ନିଆଁ, ଧୂଆଁ ବାହାରୁଛି ଦେଖିଲେ ଲୋକେ ଭୟ କରୁଛନ୍ତି। ତାରକୁ ତାର ଲାଗି ନିଆଁ ବାହାରିବା ସହ ଘରର ଇଲେକ୍ଟ୍ରୋନିକ୍ ସାମଗ୍ରୀ ପୋଡ଼ି ଯାଉଛି। ବାତ୍ୟା ଫନୀ ପରେ ଜଟଣୀ ସହର ଓ ଗ୍ରାମାଞ୍ଚଳରେ ଏପରି ଅବସ୍ଥାରେ ରହିଛି ବିଦ୍ୟୁତ୍ ସେବା।

ବାତ୍ୟାର ୧୫ ଦିନ ପରେ ଧୀରେ ଧୀରେ ସ୍ୱାଭାବିକ ହୋଇଥିଲା ବିଦ୍ୟୁତ୍ ସରବରାହ। ତେବେ ତରବରିଆ ଭାବେ ପୁରୁଣା କେବୁଲ, ତାର ଓ ଉପୁଡ଼ି ପଡ଼ିଥିବା ଖୁଣ୍ଟକୁ ନେଇ ଯେପରି ତାଳିପକା କାମ ହୋଇଛି ତାହା ଅଧିକ ବିପଦ ଆଣି ଦେଇଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ସ୍ଥାୟୀ ପ୍ରତିକାର କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଲୋକେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଇନ୍‌ଫୋସିସ୍ ଗ୍ରୀଡରୁ ଜଟଣୀକୁ ଆସିଥିବା ୩୩ କେଭି ବିଦ୍ୟୁତ୍ ଅନେକ ସ୍ଥାନରେ ଖୁଣ୍ଟରେ ଷ୍ଟେ' ନ ଥିବାବେଳେ ଭି ଗୁଡ଼ିକ ଦୃଢ଼ ଭାବେ ଭିଡ଼ା ନ ଯାଇ ହୁଗୁଳା ରହିଥିବାବେଳେ ଇନ୍‌ସୁଲେଟରଗୁଡ଼ିକ ମଧ ରହିଛି। ଏହାଛଡ଼ା ସହର ଓ ଗ୍ରାମାଞ୍ଚଳରେ ବାତ୍ୟା ପ୍ରଭାବରେ ଛିଡ଼ି ଫାଟି ଯାଇଥିବା ପୁରୁଣା କେବୁଲକୁ ପୁଣି ସଂଯୋଗ କରାଯାଇଛି। ଫଳରେ ସେଥିରେ ପାଣି ପଶି ବାରମ୍ବାର ଅନେକ ସ୍ଥାନରେ ଟ୍ରାନ୍ସଫର୍ମରଗୁଡ଼ିକ ଶର୍ଟ ହୋଇ ଖରାପ ହେଉଛି। ଏପରିକି ନିଆଁ ଓ ଧୂଆଁ ବାହାରୁଛି। ବାତ୍ୟା ଫନୀ ଯିବାର ୪୩ ଦିନ ପରେ ବି ଏସବୁର ସ୍ଥାୟୀ କାର୍ଯ୍ୟ କରାଯାଇ ପାରିନାହିଁ।

**■କେଉଁଠି ନିଆଁ ବାହାରୁଛି, ଆଉ କେଉଁଠି ଫଟା କେବୁଲ**



ଗଜପତିନଗରରେ ବିଦ୍ୟୁତ୍ ଖୁଣ୍ଟକୁ ପଥର ବାଉଁଶ ଢିରା ଦିଆଯାଇଛି। ତାର ଝୁଲି ରହିଛି।

ଏବେ ବର୍ଷା ଆରମ୍ଭ ହେଲାଣି। ଆଗକୁ ଥିବା ମୌସୁମୀ ବର୍ଷା ଆରମ୍ଭ ହୋଇଗଲେ ତାଳିପକା କାର୍ଯ୍ୟର ଅବସ୍ଥା କ'ଣ ହେବ ତାକୁ ନେଇ ସ୍ଥାନୀୟ ଜନସାଧାରଣ ନାନା ଆଶଙ୍କା ଓ ଭୟଭୀତ ଅବସ୍ଥାରେ ରହିଛନ୍ତି। ତରବରିଆ ଭାବେ ଯେଉଁ କେତୋଟି ସ୍ଥାନରେ ନୂଆ ଖୁଣ୍ଟ ପୋତା ଯାଇଛି ତା'ର ମୂଳଦୁଆ ଦୃଢ଼ ନ ଥିବାରୁ କେତେକ ଖୁଣ୍ଟ ନଇଁ ଗଲାଣି। ସାମାଜିକ କର୍ମୀ ବାସୁଦେବ ସେଠୀ କୁହନ୍ତି, ମ୍ୟୁନିସିପାଲିଟି ୫ ନଂ. ୱାର୍ଡର ଗଜପତିନଗର ଅଞ୍ଚଳରେ ଖୁଣ୍ଟଗୁଡ଼ିକୁ ବାଉଁଶ ଓ ପଥର ଢ଼େରା ଦେଇ ରଖାଯାଇଛି। ସମ୍ପୃକ୍ତ ବିଭାଗକୁ ବାରମ୍ବାର ଏ ନେଇ ଅବଗତ କରାଗଲେ ମଧ କୌଣସି ପ୍ରତିକାର ଗ୍ରହଣ କରାଯାଉନାହିଁ। ୮ ନଂ. ୱାର୍ଡର ବଳରାମ ନାୟକ କୁହନ୍ତି, ସାମାନ୍ୟ ପବନରେ ଓହଳି ରହିଥିବା ତାରଗୁଡ଼ିକ ପରସ୍ପର ମଧରେ ସଂଯୋଗ ହୋଇ ଅନେକ ସମୟରେ ନିଆଁ ବାହାରୁଛି। ୩ ଦିନ ପୂର୍ବେ ଏହିପରି ଅବସ୍ଥା ହୋଇ ସମ୍ପୃକ୍ତ ଅଞ୍ଚଳର ଅନେକ ଘରେ ଫ୍ରିଜ୍, ଟିଭି, ବଲ୍‌ବ ଆଦି ପୋଡ଼ି ଯାଇଥିଲା। ସେହିପରି କୁଦିଆରୀ ଗ୍ରାମରେ ସମାନ ଅବସ୍ଥା ବୋଲି ସମ୍ପୃକ୍ତ ଅଞ୍ଚଳର ଲକ୍ଷ୍ମୀଧର ମହାନ୍ତି କହିଛନ୍ତି। ଏଠାରେ ଫାଟି ଯାଇଥିବା ପୁରୁଣା କେବୁଲ ଓ ତାରଗୁଡ଼ିକୁ ପୁଣି ସଂଯୋଗ କରାଯାଇଛି। ଯାହା ବିପଦସଙ୍କୁଳ ଅବସ୍ଥାରେ ଓହଳିକି ରହିଛି।

## ରାତି ୧୨ଟା ସୁଦ୍ଧା ଲାଗିଲାନି ଜୟ ବିଜୟ ମୂର୍ତ୍ତି

**ପୁରୀ ଅଫିସ, ୧୬।୬**

ପ୍ରଳୟଙ୍କରୀ ବାତ୍ୟା 'ଫନୀ'ରେ ସିଂହଦ୍ୱାର ପ୍ରବେଶ ପଥ ଜୟ ମୂର୍ତ୍ତି ଭାଙ୍ଗି ତଳେ ପଡ଼ିଯାଇଥିଲା। ଏହା ପରେ ଉଭୟ ଜୟ ଓ ବିଜୟ ମୂର୍ତ୍ତି ନୂତନ ଭାବେ ନିର୍ମାଣ କରାଯାଇ ସ୍ଥାପନ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସ୍ନାନଯାତ୍ରା ପୂର୍ବରୁ ଅର୍ଥାତ ଜୁନ୍ ୧୬ତାରିଖରେ ଏହି ମୂର୍ତ୍ତି ଦ୍ୱୟ ସ୍ଥାପନ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ହେଲେ ରବିବାର ରାତି ୧୨ଟା ସୁଦ୍ଧା ମୂର୍ତ୍ତି ସ୍ଥାପନ ହୋଇପାରିନାହିଁ। କିନ୍ତୁ ରାତିରେ ଏହି ମୂର୍ତ୍ତି ଯାଜପୁରରୁ ଅଣାଯାଉଥିବା ଏଏସ୍‌ଆଇର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।





"ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ଆକ୍ରମଣ

**ବ୍ରହ୍ମଗିରି, ୧୬।୬(ଡି.ଏନ୍.ଏ.):** ପୂର୍ବ ଶତ୍ରୁତାକୁ ନେଇ ବ୍ରହ୍ମଗିରି ଥାନା ଅନ୍ତର୍ଗତ ନହରବାଲି ଗ୍ରାମରେ ଶନିବାର ଜଣେ ମହିଳାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ ହୋଇଥିବା ନେଇ ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବାସନ୍ତି ସ୍ୱାଇଁ ନାମକ ଜଣେ ମହିଳାଙ୍କୁ ସେହି ଗ୍ରାମର ୫/୬ ଜଣ ଲୋକ ସଂଘ ବଦ୍ଧ ଆକ୍ରମଣ କରିଥିଲେ। ଏଭଳିକି ତଳେ ପକାଇ ଦଳାଚକଟା କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଏ ସମ୍ପର୍କରେ ତାଙ୍କ ପୁଅ ପ୍ରକାଶ ସ୍ୱାଇଁ ବ୍ରହ୍ମଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

### ଏଟିଏମ୍ ଭାଙ୍ଗି ଟଙ୍କା ଚୋରି ଉଦ୍ୟମ

**କୃଷ୍ଣପ୍ରସାଦ,୧୬।୬(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବଜ୍ରକୋଟସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍ ଭାଙ୍ଗି ଶନିବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଟଙ୍କା ଚୋରି ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ରବିବାର ସକାଳେ ବ୍ୟାଙ୍କକୁ ଲାଗି ରହିଥିବା ଏଟିଏମ୍‌ଟି ଭାଙ୍ଗି ଯାଇଥିବା ଲୋକେ ଦେଖିଥିଲେ। ଖବର ପାଇ ବ୍ୟାଙ୍କ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବ୍ୟାଙ୍କ ପକ୍ଷରୁ ଏ ନେଇ କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ କରାଯାଇଥିଲା। ପ୍ରଥମେ ସିସି କ୍ୟାମେରା ଭାଙ୍ଗି ପରେ ଦୁର୍ବୃତ୍ତ ଏଟିଏମ୍ ଭାଙ୍ଗି ଟଙ୍କା ଚୋରି ଉଦ୍ୟମ କରିଥିଲେ ମଧ ଏଥିରେ ସଫଳ ହୋଇ ନ ଥିଲେ। ତେବେ ଏଟିଏମ୍‌ର କେବଳ ସମ୍ମୁଖ ପାର୍ଶ୍ୱଟି ଭାଙ୍ଗିଯାଇଛି। ଘଟଣାଟି ଭୋର ୩ଟା ପରେ ଘଟିଥିବା ବ୍ୟାଙ୍କ ଶାଖା ପରିଚାଳକ ଶ୍ରୀନିବାସ ଦାସ କହିଛନ୍ତି। ସେ କହିଛନ୍ତି, ଘଟଣା ଦିନ ଭୋର ୩ଟା ସମୟରେ ପୋଲିସ ଗାଡ଼ି ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଏଟିଏମ୍‌ଟି ଭାଙ୍ଗି ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ। ଶାଖା ପରିଚାଳକ କୃଷ୍ଣପ୍ରସାଦ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି।

### ୪୦ୟୁନିଟ ରକ୍ତ ସଂଗ୍ରହ

**ପୁରୀ ଅଫିସ୍, ୧୬।୬:** ସର୍ମପଣ ଓ କଳିଙ୍ଗ ବୈଶ୍ୟ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ରବିବାର ପେଣ୍ଟଘରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ଯୁବ ରକ୍ତଦାତା ସୌମ୍ୟରଞ୍ଜନ ପାତ୍ର ଏବଂ ଏକାଧିକ ଥର ରକ୍ତଦାନ କରି ଯୁବକଙ୍କ ଲାଗି ପ୍ରେରଣାର ଉତ୍ସ ପାଲଟିଥିବା ବଦ୍ରି ମିଶ୍ରଙ୍କୁ ଉପଢୋକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କଳିଙ୍ଗ ବୈଶ୍ୟ ସଂଘ ସଭାପତି ଶିବରାମ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସର୍ମପଣ ଅଧକ୍ଷ ପ୍ରଫେସର ଅଭିମନ୍ୟୁ ଭୂୟାଁ, କଳିଙ୍ଗ ବୈଶ୍ୟ ଯୁବକ ସଂଘ ସଭାପତି କେଦାରନାଥ ମହାପାତ୍ର, ସର୍ମପଣ ସମ୍ପାଦିକା ଜୟନ୍ତୀ ମହାପାତ୍ର, ବ୍ଲଡ ବ୍ୟାଙ୍କ ଅଧିକାରୀ ବିଣାପାଣି ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ■ ଜିଲାମୁଖ୍ୟ ଚିକିତ୍ସାଳୟ ବୁଲିଲେ ଜିଲାପାଳ

# ସେବା, ପରିମଳ ଓ ପାନୀୟଜଳ ଉପରେ ଗୁରୁତ୍ୱ

**ପୁରୀ ଅଫିସ୍, ୧୬।୬**

ଜୁଲାଇ ୪ରେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ସୋମବାର ଦେବସ୍ନାନ ପୂର୍ଣ୍ଣିମା। ଏଥିପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଜିଲାପାଳ ବଲଓ୍ୱନ୍ତ ସିଂ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲାପାଳ ଭାବେ ଯୋଗଦାନ ପରେ ମୁଖ୍ୟ ଚିକିତ୍ସାଳୟକୁ ଏହା ତାଙ୍କର ପ୍ରଥମ ଗସ୍ତ। ମୁଖ୍ୟ ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ନେଇ ତୃତୀୟ ରଥ ସମନ୍ୱୟ ବୈଠକରେ ହୋହାଲ୍ଲା ହୋଇଥିଲା। ସ୍ନାନଯାତ୍ରା ପୂର୍ବରୁ ଜିଲାପାଳ ଚିକିତ୍ସାଳୟ ପରିଦର୍ଶନରେ ଆସି ମେଡିକାଲରେ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ରଥଯାତ୍ରାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସିଡିଏମଓ ସୂଚନା ଦେଇଥିଲେ।

ରଥଯାତ୍ରାକୁ ଆସୁଥିବା ଡାକ୍ତର, ପାରାମେଡିକାଲ ଷ୍ଟାଫ ମାନଙ୍କ ରହିବା ବ୍ୟବସ୍ଥା, ଫାଷ୍ଟଏଡ କେନ୍ଦ୍ର, ଆମ୍ବୁଲାନ୍ସ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସହରାଞ୍ଚଳର୪ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତମ ରୋଗୀ ସେବା ଉପରେ ଜିଲାପାଳ ସିଂ ଗୁରୁତ୍ୱାରୋପ କରିଥିଲେ। ଓପିଡି ଓ ସ୍ୱତନ୍ତ୍ର ଓପିଡିରେ ଚାଲିଥିବା ରୋଗୀ ସେବା ଉପରେ ପଚାରି ବୁଝିଥିଲେ। ସମସ୍ତ ୱାର୍ଡ ବୁଲି ଦେଖିଥିଲେ। ୱାର୍ଡ ନିୟମିତ ସଫେଇ, ପରିମଳ, ସ୍ୱଚ୍ଛତା ଓ ପାନୀୟଜଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରସୂତି କାଳୀନ ଓ ଶିଶୁ ଯତ୍ନକେନ୍ଦ୍ର(ଏମ୍‌ସିଏଚ୍) କୋଠା ବୁଲି ଦେଖିଥିଲେ। ଏସ୍‌ଏନସିୟୁ, ଶିଶୁ ୱାର୍ଡ ବୁଲିବା ସହ ରୋଗୀଙ୍କୁ ମେଡିକାଲ ପକ୍ଷରୁ ଦିଆଯାଉଥିବା ସେବା ସମ୍ପର୍କରେ ପଚାରି ବୁଝିଥିଲେ। ନିରାମୟ କାଉଣ୍ଟର ବୁଲିବା ସହ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ୍, ଔଷଧ ମହଜୁଦ ରଖିବା ଲାଗିବା ତାଗିଦ କରିଥିଲେ। ଏମସିଏଚ୍ କୋଠା ଉପରକୁ ଯାଇ ଉପରୁ ମେଡିକାଲର ସ୍ଥିତି ପରଖିଥିଲେ। ମେଡିକାଲର ନୂତନ ନକ୍ସା ପ୍ଲାନ ପ୍ରସ୍ତୁତ ଲାଗି କହିଥିଲେ। ବାତ୍ୟାରେ ଭାଙ୍ଗିପଡିଥିବା ପାଣିଟାଙ୍କି ତୁରନ୍ତ ମରାମତି ଏବଂ ଟାଙ୍କିକାମ ସମାପ୍ତ ନ ହେବା ପର୍ଯ୍ୟନ୍ତ ବିକଳ୍ପ ବ୍ୟବସ୍ଥା ଲାଗି ପିଏଚଡିକୁ ତାଗିଦ୍ କରିଥିଲେ। ରଥଯାତ୍ରା ପୂର୍ବରୁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ସଜାଡିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସହ ବିଦ୍ୟୁତ, ପିଏଚ୍‌ଡି ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ। ଏହି ଗସ୍ତ ବେଳେ ସିଡିଏମଓ ଅମରେନ୍ଦ୍ର ମହାନ୍ତି, ଏଡିଏମଓ(ମେଡିକାଲ) ଶିଶିର କୁମାର ରଥ, ଡା.ବ୍ରଜବନ୍ଧୁ ଦାଶ, ଏଡିଏମଓ(ପିଏଚ)ବିରଜା ଶଙ୍କର ଦାଶ, ଏଡିଏମଓ( ପରିବାର କଲ୍ୟାଣ) ପର୍ଶୁରାମ ଚମ୍ପତିରାୟ, ଡା.ଲଲାଟେନ୍ଦୁ ମିଶ୍ର, ଡିପିଏମ ଟି.ଏନ୍.ରାଓ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ଜିଲାପାଳ ବଲଓ୍ୱନ୍ତ ସିଂ ଜିଲା ମୁଖ୍ୟ ଚିକିତ୍ସାଳୟ ବୁଲି ଦେଖୁଛନ୍ତି।



ଭଗବତୀ ପୀଠ ରଜ ଉତ୍ସବରେ ମଞ୍ଚାସୀନ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଓ ଅନ୍ୟ ଅତିଥି।

## ତୃତୀୟ ଦିନରେ କୋଣାର୍କ ରଜ ଉତ୍ସବ

**କୋଣାର୍କ,୧୬।୬(ଡି.ଏନ୍.ଏ.)**

କୋଣାର୍କସ୍ଥିତ ମା' ଭଗବତୀ ପୀଠଠାରେ ଆୟୋଜିତ ୨୦ତମ ରଜ ଉତ୍ସବରେ ରବିବାର ଥିଲା ତୃତୀୟ ଦିନ। ପୂର୍ବାହ୍ନ ୧୦ଟା ୩୦ରେ ଭଜନ କାର୍ଯ୍ୟକ୍ରମ, ରଜ ଗୀତ, ଘୋଡ଼ା ନାଚ, ପୋଡ ପିଠା ପ୍ରତିଯୋଗିତା ସମେତ ପରିବେଶ ସଚେତନତା ସମ୍ବନ୍ଧୀୟ ଚେତନାଧର୍ମୀ ସାଂସ୍କୃତିକମାନ ଆୟୋଜିତ ହୋଇଥିଲା। ଅର୍କଶ୍ରୀ ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତୃତୀୟ ଦିନରେ ରଜ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଉତ୍କଳୀୟ କଳା, ସଂସ୍କୃତି ଓ କୃଷିର ଗଣପର୍ବ ରଜର ମହନୀୟତାକୁ ସୁନ୍ଦର ପ୍ରସାର କରିବା ଦିଗରେ କୋଣାର୍କ ରଜ ଉତ୍ସବର ସ୍ୱତନ୍ତ୍ରତା ରହିଛି। ଏ ପୀଠରେ ବିକାଶ ପାଇଁ ମୋର ସର୍ବଦା ସହଯୋଗ ରହିବ ବୋଲି ମନ୍ତ୍ରୀ ଦାଶ ମତବ୍ୟକ୍ତ କରିଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ଚିରସନ୍ଧାନର ସମ୍ପାଦକ, ପାର୍ଥସାରଥି ଅଜୟ ବାରିକ, ପ୍ରକୃତି ମିତ୍ର ପୁରସ୍କାରପ୍ରାପ୍ତ ପରିବେଶବିତ ରଘୁନାଥ ପୃଷ୍ଟି, ପରିବେଶବିତ ଇଂ ମନୋରଞ୍ଜନ ମିଶ୍ର, ପ୍ରଦୀପ ରଥ ଓ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରତାପ ରାଉତ ସଂଯୋଜନା କରିଥିବାବେଳେ ଅର୍କଶ୍ରୀର ସୁରେଶ ସ୍ୱାଇଁ, ପଞ୍ଚାନନ ବରାଳ, ରାମକୃଷ୍ଣ ମହାନ୍ତି, ସୁମିତ୍ରା ଶିଖାରୀ, ବିଷ୍ଣୁପ୍ରିୟା ପାଇଟାଳ, ସୁକାନ୍ତ ଦାଶ ଓ ଲିଙ୍ଗରାଜ ନାୟକ ପ୍ରମୁଖ ପରିଚାଳନା କରିଥିଲେ।



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ରାତି ୧୦ଟାରେ ଜୟ ବିଜୟ ମୂର୍ତ୍ତି ସ୍ଥାପନ ପାଇଁ ମରାମତି କାର୍ଯ୍ୟ ଚାଲିଛି।

## ରାତି ୧୨ଟା ସୁଦ୍ଧା ଲାଗିଲାନି ଜୟ ବିଜୟ ମୂର୍ତ୍ତି

**ପୁରୀ ଅଫିସ୍, ୧୬।୬**

ପ୍ରଳୟଙ୍କରୀ ବାତ୍ୟା 'ଫନୀ'ରେ ସିଂହଦ୍ୱାର ପ୍ରବେଶ ପଥ ଜୟ ମୂର୍ତ୍ତି ଭାଙ୍ଗି ତଳେ ପଡ଼ିଯାଇଥିଲା। ଏହା ପରେ ଉଭୟ ଜୟ ଓ ବିଜୟ ମୂର୍ତ୍ତି ନୂତନ ଭାବେ ନିର୍ମାଣ କରାଯାଇ ସ୍ଥାପନ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସ୍ନାନଯାତ୍ରା ପୂର୍ବରୁ ଅର୍ଥାତ ଜୁନ୍ ୧୬ତାରିଖରେ ଏହି ମୂର୍ତ୍ତି ଦ୍ୱୟ ସ୍ଥାପନ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ହେଲେ ରବିବାର ରାତି ୧୨ଟା ସୁଦ୍ଧା ମୂର୍ତ୍ତି ସ୍ଥାପନ ହୋଇପାରିନାହିଁ। କିନ୍ତୁ ରାତିରେ ଏହି ମୂର୍ତ୍ତି ଯାଜପୁରରୁ ଅଣାଯାଉଥିବା ଏଏସ୍‌ଆଇର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ■ ବଳାତ୍କାର, ବ୍ଲାକମେଲିଂ ଘଟଣା

# ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ନ ଥିବା ରିପୋର୍ଟ ଦେଲେ ଡିସିପି

**ଭୁବନେଶ୍ୱର, ୧୬।୬(ବ୍ୟୁରୋ)**

ଖଣ୍ଡଗିରି ଥାନା ଅଞ୍ଚଳରେ ପୁରୀର ଜଣେ ମହିଳାଙ୍କୁ ନିଶା ଦେଇ ବଳାତ୍କାର କରାଯିବା ସହ ସେହି ସମୟର ଦୃଶ୍ୟକୁ ଭିଡିଓ ଉତ୍ତୋଳନ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଖଣ୍ଡଗିରି ଥାନାରେ ମାମଲା ରୁଜୁ ହୋଇଥିଲା। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଅଭିଯୁକ୍ତମାନେ ବଳାତ୍କାର ସମୟର ଭିଡିଓକୁ ନେଇ ପୀଡ଼ିତାଙ୍କୁ ବ୍ଲାକମେଲିଂ କରି ଟଙ୍କା ଓ ସୁନା ଦାବି କରୁଥିବା ମାନବାଧିକାର କର୍ମୀ ଜୟନ୍ତ ଦାସ ଗତବର୍ଷ ଅକ୍ଟୋବର ୧୨ରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ପୋଲିସର ଅବହେଳା ସଂକ୍ରାନ୍ତରେ ଏନ୍‌ଏଚ୍‌ଆରସି ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଥିଲେ। ତଦନୁଯାୟୀ ଭୁବନେଶ୍ୱର ଡିସିପି ଗତ ମାର୍ଚ୍ଚ ୨୯ ତାରିଖରେ ତଦନ୍ତ ରିପୋର୍ଟ ଏନ୍‌ଏଚ୍‌ଆରସିଙ୍କୁ ଦେଇଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଠୋସ୍ ପ୍ରମାଣ ନ ଥିବା ଏବଂ ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଭିଯୋଗକାରିଣୀ ଭିଡିଓ କ୍ଲିପ୍ ତଦନ୍ତକାରୀ ଅଧିକାରୀଙ୍କୁ ଦାଖଲ କରିବାରେ ବିଫଳ ହୋଇଥିବା ଡିସିପି ରିପୋର୍ଟରେ ଦର୍ଶାଇଛନ୍ତି।

ଘଟଣାର ଜଣେ ଅଭିଯୁକ୍ତ ଧରିତ୍ରୀକୁ କହିଛନ୍ତି ଯେ, ତାଙ୍କୁ ବଦନାମ୍ କରିବା ଓ ରାଗ ଶୁଝାଇବା ପାଇଁ ତାଙ୍କ ସମେତ ୨ଜଣଙ୍କ ନାମରେ ଉଦ୍ଦେଶ୍ୟମୂଳକ ଅଭିଯୋଗ କରାଯାଇଛି, ଯାହାର କୌଣସି ସତ୍ୟତା ନାହିଁ।

# ସମୁଦ୍ର, ନଦୀରେ ବୁଡ଼ି ୨ ମୃତ

**ଗୋପ/ବ୍ରହ୍ମଗିରି, ୧୬।୬(ଡି.ଏନ୍.ଏ.)**

ରଜ ପର୍ବର ଶେଷ ଦିନ ଶନିବାର ପାଣିରେ ବୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି। ଜଣଙ୍କର ସମୁଦ୍ରରେ ବୁଡ଼ି ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସାଙ୍ଗ ସାଥୀଙ୍କ ସହ ଶନିବାର ରଜ ସଂକ୍ରାନ୍ତିରେ କୋଣାର୍କ ବୁଲିବାକୁ ଆସିଥିବା ଜଣେ କଲେଜ ଛାତ୍ରଙ୍କର ରବିବାର ସମୁଦ୍ରରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କଟକ ଜିଲା ନିଆଳୀ ଥାନା ଅଧୀନ ପୋଲସରା ଗ୍ରାମର କ୍ଷୀରୋଦ ଖଟୋଇଙ୍କ ସାନ ପୁଅ ଚନ୍ଦନ ଖଟୋଇ (୨୦)। ଗୋପ ପୋଲିସ ମୃତଦେହ ଜବତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା ୧୪/୧୯ ରୁଜୁ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନା ପଠାଇଛି। ପ୍ରକାଶ ଯେ, ଚନ୍ଦନ ରବିବାର ୫-୬ ଜଣ ସାଙ୍ଗସାଥୀଙ୍କ ସହ କୋଣାର୍କକୁ ରଜ ଉତ୍ସବ ଦେଖିବା ଲାଗି ଆସିଥିଲେ। ମା' ଭଗବତୀ ପୀଠରେ ରଜ ବୁଲିବା ପରେ କୋଣାର୍କ ଚନ୍ଦ୍ରଭାଗା ବୁଲିବାକୁ ଯାଇଥିଲେ। ସମୁଦ୍ରରେ ଗାଧୋଇବା ଲାଗି ସାଙ୍ଗମାନେ ବାହାରିବାରେ ଚନ୍ଦନ ମଧ ତାଙ୍କ ସହିତ ସମୁଦ୍ରରେ ଗାଧୋଇଥିଲେ। ଗାଧୋଇବା ସମୟରେ ସେ ସମୁଦ୍ର ଲହଡ଼ିରେ ଭାସିଯାଇଥିଲେ। ନିକଟରେ ଥିବା ସାଙ୍ଗମାନେ ତାଙ୍କୁ ଉଦ୍ଧାର କରି ଉପରକୁ ଆଣିବା ସହ ଚେତା ନ ଆସିବାରେ କୋଣାର୍କ ଡାକ୍ତରଖାନାକୁ ଆଣିଥିଲେ। ମୃତକ ଚନ୍ଦନ ନିକଟସ୍ଥ କଲେଜରେ ଅଧ୍ୟୟନ କରୁଥିବା ଜଣାପଡ଼ିଛି। କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ର ତାଙ୍କୁ ତୁରନ୍ତ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ପରେ ଡ.ସୁଗନ୍ଧା କାଶ୍ୟପ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ବ୍ରହ୍ମଗିରି ବାଲି ହରଚଣ୍ଡୀ ପୀଠକୁ ବୁଲି ଆସିଥିବା ଜଣେ ଶ୍ରଦ୍ଧାଳୁ ରବିବାର ନିକଟସ୍ଥ ନଦୀରେ ବୁଡ଼ି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ପୁରୀ ପେଣ୍ଠକଟାର ଏମ୍. ସନ୍ତୋଷ କୁମାର (୨୫) ତାଙ୍କ ମାମୁଁଙ୍କୁ ହରଚଣ୍ଡୀ ପୀଠକୁ ବୁଲାଇବାକୁ ନିଜର ଅଟୋରେ ଆଣିଥିଲେ। ଠାକୁରାଣୀଙ୍କୁ ଦର୍ଶନ ସାରି ନରସିଂହ ପାଟଣା ନିକଟରେ ଥିବା ନଦୀରେ ଗାଧାଉଥିବା ସମୟରେ ନଦୀରେ ଭାସିଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଖୋଜା ଖୋଜି କରି ନଦୀରୁ ଉଦ୍ଧାର କରିଥିଲେ। ପରେ ଖବର ପାଇ ଅଗ୍ନିସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସନ୍ତୋଷଙ୍କୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପଲିଥିନ ବର୍ଜନ ପାଇଁ ସଚେତନତା ରାଲି

**ପୁରୀ ଅଫିସ,୧୬।୬**

ପଲିଥିନ ମଣିଷ ସମାଜ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହା ସତ୍ତ୍ୱେ ଲୋକେ ପଲିଥିନ୍ ବ୍ୟବହାର ବନ୍ଦ କରୁନାହାନ୍ତି। ଏବେ ବି ଏହାର ବହୁଳ ବ୍ୟବହାର କରାଯାଉଛି। ତେଣୁ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ରବିବାର ସିଂହଦ୍ୱାର ସମ୍ମୁଖରେ ବ୍ରହ୍ମପୁରର ସାମାଜିକ ଅନୁଷ୍ଠାନ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ପକ୍ଷରୁ ପଲିଥିନ ବର୍ଜନ ପାଇଁନିବେଦନ କରାଯାଇଥିଲା। ଏଥିସହ ସଚେତନତା ରାଲି ଏବଂ ପଥପ୍ରାନ୍ତ ସଭା ମଧ କରାଯାଇଥିଲା। ଏଥିରେ ଆର୍ଯ୍ୟଭଟର ପରିଚାଳକ ସୁଧିର କୁମାର ରାଉତ, ସାମାଜିକ କର୍ମୀ ଶ୍ୟାମସୁନ୍ଦ ଖାଡଙ୍ଗା, ବାସୁଦେବ ସାହୁକାର, ଅଞ୍ଜଳି ମହାନ୍ତି, ସବିତା ସାହୁକାର, ପ୍ରମୋଦ ମହାରଣା, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ମାନସ ପାତ୍ର, ମନୋରଞ୍ଜନ ତ୍ରିପାଠୀ, ସୁଶାନ୍ତ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗଞ୍ଜାମ ଜିଲା ଇକୋ କ୍ଲବ ସଂଯୋଜକ ଡ. ଶଙ୍କର ନାରାୟଣ ବେଜ ଏହାକୁ ସଂଯୋଜନା କରିଥିଲେ।




ପଲିଥିନ ବର୍ଜନ ପାଇଁ ବାହାରିଥିବା ସଚେତନତା ରାଲି।

## ରଜ ସଂକ୍ରାନ୍ତି ସାହିତ୍ୟ ଆସର

**ପୁରୀ ଅଫିସ, ୧୬।୬:** ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ୧୨୯ତମ ମାସିକ ସାରସ୍ୱତ ଆସର ଶନିବାର ସର୍ବମଙ୍ଗଳା ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ହରେକୃଷ୍ଣ ପ୍ରଧାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଣ୍ଡିତ ରାମଚନ୍ଦ୍ର ହୋତା ଏବଂ ସମ୍ମାନିତ ଅତିଥି ଭାବେ ପୀତାମ୍ବର ମହାପାତ୍ର ଯୋଗଦେଇଥିଲେ। ସମ୍ପାଦକ ରବୀନ୍ଦ୍ରନାଥ ପଟ୍ଟନାୟକ ସମ୍ପାଦକୀୟ ପାଠ କରିଥିଲେ। ମୁଖ୍ୟଅତିଥିଙ୍କ ସଂସ୍କୃତ ଭାଷଣ ଶ୍ରୋତାମଣ୍ଡଳୀଙ୍କୁ ଅଭିନବ ଅନୁଭୂତି ପ୍ରଦାନ କରିଥିଲା। ପ୍ରିୟଙ୍କା ପ୍ରିୟଦର୍ଶିନୀ ପଣ୍ଡା, ମନୋରମା ଆଚାର୍ଯ୍ୟ, ରୋଜାଲିନ ପଣ୍ଡା, ମଞ୍ଜୁଳା ଦେବୀ ସମବେତ କଣ୍ଠରେ ରଜଗୀତ ପରିବେଷଣ କରିଥିଲେ। କବି ଦାମୋଦର ମହାନ୍ତିଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା। ବିଶିଷ୍ଟ ଅତିଥି ଭାବେ ଦୀନବନ୍ଧୁ ଦାଶ, ଉମାକାନ୍ତ ସାହୁ, ଅଧ୍ୟାପକ ସୁନୀଲ ରଥ ଯୋଗଦେଇଥିବା ବେଳେ ବିପିନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସତ୍ୟବାଦୀ କଳା ସଂସଦ ପକ୍ଷରୁ ରଜ ମହୋତ୍ସବ

**ସାକ୍ଷୀଗୋପାଳ,୧୬।୬(ଡି.ଏନ୍.ଏ.)**

ସତ୍ୟବାଦୀ କଳା ସଂସଦ ଆନୁକୂଲ୍ୟରେ ରଜ ମହୋତ୍ସବ-୨୦୧୯ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ପାଳିତ ହୋଇଯାଇଛି। ସଂସଦର ଦ୍ୱିତୀୟ ବାର୍ଷିକ ଉତ୍ସବ ଅବସରରେ ସଂସଦର ଛାତ୍ରୀଛାତ୍ରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରାରମ୍ଭରେ କୁନିକୁନି ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧକ୍ଷ ପ୍ର. ସୁଦର୍ଶନ ବେହେରା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧ୍ୟାପକ ଡ. ଅଭିମନ୍ୟୁ ବରାଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପାଣ୍ଡବ ମହାରଣା, ଧିରେନ୍ଦ୍ର ନାଥ ଜେନା, ଭୀମସେନ ମହାପାତ୍ର ଓ ପୀତବାସ ସେନାପତି ପ୍ରମୁଖ ଯୋଗଦେଇ ଗାନ୍ଧର୍ବ କଳା ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ଭଜମନ ସାହୁଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଗବେଷକ ଭୀମସେନ ମହାପାତ୍ରଙ୍କ ରଚିତ 'ସତ୍ୟବାଦୀ ସଂସ୍କୃତି' ସଂସ୍କୃତି ସମ୍ପର୍କିତ ତଥ୍ୟ ଓ ସୁଜାତା ମିଶ୍ରଙ୍କ 'ଶ୍ରୀ ସାକ୍ଷୀଗୋପାଳ' କବିତା ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ। ଗୁରୁ ମାନସ ବେହେରା, ସୋନୀ ବେହେରା ଓ ବିକାଶ ସ୍ୱାଇଁଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଓଡ଼ିଶୀ, ସମ୍ବଲପୁରୀ, ମରାଠୀ, ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରାଯାଇଥିଲା। ନୃତ୍ୟାଂଶରେ ଶିଳ୍ପତା, ନିର୍ଲିପ୍ତା, ସୋନି, ଅନୁ, ରଶ୍ମି, ସରୋଜିନୀ, ପୂଜା, ଜାଗୃତି, ସୁଶ୍ରୀ ସଙ୍ଗୀତା, ଚାନ୍ଦିନୀ, ସୀମା ଓ ଇତିଶ୍ରୀ ଭାଗନେଇଥିଲେ। ସେହପରି ସଙ୍ଗୀତାଶଂରେ ସଙ୍ଗୀତା, ଶିଳ୍ପିତା, ବିଶ୍ୱଜିତ, ଅର୍ଚ୍ଚିତା, ବର୍ଷା, ବିଷ୍ଣୁପ୍ରିୟା, ପ୍ରତ୍ୟାଶା ଓ ଶୁଭଶ୍ରୀ ଶୁଭସ୍ମିତା ଭାଗନେଇଥିଲେ। ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ଗୁରୁ ଭଜମନ ସାହୁ ପ୍ରଦାନ କରିଥିଲେ। ଜ୍ୟୋତି ଶଙ୍କର ଖୁଣ୍ଟିଆ ସଂଯୋଜନା କରିଥିବା ବେଳେ ପରିଚାଳନାରେ ବସନ୍ତ କୁମାର ସ୍ୱାଇଁ, ରୁବିନା ସାହୁ ଓ ବିକ୍ରମ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

### ଦୋହାରେ ଭାରତୀୟ ସଂସ୍କୃତିର ଝଲକ

## ବାଲୁକା କଳାରେ ମନ ଜିଣିଲେ ମାନସ

**ପୁରୀ ଅଫିସ,୧୬।୬**

କତାରର ଦୋହାରେ ଦେଖିବାକୁ ମିଳିଛି ଭାରତୀୟ ସଂସ୍କୃତିର ଝଲକ। ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ ପ୍ରଥମେ ଦୋହା ଏବଂ ପରେ ଭାରତୀୟ କଳା ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ବାଲୁକା କଳା (ସ୍ୟାଣ୍ଡ ଆନିମେଶନ) ପ୍ରଦର୍ଶନ କରିଥିଲେ। ୩୦ମିନିଟ ପର୍ଯ୍ୟନ୍ତ ଗୋଟିକ ପରେ ଗୋଟିଏ ବାଲୁକା କଳା ପ୍ରଦର୍ଶନ କରି ସେ ସମସ୍ତଙ୍କ ମନ ଜିଣି ନେଇଥିଲେ। ସେଠାରେ ପ୍ରବାସୀ ଓଡ଼ିଆଙ୍କ ପକ୍ଷରୁ ଗତ ୧୩ ଓ ୧୪ ତାରିଖ ଦୁଇଦିନ ଧରି ଅବଦୁଲ ଅଜିଜ ନାସେର ରଙ୍ଗମଞ୍ଚରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଶା। କଳା, ଭାସ୍କର୍ଯ୍ୟ ଏବଂ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ଅତି ନିଖୁଣ ଭାବେ ବାଲୁକା କଳା ମାଧମରେ ମାନସ ପରିବେଷଣ କରିଥିଲେ।

## ■ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ନ ମିଳିବା ଘଟଣା

# ତଦନ୍ତ କରିବେ ସମବାୟ ସମିତି ଅଧିକାରୀ

**ପୁରୀ ଅଫିସ, ୧୬।୬**

ମଣ୍ଡିରେ ୪ମାସରୁ ଊର୍ଦ୍ଧ୍ୱ ହେବ ଧାନ ବିକିଥିବା ଜଣେ ଚାଷୀଙ୍କୁ ଏ ପର୍ଯ୍ୟନ୍ତ ଧାନ ବିକ୍ରିର ପ୍ରାପ୍ୟ ମିଳିନି। ଏ ନେଇ ସମ୍ପୃକ୍ତ ଚାଷୀ ଜିଲାପାଳ ଏବଂ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। କାହିଁକି ସମ୍ପୃକ୍ତ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ମିଳିନି ସେ ନେଇ ଆସନ୍ତା ୧୮ ତାରିଖରେ ତଦନ୍ତ ହେବ। ସମବାୟ ସମିତିର ଉଚ୍ଚ ଅଧିକାରୀ ଏହାର ତଦନ୍ତ କରିବେ। ଏ ନେଇ ସମ୍ପୃକ୍ତ ଚାଷୀ ପିପିଲି ବ୍ଲକ କମାକନ୍ତିଆର ଧୂମସେନ ବରାଳଙ୍କ ନିକଟକୁ ଏକ ନୋଟିସ୍ ପଠାଯାଇଛି।

ଗତ ମାର୍ଚ୍ଚ ୧୫ ତାରିଖରେ ଧୂମସେନ ମୁଖ୍ୟ ଶାସନ ସଚିବଙ୍କୁ ପଠାଇଥିବା ଅଭିଯୋଗପତ୍ରରେ ଦର୍ଶାଇଥିଲେ ଯେ, ଫେବୃୟାରୀ ୧ ତାରିଖରେ ସେ ପିପିଲି ବ୍ଲକ ଅନ୍ତର୍ଗତ ରୂପଦେଇପୁର ସେବା ସମବାୟ ସମିତି ମଣ୍ଡିରେ ୫୩ ବସ୍ତା ଧାନ ବିକ୍ରି କରିଥିଲେ। ତାଙ୍କ ଧାନ ପରିମାଣ ୪୬ କୁଇଣ୍ଟାଲ ୨୯ କେଜି ହୋଇଥିଲା। ମିଲର ତାଙ୍କର ସବୁ ପୁରୁଣା ବସ୍ତା ନେଇଥିଲେ। କିନ୍ତୁ ପ୍ରତି ବଦଳରେ ନୂଆ ବସ୍ତା ଦେଇ ନ ଥିଲେ କିମ୍ବା ତାହାର ମୂଲ୍ୟ ମଧ ଦେଇ ନ ଥିଲେ। ଏଥିସହ ଧାନର ରସିଦ୍ ମଧ ତାଙ୍କୁ ପ୍ରଦାନ କରାଯାଇ ନ ଥିଲା। ରସିଦ୍ ମାଗିବାରୁ କୁଇଣ୍ଟାଲ ପିଛା ୩ କିଲୋଗ୍ରାମ୍ ଧାନ କାଟ ଦେବାକୁ ତାଙ୍କୁ କୁହାଯାଇଥିଲା। କିନ୍ତୁ ଏଥିରେ ସେ ରାଜି ନ ହେବାରୁ ଆଜି ପର୍ଯ୍ୟନ୍ତ ତାଙ୍କୁ ଧାନ ବିକ୍ରିର ରସିଦ୍ ମିଳିନାହିଁ କିମ୍ବା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସିନାହିଁ। ତେଣୁ ସେ ମୁଖ୍ୟ ଶାସନ ସଚିବଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଗୁହାରି ଜଣାଇଥିଲେ।